

ଟି ୱିକେଟ୍ ନେବାରେ
ହାର୍ଦ୍ଦିକ ପ୍ରଥମ ଅଧିନାୟକ

▶ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-277 ♦BHUBANESWAR ♦SATURDAY ♦5 APRIL 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୭୭ ♦ଭୁବନେଶ୍ୱର ♦ଶନିବାର ♦୫ ଏପ୍ରିଲ୍ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


## ସରିଲା ବଜେଟ ଅଧିବେଶନ; ୧୬ ବିଲ୍ ଗୃହୀତ

■ **ନୂଆଦିଲ୍ଲୀ, ୪।୪ (ଏଜେନ୍ସି):** ସଂସଦର ବଜେଟ୍ ଅଧିବେଶନ ଶେଷ ହୋଇଛି। ଗତ ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନର କାର୍ଯ୍ୟକାଳ ଶୁକ୍ରବାର ଶେଷ ହୋଇଥିଲା ବେଳେ ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ ଘୋଷଣା କରାଯାଇଛି। ଶୁକ୍ରବାର ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ୱାକଫ୍ ବିଲକୁ ନେଇ ଦେଇଥିବା ମନ୍ତବ୍ୟକୁ



**ବାଚସ୍ପତିଙ୍କ 'ଟି-ପାର୍ଟି'କୁ ବିରୋଧୀଙ୍କ ପ୍ରତ୍ୟାଖ୍ୟାନ**

ବାଚସ୍ପତି ଓମ୍ ବିର୍ଲା ଦୁର୍ଭାଗ୍ୟଜନକ କହିବା ପରେ ଟ୍ରେଜେରୀ ବେଞ୍ଚ ପକ୍ଷରୁ ସୋନିଆ କ୍ଷମା ମାଗିବାକୁ ଦାବି କରାଯାଇଥିଲା। ଏହାକୁ ନେଇ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ହୋହଲ୍ଲା ହେବା ପରେ ଗୃହକୁ କିଛି ସମୟ ପାଇଁ ମୁଲତବୀ ରଖାଯାଇଥିଲା। ପରେ ପରେ ମଧ୍ୟାହ୍ନ ୧୨ ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କର ବିଦାୟୀ ଭାଷଣ ପଢି ନୂତନ ଅଧିବେଶନ ▶ପୃଷ୍ଠା-୭

## ପରଲୋକରେ ମନୋଜ କୁମାର

■ **ମୁମ୍ବାଇ, ୪।୪ (ଏଜେନ୍ସି):** ସୁପରିଚିତ ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାରଙ୍କ ୮୭ ବର୍ଷ ବୟସରେ ଶୁକ୍ରବାର ସକାଳେ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ଲିଭର ସିରୋସିସ୍‌ରେ ପୀଡ଼ିତ ମନୋଜ ମୁମ୍ବାଇର କୋକିଳାବେନ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।

ମନୋଜ କୁମାର ପ୍ରକୃତ ନାମ ହରିକୃଷ୍ଣ ଗୋସ୍ୱାମୀ। ସେ ୧୯୩୭ରେ ଜୁଲାଇ ୨୪ରେ ଅବିଭକ୍ତ ଭାରତର ଅବଟାବାଦ (ଏବେ ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରଦେଶ)ରେ ଜନ୍ମଗ୍ରହଣ କରିଥିଲେ। ସେ ୭ଟି ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। ଉପକାର ଚଳଚ୍ଚିତ୍ର ପାଇଁ ପ୍ରଥମେ ୧୯୬୮ରେ ତାଙ୍କୁ ଏହି ସମ୍ମାନ ମିଳିଥିଲା। ୧୯୯୨ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ୨୦୧୬ରେ ସେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଥିଲେ।



### ୱାକଫ୍ ବିଲ୍ ବିରୋଧରେ ସୁପ୍ରିମକୋର୍ଟରେ କଂଗ୍ରେସ, ଓୱେସୀ

## ୮ ରାଜ୍ୟରେ ବିରୋଧ, ବିକ୍ଷୋଭ

■ **ନୂଆଦିଲ୍ଲୀ, ୪।୪ (ଏଜେନ୍ସି):** ସଂସଦରେ ୱାକଫ୍ ସଂଶୋଧନ ବିଲ୍‌କୁ ମଞ୍ଜୁରୀ ମିଳିବା ପରେ ଏବେ ରାଷ୍ଟ୍ରପତି ଏହା ଉପରେ ମୋହର ଲଗାଇପାରିନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ପରେ ଏହି ବିଲ୍ ଆଇନରେ ପରିଣତ ହେବ। କିନ୍ତୁ ରାଜ୍ୟସଭାରେ ଗତକାଲି ବିଳମ୍ବିତ ରାତିରେ ଏହି ବିଲ୍‌କୁ ମଞ୍ଜୁରୀ ମିଳିବା ପରେ ରାଜନୈତିକ ହଟଚମଟ ଆରମ୍ଭ ହେବା ସହିତ ବିଭିନ୍ନ ରାଜ୍ୟରେ ସଂଶୋଧିତ ବିଲ୍‌କୁ ନେଇ ତୀବ୍ର ବିରୋଧ ଆରମ୍ଭ ହୋଇଛି। ଶୁକ୍ରବାର ଜୁମା ନମାଜ ପରେ ବିଭିନ୍ନ ରାଜ୍ୟରେ ମୁସଲମାନ ଏହି ବିଲ୍‌କୁ ବିରୋଧ କରି ବିକ୍ଷୋଭ କରିଛନ୍ତି। ପଶ୍ଚିମବଙ୍ଗ, ଗୁଜରାଟ, ବିହାର, ଝାଡ଼ଖଣ୍ଡ, ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା ଏବଂ ଆସାମ ଆଦି ରାଜ୍ୟରେ ଶୁକ୍ରବାର ନମାଜ ପରେ ହଜାର ହଜାର ମୁସଲମାନ ଏକାଠି ହେବା ସହିତ ଏହି ବିଲ୍‌କୁ ବିରୋଧ କରି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି। ଏହିସବୁ ରାଜ୍ୟର




ବିଭିନ୍ନ ସହରରେ ଲୋକମାନେ ବ୍ୟାନର, ପ୍ଲାକାର୍ଡ ଧରି ବିଲ୍‌କୁ ବିରୋଧ କରି ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଶୁକ୍ରବାର ଜୁମା ନମାଜ ଥିବାରୁ ଉତ୍ତରପ୍ରଦେଶରେ ମଧ୍ୟ ବିଲକୁ ବିରୋଧ କରି ମୁସଲମାନ ହଙ୍ଗାମା କରିପାରନ୍ତି ବୋଲି ଆଶଙ୍କା କରି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ରାଜ୍ୟର ବହୁ ସ୍ପର୍ଶକାତର ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରାଯିବା ସହିତ କେତେକ ସ୍ଥାନରେ ପୁଲିସ ଫ୍ଲାଗମାର୍ଚ୍ଚ କରିଥିଲା। ବିଲ୍‌କୁ କିଛି ମୁସଲିମ ପକ୍ଷ ସମର୍ଥନ କରିବାରୁ ଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ବଢିଥିବା ଦେଖାଯାଇଛି।

ଅନ୍ୟପକ୍ଷରେ ସଂସଦର ଉଭୟ ଗୃହରେ ୱାକଫ୍ ବିଲକୁ ମଞ୍ଜୁରୀ ମିଳିବା ପରେ ଏଆଇଏମଆଇଏମ ସାଂସଦ ଆସାଦୁଦ୍ଦିନ ଓୱେସି ଶୁକ୍ରବାର ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି। ୱାକଫ୍ ସଂଶୋଧନ ବିଲ୍-୨୦୨୫ରୁ ସାମ୍ବିଧାନିକ ବୈଧତାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ପିଟିସନ ଦାଏର କରିଛନ୍ତି। ସେହିପରି କଂଗ୍ରେସ ସାଂସଦ ମହମ୍ମଦ ଜାଭେଦ ମଧ୍ୟ ୱାକଫ୍ ବିଲକୁ ବିରୋଧ କରି ସୁପ୍ରିମକୋର୍ଟରେ ଯାଚିକା ଦାଏର କରିଥିବା ଜଣାପଡ଼ିଛି। ଏହି ଦୁଇ ସାଂସଦ ୱାକଫ୍ ବିଲ୍ ସମ୍ପର୍କରେ ଆଲୋଚନା ପାଇଁ ଗଠିତ ଯୁଗ୍ମ ସଂସଦୀୟ କମିଟିର ସଦସ୍ୟ ଥିଲେ। ଗତକାଲି ୱାକଫ୍ ବିଲକୁ ବିରୋଧ କରି ତାମିଲନାଡୁ ବିଧାନସଭାରେ ଏକ ପ୍ରସ୍ତାବ ପାରିତ ହୋଇଥିଲା ବେଳେ ଏହାକୁ ବିରୋଧୀ ଏଆଇଡିଏମକେ ମଧ୍ୟ ସମର୍ଥନ ▶ପୃଷ୍ଠା-୭

## ପୋଲରୁ ବାଇକ୍ ଖସି ଦୁଇ ମୃତ


■ **କେନ୍ଦୁଝର, ୪।୪ (ସମିସ):** କେନ୍ଦୁଝର ଜିଲ୍ଲା ନୟାକୋଟ ଥାନା ଅନ୍ତର୍ଗତ ରାଇଗୋଡ଼ା ନିକଟସ୍ଥ କମଗାଁ ପୋଲ ତଳକୁ ଏକ ବାଇକ୍ (ନଂ. ଓଡି୦୯ ୱାଇ ୩୪୬୯) ଭାରସାମ୍ୟ ହରାଇ ଖସିପଡ଼ିବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ, ଜଳଡିହା ଗ୍ରାମର ସଞ୍ଜୟ ସେଠୀ (୨୫)ଓ ବିରଞ୍ଚି ଗିରି (୨୫)। ଗୁରୁତର ହେଲେ ଟିମା ସେଠୀ(୨୨)। ଏମାନେ କେନ୍ଦୁଘାଟିରୁ କାମ ସାରି ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। କମଗାଁ ପୋଲ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ସଞ୍ଜୟ ଓ ବିରଞ୍ଚିଙ୍କ ମୃତ୍ୟୁ ଘଟିଥିଲା। ଟିମାଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ବାଂଶପାଳ ମେଡିକାଲକୁ ପଠାଯାଇଛି। ବାଂଶପାଳ ଫାଣ୍ଡି ଓ ନୟାକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**କେନ୍ଦୁଘାଟିରୁ କାମ ସାରି ଫେରୁଥିବା ବେଳେ ଅଘଟଣ**

### ପୁଣି ପୁଲିସକୁ ଧମକାଇଲେ ଜୟନାରାୟଣ

## ଥାନା ଜାଳିଦେବି, ବନ୍ଧୁକ ଧରି ମାରିବି

■ **ସମ୍ବଲପୁର, ୪।୪ (ସମିସ):** ପୁଣି ସରକାର ଓ ପୁଲିସର ଶିରପୀଡ଼ା ବଢ଼ାଇଛନ୍ତି ସମ୍ବଲପୁର ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ଥାନା ଅଧିକାରୀଙ୍କୁ ଫୋନ୍‌ରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ପରେ ଥାନା ପୋଡ଼ିଦେବା ଓ ବନ୍ଧୁକ ଧରି ସମସ୍ତଙ୍କୁ ମାରିବାକୁ ଧମକ ଦେଇଛନ୍ତି। ପୁଲିସ ଡିଜି ହନୁମାନ ଜୟନ୍ତୀକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ସମୀକ୍ଷା କରି ଫେରିବାର ଦିନକ ପରେ ଜୟନାରାୟଣଙ୍କ ଧମକ ପୁଣି ସମ୍ବଲପୁରରେ ଅଶାନ୍ତ ପରିବେଶ ସୃଷ୍ଟି କରିଛି। ଢେଲାମାଡ଼ ଅଭିଯୋଗରେ ପୁଲିସ ରାଜଧାନୀରେ କଂଗ୍ରେସ କର୍ମୀଙ୍କୁ ଖୋଜିଖୋଜି ବାନ୍ଧୁଥିବା ବେଳେ ଥାନା ପୋଡ଼ିବାକୁ ଧମକ ସହ ଥାନା ଅଧିକାରୀଙ୍କୁ ଗାଳିକରି ଖୋଲାଖୋଲି ବୁଲୁଥିବା ଜୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୁଲିସ ଫେଲ୍ ମାରିଛି। ହନୁମାନ ଜୟନ୍ତୀ ପୂର୍ବରୁ ବୁଧବାର ସନ୍ଧ୍ୟାରେ ଗୋଲବଜାର ଛକରେ ଝଣ୍ଡା ଶୋଭାଯାତ୍ରାରେ କିଛି ଯୁବକ ଖଣ୍ଡା ପ୍ରଦର୍ଶନ କରିବା ଘଟଣାରୁ ଆରମ୍ଭ ହୋଇଛି ବିବାଦ। ପୁଲିସ ଅନୁମତି ବିନା ଝଣ୍ଡା ଶୋଭାଯାତ୍ରାରେ କିପରି ଖଣ୍ଡା ▶ପୃଷ୍ଠା-୭



**କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଡିଜି**




# ଆୟୁଷ୍ମାନ ଭାରତ ଘୋଟାଲା; ୩ ରାଜ୍ୟରେ ଇଡି ଚଢ଼ଉ

ନୂଆଦିଲ୍ଲୀ,୪।୪(ଏଜେନ୍ସି): କେନ୍ଦ୍ର ସରକାରଙ୍କ ପ୍ରମୁଖ ସ୍ୱାସ୍ଥ୍ୟ ଯୋଜନା 'ଆୟୁଷ୍ମାନ ଭାରତ'କୁ ନେଇ କିଛି ରାଜ୍ୟରେ ଘୋଟାଲା କରାଯାଇଥିବା ଜଣାପଡ଼ିବା ପରେ ଶୁକ୍ରବାର ୩ ରାଜ୍ୟର ୨୧ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢଉ କରାଯାଇଛି। ଦିଲ୍ଲୀ ସମେତ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟରେ ଏହି ଯୋଜନା ଅଧୀନରେ ବ୍ୟାପକ ଦୁର୍ନୀତି କରାଯାଇ ବିପୁଳ ଅର୍ଥ ହେରଫେର କରାଯାଇଥିବାରୁ ଇଡି'ର ବିଭିନ୍ନ ଟିମ୍ ଏହିସବୁ ରାଜ୍ୟରେ ପ୍ରମୁଖ ସରକାରୀ ଅଧିକାରୀ ଏବଂ ବ୍ୟକ୍ତି ବିଶେଷଙ୍କ ସମେତ କେତେକ ଫାର୍ମ ଉପରେ ଚଢଉ କରିଛି। ଆୟୁଷ୍ମାନ ଭାରତ ଯୋଜନାରେ ଗରିବ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରକାରୀ ବ୍ୟବସ୍ଥା ରହିଛି। ବର୍ତ୍ତମାନ ପ୍ରାୟ ୧୨ କୋଟି ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା ବେଳେ ବର୍ତ୍ତମାନ ୭୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରିବାକୁ କେନ୍ଦ୍ର ସରକାର ଘୋଷଣା କରିସାରିଛନ୍ତି। ହେଲେ ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ଆଦି ରାଜ୍ୟରେ ଏହି ଯୋଜନା ଅଧୀନରେ ଲୋକଙ୍କୁ କୌଣସି ଚିକିତ୍ସା ଦିଆନଯାଇ ଅର୍ଥ ପୈଠ କରାଯାଇଛି। ଏପରିକି ଯେଉଁ ଲୋକମାନଙ୍କ ନାଁରେ ଟଙ୍କା ପୈଠ କରାଯାଇଛି ସେମାନେ କେବେ ବି ହସ୍ପିଟାଲରେ ଭର୍ତ୍ତି ହୋଇ ନାହାନ୍ତି। ୨୦୨୩ରେ ସଂସଦରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯିବା ପରେ କେତେକ ରାଜ୍ୟରେ ଆୟୁଷ୍ମାନ ଯୋଜନାରେ ବ୍ୟାପକ ହେରଫେର କରାଯାଇଥିବା ବିଷୟ ସାମ୍ନାକୁ ଆସିଥିଲା। କିନ୍ତୁ ଝାଡଖଣ୍ଡରେ ସର୍ବାଧିକ ଦୁର୍ନୀତି କରାଯାଇଥିବା ଏହି ରିପୋର୍ଟରୁ ତଥ୍ୟ ହସ୍ତଗତ ହୋଇଥିଲା।



## ହସ୍ପିଟାଲ ଯାଇ ନଥିବା ଲୋକଙ୍କ ନାଁରେ ବି ପୈଠ ହୋଇଛି ଅର୍ଥ


ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ପ୍ରାୟ ୨୧୨ରୁ ଅଧିକ ହସ୍ପିଟାଲ ଜରିଆରେ ଏଭଳି ଘୋଟାଲା କରାଯାଇଥିବା ଜଣାପଡ଼ିଥିଲା ବେଳେ ଏହା ଉପରେ ତର୍ଜମା କରାଯାଇଥିଲା। ପରେ ପରେ ଏହି ଘୋଟାଲାରେ ପ୍ରମୁଖ ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଫାର୍ମ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ସାମିଲ ରହିଥିବା ଜଣାପଡ଼ିବା ପରେ ଶୁକ୍ରବାର ଏହି ତିନି ରାଜ୍ୟରେ ଇଡି ଚଢଉ କରିଛି। ଝାଡଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ବାନା ଗୁପ୍ତାଙ୍କ ବ୍ୟକ୍ତିଗତ ସଚିବଙ୍କ ଘର ସମେତ ସେଠାକାର ବହୁ ଫାର୍ମ ଏବଂ ହସ୍ପିଟାଲ ଉପରେ ଚଢଉ କରାଯାଇଛି। ସେହିପରି ପଶ୍ଚିମବଙ୍ଗ ଏବଂ ଦିଲ୍ଲୀରେ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଘରେ ଚଢଉ କରାଯାଇଛି।

## ରାହୁଲ ଗାନ୍ଧୀଙ୍କୁ ହାଇକୋର୍ଟ ଝଟ୍‌କା



ଲକ୍ଷ୍ନୌ, ୪।୪ (ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଝଟ୍‌କା ଲାଗିଛି। ଲକ୍ଷ୍ନୌ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ବୀର ସାଭରକର ମାନହାନୀ ମାମଲାରେ ହାଇକୋର୍ଟଙ୍କ ସମନ ନିର୍ଦ୍ଦେଶ ଏବଂ ୨୦୦ ଟଙ୍କାର ଜୋରିମାନା ବିରୋଧରେ ରାହୁଲ ଆବେଦନ ଦାଏର କରିଥିଲେ। ତେବେ ହାଇକୋର୍ଟ ଏହାକୁ ଖାରଜ କରି ବିକଳ୍ପ ଉପାୟ ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ଲକ୍ଷ୍ନୌ ସେସନ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ କହିଛନ୍ତି। ଏହା ପୂର୍ବରୁ ମାର୍ଚ୍ଚ ୩ରେ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ହାଜର ନ ହେବାରୁ ଲକ୍ଷ୍ନୌର ଅପର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ (ଏସିଜେଏମ) କୋର୍ଟ ରାହୁଲଙ୍କ ଉପରେ ୨୦୦ ଟଙ୍କା ଜୋରିମାନା ଲଗାଇ ଥିଲେ। ଏପ୍ରିଲ ୧୪ରେ ହାଜର ନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। କୋର୍ଟ ରାହୁଲଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯିବ ବୋଲି ମଧ୍ୟ କହିଥିଲେ।

## ବିଦେଶୀ ଛାତ୍ରଙ୍କ ଭିସା ରଦ୍ଦକଲା ଆମେରିକା




ୱାସିଂଟନ, ୪।୪ (ଏଜେନ୍ସି): ଆମେରିକାର ଡୋନାଲ୍ଡ ଟ୍ରମ୍ପ ସରକାର ଗୋଟିଏ ପରେ ଗୋଟିଏ କଠୋର ପଦକ୍ଷେପ ନେଇ ବିଶ୍ୱରେ ଭୟ ସୃଷ୍ଟି କରି ଚାଲିଛନ୍ତି। ଏବେ ଅଚାନକ ଏକ ଇମେଲ୍ ପଠାଇ ଆମେରିକାରେ ପଢୁଥିବା ଶତାଧିକ ବିଦେଶୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଇଛନ୍ତି। ଏଫ୍-୧ ତଥା ଷ୍ଟୁଡେଣ୍ଟ ଭିସା ରଦ୍ଦ କରି ଦେଇଛନ୍ତି। ତୁରନ୍ତ ଆମେରିକା ଛଡ଼ିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏପରି ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଆମେରିକା ବିଦେଶ ମନ୍ତ୍ରାଳୟ (ଡିଓଏସ) ପକ୍ଷରୁ ମାର୍ଚ୍ଚ ଶେଷ ସପ୍ତାହରେ ଏହି ଇମେଲ ପଠା ଯାଇଥିଲା ବୋଲି ସୂଚନା ମିଳିଛି। ରିପୋର୍ଟ ଅନୁଯାୟୀ ବିଶ୍ୱବିଦ୍ୟାଳୟ ପରିସରରେ ହେଉଥିବା ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଛାତ୍ରଛାତ୍ରୀଙ୍କୁ ଏହି ଇମେଲ୍ ପଠାଯାଇଛି। ଏହି ବିକ୍ଷୋଭରେ ସାମିଲ ନ ହୋଇ ସାମାଜିକ ଗଣମାଧ୍ୟମରେ ଇସ୍ରାଏଲ ବିରୋଧୀ ପୋଷ୍ଟ ସେୟାର, ଲାଇକ୍ ଏବଂ କମେଣ୍ଟ କରିଥିବା ଛାତ୍ରଛାତ୍ରୀ ମଧ୍ୟ ଏମାନଙ୍କ ମଧ୍ୟରେ ସାମିଲ ଅଛନ୍ତି। ଆମେରିକା ସରକାର 'କ୍ୟାଚ୍ ଆଣ୍ଡ ରିଭୋକ' ଆପ୍ ସହାୟତାରେ ଏଭଳି ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରୁଛନ୍ତି। ହାଭାର୍ଡ, କଲମ୍ବିଆ, ୟେଲ, କାଲିଫର୍ଣ୍ଣିଆ ଏବଂ ମିଶିଗନ ୟୁନିଭର୍ସିଟର ଛାତ୍ରଛାତ୍ରୀଙ୍କୁ ଏଭଳି ଇମେଲ୍ ପଠାଯାଇଛି।

- 'ଇନ୍‌ଷ୍ଟା କୁଇନ'ଙ୍କୁ ବରଖାସ୍ତ କଲା ପଞ୍ଜାବ ପୁଲିସ

## ହେରୋଇନ୍ ସହ ଧରାପଡ଼ିଥିଲେ ମହିଳା କନଷ୍ଟେବଲ

ଚଣ୍ଡିଗଡ଼, ୪।୪ (ଏଜେନ୍ସି): 'ଇନ୍‌ଷ୍ଟା କୁଇନ' ଭାବେ ପରିଚିତ ଥିଲେ। ସାମାଜିକ ଗଣମାଧ୍ୟମରେ ଛାଇ ରହୁଥିଲେ। ସବୁବେଳେ ବନ୍ଧୁକ ସହ ରିଲ୍ କରିବାକୁ ଭଲ ପାଉଥିଲେ। ବିଳାଶପୂର୍ଣ୍ଣ ଜୀବନଯାପନ କରୁଥିଲେ। ବହୁ କୋଟି ଟଙ୍କାର ଘର ବନାଇ ଥିଲେ। ବହୁମୂଲ୍ୟ ଫୋନ ଧରୁଥିଲେ। ଦାମୀ ଘଣ୍ଟି ପିନ୍ଧୁଥିଲେ। ପୁଲିସ ଚାକିରି କରି ନିଶା କାରାବାର କରୁଥିଲେ। ପୁଲିସ ହୋଇଥିବାରୁ କେହି ସନ୍ଦେହ କରୁ ନ ଥିଲେ। ଏହାର ଆଳରେ କାରବାର ବୃଦ୍ଧି କରି ଚାଲିଥିଲେ। ହରିୟାଣା ଏବଂ ପଞ୍ଜାବରେ ଏହାକୁ ବିକ୍ରି କରୁଥିଲେ। ଆଉ ଏବେ ୧୭.୭୧ ଗ୍ରାମ ହେରୋଇନ ସହ ଧରା ପଡ଼ି ଯାଇଛନ୍ତି। ଅପରାଧିଙ୍କୁ ଧରୁଥିଲେ ଏବେ ନିଜେ ଅପରାଧି ପାଲଟି ଯାଇଛନ୍ତି। ପଞ୍ଜାବ ପୁଲିସର ମହିଳା (ବରିଷ୍ଠ) କନଷ୍ଟେବଲ ଅମନଦୀପ କୌର ଏପରି କଳାକାରନାମା କରିଛନ୍ତି। ଗିରଫ ପରେ ପଞ୍ଜାବ ପୁଲିସ ତାଙ୍କୁ ବରଖାସ୍ତ କରିଦେଇଛି। ବୁଧବାର ରାତିରେ କୌର ନିଶା ସାମଗ୍ରୀ ନେଇ ଯାଉଥିବା ସୂଚନା ମିଳିଥିଲା। ଏହି ଆଧାରରେ ଆଣ୍ଟି-ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନଟିଏଫ) ସହ ପୁଲିସ ବଠିଣ୍ଡାର ବାଦଲ ଫ୍ଲାଇଓଭର ନିକଟରେ ଅମନଦୀପଙ୍କୁ ତାଙ୍କ ଥର୍ ଗାଡ଼ି ସହ ଅଟକାଇଥିଲା। ସେ ଏଠାରେ ଯାଞ୍ଚ ଟିମ୍‌କୁ ଧମକ ମଧ୍ୟ ଦେଇଥିଲେ। ଏହା ସତ୍ତ୍ୱେ ପୁଲିସ ଯାଞ୍ଚ କରି ଗାଡ଼ିର ଗିୟର ବାକ୍ସ ନିକଟରୁ ୧୭.୭୧ ଗ୍ରାମ ହେରୋଇନ ଜବତ କରିଥିଲା। ମାନସାରେ ମୁତୟନ ଥିବା ଅମନଦୀପଙ୍କୁ ଗିରଫ ପରେ ଗୁରୁବାର କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି।

### ୟୁନୁସ୍‌ଙ୍କୁ ମୋଦୀଙ୍କ ପରାମର୍ଶ

## ସମ୍ପର୍କ ନଷ୍ଟ କରିବା ଭଳି ବୟାନବାଜିରୁ ବିରତ ରୁହ



ନୂଆଦିଲ୍ଲୀ,୪।୪(ଏଜେନ୍ସି): ଥାଇଲାଣ୍ଡରେ ଅନୁଷ୍ଠିତ ବିମଷ୍ଟେକ୍ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଭେଟଘାଟ ହୋଇଛି। ଶୁକ୍ରବାର ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ୟୁନୁସ୍‌ଙ୍କୁ କିଛି ରୋକ୍‌ଠୋକ୍ ଶୁଣାଇଛନ୍ତି। ଦୁଇ ଦେଶର ସମ୍ପର୍କ ବିଗିଡ଼ିବା ଭଳି ବୟାନବାଜୀରୁ ବିରତ ରହିବା ସହିତ ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ମୋଦୀ ୟୁନୁସଙ୍କୁ କହିଛନ୍ତି। ଏହାସହିତ ଦୁଇ ଦେଶ ମଧ୍ୟରେ ବର୍ଷ ବର୍ଷ ଧରି ରହିଆସିଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ସୁଦୃଢ କରିବାକୁ ମୋଦୀ ଆହ୍ୱାନ ଦେଇଛନ୍ତି। ଯଦିଓ ସାଂପ୍ରତିକ କାରଣକୁ ନେଇ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି ତଥାପି ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ନେଇ ଭାରତର ପ୍ରତିବଦ୍ଧତାକୁ ମୋଦୀ ପୁଣିଥରେ ଦୋହରାଇଛନ୍ତି। ବାଂଲାଦେଶରେ ଗଣତାନ୍ତ୍ରିକ ଏବଂ ଏକ ସ୍ଥିର ସରକାର ପ୍ରତିଷ୍ଠା ସହିତ ଶାନ୍ତିପୂର୍ଣ୍ଣ, ପ୍ରଗତିଶୀଳ ଏବଂ ସମାବେଶୀ ବାଂଲାଦେଶ ପାଇଁ ଭାରତର ସମର୍ଥନ ସବୁ ବେଳେ ରହିଛି ବୋଲି ସେ କହିଛନ୍ତି। ଏଥିସହିତ ବାଂଲାଦେଶରେ ତୁରନ୍ତ ନିର୍ବାଚନ କରିବା ନେଇ ମଧ ମୋଦୀ ୟୁନୁସ୍‌ଙ୍କୁ ପରୋକ୍ଷରେ ସୂଚାଇଛନ୍ତି। ଲୋକତନ୍ତ୍ରରେ ନିର୍ବାଚନ ଜରୁରୀ ହୋଇଥିବାରୁ ଏଠାରେ ତୁରନ୍ତ ନିର୍ବାଚନ କରାଇ ଏକ ସ୍ଥିର ସରକାର ପ୍ରତିଷ୍ଠା କରିବାକୁ ମୋଦୀ ୟୁନୁସ୍‌ଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହିତ ବାଂଲାଦେଶରେ ସଂଖ୍ୟାଲଘୁ ଲୋକଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ ମୋଦୀ ଖୋଲାଖୋଲି ଭାବେ ୟୁନୁସ୍‌କୁ କହିଛନ୍ତି।

**ହିନ୍ଦୁଙ୍କୁ ସୁରକ୍ଷା ଦିଅ**

ଗତବର୍ଷ ଶେଖ ହସିନା ପ୍ରଧାନମନ୍ତ୍ରୀ ପଦରୁ ବିଦା ହେବା ପରେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିବା ସହିତ ନାନା ଦିଗରେ ସେମାନଙ୍କୁ ହଇରାଣ ହରକତ୍ କରାଯାଉଛି। କିନ୍ତୁ ଏ ସମ୍ପର୍କରେ ମୋଦୀ କେବେ ବି ପୂର୍ବରୁ ଖୋଲାଖୋଲି ଭାବେ ମୁହଁ ଖୋଲି ନଥିଲା ବେଳେ ଏବେ ୟୁନୁସ୍‌ଙ୍କୁ ଏ ସମ୍ପର୍କରେ ଚେତାଇ ଦେଇଛନ୍ତି। ଭାରତ ସବୁ ବେଳେ ବାଂଲାଦେଶ ସହିତ ସକାରାତ୍ମକ ଏବଂ ଗଠନମୂଳକ ସମ୍ପର୍କ ସ୍ଥାପନ କରିବାକୁ ଚାହେଁ ବୋଲି ମୋଦୀ କହିଛନ୍ତି। ତେଣୁ ବାଂଲାଦେଶ ପକ୍ଷରୁ ସମ୍ପର୍କ କ୍ଷୁଣ୍ଣ ହେବା ଭଳି କୌଣସି ମନ୍ତବ୍ୟ ପ୍ରକାଶ ନ ପାଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମୋଦୀ ଓ ୟୁନୁସଙ୍କ ମଧ୍ୟରେ ଆଲୋଚନା ବେଳେ ସୀମା ସୁରକ୍ଷା ମଧ୍ୟ ପ୍ରମୁଖ ପ୍ରସଙ୍ଗ ହୋଇଥିଲା। ଅନୁପ୍ରବେଶ ରୋକିବା ପାଇଁ କଠୋର ବ୍ୟବସ୍ଥା କରିବା ଉପରେ ମୋଦୀ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନା ସମୟରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ୟୁନୁସ୍ ବେଜିଂ ଗସ୍ତରେ ଯାଇଥିଲା ବେଳେ ସେଠାରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଆଲୋଚନା ବେଳେ ଭାରତର ୭ ଉତ୍ତର ପୂର୍ବ ରାଜ୍ୟ ସମୂହକୁ ନେଇ ଯେଉଁ ଟିପ୍ପଣୀ ଦେଇଥିଲେ ତାହା ଏବେ ବିବାଦ ସୃଷ୍ଟି କରିଛି।

## ସାମାଜିକ ଗଣମାଧ୍ୟମରେ ଶିଶୁଙ୍କୁ ନିଷିଦ୍ଧ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୪।୪ (ଏଜେନ୍ସି): ଶିଶୁ (୧୩ ବର୍ଷରୁ କମ୍ ବୟସର)ଙ୍କ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ଆଇନଗତ କଟକଣା ଦାବିରେ ଆଗତ ଆବେଦନ ଉପରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏହା ନୀତିଗତ ମାମଲା। ଏହା କୋର୍ଟଙ୍କ କ୍ଷମତା ପରିସର ବାହାରେ। ଏହା ଉପରେ ଆଇନ ଆଣିବାକୁ ସଂସଦକୁ କୁହନ୍ତୁ ବୋଲି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଏଥିପାଇଁ ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଆଇନ ଅନୁଯାୟୀ ୮ ସପ୍ତାହ ମଧ୍ୟରେ ଆବେଦନ କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ଜେପ୍ ଫାଉଣ୍ଡେସନ ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଏଥିରେ ସାମାଜିକ ଗଣମାଧ୍ୟମରୁ ଶିଶୁଙ୍କୁ ଦୂରେଇ ରଖିବା ପାଇଁ ବାୟୋମାଟ୍ରିକ ଭେରିଫିକେସନ ଭଳି ବୟସ ଯାଞ୍ଚ ବ୍ୟବସ୍ଥା ଆରମ୍ଭ କରିବା ପାଇଁ କେନ୍ଦ୍ର ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା। ଏହା ବ୍ୟତୀତ ସଂରକ୍ଷଣ ନିୟମ ପାଳନ କରିବାକୁ ବିଫଳ ହୋଇଥିବା ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରାଯାଇଥିଲା।



**ମାମଲା କ୍ଷମତା ପରିସର ବାହାରେ; ସଂସଦ ଆଇନ ଆଣୁ**

### ଶୋକରେ ବୁଡ଼ିଲା ସିନେଜଗତ
### ଝୁରୁଛନ୍ତି ଅଗଣିତ ପ୍ରଶଂସକ

## ଅଲ୍‌ବିଦା ମିଷ୍ଟର ଭାରତ

- ଶାସ୍ତ୍ରୀଙ୍କ କଥାରେ ପ୍ରସ୍ତୁତ କରିଥିଲେ 'ଉପକାର' ଚଳଚ୍ଚିତ୍ର
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକ




ମୁମ୍ବାଇ, ୪।୪ (ଏଜେନ୍ସି): ଭାରତୀୟ ସିନେମାର ମଣି ଭାବେ ପରିଚିତ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାରଙ୍କ ପରଲୋକ ହୋଇଛି। ବୃଦ୍ଧାବସ୍ଥା ଜନିତ ସମସ୍ୟାରୁ ଶୁକ୍ରବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା। ମୁମ୍ବାଇର କୋକିଳାବେନ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ଭାରତୀୟ ସିନେମା ଇତିହାସରେ ଅନେକ ଅଭିନେତା ଆସିଛନ୍ତି ଏବଂ ଯାଇଛନ୍ତି, କିନ୍ତୁ ମନୋଜ କୁମାରଙ୍କ ଭଳି କେହି ନ ଥିଲେ। ସେ ଏଭଳି ଜଣେ ହିରୋ ଯିଏ ହିନ୍ଦୀ ସିନେମାକୁ ଅନେକ ରତ୍ନ ଦେଇ ଯାଇଛନ୍ତି। ସବୁବେଳେ ନିଜ ସିଦ୍ଧାନ୍ତରେ କାଏମ ରହୁଥିବା ମନୋଜ କୁମାର ପରଦାରେ ଅନେକ ପ୍ରମୁଖ ଭୂମିକାରେ ଅଭିନୟ କରି ତାହାକୁ ନିଖୁଣ ଭାବେ ପ୍ରସ୍ଫୁଟିତ କରୁଥିଲେ।

ସେ ନିଜ ଚଳଚ୍ଚିତ୍ର ମାଧ୍ୟମରେ ଲୋକଙ୍କଠାରେ ଦେଶଭକ୍ତିର ଭାବନା ଜନ୍ମାଇ ଥିଲେ। ପ୍ରଥମ ଅଭିନେତା ଭାବେ ସେ ବଲିଉଡରେ ଦେଶାତ୍ମବୋଧକ ଚଳଚ୍ଚିତ୍ର ପ୍ରସ୍ତୁତ କରିଥିଲେ। ଭାରତ କୁମାର ନାମରେ ପରିଚିତ ଏହି ଅଭିନେତା ସରକାରଙ୍କ ବିରୋଧରେ ଲଢ଼ି ଜିତିଥିଲେ। ଏମର୍ଜେନ୍ସିକୁ ବିରୋଧ କରି ସେ ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏଥିପାଇଁ ମୁକ୍ତିଲାଭ କରିବା ପୂର୍ବରୁ ତାଙ୍କ ଚଳଚ୍ଚିତ୍ରକୁ ନିଷିଦ୍ଧ କରିଦିଆଯାଇଥିଲା। ପରେ ସେ ଏହା ବିରୋଧରେ କୋର୍ଟ ଯାଇ ବିଜୟୀ ହୋଇଥିଲେ। ସେ ଦିବଂଗତ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ କଥା ରଖି ଉପକାର ଚଳଚ୍ଚିତ୍ର ପ୍ରସ୍ତୁତ କରିଥିଲେ। ଏହା ବ୍ୟତୀତ ପୂରବ-ପଶ୍ଚିମ, କ୍ରାନ୍ତି, ରୋଟି-କପଡ଼ା ଔର ମକାନ ଚଳଚ୍ଚିତ୍ର ଘରେ ଘରେ ପରିଚିତ ଥିଲା। ମନୋଜ କୁମାରଙ୍କ ପୁଅ କୁନାଲ ଗୋସ୍ୱାମୀ କହିଛନ୍ତି ଯେ ପିତା ଦୀର୍ଘ ଦିନ ହେଲା ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ। ଶନିବାର ସକାଳରେ ମୁମ୍ବାଇର ପବନହଂସ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ସୂଚନା ଅନୁଯାୟୀ ମନୋଜ କୁମାର ଦୀର୍ଘ ଦିନ ହେଲା ଲିଭର ସିରୋସିସ୍‌ରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ଗତ ୨୧ ତାରିଖରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ମନୋଜ କୁମାର ପ୍ରକୃତ ନାମ ହରିକୃଷ୍ଣ ଗୋସ୍ୱାମୀ। ସେ ୧୯୩୭ରେ ଜୁଲାଇ ୨୪ରେ ଅବିଭକ୍ତ ଭାରତର ଅବଟାବାଦରେ ଜନ୍ମଗ୍ରହଣ କରିଥିଲେ। ସେ ୭ଟି ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। ଉପକାର ଚଳଚ୍ଚିତ୍ର ପାଇଁ ପ୍ରଥମେ ୧୯୬୮ରେ ତାଙ୍କୁ ଏହି ସମ୍ମାନ ମିଳିଥିଲା। ଏହା ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ କାହାଣୀ ଏବଂ ଶ୍ରେଷ୍ଠ ସଂଳାପ ପୁରସ୍କାର ଜିତିଥିଲା। ୧୯୯୨ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ୨୦୧୬ରେ ସେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଥିଲେ। ଏବେ ତାଙ୍କୁ ଭାରତ ରତ୍ନ ସମ୍ମାନ ଦେବା ପାଇଁ ଦାବି କରାଯାଉଛି। ମନୋଜ କୁମାରଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି, କଳାକାର ଗଭୀର ଶୋକପ୍ରକାଶ କରିଛନ୍ତି। ମୋଦୀ କହିଛନ୍ତି ଯେ ମହାନ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ମନୋଜ କୁମାର ଭାରତୀୟ ସିନେମାର ପ୍ରତୀକ ଥିଲେ। ଦେଶାତ୍ମବୋଧକ ଚଳଚ୍ଚିତ୍ର ପାଇଁ ସେ ସୁପ୍ରସିଦ୍ଧ ଥିଲେ। ଏହା ତାଙ୍କ ଚଳଚ୍ଚିତ୍ରରେ ଦେଖିବାକୁ ମିଳୁଥିଲା। ମନୋଜ ଜୀଙ୍କ କାର୍ଯ୍ୟରେ ରାଷ୍ଟ୍ରୀୟ ଗୌରବର ଭାବନା ପ୍ରଜ୍ୱଳିତ କରିଥିଲେ। ଏହା ପରବର୍ତ୍ତୀ ପିଢିଙ୍କୁ ପ୍ରେରଣା ଯୋଗାଇ ଚାଲିବ ବୋଲି କହିଛନ୍ତି।

## ୱାକଫ୍ ବିଲ୍‌କୁ ସମର୍ଥନ ନୀତୀଶଙ୍କ ପାଇଁ କାଳ ହେବ !



**ଦଳରୁ ଇସ୍ତଫା ଦେଲେଣି ୫ ନେତା**

ନୂଆଦିଲ୍ଲୀ,୪।୪(ଏଜେନ୍ସି): ବହୁ ଚର୍ଚ୍ଚିତ ୱାକଫ୍ ସଂଶୋଧନ ବିଲ୍ ଲୋକସଭାରେ ଉପସ୍ଥାପନ କରାଯିବା ପରେ ଏହାକୁ ମଞ୍ଜୁରୀ ମିଳିବା ନେଇ ରାଜନୈତିକ ମହଲରେ ବେଶ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ବିଲ୍ ଲୋକସଭାରେ ମଞ୍ଜୁରୀ ଲାଭ କରିବାକୁ ୧୭୨ ସାଂସଦଙ୍କ ଆବଶ୍ୟକତ। ରହିଥିଲା ବେଳେ ଶାସକ ଏନଡିଏ ମେଣ୍ଟ ନିକଟରେ ଏହାଠାରୁ ଯଥେଷ୍ଟ ସମର୍ଥନ ରହିଥିବା କୁହାଯାଇଥିଲା। କିନ୍ତୁ ଏନଡିଏର ଦୁଇ ପ୍ରମୁଖ ଅଂଶୀଦାର ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏହି ବିଲ୍‌କୁ ଯଦି ସମର୍ଥନ ନ ଦିଅନ୍ତି ତେବେ ବିଜେପି ଅଡୁଆରେ ପଡ଼ିବ ବୋଲି ରାଜନୈତିକ ବିଶାରଦମାନେ ଆକଳନ କରିବା ଆରମ୍ଭ କରିଥିଲେ। ହେଲେ ଏହି ଦୁଇ ଦଳ ବିଲ୍‌କୁ ନିର୍ଦ୍ୱନ୍ଦରେ ସମର୍ଥନ କରିବା ପରେ ୱାକଫ୍ ବିଲ୍‌କୁ ଲୋକସଭାରେ ମଞ୍ଜୁରୀ ଦିଆଯାଇଥିଲା। ହେଲେ ନୀତୀଶ ଏହି ବିଲ୍‌କୁ ସମର୍ଥନ ଦେବା ପରେ ଜେଡିୟୁରେ ଯେଉଁଳି ଇସ୍ତଫାର ସୁଅ ଛୁଟିଛି ତାହାକୁ ନେଇ ନୀତୀଶଙ୍କ ରକ୍ତଚାପ ବୃଦ୍ଧି ପାଇଥିବା କୁହାଯାଉଛି। ନୀତୀଶ ଏହାକୁ ସମର୍ଥନ କରିଥିବାରୁ ଦଳରୁ ବହୁ ମୁସଲିମ ନେତାଙ୍କ ସମେତ ଅନ୍ୟ ନେତା ଇସ୍ତଫା ଦେବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ନଦିମ ଅଖତାର,ରାଜୁ ନାୟାର ,ତବରେଜ୍ ସିଦ୍ଦିକି , ମହମ୍ମଦ ସାହାନୱାଜ ମଲିକ ଏବଂ ମହମ୍ମଦ କାସିମ୍ ଅନସାରୀ ଦଳରୁ ଇସ୍ତଫା ଦେଇସାରିଥିଲା ବେଳେ ଆଗକୁ ଆଉ କିଛି ନେତା ମଧ୍ୟ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ଆଗାମୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଜେଡିୟୁରେ ସୃଷ୍ଟି ହୋଇଥିବା ଏହି 'ୱକଫ ଝଡ଼' ନୀତୀଶଙ୍କ ପାଇଁ କାଳ ହୋଇପାରେ ବୋଲି କୁହାଯାଉଛି। ବିହାର ରାଜନୀତିରେ ମୁସଲମାନ ଭୋଟ ବହୁ ଗୁରୁତ୍ୱ ବହନ କରୁଛି। କିନ୍ତୁ ବିଭିନ୍ନ ମୁସଲିମ ସଂଗଠନର ପ୍ରବଳ ଚାପ ସତ୍ତ୍ୱେ ନୀତୀଶ କେନ୍ଦ୍ର ସରକାରଙ୍କ ସହ ସ୍ୱର ମିଳାଇ ୱାକଫ୍ ବିଲ୍‌କୁ ସମର୍ଥନ କରିଥିବାରୁ ଏବେ ଦଳର ବହୁ ମୁସଲିମ ନେତା ଅସନ୍ତୁଷ୍ଟ ହୋଇପଡ଼ିଛନ୍ତି। ନୀତୀଶଙ୍କ ଧର୍ମ ନିରପେକ୍ଷତା ନୀତିକୁ ନେଇ ଜେଡିୟୁର ସ୍ୱତନ୍ତ୍ର ରାଜନୈତିକ ପ୍ରଭାବ ରହିଥିଲା ବେଳେ ଏବେ ଏହି ମନୋଭାବ କୁଆଡେ ଗଲା ବୋଲି ଅନେକ ପ୍ରଶ୍ନ ଉଠାଉଛନ୍ତି। ଦଳ ୱାକଫ୍ ବିଲକୁ ସମର୍ଥନ କରିବା ପରେ ଏହି ବିଶ୍ୱାସ ଭାଙ୍ଗି ଯାଇଥିବା ଇସ୍ତଫା ଦେଇଥିବା ବହୁ ନେତା କହିଛନ୍ତି। ଏହାକୁ ନେଇ ବିହାର ଏବଂ ଜାତୀୟ ରାଜନୀତିରେ ନୀତୀଶଙ୍କ ଭାବମୂର୍ତ୍ତି ମଧ୍ୟ କ୍ଷୁର୍ଣ୍ଣ ହୋଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଆଗକୁ ସ୍ଥିତି ଖରାପ ହେଲେ ବିଧାନସଭା ନିର୍ବାଚନ ବେଳେ ନୀତୀଶ ବହୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ବୋଲି କୁହାଯାଉଛି।

- ବିଜେପି-ଏଆଇଏଡିଏମକେ ସମ୍ଭାବ୍ୟ ମେଣ୍ଟକୁ ନେଇ ନୂଆ ମୋଡ଼

## ତାମିଲନାଡୁ ବିଜେପି ସଭାପତି ପଦରୁ ହଟିବେ ଆନ୍ନାମଲାଇ !



ଚେନ୍ନାଇ,୪।୪(ଏଜେନ୍ସି): ତାମିଲନାଡୁରେ ବିଜେପି ଏବଂ ଏଆଇଡିଏମକେ ମଧ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ବିଜେପି ନୂଆ ସମୀକରଣ ରଣନୀତିକୁ ଗୁରୁତ୍ୱ ଦେଇଛି। ଏହିକ୍ରମରେ ଦଳର ସବୁଠାରୁ ଲୋକପ୍ରିୟ ନେତା ତଥା ରାଜ୍ୟ ସଭାପତି କେ. ଅନ୍ନାମଲାଇ ନିଜ ପଦରୁ ହଟିପାରନ୍ତି ବୋଲି ସୂଚନା ମିଳିଛି। ଅନ୍ୟ କେହି ନୁହେଁ, ନିଜେ ଆନ୍ନାମଲାଇ ଏନେଇ ଶୁକ୍ରବାର ସଙ୍କେତ ଦେଇଛନ୍ତି। ଆଇପିଏସ୍ ଚାକିରି ଛାଡି ରାଜନୀତିରେ ପ୍ରବେଶ କରି ସିଧାସଳଖ ବିଜେପିରେ ଯୋଗ ଦେଇଥିବା ଆନ୍ନାମଲାଇଙ୍କୁ ଦଳ ୨୦୨୧ରେ ତାମିଲନାଡୁ ମୁଖ୍ୟ ଭାବେ ଦାୟିତ୍ୱ ଦେଇଥିଲା। ଏହାପରେ ଦଳ ପାଇଁ ଆନ୍ନାମଲାଇ ରାତି ଦିନ ଏକ କରି ଦେଇଥିଲା ବେଳେ ୨୦୨୪ ସୁଦ୍ଧା ରାଜ୍ୟରେ ତାଙ୍କର ଲୋକପ୍ରିୟତା ଢେର୍ ବଢିଥିଲା। ଯାହାର ଉଦାହରଣ ଲୋକସଭା ନିର୍ବାଚନ ବେଳେ ଦେଖାଯାଇଥିଲା। ଏହି ନିର୍ବାଚନରେ ଦଳ କୌଣସି ଆସନରେ ବିଜୟୀ ହୋଇ ନଥିଲେ ମଧ୍ୟ ବିଜେପିର ଭୋଟ ଅଂଶ ପୂର୍ବ ତୁଳନାରେ ଯଥେଷ୍ଟ ବଢିଥିଲା। କିନ୍ତୁ ଆସନ୍ତା ବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହାପୂର୍ବରୁ ବିଜେପି ନିଜର ରଣନୀତି ପ୍ରସ୍ତୁତ କରିବା ସହିତ ଦଳୀୟ ମୁଖିଆ ଭାବେ ଅନ୍ୟ କୌଣସି ନେତାଙ୍କୁ ଦାୟିତ୍ୱ ଦେବ ବୋଲି କୁହାଯାଉଛି। ଶୁକ୍ରବାର ଆନ୍ନାମଲାଇ ସ୍ପଷ୍ଟ କରିଛନ୍ତି ଯେ, ସେ ରାଜ୍ୟ ସଭାପତି ପଦ ଦୌଡ଼ରେ ନାହାନ୍ତି। ବିଜେପିରେ ନେତାମାନେ ସଭାପତି ପଦ ପାଇଁ ପ୍ରତିଯୋଗିତା କରନ୍ତି ନାହିଁ। ଆମେ ସମସ୍ତେ ଏକାଠି ଜଣେ ସଭାପତିଙ୍କୁ ନିର୍ବାଚିତ କରୁ। ମୁଁ ଏହି ପଦବୀ ପାଇଁ ଦୌଡ଼ରେ ନାହିଁ ବୋଲି ସେ କହିଛନ୍ତି। ଏହାଦ୍ୱାରା ସେ ସଭାପତି ପଦରୁ ଇସ୍ତଫା ଦେବେ ବୋଲି ସ୍ପଷ୍ଟ ହୋଇଯାଇଛି।

### ଅଧିକ ରାଜସ୍ୱ ଆୟ ଉପରେ ଗୁରୁତ୍ୱ

# ମେ’ରୁ ଲାଗୁ ହେବ ନୂଆ ଅବକାରୀ ନୀତି

ଭୁବନେଶ୍ୱର, ୪।୪ (ସମିସ): ଆସନ୍ତାମାସରୁ ରାଜ୍ୟରେ ଲାଗୁ ହେବ ନୂଆ ଅବକାରୀ ନୀତି । ଏଥିପାଇଁ ସରକାର ପୁରା ଦମ୍‌ରେ ପ୍ରସ୍ତୁତି ଚଳାଇଛନ୍ତି । ନୂଆ ବ୍ୟବସ୍ଥାରେ କାର୍ଯ୍ୟାନୁଷ୍ଠାନ ଅପେକ୍ଷା ଅଧିକ ରାଜସ୍ୱ ଆୟ ଉପରେ ଗୁରୁତ୍ୱ ଦିଆଯାଉଛି । ଏପରିକି ମାଣ୍ଡିଆ, ବାଜରା, ଯଅ ପରି କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତିକୁ ସରକାର ପ୍ରୋତ୍ସାହିତ କରିବାକୁ ନୂଆ ନୀତିରେ ବ୍ୟବସ୍ଥା ରହିଛି । ତେବେ ପୂର୍ବରୁ ଅବକାରୀ ବିଭାଗ ମଦ ଦୋକାନୀମାନଙ୍କ ପାଇଁ ଜାରି କରିଥିବା ଏମ୍‌ଜିକ୍ୟୁ (ମିନିମମ୍ ଗ୍ୟାରେଣ୍ଟି କୋଟା)କୁ ଉଚ୍ଛେଦ ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନାହିଁ। କିଛି ରାଜନୈତିକ ନେତାଙ୍କ ଜରିଆରେ ମଦ ଦୋକାନୀମାନଙ୍କ ସିଣ୍ଡିକେଟ ଏମ୍‌ଜିକ୍ୟୁ ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ଲବି ଚଳାଇଛନ୍ତି । ଅନ୍ୟପକ୍ଷରେ ଏହି ବ୍ୟବସ୍ଥା ଉଚ୍ଛେଦ ହେଲେ ରାଜସ୍ୱ ହ୍ରାସ ପାଇବ ବୋଲି ବିଭାଗୀୟ ଅଧିକାରୀମାନେ ଯୁକ୍ତି ବାଢୁଛନ୍ତି; ଯେଉଁଥିପାଇଁ ସରକାର ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇ ପାରୁନାହାନ୍ତି ବୋଲି ସୂଚନା ମିଳିଛି ।

ରାଜ୍ୟରେ ସରକାର ଗଠନ ହେଲେ ମଦ ବନ୍ଦ କରାଯିବ ବୋଲି ବିଜେପି ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲା। ଦଳର ବହୁ ନେତା ବିଭିନ୍ନ ସମାବେଶରେ ଏ ସଂକ୍ରାନ୍ତରେ ପ୍ରତିଶ୍ରୁତି ଦେଇଥିଲେ। ସରକାର ଗଠନ ପରେ ଜଣେ ଦୁଇଜଣ ମନ୍ତ୍ରୀ ମଧ୍ୟ ବିଭିନ୍ନ ସମୟରେ ମଦ ବନ୍ଦ କରାଯିବାକୁ ଖୁବ୍ ଶୀଘ୍ର ନୀତି ଆସିବ ବୋଲି କହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅବକାରୀ ମନ୍ତ୍ରୀ ଏ ସଂକ୍ରାନ୍ତ ସବୁ କଳ୍ପନାଜଳ୍ପନାରେ ଯବନିକା ପକାଇ ରାଜ୍ୟରେ ମଦ କାରବାର ବନ୍ଦ ନେଇ କୌଣସି ଯୋଜନା ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଆର୍ଥିକ ବର୍ଷ ଆରମ୍ଭରୁ ରାଜ୍ୟରେ ନୂଆ ଅବକାରୀ ନୀତି ପ୍ରଣୟନ କରାଯିବାକୁ କେଇ ସପ୍ତାହ ତଳେ ସରକାର ନିର୍ଣ୍ଣୟ କରିଥିଲେ। ମାତ୍ର ସମ୍ପ୍ରତି ଏହାକୁ ଏପ୍ରିଲ ୧ ତାରିଖରୁ ମଇ ୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଚଳିତ ମାସ ୨୦ ତାରିଖ ସୁଦ୍ଧାେ ନୂଆ ଅବକାରୀ ନୀତି ଘୋଷରା କରାଯିବ ବୋଲି ସୂଚନା ମିଳିଛି ।

ସୂଚନା ଅନୁସାରେ ନୂଆ ନୀତିରେ ବେଆଇନ୍ ନିଶା କାରବାର ବିରୋଧରେ ଅଙ୍କୁଶ ଲଗାଇବା ତୁଳନାରେ କାରବାର ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ମଦ ଯୋଗାଣକୁ ଶୃଙ୍ଖଳିତ କରିବା ସହ ଟିକସ ଆଦାୟ, ଲାଇସେନ୍ସ ନବୀକରଣ, ଉତ୍ପାଦନ ବୃଦ୍ଧି ପାଇଁ ନୂଆ ନୀତିରେ ବ୍ୟବସ୍ଥା କରାଯାଇଛି ଏବଂ ପୁରୁଣା ନିୟମରେ କେତେକ ପରିବର୍ତ୍ତନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ୨୦୨୪-୨୫ରେ ଅବକାରୀ ବିଭାଗ ୮୬୮୦ କୋଟି ଟଙ୍କା ରାଜସ୍ୱ ଆୟ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ମାର୍ଚ୍ଚ ସୁଦ୍ଧା ପ୍ରାୟ ହଜାରେ କୋଟି ଟଙ୍କା କମ୍ ଆଦାୟ ହୋଇଛି, ଯାହାକୁ ଚଳିତ ଆର୍ଥିକ ବର୍ଷରେ ଭରଣା କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ପ୍ରତି ମଦ ଦୋକାନ ପାଇଁ ବିଭାଗ ମିନିମମ୍ ଗ୍ୟାରେଣ୍ଟି କ୍ୱାଣ୍ଟିଟି (ଏମ୍‌ଜିକ୍ୟୁ) ଲାଗୁ କରିଥିବାରୁ ପ୍ରତ୍ୟେକ ଲାଇସେନ୍ସଧାରୀଙ୍କୁ ମଦ ବିକ୍ରୟ ପାଇଁ ଟାର୍ଗେଟ ଦିଆଯାଉଛି। କିନ୍ତୁ ଅନେକ ଦୋକାନରେ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ଏମଜିକ୍ୟୁ ସର୍ତ୍ତ ପୂରଣ ନ କଲେ ଲାଇସେନ୍ସ ବାତିଲ ହେବା ଭୟରେ କୋଚିଆଙ୍କ ଦ୍ୱାରା ଚୋରାରେ ମଦ ବିକ୍ରି କରାଯାଉଛି। ଗୋଟିଏ ପଟେ ଅଧିକ ମଦ ବିକ୍ରି ପାଇଁ ଲାଇସେନ୍ସଧାରୀଙ୍କ ଉପରେ ବିଭାଗ ଚାପ ପକାଉଥିବା ବେଳେ ଅନ୍ୟ ପଟେ ପରୋକ୍ଷରେ ଏହା ବେଆଇନ୍ ମଦ କାରବାରକୁ ପ୍ରୋତ୍ସାହିତ କରୁଥିବା ନେଇ ଖୋଦ୍ ଶାସକ ଦଳର ବିଧାୟକ ସରକାରଙ୍କୁ ଗୃହରେ ଘେରିଛନ୍ତି।

ବିଜେପି ସରକାର କ୍ଷମତାକୁ ଆସିବା ପରେ ଧାର୍ଯ୍ୟ ସମୟର ବେଶ୍ ବିଳମ୍ବରେ ପ୍ରଥମ ଅବକାରୀ ନୀତି ଘୋଷଣା କରିଥିଲେ। ଚିକିଟି ମଦ ମୃତ୍ୟୁରୁ ଶିକ୍ଷାଲାଭ କରି ନୂଆ ନୀତିରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିବ ବୋଲି ଆଶା ଥିଲା। କିନ୍ତୁ ତାହା ହେଲା ନାହିଁ। ପ୍ରତି ବର୍ଷ ବଢ଼ି ଚାଲିଥିବା ଅବକାରୀ ରାଜସ୍ୱ ଆୟକୁ ଆହୁରି ବଢ଼ାଇବା ଲକ୍ଷ୍ୟରେ ଅଛନ୍ତି ସରକାର।

### ବାଜିଲା ମହୁରୀ, ଶୁଭିଲା ହୁଳହୁଳି

# ବାପ ଘରେ ପୂଜା ପାଇଲେ ମା’ ସାଆନ୍ତାଣୀ



ବ୍ରହ୍ମପୁର,୪।୪(ସମିସ): ଗତ ବିଳମ୍ବିତ ରାତିରେ ବାପ ଘରକୁ ଆସିଛନ୍ତି ମା’ ସାଆନ୍ତାଣୀ ବୁଢ଼ୀ ଠାକୁରାଣୀ। ଏଥିପାଇଁ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ କହିଲେ ନ ସରେ। ଦେଶୀବେହେରା ସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ଆଜି ପାହାନ୍ତାରେ ମା’ ବିଜେ କରିଛନ୍ତି। ଶ୍ରଦ୍ଧାଳୁ ଓ ମାନସିକଧାରୀ ମା’ଙ୍କୁ ଦର୍ଶନ କରିଛନ୍ତି। ଏଥିପାଇଁ ଆଜି ଦିନତମାମ୍ ଓ ସନ୍ଧ୍ୟାରେ ମା’ ସାଆନ୍ତାଣୀଙ୍କ ଅସ୍ଥାୟୀ ମଣ୍ଡପରେ ପ୍ରବଳ ଭିଡ଼ ପରଲକ୍ଷିତ ହୋଇଛି। ପୁଲିସ୍ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସୁରୁଖୁରୁରେ ଧାଡ଼ି ଦର୍ଶନ ଚାଲିଛି। ପିଠା, ପଣା, ଭୋଗରାଗ, ହଳଦି ପାଣି ଆଦିରେ ମା’ଙ୍କୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଦୁଇବର୍ଷ ପରେ ଅସ୍ଥାୟୀ ମଣ୍ଡପରେ ମା’ଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଯାଇଛନ୍ତି। ଅସ୍ଥାୟୀ ମଣ୍ଡପରେ ଆଜି ସକାଳୁ ସମସ୍ତ ନୀତିକାନ୍ତିରେ ମା’ଙ୍କ ମଙ୍ଗଳ ଆଳତୀ ହୋଇଛି। ପୂର୍ବାହ୍ନରେ ବାଳଭୋଗ ଲାଗି ହୋଇଛି। ସେହିଭଳି ମଧ୍ୟାହ୍ନରେ ମା’ଙ୍କ ରାଜଭୋଗ ବା ଅନ୍ନଭୋଗ ଲାଗିଛି। ଆଜି ଏକପତ୍ରୀ ଭୋଗ ଲଗାଯାଇଥିବା ବେଳେ ମା’ ଘଟକୁ ଆସିବା ପରେ ପାର୍ଶ୍ୱ ଦେବାଦେବୀଙ୍କୁ ମିଶାଇ ୧୩ ପତ୍ର ଭୋଗ ଲାଗିବ ବୋଲି ପୂଜକମାନେ କହିଛନ୍ତି।

ସେହିଭଳି ସନ୍ଧ୍ୟାରେ ସନ୍ଧ୍ୟା ଆଳତି ସହ ରାତିରେ ମଧ୍ୟ ବିଭିନ୍ନ ବାଳଭୋଗ ଲାଗି ହୋଇଥିଲା। ଏହି ଅବସରରେ ଦେଶୀବେହେରା ସାହିରେ ମହୁରୀ ଓ ହୁଳହୁଳି ଶବ୍ଦ ଶୁଣିବାକୁ ମିଳିଛି। ଏହି ଶବ୍ଦରେ ସମଗ୍ର ଇଲାକା ଫାଟି ପଡ଼ିବା ସହ ସ୍ଥାନୀୟ ବ୍ୟବସାୟୀ ଓ ଶ୍ରଦ୍ଧାଳୁଙ୍କ ମନରେ ନୂତନ ଉତ୍ସାହ ଭରିଯାଇଛି। ଯାତ୍ରାସ୍ଥଳରେ ଦୀପଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅସ୍ଥାୟୀ ମଣ୍ଡପ ସାମ୍ନାରେ ଥିବା ଛାମୁଣ୍ଡିଆ ତଳେ ଶ୍ରଦ୍ଧାଳୁ ଦୀପ ଜାଳି ଧାଡ଼ିରେ ଛିଡ଼ା ହୋଇ ମା’ଙ୍କୁ ଦର୍ଶନ କରିବା ସହ ଅସ୍ଥାୟୀ ମଣ୍ଡପ କଡ଼ରେ ଥିବା ଶୁଭଖୁଣ୍ଟି ନିକଟରେ ମଧ୍ୟ ପୂଜାର୍ଚ୍ଚନା କରୁଛନ୍ତି। ସୁରକ୍ଷା ଦୃଷ୍ଟିରୁ ଅସ୍ଥାୟୀ ମଣ୍ଡପଠାରେ ବ୍ୟାପକ ପୁଲିସ୍ ମୂତୟନ ରହିଥିବା ବେଳେ ସିସିଟିଭି ଅଧୀନରେ ସମଗ୍ର ଇଲାକା ରହିଛି।

# ସାମୂହିକ ଛୁଟିରେ ଗଲେ ୨୧ ଜିଲ୍ଲାର ଯୋଗାଣ ସହାୟକ

### ଖାଦ୍ୟ ସୁରକ୍ଷା ଯୋଜନା ସାମଗ୍ରୀ ବଣ୍ଟନରେ ଅଚଳାବସ୍ଥା

ଭୁବନେଶ୍ୱର, ୪।୪ (ସମିସ): ରାଜ୍ୟର ୨୧ଟି ଜିଲ୍ଲାର ୩୫୦୦ ପଞ୍ଚାୟତର ହିତାଧିକାରୀଙ୍କୁ ମିଳିବନି ପିଡିଏସ୍ ସାମଗ୍ରୀ। ଏହି ସବୁ ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ସ୍ଥାୟୀ ନିଯୁକ୍ତି ଦାବି କରି ଆଜିଠାରୁ ସାମୂହିକ ଛୁଟିରେ ଯାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେବେନି ବୋଲି ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ତେଣୁ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଆସୁଥିବା ହଜାର ହଜାର ହିତାଧିକାରୀ ଏବେ ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

### ସ୍ଥାୟୀ ନିଯୁକ୍ତି ନ ମିଳିଲେ ରାଜରାସ୍ତାରେ ଆନ୍ଦୋଳନ ଚେତାବନୀ

ଯୋଗାଣ ସହାୟକଙ୍କ ଅଭିଯୋଗ ଅନୁସାରେ ରାଜ୍ୟ ସରକାର ନିଯୁକ୍ତି ସମୟରେ ଜେଆର୍‌ଏସ୍‌ଙ୍କ ସମକକ୍ଷ ପଦ ଦିଆଯିବାକୁ କୁହାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଜେଆର୍‌ଏସ୍‌ମାନଙ୍କୁ ବିଭିନ୍ନ ସରକାରୀ ସୁବିଧାସୁଯୋଗ ମିଳିଥିବାବେଳେ ଆମ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ସ୍ଥାୟୀ ନିଯୁକ୍ତି ନେଇ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଥିଲେ ହେଁ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ରାସନ ସାମଗ୍ରୀ ବଣ୍ଟନଠାରୁ ଆରମ୍ଭ କରି ସରକାରଙ୍କ ବିଭିନ୍ନ ସମୟରେ ରାସନ ହିତାଧିକାରୀଙ୍କ ପଇଁ ଆଣୁଥିବା ଯୋଜନାକୁ ଆମେ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରୁଛୁ। ଏହା ସତ୍ତ୍ୱେ ସରକାର ଆମ ସ୍ୱାର୍ଥ ପ୍ରତି ଆଖି ବୁଜି ଦେଇଛନ୍ତି। ତେଣୁ ବାଧ ହୋଇ ଆମେ ଆଜି ଏଭଳି ଚରମ ନିଷ୍ପତ୍ତି ଗ୍ରହଣ କରିଛୁ ବୋଲି ସେମାନେ କହିଛନ୍ତି। ସଂଘ ସଭାପତି ସଂଜୀବ କୁମାର ଦାଶ କହିଛନ୍ତି ଯେ ଆସନ୍ତା ୧୪ ତାରିଖ ଭିତରେ ସଂଘର ଦାବିକୁ ସରକାର ପୂରଣ ନ କଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ସରକାର କେବଳ ଆମକୁ ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ଏଥର ପ୍ରତିଶ୍ରୁତି ପୂରଣ ନ ହେଲେ କଠୋର ପନ୍ଥା ଆପଣାଇବୁ ବୋଲି ଶ୍ରୀ ଦାଶ କଡ଼ା ଚେତାବନୀ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ରାସନ ସାମଗ୍ରୀ ନ ମିଳିବା କାରଣରୁ କନ୍ଧମାଳ ଜିଲ୍ଲା ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଜାଉ ଖାଇ ୩ ଜଣ ମୃତ୍ୟୁବରଣ କରିବା ସହ ୫ରୁ ଉର୍ଦ୍ଧ୍ୱ ଗୁରୁତର ହୋଇ ଡାକ୍ତରଖାନାରେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲେ। ଏବେ ଯୋଗାଣ ସହାୟକଙ୍କ ବନ୍ଦ ହେବା ପରେ ସେହି ଘଟଣାର ପୁନରାବୃତ୍ତି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

### ବିଧାନସଭା ଗୃହରେ ପୁଲିସ ପ୍ରବେଶକୁ ନେଇ ବର୍ଷିଲା କଂଗ୍ରେସ

# ସମ୍ବିଧାନ ବିରୋଧୀ ନିଷ୍ପତ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ରାଜ୍ୟପାଳ

ଭୁବନେଶ୍ୱର,୪।୪(ସମିସ): ଓଡ଼ିଶା ବିଧାନସଭା ଗୃହ ଭିତରକୁ ପୁଲିସ ପ୍ରବେଶ ଓ ଧାରଣାରେ ବସିଥିବା କଂଗ୍ରେସ ସଦସ୍ୟଙ୍କୁ ବଳପ୍ରୟୋଗ କରି ଅଧାରାତିରେ ଆଣି ମାଷ୍ଟରକ୍ୟାଣ୍ଟିନ ଛକରେ ଛାଡ଼ିବା ଘଟଣାକୁ ନେଇ ଆଜି

### ଗୃହ ବନ୍ଦ ଥିବା ସମୟରେ ବାଚସ୍ପତି କୌଣସି ରୁଲିଙ୍ଗ୍ ଦେଇପାରିବେ ନାହିଁ

ପୁଣି ବର୍ଷିଛି କଂଗ୍ରେସ। ସାରା ପୃଥିବୀର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇଥିବା କୌଣସି ଏକ ରାଷ୍ଟ୍ରରେ ଏଭଳି ଘଟଣା କେବେ ଘଟିନାହିଁ ବା ଘଟିବାର ନଜିର ମଧ୍ୟ ନାହିଁ। ମାତ୍ର ଓଡ଼ିଶା ବିଧାନସଭାରେ ଏହା ଘଟାଇ ସରକାର ରାଜ୍ୟ ବିଧାନସଭାର ଗରିମା କ୍ଷୁର୍ଣ୍ଣ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି



ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ଆଜି ଯେଉଁମାନେ ଓଡ଼ିଶାରେ କ୍ଷମତାରେ ଅଛନ୍ତି ସେମାନେ କେବେହେଲେ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରି ନ ଥିଲେ କିମ୍ବା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ତାଙ୍କର ସମ୍ମାନ ଓ ସହମତି ନ ଥିଲା। ସମ୍ବିଧାନର ଧାରା ୧୦୮ ଅନୁସାରେ ବିଧାନସଭାର ପରିଚାଳନା କରିବା ପାଇଁ ଯେଉଁ ଆଇନ୍ ଓ ବ୍ୟବସ୍ଥା ପ୍ରଣୟନ କରାଯାଇଛି ତା’ର ନିୟମ ୨୧୬ ଅନୁସାରେ ବିଧାନସଭାର ବାଚସ୍ପତିଙ୍କ ଉପରେ ଗୃହ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଗୃହ ଚାଲିଥିବା ସମୟରେ ବାଚସ୍ପତିଙ୍କ ରୁଲିଂକୁ ତୁରନ୍ତ କାର୍ଯ୍ୟକାରୀ କରାଯାଏ; କିନ୍ତୁ ଗୃହ ବନ୍ଦ ଥିବା ସମୟରେ ବାଚସ୍ପତି କୌଣସି ରୁଲିଂ ଦେବାର ନିୟମ ନାହିଁ। ତେଣୁ ଯେତେବେଳେ ଗୃହ ବନ୍ଦ ରହିଥିଲା ସେତେବେଳେ କାହା ନିର୍ଦ୍ଦେଶରେ ପୁଲିସ ବିଧାନସଭାର ପବିତ୍ର ଗୃହ ଭିତରକୁ ପ୍ରବେଶ କରିଥିଲା ତାହାର ଉତ୍ତର ସରକାର ଦିଅନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏଭଳି ସ୍ଥିତି ଆମ ଗଣତନ୍ତ୍ର ପ୍ରତି ଘୋର ବିପଦ ସୃଷ୍ଟି କରିଛି। ବିଧାନସଭା ଭିତରକୁ କେବଳ ବିଧାୟକମାନଙ୍କର ଯିବାର ଅନୁମତି ଅଛି। ବିଧାନସଭା ବନ୍ଦ ଥିବାବେଳେ କିପରି ପୁଲିସ ବିଧାନସଭା ଭିତରକୁ ପଶିଲେ। ଯଦି ପୁଲିସ ଅଧିକାରୀମାନେ ଅନଧିକାରଭାବେ ବିଧାନସଭା ଗୃହ ଭିତରକୁ ପ୍ରବେଶ କରିଛନ୍ତି, ତାହାଲେ ବାଚସ୍ପତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। କଂଗ୍ରେସର ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ଭେଟି ଏ ପ୍ରସଙ୍ଗରେ ଦାବିପତ୍ର ପ୍ରଦାନ କରିଛି। ରାଜ୍ୟପାଳ ଏହି ସମ୍ବିଧାନ ବିରୋଧୀ ନିଷ୍ପତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କାହା ନିର୍ଦ୍ଦେଶରେ ପୁଲିସ ବିଧାନସଭା ଭିତରକୁ ପ୍ରବେଶ କରିଥିଲା ତାହା ମଧ୍ୟ ସେ ସାର୍ବଜନୀନ କରିବା ଉଚିତ୍ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ ଏବଂ ସହଯୋଗୀ

### ବିଲ ପାସ୍ କରାଇ ଦେବାକୁ ୧୦ ହଜାର ଲାଞ୍ଚ ନେଉଥିଲେ

ଭୁବନେଶ୍ୱର, ୪।୪ (ସମିସ): ବାଲିଅନ୍ତା ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସଂଘମିତ୍ରା ପଟ୍ଟନାୟକ ଏବଂ ସହଯୋଗୀ ବେଣୁଧର ପରିଡ଼ା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ବିଲ୍ ପାସ୍ କରାଇଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଦୁହିଁଙ୍କୁ ଧରିଛି। ସେମାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଦୁହିଁଙ୍କୁ ଗିରଫ କରିଛି। ଅପରପକ୍ଷେ, ଟଙ୍କା ଜବତ ପରେ ବ୍ଲକରେ ବ୍ୟାପକ ଦୁର୍ନୀତି ହୋଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ଏନେଇ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ଅଫିସ୍‌ରେ ଦସ୍ତାବିଜ୍ ଯାଞ୍ଚ କରିଛନ୍ତି।

ଇଂଜିନିୟର ସଂଘମିତ୍ରା ଅଭିଯୋଗକାରୀଙ୍କ ମୋଟ ୨ଲକ୍ଷ ଟଙ୍କାର ବିଲ ମଞ୍ଜୁର କରିବା ବାବଦକୁ ୪୨ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। କିନ୍ତୁ ଅଭିଯୋଗକାରୀ ଟଙ୍କା ଦେବା ପରେ ମଧ୍ୟ ସେ ଆହୁରି ୧୦ ହଜାର ଟଙ୍କା ମାଗିଥିଲେ। ଅନ୍ୟ କୌଣସି ଉପାୟ ନପାଇ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେଣୁ ଭିଜିଲାନ୍ସ ସେମାନଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଆଜି ସେମାନେ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ଧରି ପକାଇଥିଲା। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ସଂଘମିତ୍ରାଙ୍କ ଭୁବନେଶ୍ୱରର ପୋଖରୀପୁଟସ୍ଥିତ ଆବାସିକ ଘର ଏବଂ ତାଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ କରୁଛି।

### ଜମିବାଡ଼ି ପାଇଁ ଦାଦାଙ୍କୁ ହତ୍ୟା ମାମଲା

# ୩ ପୁତୁରାଙ୍କୁ ଆଜୀବନ ଜେଲ୍

ଯାଜପୁର, ୪।୪ (ସମିସ): ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦାଦାଙ୍କୁ ହତ୍ୟା କରିବା ମାମଲାର ଶୁଣାଣି କରି ଶୁକ୍ରବାର ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତ ୩ ପୁତୁରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, କୈଳାଶ ବିଶ୍ୱାଳ, ସୁରେଶ ବିଶ୍ୱାଳ ଓ ରାଜେଶ ବିଶ୍ୱାଳ। ଏଥିସହ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଜରିମାନା କରିଥିବା ବେଳେ ଜରିମାନା ଅନାଦେୟ, ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୧୮ଜଣଙ୍କ ସାକ୍ଷ୍ୟ ଏବଂ ୨୦ଟି ଦସ୍ତାବିଜ୍‌କୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅନ୍ୟତମ ଅଭିଯୁକ୍ତ ଗଣେଶ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ଯାଜପୁର ସଦର ଥାନା ମହେଶ୍ୱରପୁର ପଞ୍ଚାୟତ ମିରପାଟଣା ଗ୍ରାମର ଦୁଇ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ୨୦୧୯ ଅକ୍ଟୋବର ୩୦ ତାରିଖ ସନ୍ଧ୍ୟାରେ ମିରପାଟଣା ଗ୍ରାମର ଆଦିକନ୍ଦ ବିଶ୍ୱାଳ ବଜାର କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ତାଙ୍କ ବଡ଼ ଭାଇ ମାଧବନନ୍ଦ ବିଶ୍ୱାଳଙ୍କ ପୁଅ କୈଳାଶ ବିଶ୍ୱାଳ, ସୁରେଶ ବିଶ୍ୱାଳ, ରାଜେଶ ବିଶ୍ୱାଳ ଓ ଗଣେଶ ବିଶ୍ୱାଳ ବିଭିନ୍ନ ମାରଣାସ୍ତ୍ର ଧରି ଦାଦା ଆଦିକନ୍ଦଙ୍କୁ ଗ୍ରାମ ହନୁମାନ ମନ୍ଦିର ନିକଟରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଆଦିକନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଯାଜପୁର ସଦର ଥାନାରେ ଆଦିକନ୍ଦଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେବାରୁ ପୁଲିସ୍ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରୋସିକ୍ୟୁଟର୍ ମୋନାଲିସା ରାଇସା ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ସମରେନ୍ଦ୍ର ଦାସ ମାମଲା ପରିଚାଳନା କରିଥିଲେ।

# ୫ଟି ଅକ୍ଷର ପାଇଁ ଅଟକିଲା ସମ୍ପତ୍ତି ଜବତ

ବୁର୍ଲା,୪।୪(ସମିସ): ୨୫ ବର୍ଷ ହେଲା ଠିକାଦାରଙ୍କ ବକେୟା ବିଲ୍ ଟଙ୍କା ନଦେବା ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏ ସଂକ୍ରାନ୍ତ ମାମଲାର ବିଚାର କରି ଅଦାଲତ ୩ଟି ଅଫିସର ଆସବାବପତ୍ର ଓ ଆସବାବପତ୍ର ଜବତ ନେଇ ନିର୍ଦ୍ଦେଶ ହୋଇଛନ୍ତି। ମାତ୍ର କୌତୂହଳର ବିଷୟ ହେଉଛି ଅଦାଲତ ନିର୍ଦ୍ଦେଶକ୍ରମେ ସମ୍ପତ୍ତି ଜବତ ପାଇଁ ଯାଇଥିବା କୋର୍ଟ କର୍ମଚାରୀ ଓ ଠିକା ସଂସ୍ଥା କର୍ମଚାରୀଙ୍କୁ ହଟହଟା ହେବାକୁ ପଡ଼ିଛି। ସମ୍ପୃକ୍ତ ଅଫିସ ନାମ ବଦଳା ଯାଇଥିବାରୁ କୋର୍ଟ କର୍ମଚାରୀ ଓ ଠିକାଦାରଙ୍କ ପ୍ରତିନିଧି ଫେରିଯାଇଛନ୍ତି। ତେବେ ସମ୍ପତ୍ତ ଜବତ ନିର୍ଦ୍ଦେଶ ପାଇଁ ଅଦାଲତ କର୍ମଚାରୀ ଓ ଠିକା ସଂସ୍ଥା ପହଞ୍ଚିବା ପୂର୍ବରୁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ସବୁ ସାମଗ୍ରୀକୁ ଗଏବ କରି ଦେଇଛନ୍ତି । ଅଫିସରେ ଥିବା ଏସି, ଷ୍ଟାବିଲାଇଜର, ସୋଫା, ଟିଭି,ଚେୟାର ଟେବୁଲ କିଛି ନାହିଁ। ଏହି ସବୁ ସାମଗ୍ରୀ କୁଆଡ଼େ ଗଲା ସେ ସମ୍ପର୍କରେ ମଧ୍ୟ କର୍ତ୍ତୃପକ୍ଷ ନିରବ।

୨୦୦୦ ମସିହାରେ ଓରିଏଣ୍ଟ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁର ରିଂ ରୋଡର କାମ କରିଥିଲା। ଏହି କାମଟି ଅପର ମହାନଦୀ ବେସିନ ମ୍ୟାନେଜରଙ୍କ ତତ୍ତ୍ୱବଧାନରେ ହୋଇଥିଲା। ହେଲେ କାମ କରିବାର ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ଠିକାଦାରଙ୍କୁ ଜଳସମ୍ପଦ ବିଭାଗ ତାଙ୍କର ପ୍ରାପ୍ୟ ଦେଲେ ନାହିଁ। ଏନେଇ ଠିକାଦାର ୨୦୦୯ ମସିହାରେ ସିନିୟର ସିଭିଲ୍ ଜଜଙ୍କ କୋର୍ଟରେ ମାମଲା ରୁଜୁ କରିଥିଲେ। ୨୦୦୫ ମସିହାରେ ରିଙ୍ଗ ରୋଡ କାମ ବାବଦକୁ ୫୨ ଲକ୍ଷ ଟଙ୍କା ବକେୟା ଥିଲା। ତେବେ ୨୦୦୯ରେ ସୁଧମୂଳ ମିଶି ୧କୋଟି ୩୬ କୋଟି ଲକ୍ଷ ଟଙ୍କାରେ ପହଞ୍ଚି ଥିଲା । ଶେଷରେ ଅଦାଲତ ମାମଲାର ବିଚାର କରି ୬ ପ୍ରତିଶତ ସୁଧ ସହ ବକେୟା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓରିଏଣ୍ଟ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡର ଓକିଲ ସୌରୀ ପାଢ଼ୀଙ୍କ ସୂଚନା ଅନୁସାରେ ଡଅଗଷ୍ଟ ୨୦୨୪ ଯାଏଁ ୧ କୋଟି ୮୮ ଲକ୍ଷ ଟଙ୍କା ତାଙ୍କ ମହକିଲ ପାଇବାକୁ ବାକି ଅଛି। ଅଦାଲତଙ୍କ ନିର୍ଦ୍ଦେଶକୁବେଖାତିର କରିବାରୁ ମାନ୍ୟବର କୋର୍ଟ ବୁର୍ଲାସ୍ଥିତ ଉପର ମହାନଦୀ ବେସିନର ବେସିନ

### ସାମଗ୍ରୀ ଲୁଚାଇଲେ ଡ୍ୟାମ୍ କର୍ତ୍ତୃପକ୍ଷ; ଫେରିଗଲେ କୋର୍ଟ କର୍ମଚାରୀ

ମ୍ୟାନେଜର ତଥା ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ,ହୀରାକୁଦ ଡ୍ୟାମ୍ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର ଇରିଗେସନ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଆସବାବପତ୍ର ଜବତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅଦାଲତର କର୍ମଚାରୀମାନେ ଆଜି ବୁର୍ଲା ଯାଇଥିଲେ। ତେବେ ‘ଅପର ମହାନଦୀ’ ବେସିନ୍ କାର୍ଯ୍ୟାଳୟଟି ଏବେ ‘ମହାନଦୀ ବେସିନ’ କାର୍ଯ୍ୟାଳୟରେ ପରିଣତ ହୋଇଥିବାରୁ ଅଦାଲତ କର୍ମଚାରୀଙ୍କୁ ଆଇନ ପାଠ ପଢ଼ାଇଛନ୍ତି ମୁଖ୍ୟଯନ୍ତ୍ରୀ। ଏହି ଅଫିସର ନାମ ପରିବର୍ତ୍ତନ ହୋଇଛି ଓ ନିୟମ ଅନୁସାରେ କୋର୍ଟ ନିର୍ଦ୍ଦେଶରେ ଲେଖାଥିବା ନାଁ ଏହି ଅଫିସ ନୁହେଁ ବୋଲି ମୁଖ୍ୟଯନ୍ତ୍ରୀ ଇଂ ସୁଶୀଲ କୁମାର ବେହେରା କହିଛନ୍ତି। ଅନ୍ୟପଟେ ସମ୍ପତ୍ତି ଆଟାଚ୍ କରିବା ପୂର୍ବରୁ କର୍ତ୍ତୃପକ୍ଷ ସବୁ ସମ୍ପତ୍ତି ଲୁଚାଇ ଦେଇଥିବା ଓରିଏଣ୍ଟ କମ୍ପାନୀର ଓକିଲ କହିଛନ୍ତି। ଏସି,ଷ୍ଟାବିଲାଇଜର, ସୋଫା, ଟିଭି,ଚେୟାର ସହ ମୁଖ୍ୟଯନ୍ତ୍ରୀଙ୍କ ଟେବୁଲରେ ଥିବା କମ୍ପ୍ୟୁଟର ମଧ୍ୟ ଗାଏବ କରିଦିଆଯାଇଛି ବୋଲି କମ୍ପାନୀର ଓକିଲ ଅଭିଯୋଗ କରିବା ସହ ଏ ସଂକ୍ରାନ୍ତରେ ପୁଣି ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।

# ରାଉରକେଲାରେ କମିସନରେଟ୍ ବ୍ୟବସ୍ଥା ଏବେ ନୁହେଁ: ଡିଜିପି

ରାଉରକେଲା, ୪।୪(ସମିସ): ରାଉରକେଲାରେ ଏବେ କମିସନରେଟ୍ ପୁଲିସ ବ୍ୟବସ୍ଥା ଲାଗୁ କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର

### ଖାଲି ପଡ଼ିଛି ୧୬ ହଜାରରୁ ଊର୍ଦ୍ଧ୍ୱ ପଦ

### ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷାକଲେ ଡିଜିପି

ଖୁରାନିଆ। ରାଉରକେଲାରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା ବେଳେ ସେ ଏହା କହିଛନ୍ତି।

ପଶ୍ଚିମାଞ୍ଚଳ ପୁଲିସ ଡିଆଇଜିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସେ କହିଥିଲେ ଯେ ଓଡ଼ିଶା ପୁଲିସ୍‌ରେ ୧୬ ହଜାର ୫୦୦ ଜଣ



କର୍ମଚାରୀଙ୍କ ଅଭାବ ଅଛି। ଏବେ ଖାଲି ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମାନବସମ୍ବଳ ପୂରଣ ହୋଇ ନପାରିଲେ କମିସନରେଟ୍ ବ୍ୟବସ୍ଥା ଏଠାରେ ଲାଗୁ ହେବା ସମ୍ଭବ ନୁହେଁ।

ଏହି ଅବସରରେ ସୁନ୍ଦରଗଡ଼, ରାଉରକେଲା ଓ କେନ୍ଦୁଝର ପୁଲିସ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ଏଥିରେ ଶାନ୍ତିଶୃଙ୍ଖଳାର ସହ ରାମନବମୀ ପାଳନ ନେଇ ପୁଲିସ୍ ପକ୍ଷରୁ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ଆଗାମୀ ରାମନବମୀ ଉତ୍ସବ କିପରି ରାଜଗାଙ୍ଗପୁର ଓ ରାଉରକେଲାରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେବ, ସେଥିପାଇଁ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଏତଦ୍‌ବ୍ୟତୀତ ସାଇବର ଅପରାଧର ମାତ୍ରା ବୃଦ୍ଧି ପାଉଥିବାରୁ ଏଥିପ୍ରତି ସଜାଗ ରହିବାକୁ କହିଥିଲେ। ଏହାସହ ଯୁବତୀ ନିଖୋଜ ମାମଲା, ଚୋରି ସାମଗ୍ରୀର ଉଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ନାରୀ ନିର୍ଯାତନା ମାମଲାକୁ ଫାଷ୍ଟଟ୍ରାକ୍ କୋର୍ଟରେ ଶୀଘ୍ର ଫଇସଲା କରିବା ପାଇଁ ଉପସ୍ଥିତ ଏସପିମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟରୁ ମାଓ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ପାଇଁ ହୋଇଥିବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଖଣିଜ ସମ୍ପଦ, ଲଘୁ ଖଣିଜ ପଦାର୍ଥର ଚୋରି ରୋକିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଏଥିସହ ବେଆଇନ ଦେଶୀ ଓ ବିଦେଶୀ ବନ୍ଧୁକ କାରବାର ରୋକିବା ସହ ତାର ଚେନକୁ ଭାଙ୍ଗିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ରାଜ୍ୟ ଏଡିଜି (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି କୁଶାଲକର ନିତିନଙ୍କ ସମେତ ରେଳବାଇ ଏସ୍‌ପି, ଅତିରିକ୍ତ ଏସ୍‌ପି କରୁଣାକର ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁଣି ସକ୍ରିୟ ମାଟି ମାଫିଆ
# ଏନ୍ଏଚ୍‌ରୁ ୫୦୦ ମିଟରରେ ଖୋଳାଯାଉଛି



ଯଖପୁରା,୪।୪(ସମିସ)

କଳିଙ୍ଗନଗର ଶିଳ୍ପାନୁଷ୍ଠାନ ଅଞ୍ଚଳରେ ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଭୂସମ୍ପଦ ଲୁଟ ହେଉଥିବାର ଅଭିଯୋଗ ଆସୁଛି। କଳିଙ୍ଗନଗର ଅଞ୍ଚଳରେ ଥିବା ସରକାରୀ ଜମିକୁ ଇଡ୍କୋ ମାଧ୍ୟମରେ ଲିଜ ଆକାରରେ କମ୍ପାନୀମାନଙ୍କୁ ଦିଆଯାଉଥିବା ବେଳେ ଆଉ ରହିଯାଉଥିବା ସରକାରୀ ଜମିକୁ ମାଫିଆମାନେ ନିଜର ପୈତୃକ ସମ୍ପତ୍ତି ଭାବି ଓ ସ୍ଥାନୀୟ ପ୍ରଶାସନକୁ ହାତରେ ରଖି ମନ ଇଚ୍ଛା ମୋରମ ହେଉ କି ମାଟି ଲୁଟି ଚାଲିଛନ୍ତି। ଯଖପୁରା ଥାନା ଅଧୀନରେ ଥିବା ଅନେକ ସ୍ଥାନ ମାନଙ୍କରେ ମୋରମ ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିପାଇଁ ମାଫିଆ ମାନେ ଦିନକୁ ଦିନ ସକ୍ରିୟ ହେଉଥିବାବେଳେ ସରକାରଙ୍କ ବହୁ ରାଜସ୍ୱ ହାନି ଘଟୁଛି। ମାନତିରା ସର୍କଲରେ ଥିବା ଅନେକ ସରକାରୀ ଜମିରେ ମାଫିଆମାନେ ମୋରମ ଲୁଟୁଥିବାର ଦେଖିବାକୁ ମିଳୁଛି। ମୋରମ ମାଫିଆ ମାନେ ଚତୁରତାର ସହ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ମୋରମ ନ ଉଠେଇ ପ୍ରତ୍ୟେକ ଦିନ ଲୁଟିବାର ସ୍ଥାନ ପରିବର୍ତ୍ତନ କରିଥାଆନ୍ତି। ଯାହାକି ପ୍ରଶାସନ ଚାହିଁଲେ ବି ମୋରମ ଲୁଟିବାକୁ ରୋକ ଲଗାଇ ପାରିବ ନାହିଁ। କଳିଙ୍ଗନଗର ଅଞ୍ଚଳରେ ଭୂସମ୍ପଦ ଲୁଟିବା ପାଇଁ ସବୁଠାରୁ ନିରାପଦ ସ୍ଥାନ ରୂପେ ବାଛି ନେଇଛନ୍ତି ମାଫିଆ ମାନେ। ଠିକାଦାର ମାନଙ୍କର ଆବଶ୍ୟକ ପଡୁଥିବା ମୋରମ ହେଉ କି ମାଟି ସବୁ ଯୋଗାଡ଼ କରିପାରୁଛନ୍ତି ମାଫିଆ ମାନେ।

**ପ୍ରଶାସନର ନିଘା ନାହିଁ**

ସେମିତି ଏବେ ଠିକାଦାର ପାଇଁ ଆବଶ୍ୟକ ପଡୁଥିବା ମାଟି ପାଇଁ ମାଫିଆ ମାନେ ଲୁଟିବା ପାଇଁ ନଦୀପଠାକୁ ବାଛି ନେଇଛନ୍ତି। ମାଫିଆମାନେ ସ୍ଥାନ ବଦଳାଇ ଠିକାଦାରକୁ ଆବଶ୍ୟକ ପଡୁଥିବା ମାଟି ପାଇଁ ଦୁଇ ଦୁଇଟି ବଡ ମେସିନ ଓ ୨୦ ରୁ ୨୫ ଟି ହାଇଓ୍ୱା ଗାଡି ରାତି ତମାମ ଲୁଟି ଚାଲିଛନ୍ତି। ବିନା ଅନୁମତିରେ ସୁକିନ୍ଦା ତହସିଲ ତଥା କଳିଙ୍ଗନଗର ଥାନା ଅନ୍ତର୍ଗତ ଏନଏଚ-୫୩ ର ବ୍ରାହ୍ମଣୀ ପୋଲରୁ କଇଥା ଯିବା ବାଟରେ ଯାହାକି ଏନଏଚରୁ ମାତ୍ର ୫୦୦ ମିଟର ଦୂରରୁ ଶହଶହ ମାଟି ହାଇଓ୍ୱା ଗାଡିରେ ଚାଲାଣ ହେଉଛି। ନଦୀ ପଠାରୁ ଏତେ ପରିମାଣରେ ମାଟି ଲୁଟିନେଉଛନ୍ତି ଯେ ସେ ସ୍ଥାନ ପୋଖରୀ ସଦୃଶ ହେଲାଣି। ବେଆଇନ ମାଟି ଉଠାଣକୁ ନେଇ ସ୍ଥାନୀୟ ଲୋକମାନେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସବୁଠୁ ଆଶ୍ଚର୍ଯ୍ୟ ବିଷୟ ଯେ ନଦୀବନ୍ଧର ଭିତର ପଟ, ଯାହାକି ନଦୀ ପାଖରୁ ମାଟି ଉଠାଯାଉଛି। ଯାହାଫଳରେ ଭବିଷ୍ୟତରେ ନଦୀବଢି ସମୟରେ ଏହା ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରିପାରେ। ସ୍ଥାନୀୟ ବାସିନ୍ଦା କହିଛନ୍ତି କି ମାଟି ଲୁଟ ଖବର ସମ୍ପର୍କରେ ଜିଲ୍ଲାପାଳ, ଏସପି, ଲଘୁ ଖଣିଜ ଅଧିକାରୀ, ତହସିଲଦାର ଓ କଳିଙ୍ଗନଗର ଥାନା ଅଧିକାରୀ ପ୍ରମୁଖଙ୍କୁ ଜଣାଇଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ହେଉନାହିଁ। ଅନ୍ୟପଟେ ଗୋଟିଏ ହାଇଓ୍ୱା ଗାଡି ପିଛା ୭ହଜାର ଟଙ୍କାରୁ ଅଧିକ ଅର୍ଥ ଆଦାୟ କରାଯାଉଛି ବୋଲି ସ୍ଥାନୀୟ ଲୋକେ ଜଣାଇଛନ୍ତି। ଏଠି ସାଧାରଣରେ ଆଲୋଚନା ହେଉଛି ଯଦି ଗୋଟିଏ ରାତିରେ ୨୦ ରୁ ଅଧିକ ହାଇଓ୍ୱା ଦ୍ୱାରା ମାଟି ଉଠାଯାଏ ତେବେ ଗୋଟିଏ ରାତିରେ ଶହଶହ ଟ୍ରିପ ମାଟି ଯାଉଛି। ଏହି ମାଟି ସବୁ ପାଖରେ ଥିବା ପଙ୍କପାଳ ବଙ୍ଗଳା ଏନଏଚ ଓଭର ବ୍ରିଜରେ ପଡ଼ିଥିବାର ଦେଖିବାକୁ ମିଳିଛି। ଗତକାଲି ରାତିରେ ମାଟି ଉଠୁଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ମାତ୍ର ବାଲି ଉଠାଉଥିବା ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିବା ଫଳରେ ବିଳମ୍ବିତ ରାତି ପ୍ରାୟ ୧ଟାରେ ମାଟି ଉଠାଯିବା ବନ୍ଦ ରହିଥିଲା। ଖବର ମୁତାବକ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ଆପୋଷ ବୁଝାବଣା ହୋଇ ପୁଣି ମାଟି ଉଠାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ଏ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ଅବସର ଗ୍ରହଣ



**ପାଣିକୋଇଲି,୪।୪(ସମିସ):** କୋରାଇ ଶିକ୍ଷା ମଣ୍ଡଳ ଅଧିନସ୍ଥ ଗୋଳେଇପୁର ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ଉଦୟ କୁମାର ମହାପାତ୍ର ମାର୍ଚ୍ଚ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ମହାପାତ୍ର ୧୯୯୦ ମସିହାରୁ ଉକ୍ତ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ଜଣେ ସ୍ନେହୀ ତଥା ଆଦର୍ଶ ଶିକ୍ଷକ ଭାବେ ହାଇସ୍କୁଲରେ ତାଙ୍କର ସୁଖ୍ୟାତି ରହିଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି କୋରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ମଲିକ, ଅସନଝର ହାଇସ୍କୁଲର ପ୍ରଧାନଶିକ୍ଷକ ଅଭୟ କୁମାର ମହାପାତ୍ର, ଉମାପଦା ହାଇସ୍କୁଲର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ଦାସ, ରଘୁନାଥ ସାହୁ ହାଇସ୍କୁଲ ତରାକୋଟର ପ୍ରଧାନଶିକ୍ଷକ ମହେଶ୍ୱର ସାହୁଙ୍କ ସମେତ କୋରାଇ ଶିକ୍ଷା ମଣ୍ଡଳରୁ ବହୁ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ମାନେ ଉପସ୍ଥିତ ରହି ଶ୍ରୀ ମହାପାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେବା ସହିତ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**ଧର୍ମଶାଳା,୪।୪(ସମିସ):** ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ଅଧିନସ୍ଥ କଣ୍ଟାମାଳିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ରୋଟାରୀ କ୍ଲବ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଏହି ବିଦ୍ୟାଳୟକୁ ଏକ ଫାଷ୍ଟଏଡ୍ ବାକ୍ସ, ଔଷଧୀୟ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। କ୍ଲବର ସଭାପତି ଆଡ଼ଭୋକେଟ ରାଜେନ୍ଦ୍ର କୁମାର ପଲେଇ ଓ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ସଦସ୍ୟମାନେ ବିଦ୍ୟାଳୟ ପରିସରକୁ ପରିଷ୍କାର ରଖିବା ସହ ଛାତ୍ର ଛାତ୍ରୀମାନେ ବ୍ୟବହାର କରୁଥିବା ଶୌଚାଳୟକୁ ଜୀବାଣୁ ମୁକ୍ତ ରଖିବା ଉଦ୍ଦେଶ୍ୟରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଦ୍ୟାଳୟରେ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଯଥା ସମୟରେ ବ୍ୟବସ୍ଥା କରିବା ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପ୍ରତି ଅଧିକ ଦୃଷ୍ଟି ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କହିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଜରିଆରେ ଛାତ୍ର ଛାତ୍ରୀମାନଙ୍କ ନିମନ୍ତେ ପ୍ରାଥମିକ ଚିକିତ୍ସା ବାକ୍ସ, ଔଷଧୀୟ ଉପକରଣ, ଖାତା, କଲମ ଓ ଚକଲେଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ବରିଷ୍ଠ ସଦସ୍ୟ ରୋଟାରୀଆନ ପ୍ରମୋଦ ସାମଲ, ଜୟଗୁରୁ ପାତ୍ର, ପ୍ରଦୀପ୍ତ କୁମାର ବରାଳ, ଇଂ ସୁକାନ୍ତ କୁମାର ସ୍ୱାଇଁ ଓ ଇନରହୁଇଲ କ୍ଲବର ସଦସ୍ୟା କଳ୍ପନା ଖୁଣ୍ଟିଆ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ବେହେରା, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମଲ୍ଲିକ ଓ ଜୟନ୍ତୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ

## ମନ୍ଦିର ପରିସର ସଫେଇ କଲେ ଯବାନ



**ସୁକିନ୍ଦା,୪।୪(ସମିସ):** ସୁକିନ୍ଦାସ୍ଥିତ ଥାର୍ଡ ଇଣ୍ଡିଆନ ରିଜର୍ଭ ବାଟାଲିୟନ ଯବାନମାନଙ୍କ ଦ୍ୱାରା ସୁକିନ୍ଦା ଜଗନ୍ନାଥ ମନ୍ଦିର ଓ ରାମ ମନ୍ଦିର ପରିସର ସଫେଇ କରାଯାଇଛି। ଆଗକୁ ପବିତ୍ର ରାମନବମୀ ଥିବାରୁ ଭକ୍ତଙ୍କ ସମାଗମକୁ ନଜର ରଖି ମନ୍ଦିର ପରିସର ସଫେଇ ଆବଶ୍ୟକତା ଥିବା ଅନୁଭବ କରି ବାଟାଲିୟନର ଦୁର୍ଗପତି ୟାକୁବ ଖାନଙ୍କ ନିର୍ଦ୍ଦେଶରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେନ୍ଦ୍ର ବେହେରା, ସୁବେଦାର୍ ସିଦ୍ଧେଶ୍ୱର ପ୍ରଧାନ ଓ ଏସଆଇ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ଯବାନ ମାନେ ଶୁକ୍ରବାର ସୁକିନ୍ଦା ଜଗନ୍ନାଥ ମନ୍ଦିର ଓ ରାମ ମନ୍ଦିର ପରିସର ସମ୍ପୂର୍ଣ୍ଣ ସଫେଇ କରିଛନ୍ତି। ଯବାନ ମାନଙ୍କ ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ଶଙ୍ଖଚିଲା,୪।୪(ସମିସ):** କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରସୁଲପୁର ଶିକ୍ଷା ମଣ୍ଡଳ ଅଧିନସ୍ଥ ରାଧାନଗର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନଗର ସାଧନ କେନ୍ଦ୍ରର ବରିଷ୍ଠ ଶିକ୍ଷକ ବିଜୟ କୁମାର ଭଦ୍ରଙ୍କ ସଭାପତିତ୍ୱରେ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ସମସ୍ତଙ୍କ ଶୁଭ ମନାସି ଥିଲେ। ସାଧନ କେନ୍ଦ୍ର ସଂଯୋଜକ ମଦନ ମୋହନ ବେହେରା ଅତିଥି ପରିଚୟ ରଖିଥିଲେ। ମୁଖ୍ୟବକ୍ତା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଡଃ ପ୍ରଭଞ୍ଜନ ପତି ଓ ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ଶତପଥୀ, ନନ୍ଦକିଶୋର ସାହୁ, ସରପଞ୍ଚ ଇଂ ସର୍ବେଶ୍ୱର ସାହୁ, ରାଜ୍ୟ ଅଲୋଷ୍ଟା ସଭାପତି ବିକ୍ରମ କୁମାର ଦାସ, ବ୍ଲକ ସଭାପତି ଅରୁଣ ସ୍ୱାଇଁ, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ପତ୍ରୀ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଙ୍କ ଗୁଣାବଳୀ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ଏକ ଶୋଭାଯାତ୍ରାରେ ନେଇ ଘରେ ଛାଡି ଆସିଥିଲେ।

## ଚର୍ଚ୍ଚାରେ ବରୀ ତହସିଲ
## ସରକାରୀ ଅଫିସ୍‌ରେ କାମ କରୁଛନ୍ତି ବେସରକାରୀ ବ୍ୟକ୍ତି



**ବରୀ,୪।୪(ସମିସ):** ଯାଜପୁର ଜିଲ୍ଲାର ବରୀ ତହସିଲ୍ କାର୍ଯ୍ୟାଳୟ ସବୁବେଳେ ଚର୍ଚ୍ଚା ଘେରରେ। ବାତ୍ୟା ବନ୍ୟା ଭଳି ଦୈବୀ ଦୁର୍ବିପାକ ପାଇଁ ସହାୟତା ପ୍ରଦାନ, ବିବିଧ ପ୍ରମାଣପତ୍ର ପ୍ରଦାନ ତଥା ପଲିଥିନ ବଣ୍ଟନ ଓ ମିଉଟେସନ କାର୍ଯ୍ୟ ନେଇ ଜନ ଅସନ୍ତୋଷ ଦେଖା ଦେଇଛି। ବିଭିନ୍ନ ସମୟରେ ଲାଞ୍ଚ କାରବାର ଓ ଦଲାଲଙ୍କ ପ୍ରାଦୁର୍ଭାବ ଅଭିଯୋଗ ହୋଇ ଆସୁଛି। ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ମାର୍ଚ୍ଚ ୩ ତାରିଖରେ ତହସିଲଦାର ଲାଇସେନସପ୍ରାପ୍ତ ଆଇନଜୀବୀ, ମୋହରିର ଓ ଭେଣ୍ଡରମାନଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ ଜାରି କରି ସହଯୋଗ ଲୋଡ଼ିଛନ୍ତି। ବ୍ୟକ୍ତିଗତ କାର୍ଯ୍ୟ ଛାଡ଼ି ଦଲାଲି କାର୍ଯ୍ୟ କରୁଥିବା ବ୍ୟକ୍ତି ଯଦି ପ୍ରମାଣିତ ହୁଅନ୍ତି ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ତହସିଲ କାର୍ଯ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ଏହି ନୋଟିସ ସ୍ପଷ୍ଟ ସୂଚାଉଛି ଯେ ତହସିଲ୍ କାର୍ଯ୍ୟାଳୟରେ ଦଲାଲି କାର୍ଯ୍ୟ ଜାରି ରହିଥିଲା। ଏତେସବୁ ଘଟଣା ପରେ ଗୁରୁବାର ଦିନ ତହସିଲ୍ କାର୍ଯ୍ୟାଳୟର ରାଜସ୍ୱ ପରିଦର୍ଶକ ଦେବାଶିଷ ବରାଳଙ୍କ ପ୍ରକୋଷ୍ଠରେ ତାଙ୍କ ଚୌକିରେ ଜଣେ ଯୁବକ ବସି ସରକାରୀ କାଗଜ ପତ୍ର ଧରି ଅଫିସ କାର୍ଯ୍ୟ କରୁଛନ୍ତି। ସେହି ସମୟରେ ଗଣମାଧ୍ୟମର ପ୍ରତିନିଧି ମାନେ ପହଞ୍ଚି ସେ କେଉଁ ପଦବୀରେ ନିଯୁକ୍ତି ପାଇଛନ୍ତି ବୋଲି ପଚାରିବାରୁ ସେ କୌଣସି ପଦବୀରେ ନାହାନ୍ତି ବା ଏଠାରେ ନିଯୁକ୍ତି ପାଇ ନାହାନ୍ତି। ତାଙ୍କୁ ଏଠାରେ ରାଜସ୍ୱ ପରିଦର୍ଶକ ଶ୍ରୀ ବରାଳ କାର୍ଯ୍ୟ କରିବାକୁ କହିଛନ୍ତି ଏବଂ ସେ ଗତ ୩ ଦିନ ହେଲା ଏଠାରେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏ ବିଷୟରେ ଭାରପ୍ରାପ୍ତ ତହସିଲଦାର କଲ୍ୟୋଲ ମିଶ୍ରଙ୍କୁ ପଚାରିବାରୁ ସେ ସ୍ୱୀକାର କରିଥଲେ ଯେ ସେ ଯୁବକଙ୍କୁ ଅଫିସ କାର୍ଯ୍ୟରେ ସହଯୋଗ ପାଇଁ ରଖା ଯାଇଛି। ସରକାରୀ କାର୍ଯ୍ୟାଳୟରେ ଜଣେ ବେସରକାରୀ ଲୋକଙ୍କୁ ଚାମ୍ବର ଭିତରେ ଚେୟାର ଟେବୁଲ ଯୋଗାଇ ଦେଇ ସରକାରୀ କାଗଜପତ୍ର ଦାୟିତ୍ୱ ଦିଆଯିବାର ନିୟମ ଅଛି କି ବୋଲି ପଚାରିବାରେ ଭାରପ୍ରାପ୍ତ ତହସିଲଦାର କହିଥିଲେ ଯେ ନାଁ ସେପରି କିଛି ନିୟମ ନାହିଁ, ଏ ବିଷୟରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବି ବୋଲି କହିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମଇଁଦା,୪।୪(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ଅଧିନ ଭାସ୍କର ସାମଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରାମଚନ୍ଦ୍ର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ୟାରୀମୋହନ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟିକା ପ୍ରମିଳା ମଲ୍ଲିକ, ମୁଖ୍ୟବକ୍ତା ଫକିର ମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର କୁମରବର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତ କୁମାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶ, ଓଷ୍ଟା ସଭାପତି ଭରତ ଚନ୍ଦ୍ର ଦାସ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବେନ୍ଦ୍ର କୁମାର ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ସେକ ନିଜାମୁଦ୍ଦିନ, ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ଧଳ, ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ କୃଷ୍ଣଚନ୍ଦ୍ର ଯେନା ଯୋଗଦାନ କରିଥିଲେ। ପୁରାତନ ଛାତ୍ର ଛାତ୍ରୀମାନେ ରାମ ସାର୍ଙ୍କୁ ମଞ୍ଚରେ ବସାଇଥିଲେ। ବିଦାୟୀ ଶିକ୍ଷକ ଜଣେ ଆଦର୍ଶବାଦୀ, ସମୟାନୁବର୍ତ୍ତୀ, ଓ ଛାତ୍ରବତ୍ସଳ ଥିଲେ। ଗ୍ରାମବାସୀଙ୍କ ସମେତ ଉପସ୍ଥିତ ଶିକ୍ଷକ ଓ ଛାତ୍ରଛାତ୍ରୀ ବାଜା ଓ ରୋଷଣୀରେ ରାମ ସାରଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ।

## ଅମୀୟ ଘଡ଼ାଇଙ୍କୁ ସେଣ୍ଟ୍ରାଲ ନୋଟାରୀ ନିଯୁକ୍ତି



**ଯଖପୁରା, ୪।୪(ସମିସ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ମାନତିରା ଗ୍ରାମର ଅମିୟ ରଞ୍ଜନ ଘଡ଼ାଇଙ୍କୁ ଭାରତ ସରକାରଙ୍କ ନ୍ୟାୟ ଓ ଆଇନ ମନ୍ତ୍ରାଳୟ ତରଫରୁ ସେଣ୍ଟ୍ରାଲ ନୋଟାରୀ ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ଘଡାଇ ଯାଜପୁର ରୋଡ଼ରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀ ଘଡାଇ ଓକିଲାତି ପେସାରେ ଅଭିଜ୍ଞତା ହାସଲ କରିବା ସହିତ ପୂର୍ବରୁ ସେ ସାମ୍ବାଦିକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ଏହି ସେଣ୍ଟ୍ରାଲ ନୋଟାରୀ ପଦକୁ ସମ୍ମାନର ସହ ଗ୍ରହଣ କରି ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ତଥା ଗରିବ ଲୋକଙ୍କର ସେବାରେ ସତ୍ୟପାଠ ଆବଶ୍ୟକ ପଡେ ସେମାନଙ୍କୁ କମ ମୂଲ୍ୟରେ ସେବା ପ୍ରଦାନ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଶ୍ରୀ ଘଡାଇ ଆଇନରେ ଡିଗ୍ରୀ ସହିତ ସାମ୍ବାଦିକତାରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ମଧ୍ୟ ଜଣେ ସିଭିଲ ଇଂଜିନିୟର ଛାତ୍ର ଅଟନ୍ତି। ସେଣ୍ଟ୍ରାଲ ନୋଟାରୀ ନିଯୁକ୍ତି ପାଇବା ପରେ ସବୁ ଦିଗରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।




## ଶିକ୍ଷକ ଅଭାବରୁ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ



କଁୟାଗୋଲା,୪।୪(ସମିସ)

ପ୍ରଥମରୁ ଅଷ୍ଟମ ୮ ଟି ଶ୍ରେଣୀ ପାଇଁ ମାତ୍ର ଦୁଇ ଜଣ ଶିକ୍ଷକ। ୧୦ ବର୍ଷ ଧରି ଏମିତି ଚାଲିଛି ଦରଭା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ। ବିଭିନ୍ନ ସମୟରେ ଶିକ୍ଷକ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଶିକ୍ଷକ ନିଯୁକ୍ତି ହେଉନାହିଁ। ପିଲାଙ୍କ ପାଠପଢ଼ା ମଧ୍ୟ ବ୍ୟାହତ ହେଉଛି। ଫଳରେ ଅଭିଭାବକଙ୍କ ମନରେ କୁହୁଳୁଥିବା ଅସନ୍ତୋଷ ଶୁକ୍ରବାର ଉଗ୍ର ରୂପ ନେଇଛି। ବିଦ୍ୟାଳୟ ଭିତରେ ଶିକ୍ଷକ ଥିବା ବେଳେ ପିଲାମାନେ ଫାଟକରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନା ମୁତାବକ ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଦରଭା ଉନ୍ନୀତ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଦୀର୍ଘ ୧୦ ବର୍ଷ ଧରି ଲାଗି ରହିଛି। ପାଞ୍ଚ ଦଶନ୍ଧି ତଳେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ପ୍ରତି ଶିକ୍ଷା ବିଭାଗର ସାମାନ୍ୟତମ ନଜର ଥିବା ଭଳି ମନେ ହୁଏନି। ୮ ଟି ଶ୍ରେଣୀକୁ ୨ ଜଣ ଶିକ୍ଷକ ଥିବାରୁ କିଭଳି ପାଠ ପଢା ହେଉଥିବ ସହଜେ ଅନୁମେୟ। ପାଠ ପଢ଼ା ହେଉ କି ନହେଉ ପିଲାଙ୍କୁ ଜଗିବା ଏଠି ଶିକ୍ଷକଙ୍କ ଦାୟିତ୍ୱ। ଶିକ୍ଷକ ନିଯୁକ୍ତି ନେଇ ଅଭିଭାବକ ଓ ଗ୍ରାମବାସୀ ମାନେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବବିତା ବାରିକ, ନବଘନ ସାହାଣୀ, ନିର୍ମଳ ସାହାଣୀ, କାଶୀନାଥ ବିଶ୍ୱାଳ, ରାହାସବିହାରୀ ପଲେଇ, ପ୍ରକାଶ ସାହାଣୀ, ପୁରସ୍ତମ ବାରିକ, କାଞ୍ଚନବାଳା ବାରିକ, ପ୍ରମିଳା ସେଠି, ରାହାସ ବିହାରି ପଲେଇଙ୍କ ଭଳି ଅନେକ ଅଭିଭାବକ ପିଲାଙ୍କ ଭବିଷ୍ୟତ ପାଇଁ ସମର୍ଥନ

### ୮ ଟି ଶ୍ରେଣୀକୁ ୨ ଶିକ୍ଷକ

ଜଣାଇଥିଲେ। ପ୍ରଧାନଶିକ୍ଷକ ଭାଗିରଥି ପୃଷ୍ଟି ନିଜର ଅସହାୟତା ପ୍ରକାଶ କରିବା ସହ ଶିକ୍ଷକ ଅଭାବ ନେଇ ସେ ବିଭିନ୍ନ ସମୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକଙ୍କୁ ପଚାରିବାରୁ ସେ ଅଳ୍ପ ଦିନ ହେଲା ଦାୟିତ୍ୱ ସମ୍ଭାଳିଛନ୍ତି। ଶିକ୍ଷା ବର୍ଷ ଆରମ୍ଭ ହୋଇଛି। ଖୁବ୍ ଶୀଘ୍ର ଦରଭା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ସୂଚନା ଦେଇଛନ୍ତି। ମୁଣ୍ଡଫଟା ଖରାରେ ପିଲା ଧାରଣାରେ ବସିଥିବା ବେଳେ ପ୍ରଧାନଶିକ୍ଷକ ଶ୍ରୀ ପୃଷ୍ଟି ପିଲା ଓ ଅଭିଭାବକଙ୍କୁ ବୁଝାସୁଝା କରାଇ ଧାରଣାରୁ ଉଠାଇବାରେ ସଫଳ ହୋଇଥିଲେ।



# ଠିକାକାମ ବିବାଦକୁ ନେଇ ଜଘନ୍ୟ କାଣ୍ଡ
# ଘରୁ ଡାକିନେଇ ମାରିଦେଲେ

ଜଟଣୀ, ୪।୪ (ସମିସ): ଜଟଣୀ ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ମୃତକ ହେଲେ, ସ୍ଥାନୀୟ ବିଶାଖନଗରର ରାକେଶ ବଳେଇ ଓରଫ୍ ମାନସ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ପୁଲିସ୍ ଘଟଣାସ୍ଥଳରୁ ଏକ କାର୍ ଓ ସ୍କୁଟି ଜବତ କରିଛି। ଅନ୍ୟପଟେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ କରିଛି। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ମାନସ ଜଟଣୀ ଅଞ୍ଚଳରେ ବିଭିନ୍ନ ପ୍ରକାର କାମ କରନ୍ତି। ବିଶେଷ କରି ଅଞ୍ଚଳରେ ହେଉଥିବା କାମରେ ମୋରମ୍, ପଥର, ବାଲି ଆଦି ଯୋଗାଇ ଥାଆନ୍ତି। ଏହି କାମକୁ ନେଇ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ତାଙ୍କର ଅନେକଥର ଝଗଡ଼ା ମଧ୍ୟ ହୋଇଛି। ପରେ ପୁଣି ନିଶାପ ବସି ଘଟଣାର ସମାଧାନ ହୋଇଛି। ନିକଟରେ ପଦନପୁରଠାରେ ନିର୍ମାଣ ହେଉଥିବା କ୍ୟାନ୍ସର ହସ୍ପିଟାଲ୍‌ର ପ୍ରକଳ୍ପ କାମକୁ ନେଇ ମଧ୍ୟ ବିବାଦ ଲାଗି ରହିଥିଲା। ହେଲେ ଏହି ବିବାଦ ଦିନକୁ ଦିନ କୁହୁଳିବାର ଲାଗିଥିଲା। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମାନସଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ରାତିରେ ଦୁର୍ବୃତ୍ତମାନେ ମାନସଙ୍କ ଘର ନିକଟରେ ପହଞ୍ଚି କୌଣସି ଏକ କାମକୁ ନେଇ ତାଙ୍କୁ ଆଲୋଚନା ପାଇଁ ଡାକିଥିଲେ।



ପରେ ମାନସ କାର୍ ନେଇ ବାହାରି ଯାଇଥିଲେ।

ଷଣ୍ଢପୁର ଆଦର୍ଶ ବିଦ୍ୟାଳୟ ସାମ୍ନାରେ ମାନସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା। ପରେ ରାତି ପ୍ରାୟ ୧.୩୦ ସମୟରେ ମାନସଙ୍କ ରକ୍ତ ଜୁବୁଜୁବୁ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ।

## ଘଟଣାସ୍ଥଳରୁ କାର୍ ଓ ସ୍କୁଟି ଜବତ

ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍ସକୁ ପଠାଇଥିଲା। ଘଟଣା ପ୍ରଘଟ ହେବା ପରେ ଆଜି ସକାଳୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ଭିଡ଼ ଜମାଇଥିଲେ। ଫଳରେ ରାସ୍ତାଘାଟ ଜାମ୍ ହୋଇଯାଇଥିଲା। ଘଟଣାସ୍ଥଳରେ ଜୋନ୍-୩ ଏସିପି ତାପସ ପ୍ରଧାନ, ଥାନା ଅଧିକାରୀ ଷ୍ଟାଲିନ୍ ବିଶାଳ ଓ ଅନ୍ୟ ପୁଲିସ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ୍ ଘଟଣାସ୍ଥଳରୁ ମାନସଙ୍କ କାର୍ ଓ ତାଙ୍କ ସମ୍ପର୍କୀୟଙ୍କ ଏକ ସ୍କୁଟି ଜବତ କରିଛି। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଛାନଭିନ୍ କରିଛି। ଅନ୍ୟପଟେ ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି, ଏଭଳାରେ ହୋଇଥିବା ଅଭିଯୋଗରେ କିଛି ଅଭିଯୁକ୍ତଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ କିଛି ଦୁର୍ବୃତ୍ତଙ୍କ ପତ୍ତା ମିଳିନି। ଘଟଣାରେ ପୁଲିସର ୩ଟିମ୍ ତଦନ୍ତ କରୁଛନ୍ତି। ହତ୍ୟାକାଣ୍ଡରେ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।



ଅଶୋକାଷ୍ଟମୀ ଉପଲକ୍ଷେ ଲିଙ୍ଗରାଜଙ୍କ ଅପେକ୍ଷାରେ ରୁକୁଣା ରଥ

## ୭ରୁ ନିମ୍ନ ଅଦାଲତ ସକାଳୁଆ

କଟକ, ୪।୪(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ୭ ତାରିଖ ସୋମବାରଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ନିମ୍ନ ଅଦାଲତଗୁଡ଼ିକ ସକାଳୁଆ କାର୍ଯ୍ୟ କରିବ। ଏ ସଂକ୍ରାନ୍ତରେ ସମସ୍ତ ଜିଲ୍ଲା ଓ ଦୌରାଜଜଙ୍କୁ ଅବଗତ କରାଯାଇ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ସକାଳ ୭ଟାରୁ ଆରମ୍ଭ ହୋଇ ଦିନ ୧୨ଟା୩୦ ପର୍ଯ୍ୟନ୍ତ ଅଦାଲତଗୁଡ଼ିକରେ ଶୁଣାଣି ହେବ। ତେବେ ଦିନ ଗୋଟେ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲାରହିବ। ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଓ ପୁରୀ ସଦରର ଅଦାଲତଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ ନିମ୍ନ ଅଦାଲତ ପାଇଁ ଏହା ଲାଗୁହେବ।

## ବିଦାରି ପକାଇଲା ଭାଲୁ

ବୈପାରୀଗୁଡ଼ା, ୪।୪(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ମାଠପୋଡ଼ା ପଞ୍ଚାୟତର ମୁଣ୍ଡାଗୁଡ଼ା ନିକଟସ୍ଥ ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ସକାଳେ ଏହି ଅଘଟଣ ଘଟିଛି। ଗୁରୁତର ଯୁବକଜଣଙ୍କ ହେଲେ, ମୁଣ୍ଡାଗୁଡ଼ା ଗ୍ରାମର ଉଦ୍ଧବ ଗୌଡ଼ (୨୮)। ସେ ଗାଈଗୋଠ ନେଇ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ହାତୁଡ଼େ ପଡ଼ି ଯାଇଥିଲେ। ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଘଉଡ଼ାଇବା ସହ ତାଙ୍କୁ ଉଦ୍ଧାର କରି ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଏସ୍ଏଲ୍ଏନ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, ବୈପାରୀଗୁଡ଼ା ମାଠପୋଡ଼ା ଫରେଷ୍ଟଗାର୍ଡ କୁଣାଳ ଦିଶାରୀ, ପ୍ରିୟଙ୍କା କର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ‘ପୁରସ୍କାର ପୁଲିସର ମନୋବଳ ବୃଦ୍ଧି କରିବ’

## ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ରଙ୍କ ସମେତ ୫ ଜଣଙ୍କୁ ଡିଜିପି ପଦକ

ରାଉରକେଲା, ୪।୪(ସମିସ): ରାଉରକେଲା ସିଭିକ୍ ସେଣ୍ଟରଠାରେ ରାଉରକେଲା ପୁଲିସ ଜିଲ୍ଲା ଆନୁକୂଲ୍ୟରେ ପୁଲିସ୍ ମହାନିର୍ଦ୍ଦେଶକ ପ୍ରଶଂସା ପତ୍ର ଓ ଡିଜିପି ଡିସ୍କ ପ୍ରଦାନ ଉତ୍ସବ ଆୟୋଜିତ ହୋଇଯାଇଛି। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ୨୦ବର୍ଷ ତଳେ ସେ ରାଉରକେଲାରେ ଏସ୍‌ପି ଭାବେ କାମ କରିଥିଲେ। ରାଉରକେଲା ତାଙ୍କ ପାଇଁ ଏକ ପୁରଣାୟ କର୍ମଭୂମି ହୋଇ ରହିଛି। ଚଳିତବର୍ଷଠାରୁ ଡିଜିପି ପୁରସ୍କାର ଓ ଡିସ୍କ ବିଭିନ୍ନ ରେଞ୍ଜରେ ଦିଆଯାଉଛି। ଡିଜିପି ପ୍ରଶଂସାପତ୍ର ଓ ଡିସ୍କ ହାସଲ କରିଥିବା ପୁଲିସ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଇ, ଏହି ପୁରସ୍କାର ସମ୍ପୃକ୍ତ ପୁଲିସ ଅଫିସର୍ ଏବଂ କର୍ମଚାରୀଙ୍କ ମନୋବଳ ବୃଦ୍ଧି କରିବା ସହ ଏହା ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟୀ ହେବ ବୋଲି ଶ୍ରୀ ଖୁରାନିଆ କହିଥିଲେ।




ପଶ୍ଚିମାଞ୍ଚଳ ପୁଲିସ ରେଞ୍ଜରେ ଥିବା ରାଉରକେଲା, ସୁନ୍ଦରଗଡ଼ ଓ କେନ୍ଦୁଝର ପୁଲିସ ଜିଲ୍ଲାର ୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଡିଜିପି ପଦକ ଓ ଡିସ୍କ ପ୍ରଦାନ କରିଥିଲେ। ପୁରସ୍କୃତ କର୍ମଚାରୀମାନେ ହେଲେ ୨୦୧୮ ବ୍ୟାଚର ଡିଏସ୍‌ପି ତଥା ପଶ୍ଚିମାଞ୍ଚଳ ପୁଲିସ ରେଞ୍ଜ ଓ କେନ୍ଦୁଝର ପୁଲିସ ଜିଲ୍ଲା ଅନ୍ତର୍ଗତ ବଡ଼ବିଲ ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର, ରାଉରକେଲା ପୁଲିସ ଜିଲ୍ଲା ରଘୁନାଥପାଲି ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ସ୍ୱାଇଁ, ପ୍ଲାଣ୍ଟ ସାଇଟ ଥାନାର ସବଇନ୍ସପେକ୍ଟର ସୁବ୍ରତ କୁମାର ପଣ୍ଡା, ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଏଓଆର ହାବିଲଦାର ରିଙ୍କୁ କୁମାର ପଟେଲ ଓ କେନ୍ଦୁଝର ପୁଲିସ ଜିଲ୍ଲାର ବ୍ୟାଣ୍ଡ କନେଷ୍ଟବଳ ରାହାସ ବିହାରୀ ଖେଲୋ। ଏତଦ୍‌ବ୍ୟତୀତ ପୂର୍ବତନ ପାନପୋଷ ଏସ୍‌ଡିପିଓ ଉପାସନା ପାଢ଼ୀଙ୍କ ନାମ ମଧ୍ୟ ଏହି ସମ୍ମାନ ପାଇଁ ଘୋଷଣା କରାଯାଇଥିଲା।

ଏହି ଅବସରରେ ଏଡ଼ିଜି ଆଇନ ଶୃଙ୍ଖଳା ସଞ୍ଜୟ କୁମାର ମଞ୍ଚାସୀନ ଥିଲେ। ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିଆଇଜି ବ୍ରିଜେଶ କୁମାର ରାୟ ଧନ୍ୟବାଦ ଦେଇଥିଲେ। ପରେ ସହିଦ ପୁଲିସ ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ଶୁଣିବା ସହ ଏହାର ସମାଧାନ କରିବା ଡିଜିପି ଶ୍ରୀ ଖୁରାନିଆ ପ୍ରତିଶ୍ରୁତି ଦେଇଥିଲେ।

କାର୍ଯ୍ୟକ୍ରମରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି କୁଶାଳକର ନିତିନଙ୍କ ସମେତ ରେଳବାଇ ଏସ୍‌ପି, ଅତିରିକ୍ତ ଏସ୍‌ପି, ଡିଏସ୍‌ପିମାନେ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ନିଖୋଜର ୨ ଦିନ ପରେ କେନାଲରୁ ଶବ ଠାବ

ଜୟପୁର, ୪।୪(ସମିସ): ଜୟପୁର ସହରର ଜଣେ ଜଣାଶୁଣା ବାଇକ୍ ମେକାନିକ୍‌ଙ୍କ ମୃତଦେହ ବୋରିଗୁମ୍ମା ଥାନା ଚାରାଗାଁ ନିକଟସ୍ଥ କୋଲାବ ଜଳସେଚନ ବିଭାଗର ମୁଖ୍ୟ କେନାଲ ନିକଟରୁ ଉଦ୍ଧାର କରାଯାଇଛି। ମୃତକ ହେଲେ, ଜୟପୁର ଟାଉନ୍ ଥାନା ଡଙ୍ଗାଗୁଡ଼ାର ଏଲ. ବିନୋଦ କୁମାର (୩୨)। ବିନୋଦ ୨ ଦିନ ହେବ ନିଖୋଜ ରହିଥିବା ନେଇ ଟାଉନ୍ ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ତାଙ୍କର ମୃତ୍ୟୁ କିପରି ହୋଇଛି, ସେନେଇ ସନ୍ଦେହ ପ୍ରକାଶ ପାଉଛି। ବିନୋଦ ଆତ୍ମହତ୍ୟା କରିଛନ୍ତି ନା କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରୁଛି ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ୍ କହିଛି।

ସୂଚନାନୁଯାୟୀ, ବିନୋଦ ଦୁଇ ଦିନ ତଳେ କାମ ସାରି ଗ୍ୟାରେଜ୍‌ରୁ ବାହାରିଥିଲେ ହେଁ ଘରେ ପହଞ୍ଚି ନଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରିବା ପରେ ଟାଉନ୍ ଥାନାରେ ଏକ ନିଖୋଜ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ତାଙ୍କ ମୃତଦେହ ଜୟପୁର ସହରରୁ ୧୩ କିଲୋମିଟର ଦୂର କୋଲାବ କେନାଲ ପାଣିରେ ଭାସୁଥିବା ଦେଖି କିଛି ଲୋକ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଘଟଣା ପ୍ରଘଟ ହୋଇଥିଲା। ଜୟପୁର ଅଗ୍ନିଶମ ବିଭାଗ ମୃତଦେହକୁ ଉଦ୍ଧାର କରିଥିଲା।

# ଜଳୁଛି ବିବାଦୀୟ କୋଟିଆ ଜଙ୍ଗଲ



ପଟାଙ୍ଗି, ୪।୪ (ସମିସ): ଜଳୁଛି ଓଡ଼ିଶା-ଆନ୍ଧ୍ର ସୀମାନ୍ତ ବିବାଦୀୟ କୋଟିଆ ଜଙ୍ଗଲ। କିନ୍ତୁ କୋଟିଆକୁ ହାତେଇବାକୁ ବର୍ଷ ବର୍ଷ ଧରି ଷଡ଼ଯନ୍ତ୍ର କରି ଆସୁଥିବା ଆନ୍ଧ୍ର ପ୍ରଶାସନ କିମ୍ବା ଓଡ଼ିଶା ପକ୍ଷରୁ ନିଆଁ ଲିଭାଇବାକୁ କୌଣସି ପ୍ରକାର ଉଦ୍ୟମ ହେଉନି। ଫଳରେ ଏକରଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଉଛି। ଅପରପକ୍ଷେ, ଜଙ୍ଗଲ ନିଆଁ ଯୋଗୁଁ ଜୀବଜନ୍ତୁ ବାସହରା ହୋଇପଡ଼ିବା ସହ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେବାରେ ଲାଗିଛନ୍ତି।

କୋଟିଆ ପଞ୍ଚାୟତର ବିବାଦୀୟ ୨୧ ଖଣ୍ଡ ଗ୍ରାମବାସୀଙ୍କ ଜୀବନଜୀବିକାର ମାଧ୍ୟମ ଜଙ୍ଗଲଜାତ ଦ୍ରବ୍ୟ। କିନ୍ତୁ ଜଙ୍ଗଲ, ଜଙ୍ଗଲୀ ଜୀବଜନ୍ତୁ, ଜଙ୍ଗଲଜାତ ଦ୍ରବ୍ୟର ସୁରକ୍ଷା ଦିଗରେ ଓଡ଼ିଶା କିମ୍ବା ଆନ୍ଧ୍ର ପ୍ରଶାସନ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାନଯିବା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିବାଦୀୟ କୋଟିଆ ପଞ୍ଚାୟତର ୨୧ ଖଣ୍ଡ ଗାଁ ବଣପାହାଡ଼ଘେରା। ଏଠାରେ ଚାଷ ଜମି ପରିମାଣ ବହୁତ କମ୍। ତେଣୁ, ଏଠିକାର ଆଦିମ ଅଧିବାସୀ ଚାଷ କମ୍ କରି ପାରମ୍ପରିକ ଭାବେ ଜଙ୍ଗଲଜାତ କନ୍ଦା, ଚେରୁଳି, ଆମ୍ବ, ଝାଡୁ ଆଦିକୁ ଜଙ୍ଗଲରୁ ସଂଗ୍ରହ କରି ତାହାକୁ ବିକ୍ରି କରି ଜୀବିକା ନିର୍ବାହ କରୁଛନ୍ତି। ଜଙ୍ଗଲରେ ରହିଥିବା ଔଷଧୀୟ ବୃକ୍ଷଗୁଡ଼ିକୁ ବ୍ୟବହାର କରି ବିଭିନ୍ନ ପ୍ରକାର ରୋଗର ଉପଚାର କରୁଛନ୍ତି। କିନ୍ତୁ କିଛି ଅସାମାଜିକ ଚୋରୁଚୋରା କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ଏକରଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯିବା ସହ ନିଆଁରେ ପୋଡ଼ି ହୋଇ ଜଙ୍ଗଲୀ ଜୀବଜନ୍ତୁ ଜୀବନ ହାରୁଛନ୍ତି। ସେହିପରି, ଜଙ୍ଗଲ ଜାତ ଦ୍ରବ୍ୟ, ମୂଲ୍ୟବାନ ଔଷଧ ଆଦି ନଷ୍ଟ ହୋଇଯାଉଥିବାରୁ ସ୍ଥାନୀୟ ଅଧିବାସୀ ଜୀବନ ଜୀବିକା ହରାଉଛନ୍ତି।

କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଚାଲିଛି। କିନ୍ତୁ ଜଙ୍ଗଲ ସୁରକ୍ଷା ବେଳକୁ କାହାର ଦେଖା ନ ମିଳିବା ନେଇ ଏଠିକାର ଅଧିବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଜଙ୍ଗଲ ସୁରକ୍ଷାର ଦାୟିତ୍ୱ ଜଙ୍ଗଲ ବିଭାଗୀୟ ଅଧିକାରୀଙ୍କ। କିନ୍ତୁ ଅଧିକାରୀମାନେ କ'ଣ ପାଇ ନିରବ ରହୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

- ଜୀବଜନ୍ତୁ ବେସାହାରା, ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ
- ଜଙ୍ଗଲ ସୁରକ୍ଷା ପ୍ରତି ଆନ୍ଧ୍ର କି ଓଡ଼ିଶା ପ୍ରଶାସନର ଆନ୍ତରିକତା ନାହିଁ

# ଆମ୍ବୁଲାନ୍ସରେ ଫାଟିଲା ଅକ୍ସିଜେନ ସିଲିଣ୍ଡର

## ବର୍ତ୍ତିଲେ ପ୍ରସୂତି ଓ ନବଜାତକ; ଜଣେ ଗୁରୁତର

ବଲାଙ୍ଗିର, ୪।୪(ସମିସ): ଆମ୍ବୁଲାନ୍ସରେ ଫାଟିଲା ଅକ୍ସିଜେନ ସିଲିଣ୍ଡର। ଏହି ଦୁର୍ଘଟଣାରୁ ଜଣେ ପ୍ରସୂତି ଓ ନବଜାତକ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକରେ ଆଜି ଏପରି ଏକ ଅଘଟଣ ଘଟିଛି। ଗୁରୁତର ମହିଳାଜଣଙ୍କ ହେଲେ, ମୁରିବାହାଲ ବ୍ଲକ୍ ଅଧୀନ ଚିକିନିବାହାଲ ଗ୍ରାମର ଦ୍ରିତୀୟାଭୋଇ।

ସୂଚନାନୁସାରେ, ଉକ୍ତ ଗ୍ରାମର ରାଧା ଜାନୀ ନାମକ ମହିଳା ପ୍ରସବ ବେଦନା ଅନୁଭବ କରିବାରୁ ତାଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟ ଅଣାଯାଇଥିଲା। ଦିତୀୟା ତାଙ୍କ ସହ ଆସିଥିଲେ। ସେଠାରେ ସେ ଦୁଇଟି ଯାଆଁଳା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅସ୍ଥିର ହେବାରୁ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କୁ ବଲାଙ୍ଗିର ଆଣିବା ପାଇଁ ଆମ୍ବୁଲାନ୍ସରେ ବସାଇ ମହିଳାଙ୍କୁ ଅକ୍ସିଜେନ୍ ଦେବାକୁ ଯାଉଥିବା ବେଳେ ହଠାତ୍ ଗ୍ୟାସ୍ ଟାଙ୍କିଟି ବିସ୍ଫୋରଣ ହୋଇଥିଲା। ମା' ଓ ନବଜାତକ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ରୋଗୀ ସହିତ ଥିବା ଦିତୀୟା ଭୋଇ ଗୁରୁତର ଭାବରେ ଆହତ ହୋଇଛନ୍ତି। ତାଙ୍କର ଗୋଡ଼ ଓ ହାତରେ କ୍ଷତ ହୋଇଛି।



କବିସୂର୍ଯ୍ୟନଗରସ୍ଥିତ ୟୁଥ୍ ଆସୋସିଏସନ୍‌ର ସଦସ୍ୟମାନେ ଶୁକ୍ରବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି

# ସମାଧି ନେବାକୁ ବସିଛି ସଂସ୍କୃତି ସଂଗ୍ରହାଳୟ

ପୁରୀ, ୪।୪ (ହେମନ୍ତ ନାୟକ): ଶ୍ରୀକ୍ଷେତ୍ରକୁ ଆସୁଥିବା ତୀର୍ଥଯାତ୍ରୀ, ଭକ୍ତ ଓ ପର୍ଯ୍ୟଟକ ଚତୁର୍ଦ୍ଧାବିଗ୍ରହଙ୍କ ଆବିର୍ଭାବ ସହ ଶ୍ରୀମନ୍ଦିରର ନିର୍ମାଣ, ଚାରୁବିଗ୍ରହଙ୍କ ସଂସ୍ଥାପନ, ମହାପ୍ରଭୁଙ୍କ ଯାନିଯାତ୍ରା, ବେଶ, ନୀତିକାନ୍ତି, ଟାହିଆ, ପୁଷ୍ପ ଅଳଙ୍କାର ଆଦି ସବୁ କିଛି ଗୋଟିଏ ସ୍ଥାନରୁ ଜାଣିବା ପାଇଁ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ପରିକଳ୍ପନା କରାଯାଇଥିଲା। ଏମିତି ମହତ୍ ଉଦ୍ଦେଶ୍ୟ ରଖି ବଳିଆପଣ୍ଡାସ୍ଥିତ ଏଏସ୍ଆଇ ଶାଖା କାର୍ଯ୍ୟାଳୟ ନିକଟରେ ଜମି ଚିହ୍ନଟ ହୋଇ ଶିଳାନ୍ୟାସ କରାଯାଇଥିଲା। ହେଲେ ଏହା ପରଠାରୁ ଏହି ପ୍ରକଳ୍ପ ନେଇ ଆଉ କାହାର କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ। ଫଳରେ, ଫଳକରେ ହିଁ ସୀମିତ ରହିଯାଇଛି ଏହି ସଂସ୍କୃତି ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ସରକାର ନିଷ୍ପତ୍ତି। ଅନ୍ୟପକ୍ଷରେ ପ୍ରସ୍ତାବିତ ଜମି ଏବେ ମୁକ୍ତ ଶୌଚାଳୟ ପାଲଟିଛି।



ଐତିହ୍ୟ ସମ୍ପନ୍ନ ସହର ପୁରୀ; ପୁଣି ଏକ ପର୍ଯ୍ୟଟନ ସହର। ତେଣୁ ପ୍ରତିଦିନ ଦେଶବିଦେଶରୁ ବହୁସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଏଠାକୁ ଆସିଥାଆନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଆହୁରି ସୁଦୂରପ୍ରସାରୀ କରିବା ଲକ୍ଷ୍ୟ ନେଇ ସଂସ୍କୃତି ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ବୁଦ୍ଧିଜୀବୀ ଏହାକୁ ସ୍ୱାଗତ କରିଥିଲେ। ପରେ ବଳିଆପଣ୍ଡାରେ ପ୍ରାୟ ୪ଏକର ୬ଡେସିମିଲ ଜମି ଚିହ୍ନଟ କରାଯାଇଥିଲା। ଏଥିଲାଗି ୯କୋଟି ୭୬ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଅକ୍ଷରଧାମ ଶୈଳୀରେ ଏହି ସଂଗ୍ରହାଳୟ ନିର୍ମାଣ ପାଇଁ ମଧ୍ୟ ନକ୍ସା ପ୍ରସ୍ତୁତ ହୋଇଥିଲା। ୨୦୦୮ ଫେବୃଆରୀ ୨୯ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତତ୍କାଳୀନ ବାଚସ୍ପତି ମହେଶ୍ୱର ମହାନ୍ତି ଶିଳାନ୍ୟାସ କରିଥିବା ବେଳେ ସେତେବେଳର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ କୃଷି ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଉପସ୍ଥିତ ଥିଲେ।

ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଟଙ୍କା ମଞ୍ଜୁର ପରେ ପାଚେରି ତୋଳିଥିଲା। କିନ୍ତୁ ଶିଳାନ୍ୟାସ ପରେ ଏହାର ନିର୍ମାଣ ଦିଗରେ କେହି ଆଗ୍ରହ ଦେଖାଇନଥିଲେ। ଫଳରେ, ଏହି ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା। ଶିଳାନ୍ୟାସକୁ

## ପ୍ରସ୍ତାବିତ ଜମି ପାଲଟିଛି ମୁକ୍ତ ଶୌଚାଳୟ

ଇତିମଧ୍ୟରେ ୧୭ ବର୍ଷ ବିତିଗଲାଣି। ଯେଉଁ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସମୟରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା, ସେମାନେ ବଦଳି ଗଲେଣି। ଶିଳାନ୍ୟାସ କରିଥିବା ୩ଜଣ ମଧ୍ୟ ଆଉ ନାହାନ୍ତି। ଏବେ ଏହି ପ୍ରକଳ୍ପ ଆଉ ଆଗକୁ ବଢ଼ିବ କି ନାହିଁ, ସେ ନେଇ କେହି ମୁହଁ ଖୋଲୁନାହାନ୍ତି।

ଅନ୍ୟପକ୍ଷରେ ପ୍ରସ୍ତାବିତ ଜମିର ପାଚେରୀ ଫାନୀ ବାତ୍ୟାରେ ଭାଙ୍ଗି ଯାଇଥିଲା। ମରାମତି କରା ନଯିବାରୁ ଏହା ଏବେ ମୁକ୍ତ ପଡ଼ିଛି। ଫଳରେ ଲୋକେ ଏହା ପରିସରରେ ଶୌଚ କରୁଛନ୍ତି। ଫାଟକ ବି ଭାଙ୍ଗିଯାଇଛି। ଏପରିକି, ଏହି ଜମିକୁ ମଧ୍ୟ କେହି କେହି ଜବରଦଖଲ କଲେଣି। ଭିତ୍ତିପ୍ରସ୍ତର ସ୍ଥାନରେ ଗଡ଼ିଉଠିଛି ଛୋଟଛୋଟ ବସ୍ତି। ଜଙ୍ଗଲରେ ଫଳକଟି ପୋତି ହୋଇ ଅକ୍ଷର ଲିଭିଲାଣି। ୧୭ବର୍ଷ ତଳର ପରିକଳ୍ପନା ନଥିଲେ ରହିଯାଇଥିବା ବେଳେ ଏହା ଏବେ ସମାଧି ନେବାକୁ ବସିଛି।

ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ ଶ୍ୟାମପ୍ରକାଶ ସେନାପତି। ସେ କହିଛନ୍ତି, ପ୍ରାଚୀନ କାଳିଁ, ଐତିହ୍ୟ ସମ୍ବଳିତ ଦ୍ରବ୍ୟ ସାଇତିବା ପାଇଁ ସଂଗ୍ରହାଳୟଟିଏ ନାହିଁ। ଜିଲ୍ଲା ସଂସ୍କୃତି ପରିଷଦର ଜିଲ୍ଲା ସଂଗ୍ରହାଳୟ, ଶ୍ରୀମନ୍ଦିର ଭିତରେ ଥିବା ନାକାଟ୍ଟ ମ୍ୟୁଜିୟମ୍ ଗଲା କୁଆଡ଼େ? ଶ୍ରୀଜଗନ୍ନାଥ ବଲ୍ଲଭରେ ମଧ୍ୟ ଏକ ବୃହତ୍ ସଂଗ୍ରହାଳୟ ପାଇଁ ପରିକଳ୍ପନା କରାଯାଇଥିଲା। କିନ୍ତୁ ସେସବୁ ସ୍ୱପ୍ନରେ ରହିଯାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଶ୍ରୀ ସେନାପତି କହିଛନ୍ତି।

## ଶ୍ରୀରାମ ନବମୀ ମହୋତ୍ସବ

# ୫୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା ଓ ଆଜ୍ଞାମାଳ ଯାତ୍ରା





**ଭଦ୍ରକ,୪।୪(ସମିସ):** ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ଆଜି କଳସ ଶୋଭାଯାତ୍ରା, ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି। ପୂର୍ବାହ୍ଣରେ ତିନୋଟି ଆଧ୍ୟାତ୍ମିକ ସ୍ଥଳୀ ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣି, ଯାଜପୁର ମା' ବିରଜା ଓ ଭଦ୍ରକର ମା' ଭଦ୍ରକାଳୀଙ୍କ ପୀଠ ସମେତ ଚଳିତ ବର୍ଷ ପ୍ରଥମ କରି ପବିତ୍ର ଅଯୋଧ୍ୟା ଧାମର ଶ୍ରୀରାମ ମନ୍ଦିରରୁ ଆସିଥିବା ଆଜ୍ଞାମାଳ ଚରମ୍ପା ବରାଳ ପୋଖରୀ ଶ୍ରୀ ହନୁମାନ ମନ୍ଦିରରୁ ଶତାଧିକ ଭକ୍ତଙ୍କ ଦ୍ୱାରା ଅଣାଯାଇ ଗାନ୍ଧୀପଡ଼ିଆ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ନ ୪ଟାରେ ୫ ହଜାରରୁ ଅଧିକ୍ ସଂଖ୍ୟାର ମହିଳା ଗାନ୍ଧୀପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ସାଳନ୍ଦୀ ନଦୀ ଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରି ବଜାର, ଟାଉନହଲ ଛକ, ନୂଆବଜାର ହୋଇ ଗାନ୍ଧୀ ପଡ଼ିଆକୁ ଫେରିଥିଲେ। ଯଜ୍ଞ ମଣ୍ଡପରେ ରୀତିନୀତି ମୁତାବକ ପୂଜାକର୍ମ ଆରମ୍ଭ କରାଯାଇଛି। ଆଜିଠାରୁ ଏହି ପୂଜା ଯଥା, ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ତ୍ତାକର୍ତ୍ତୀ ଭାବେ ସନାତନ ସାହୁ, ପ୍ରହ୍ଲାଦ ନାୟକ, ଅମ୍ବିକା ପ୍ରସନ୍ନ ଦାସ, ସନ୍ତୋଷ ସାହୁ, ରବି ସାହୁ ସପତ୍ନୀକ ସଂକଳ୍ପ କରିଛନ୍ତି। ଆଜି ବାବା ଆଖଣ୍ଡଳମଣିଙ୍କ ପୀଠରୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବରିଷ୍ଠ ସମାଜସେବୀ କିଶୋର ମହାପାତ୍ର, ବିରଜା କ୍ଷେତ୍ରରୁ ସମିତିର ଉପଦେଷ୍ଟା ବଦ୍ରୀ ନାରାୟଣ ଧଳ, ଭଦ୍ରକାଳୀଙ୍କ ପୀଠରୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିବା ବେଳେ ମହିଳାଙ୍କ କଳସ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଓ ବ୍ଲକସ୍ତରର ମହିଳା ନେତୃତ୍ୱମାନେ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ବିଶାଳ କଳସ ଶୋଭାଯାତ୍ରାରେ ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପ ସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, ଦୀନବନ୍ଧୁ ପତି, କହ୍ନେଇ ଦାସ, ସାଧାରଣ ସମ୍ପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦଚନ୍ଦ୍ର ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ଆଇନଜୀବୀ ତୁଷାରକାନ୍ତ ଦାସ ଏବଂ ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବ ଶଙ୍କର ଦାସ, ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ, ରଘୁନାଥ ସାହୁ, ବରିଷ୍ଠ ସଦସ୍ୟ ବିଜୟ ଭୂଷଣ ନାୟକ, ଡ. ଦେବରାଜ ପାତ୍ର, ପ୍ରତାପ ଦାସ, ଶ୍ରୀକାନ୍ତ ଲେଙ୍କା, ମାନସ ବାରିକ, ବୃନ୍ଦାବନ ଜେନା, ରଞ୍ଜନ ବଳ, ବିଶ୍ୱରଞ୍ଜନ ଦାସ, ରଞ୍ଜିତ ମହାପାତ୍ର, ଚନ୍ଦନ ନାୟକ, ମହିଳା ସେବିକା ରଞ୍ଜିତା ସ୍ୱାଇଁ, ଗୀତାଞ୍ଜଳି ପଢିଆରୀ, ମାଳତୀ ଲତା ସାହୁ, ପଙ୍କଜିନି ଲେଙ୍କା, ମନସ୍ମିତା ଖୁଣ୍ଟିଆ, କଳ୍ପନା ଜେନା, ଭାରତୀ ବିଶ୍ୱାଳ, ଉର୍ମିଳା ସେଠୀ, ପଦ୍ମିନୀ ଦ୍ୱିବେଦୀ, ରମିତା ପାଢ଼ୀ, ସୁମିତ୍ରା ପାଣି, ମଧୁସ୍ମିତା ମହାପାତ୍ର, ଶ୍ରାବଣୀ କିନ୍ନର ପ୍ରମୁଖ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

## କାର୍ଯ୍ୟାଳୟରେ ଯୋଗଦେଲେ ଅଧୀକ୍ଷଣ ଯନ୍ତ୍ରୀ



**ବାରିକପୁର,୪।୪(ସମିସ):** ଟଣାଓଟରା ଭିତରେ ଆଜି ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ବୈତରଣୀ ଜଳସମ୍ପଦ ଡିଭିଜନ କାର୍ଯ୍ୟାଳୟକୁ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ପ୍ରବେଶ କରିଛନ୍ତି। ସୂଚନାଯୋଗ୍ୟ, ୩ ବର୍ଷ ପୂର୍ବରୁ ରାଜ୍ୟ ସରକାର ଆଖୁଆପଦା ଆନିକଟ ଠାରେ ଏକ ଡିଭିଜନ ସ୍ତରୀୟ କାର୍ଯ୍ୟାଳୟ ପାଇଁ ସ୍ୱୀକୃତୀ ପ୍ରଦାନ କରିଥିଲେ। ଜଣେ ବରିଷ୍ଠ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଉକ୍ତ ଯନ୍ତ୍ରୀଙ୍କ ଅବସର ପରେ ୨୦୨୨ ଜୁନ ମାସରୁ ଯାଜପୁର ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ଶ୍ରୀ ଘଡ଼େଇଙ୍କୁ ଆଖୁଆପଦା ଡିଭିଜନର ନିୟମିତ ଅଧିକ୍ଷଣ ଯନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି। ସେଥିପାଇଁ ମାର୍ଚ୍ଚ ୨୯ତାରିଖ ଦିନ ବିଭାଗ ସ୍ତରରେ ନିର୍ଦ୍ଦେଶନାମା ଜାରି ହୋଇଛି। ପରିତାପର ବିଷୟ ଆଖୁଆପଦା ନାମରେ ଧାମନଗର ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ଠାରେ ଅଧିକ୍ଷଣ ଯନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ପାଇଁ ପ୍ରସ୍ତୁତି ଶେଷ ହୋଇଥିବା ଅଭିଯୋଗ ହୋଇଥିଲା। ଏପରିକି ସେଠାରେ ନାମ ଫଳକ ଲାଗିଥିବା ବେଳେ ଯନ୍ତ୍ରୀ ଦୁଇ ଦିନ ରହି କାର୍ଯ୍ୟ ମଧ କରିଥିଲେ। ଜଳସମ୍ପଦ ବିଭାଗ ଗୁପ୍ତରେ ଅତି ଚତୁରତାର ସହ ଏସବୁ କାର୍ଯ୍ୟ କରିଥିବା ବେଳେ ଟେଣ୍ଡର ଲଟେରୀ ମଧ ଧାମନଗର ଠାରେ ହୋଇଥିଲା। ଘଟଣା ଜଣାପଡିବା ପରେ ଭଣ୍ଡାରିପୋଖରୀବାସୀଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ଆଡୁ ଏଭଳି ବେଆଇନ କାର୍ଯ୍ୟକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏପରିକି କଥା ବିଧାନସଭାକୁ ଯାଇଥିଲା। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ପୂର୍ବ ସ୍ଥାନ ଆଖୁଆପଦା ବୈତରଣୀ ଆନିକଟ ଠାରେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ପାଇଁ ଦୃଢ଼ ଦାବି କରିଥିଲେ। ତେଣୁ ମୁଖ୍ୟଯନ୍ତ୍ରୀ ଆଜି ପୂର୍ବ ସ୍ଥାନର କାର୍ଯ୍ୟାଳୟରେ ଉପସ୍ଥିତ ରହି କାର୍ଯ୍ୟ କରିଥିବା ଜଣାପଡିଛି।

## ଧାମନଗର ସହରରେ ଲାଗିଲା ସିସି କ୍ୟାମେରା



**ଧାମନଗର,୪।୪(ସମିସ):** ଧାମନଗର ଏକ ସମ୍ବେଦନଶୀଳ ଅଞ୍ଚଳ ତେଣୁ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗେଇବା ପାଇଁ ଦୀର୍ଘ ଦିନ ହେବ ଶାନ୍ତି କମିଟି ବୈଠକରେ ବରିଷ୍ଠ ସଦସ୍ୟ ମାନେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏବେ ଉକ୍ତ ଦାବି ପୂରଣ ହେବାକୁ ଯାଉଛି। ଧାମନଗର ସହରାଞ୍ଚଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ତଥା ବଡ଼ ବଜାର, ସାନ ବଜାର, ମେଡିକାଲ ବଜାର, ମେଡିକାଲ ବଜାର ମେଲଣ ଛକ, ଖାନକା ସରିଫ୍ ଛକ, ଏସ୍‌ଡିପିଓ ଅଫିସ ସମ୍ମୁଖରେ, ବ୍ଲକ ବଜାର, ଗୁମଗଡ ଛକ ଆଦି ସ୍ଥାନରେ ସିସି କ୍ୟାମେରା ଲଗାଯାଉଛି ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି। ଏହି ସବୁ ସ୍ଥାନରେ ଲାଗିବା ଦ୍ୱାରା ବିଭିନ୍ନ ସମୟରେ ଧାମନଗର ଅଞ୍ଚଳରେ ପାଳନ ହେଉଥିବା ପର୍ବ ପର୍ବାଣୀ, ଭସାଣି ଉତ୍ସବ ଓ ଶୋଭାଯାତ୍ରାମାନଙ୍କରେ ଘଟୁଥିବା ବିଭିନ୍ନ ଗଣ୍ଡଗୋଳ ଓ ଟ୍ରାଫିକ ସମସ୍ୟାକୁ ନେଇ ଘଟୁଥିବା ଅପ୍ରୀତିକର ଘଟଣା ଓ ଉତ୍ତେଜନା ପରିସ୍ଥିତି ନିୟନ୍ତ୍ରଣ ହୋଇ ପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପକୁ ଧାମନଗର ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରିବା ସହିତ ଧନ୍ୟବାଦ ଜଣାଇଛନ୍ତି। ଏପଟେ ଏହାକୁ ନେଇ ଅସାମାଜିକ ବ୍ୟକ୍ତିଙ୍କ ମନରେ ଛନଙ୍କା ପଶିଥିବା ବେଳେ ଚିନ୍ତାରେ ପଡିଛନ୍ତି।

## ଓଡ଼ିଆରେ ନାମଫଳକ ସଚେତନତା ପଦଯାତ୍ରା




**ଭଦ୍ରକ,୪।୪(ସମିସ):** ଓଡ଼ିଆ ପକ୍ଷ ନିମନ୍ତେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ବିଭିନ୍ନ ଦୋକାନ ଓ ବାଣିଜ୍ୟକ ଅନୁଷ୍ଠାନରେ ଓଡ଼ିଆରେ ନାମଫଳକ ପାଇଁ ସଚେତନତା ପଦଯାତ୍ରା ଆଜି ସକାଳେ ଜିଲ୍ଲାପାଳ ଦୀଲିପ ରାଉତରାଏଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏହି ପଦଯାତ୍ରାରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ ଦପ୍ତର ପର୍ଯ୍ୟନ୍ତ ଚାଲିଥିଲା। ଏହି ପଦଯାତ୍ରାରେ ଜିଲ୍ଲାପାଳ ଶ୍ରୀ ରାଉତରାଏଙ୍କ ସମେତ ଅତିରିକ୍ତ ଜଲ୍ଲାପାଳ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଦାୟିତ୍ୱରେ ଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ପୌରନିର୍ବାହୀ ଅଧିକାରୀ ତାପସ କୁମାର ସାମଲ, ମଣ୍ଡଳ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା, ଟାଉନ ଥାନା ଅଧିକାରୀ ପ୍ରଭାଂଶୁଶେଖର ମିଶ୍ର, ସ୍ଥାନୀୟ ବ୍ୟବସାୟୀ ସଂଘର କର୍ମକର୍ତ୍ତା, ବିଭିନ୍ନ ବଣିକ ସଙ୍ଗଠନର କର୍ମକର୍ତା, ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବେ ବାସୁଦେବପୁର ପୌରାଞ୍ଚଳ, ଧାମନଗର ଓ ଚାନ୍ଦବାଲି ବିଜ୍ଞପିତ ଅଞ୍ଚଳ ଦାୟିତ୍ୱରେ ଥିବା ସହ ଶ୍ରମ ଅଧିକାରୀ ଦ୍ୱାରା ସଂପୃକ୍ତ ଅଞ୍ଚଳରେ ସଚେତନତା ପଦ ଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

## ସରପଦା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭଣ୍ଡାରିପୋଖରୀ,୪।୪(ସମିସ):** ଭଣ୍ଡାରିପୋଖରି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାତ ଅଧୀନ ସରପଦା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ମଧ ଇଂରାଜୀ ସ୍କୁଲ ପ୍ରଧାନଶିକ୍ଷକ ଉଦୟ ନାଥ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବ୍ଲକ ଶିକ୍ଷାଧିକାରୀ ଅଧିର ତରାଇ, ମୁଖ୍ୟବକ୍ତା ପୂର୍ବତନ ସିଆର୍‌ସିସି ଗଦାଧର ବାରିକ, ବିଆରସିସି ଅକ୍ଷୟ ଜେନା,ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ମଲ୍ଲିକ, ଯୁବ ସାମ୍ବାଦିକ ବିଶ୍ୱମ୍ବର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପଣ୍ଡା, ଏମଏସ ସଭାପତି ବସନ୍ତ ସାହୁ, ସମାଜସେବୀ ଭଗୀରଥି ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା, ସଂସ୍କାର, ନୈତିକ ଶିକ୍ଷା କ୍ଷେତ୍ରରେ ସରପଦା ବିଦ୍ୟାଳୟ ବ୍ଲକ ସ୍ତରରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ବୋଲି ଅଭିମତ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱାରା ସଙ୍ଗୀତ, ନୃତ୍ୟ ଓ ଏକକ ଅଭିନୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଶିକ୍ଷକ ସଞ୍ଜୟ କୁମାର ବଳ କରିଥିବା ବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ଶିକ୍ଷକ ସ୍ମୃତି ରଞ୍ଜନ ଦାଶ ପାଠ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆରେ ନାମଫଳକ ଲେଖିବାକୁ ଦାବିପତ୍ର

**ଭଦ୍ରକ,୪।୪(ସମିସ):** ସରକାରୀ ନିୟମ ଅନୁଯାୟୀ ଓଡ଼ିଶାର ବ୍ୟବସାୟୀ, ବାଣିଜ୍ୟିକ ପ୍ରତିଷ୍ଠାନ ତଥା ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଓଡ଼ିଆରେ ନାମ ଫଳକ ଲେଖିବା କଥା। ସରକାର ଏଥି ପ୍ରତି ଜିଲ୍ଲାପାଳ ଓ ଅନ୍ୟାନ୍ୟ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କୁ ନିର୍ଦ୍ଦେଶନାମା ଜାରୀ କରିଥିଲେ ମଧ ବାସ୍ତବରେ ଏହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇ ନାହିଁ। ଭଦ୍ରକ ଜିଲ୍ଲାରେ ମଧ ଏହାକୁ ଅଣଦେଖା କରାଯାଇଥିବାରୁ ଆଜି ଉତ୍କଳ ସମ୍ମିଳନୀ ଭଦ୍ରକ ଶାଖାର କର୍ମକର୍ତା ଓ ସଦସ୍ୟ ସଦସ୍ୟାମାନେ ଭଦ୍ରକ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଏହାକୁ ଗ୍ରହଣ କରି ଯଥାଶୀଘ୍ର କାର୍ଯ୍ୟକାରୀ କରାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦାବୀପତ୍ର ପ୍ରଦାନ ବେଳେ ସଭାପତି ଝରଣା ପଟ୍ଟନାୟକ, ସମ୍ପାଦକ ଅଜୟ ନାୟକ, ଯୁଗ୍ମ ସଂପାଦକ ବାବୁଲାଲ ଦାସ, ସଂଗଠନ ସମ୍ପାଦକ ଚର୍ଚ୍ଚିକା ମହାପାତ୍ର, ସୁଧାକର ରାଉତ, ଡ.ରାଧାରାଣୀ ମହାପାତ୍ର, ଗୀତାରାଣୀ ଆଇଚ, ଲକ୍ଷ୍ମୀକାନ୍ତ ବାରିକ, ବିବେକାନନ୍ଦ ମୁଖାର୍ଜୀ, ଅନ୍ନପୂର୍ଣ୍ଣା ସାହୁ, ଅମର ପାଣିଗ୍ରାହୀ, ମୁକ୍ତିକାନ୍ତ ମହାପାତ୍ର, ତପନ କୁମାର ଡାକୁଆ ତଥା ସମ୍ମିଳନୀର ବହୁ ସଦସ୍ୟ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ତିହିଡ଼ି,୪।୪(ସମିସ):** ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଝିଙ୍କିରିଆ ଗାଁର ଜଣେ ଯୁବକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛି। ସୂଚନା ଅନୁଯାୟୀ, ସ୍ୱର୍ଗତଃ ଲକ୍ଷ୍ମୀଧର ମହାଳିକଙ୍କ ପୁଅ ଗଦାଧର ମହାଳିକ(୩୭) ଗତକାଲି ଅପରାହ୍ନରୁ ନିଖୋଜ ଥିଲେ। ତେବେ ନିକଟସ୍ଥ ମାଲସାହି ପୋଖରୀ ହୁଡ଼ାରେ ତାଙ୍କର ଫୋନ, ସାର୍ଟ ଆଦି ରହିଥିବାର ଲୋକେ ଦେଖିବା ପରେ ଦମକଳ ବାହିନୀକୁ ଖବର ଦେଇଥିଲେ। ଖୋଜାଖୋଜି କରିବା ପରେ ରାତ୍ରିରେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ସମ୍ଭବତଃ ସେ ପାଣିରେ ବୁଡ଼ିଯିବା ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଅନୁମାନ କରାଯାଉଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ତିହିଡ଼ି ଥାନାରେ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଖୁଣ୍ଟ ଟେକୁଥିବା ବେଳେ ଠିକା କମ୍ପାନୀ ଶ୍ରମିକ ମୃତ

**ତିହିଡ଼ି,୪।୪(ସମିସ):** ଟାଟାପାୱାର ଅଧୀନରେ କାର୍ଯ୍ୟ କରୁଥିବା ଏକ ଠିକା କମ୍ପାନୀର କର୍ମଚାରୀଙ୍କର ବିଦ୍ୟୁତ ଖୁଣ୍ଟ ଟେକୁଥିବା ବେଳେ ଶାବଳ ବାଜି ମୃତ୍ୟୁବରଣ କରିଛନ୍ତି। ତିହିଡ଼ି ଥାନା ଅଧୀନ ବଉଳପାଳ ଗାଁରେ ହରପ୍ରିୟା କମ୍ପାନୀ ଆଜି ବିଦ୍ୟୁତ ଖୁଣ୍ଟ ପୋତିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏକ ବିଦ୍ୟୁତ ଖୁଣ୍ଟକୁ ଶାବଳ ସାହାଯ୍ୟରେ ଗଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ହଠାତ ଶାବଳଟି ଛିଟିକି ପଡ଼ି ସଂଜୟ ଭୋଇ (୩୬) ନାମକ ଜନୈକ ଶ୍ରମିକଙ୍କ ଛାତିରେ ପିଟି ହୋଇଯାଇଥିଲା। ସେ ସଂଜ୍ଞାହୀନ ହୋଇପଡ଼ିଥିବା ବେଳେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସଂଜୟଙ୍କ ଘର କଟକ ଜିଲା କିଶୋର ନଗର ଥାନା ଅଧୀନ ଖେଣ୍ଟାଳ ଗ୍ରାମରେ ବୋଲି ଜଣାପଡ଼ିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

## ବଢୁଛି ଲଘୁ ଖଣିଜ ଚୋରା ଚାଲାଣ



**ଅସୁରାଳି,୪।୪(ସମିସ):** ଧୂଷୁରୀ ଥାନା ଅଞ୍ଚଳରେ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ବିଭିନ୍ନ ସ୍ଥାନରେ ବେନିୟମ ଭାବେ ବାଲି ଘାଟ ଖୋଲା ଯାଇ ପ୍ରତିଦିନ ଶହ ଶହ ଟ୍ରକ ଟ୍ରାକ୍ଟର ଓ ହାଇୱାରେ ଅହରହ ବାଲିଚାଲାଣ ହେଉଛି। ଖଣି ବିଭାଗ ସବୁ ଦେଖି ନିରବ ହେଇରହିଛି। ନଦୀରୁ ବାଲି ଉଠାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ କଟାଯିବା ଦ୍ୱାରା ବନ୍ଧ ଦୁର୍ବଳ ହେଉଛି। ନିର୍ଦ୍ଧାରିତ ପରିମାଣ ଠାରୁ ଅଧିକ ପରିମାଣରେ ବାଲି ବୋଝେଇ ହୋଇ ଭାରୀଯାନ ନଦୀବନ୍ଧ ଓ ରାସ୍ତାରେ ଚାଲିବା ଦ୍ୱାରା ନଦୀ ଓ ରାସ୍ତା ନଷ୍ଟ ହେଉଛି। ବାଲିଚାଲାଣ ବେଳେ ଗାଡ଼ିରୁ ଖସୁଥିବା ପାଣିମିଶା ବାଲି ପାଇଁ ଦୁର୍ଘଟଣା ମଧ ଘଟୁଛି । ସେହିପରି ବାଲି ବୋଝେଇ ଗାଡ଼ିରେ ପାଲ ଢଙ୍କା ଯାଉ ନ ଥିବାରୁ ବାଲି ଉଡି ପଥଚାରୀଙ୍କ ଆଖିରେ ପଡୁଛି। ଅଧିକାଂଶ ସମୟରେ ବାଲି ଗାଡ଼ି ପାଇଁ ରାସ୍ତାରେ ଗହଳି ହୋଇ ଦୁର୍ଘଟଣା ଘଟୁଛି। ପ୍ରତିବର୍ଷ ନଦୀ ଗର୍ଭରୁ ଏଭଳି ବେନିୟମ ଭାବେ ବାଲି ଉଠାଣ ପରିମାଣ ବଢୁଥିବା ବେଳେ ଏଥିପାଇଁ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଏ ବାବଦରେ ଲୋକେ ଜିଲ୍ଲା ପ୍ରଶାସନ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ହେଁ ସମସ୍ୟାର କୌଣସି ସମାଧାନ ହୋଇ ନ ଥିବାରୁ ଅସନ୍ତୋଷ ବଢ଼ିବାର ଚାଲିଛି। ଧାମନଗର ଅଞ୍ଚଳରେ ବୈତରଣୀ ନଦୀର ବିଭିନ୍ନ ଜାଗାରେ ବେଆଇନ ବାଲିଘାଟ ଚାଲିଛି। ସୁନ୍ଦରପୁର ଦୋହରା, ବାଲିପାଟଣା, ବାସୁଦେବ ପୀଠ, ଅର୍ଜୁନପୁର, ହସନାବାଦ, ଅସ୍ତକ, ମମାଦୁଲା, ପଙ୍ଗଟା ଘାଟ, ସଇଲୋ, ଏ ସମସ୍ତ ଘାଟରେ ଡ୍ରେଜର ଅନବରତ ବାଲି ଖୋଳି ନଦୀବନ୍ଧ ଦୁର୍ବଳ କରିବା ଯୋଗୁଁ ଯାତାୟତରେ ବାଧା ଉପୁଜୁଚି।

## କୁମ୍ଭାରିଆ ବିଦ୍ୟାଳୟ ହେବ 'ଆଦର୍ଶ'ସ୍କୁଲ୍



**ବାରିକପୁର,୪।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲି ପୋଖରୀ ପଞ୍ଚାୟତ କୁମ୍ଭାରିଆ ନୋଡାଲ ସ୍କୁଲ୍ ଆଦର୍ଶ ବିଦ୍ୟାଳୟ ମଡେଲରେ ନିର୍ମିତ ହେବ। ସରକାରଙ୍କ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ଏହାର ନବକଳେବର ହେବ ବୋଲି ଜଣାପଡିଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପ୍ରାୟ ୩ ଏକର ୪୨ ଡେସିମିଲ ସ୍ଥାନରେ ଉକ୍ତ ବିଦ୍ୟାଳୟଟି ୧୯୫୬/୫୭ ମସିହାରେ ନିର୍ମିତ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ବ୍ରଜକିଶୋର ପରିଡା ଏଥିପାଇଁ ଭୂମି ଦାନ କରିବା ସହିତ ତାଙ୍କ ପ୍ରଚେଷ୍ଟା ଯୋଗୁଁ ଏଠାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ନୋଡାଲ ବିଦ୍ୟାଳୟ ଭାବେ ପରିଚିତ ହୋଇଥିଲା। ବର୍ତମାନ ଏଠାରେ ପ୍ରଥମରୁ ଅଷ୍ଟମ ଯାଏଁ ପିଲା ଅଧ୍ୟୟନ କରୁଥିବା ବେଳେ ଏଥିପାଇଁ ଆବଶ୍ୟକ ଶିକ୍ଷକ ମଧ ନିଯୁକ୍ତି ହୋଇଛନ୍ତି। ପର୍ଯ୍ୟାପ୍ତ ପରିମାଣର ଭିତିଭୂମି ଓ ଅନ୍ୟାନ୍ୟ ସବୁ ଦୃଷ୍ଟିରୁ ଅନୁଧ୍ୟାନ କରି ସରକାରଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଅଧିକାରୀ ମାନେ ଉକ୍ତ ବିଦ୍ୟାଳୟଟି କୁ ପ୍ରଥମ ପର୍ଯ୍ୟାୟରେ ଆଦର୍ଶ ମଡେଲରେ ନିର୍ମିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ପ୍ରଶାସନ-ସାମ୍ବାଦିକଙ୍କ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା



**ଭଣ୍ଡାରିପୋଖରୀ,୪।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବଡ଼ ନପଙ୍ଗ ଯାତ୍ରା ପଡିଆ ଠାରେ ରାତ୍ରୀ କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ବ୍ଲକ ପ୍ରଶାସନର ଅମଲା କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗଣମାଧ୍ୟମ ପ୍ରତିନିଧି ମାନେ ନିର୍ଦ୍ଧାରିତ ୬ ଓଭର ଖେଳି ୩୯ ରନ୍ ସଂଗ୍ରହ କରିଥିବା ବେଳେ ଅମଲା କର୍ମଚାରୀ ମାନେ ୪ ଓଭର ଖେଳି ୪୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ବିଡ଼ିଓ ଦେବଦତ ଦାଶଙ୍କ ନେତୃତ୍ୱରେ ପଦ୍ମନାଭ ରାଉତ ଓ ପ୍ରକାଶ ନାୟକ ଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଖେଳରେ ସାମିଲ ହୋଇଥିଲେ। ସେହିଭଳି ସାମ୍ବାଦିକ ରାଜେନ୍ଦ୍ର ଶତପଥୀ ଓ ଜଗବନ୍ଧୁ ଦାସଙ୍କ ତତ୍ତ୍ୱାବଧାନରେ ଗଣମାଧ୍ୟମ ପ୍ରତିନିଧି ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଅମ୍ପାୟର ଭାବେ ସତ୍ୟଜିତ ନାୟକ ଓ ସୁଦିପ୍ତ ନାୟକ ଖେଳ ପରିଚାଳନା କରିଥିଲେ। ଉଦଘାଟନୀ ମ୍ୟାଚରେ ସ୍ଥାନୀୟ ସରପଞ୍ଚ ସୁଭାଷିନୀ ନାୟକ, ନାଏବ ସରପଞ୍ଚ ତପସ୍ୱିନୀ ରାଉତ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାକୁ ରତିରଞ୍ଜନ ନାୟକ, ଜୟ ନାରାୟଣ ଜେନା, ରତିକାନ୍ତ ଜେନା, ତପନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### କଳାହାଣ୍ଡି କପ୍ କ୍ରିକେଟ୍ ଲିଗ୍

## ଭଦ୍ରକ ଗ୍ରୁପ୍-ଏଫ୍ ଚାମ୍ପିଅନ



ଭଦ୍ରକ,୪।୪(ସମିସ)

ଭଦ୍ରକ କିକେଟ ଦଳ ଲଗାତାର ଚତୁର୍ଥ ବର୍ଷ ପାଇଁ ୫ଟି ବିଜୟ ଓ ଗୋଟିଏ ପରାଜୟ ସହିତ ଗ୍ରୁପ୍ ଚାମ୍ପିଅନ୍ ହେବାର ସୌଭାଗ୍ୟ ଲାଭ କରିଛି। ରାଜ୍ୟର ମର୍ଯ୍ୟାଦାଜନକ କଳାହାଣ୍ଡି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର 'ଗ୍ରୁପ୍-ଏଫ୍' ରେ ସ୍ଥାନିତ ଭଦ୍ରକ, ମାର୍ଚ୍ଚ ୨୭ ତାରିଖରେ ତାର ଅଭିଯାନ ଆରମ୍ଭ କରିଥିଲା ଓ ପ୍ରଥମ ମ୍ୟାଚ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ କୁ ୮ ୱିକେଟ୍‌ରେ ପରାସ୍ତ କରିଥିଲ। ମାତ୍ର ୬ ରନ୍ ବିନିମୟରେ ୪ଟି ୱିକେଟ୍ ଅଧିକାର କରି ବିଜୟର ସାରଥୀ ସାଜିଥିବାରୁ ଅଧିନାୟକ କ୍ଷମାସାଗର ବଳଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଦଳ ପାଇଁ ସାହିଲ୍ ଖାନ୍ ସର୍ବାଧିକ ୬୦ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ ସମ୍ବଲପୁରଠାରୁ ପରାଜୟ ବରଣ କରିଥିଲା। ସମ୍ବଲପୁର ୨୩୨ ରନ୍ ସଂଗ୍ରହ କରିଥିବା ବେଳେ ଭଦ୍ରକ ୧୮୯ ରନ୍ ସଂଗ୍ରହ କରି ୪୩ ରନ୍ ପଛରେ ରହିଯାଇଥିଲା। ତୃତୀୟ ମ୍ୟାଚ୍‌ରେ ଭଦ୍ରକ ୬ ୱିକେଟ୍ ବିନିମୟରେ ରାୟଗଡ଼ାକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ କ୍ଷମାସାଗର ବଳ ୨୦ ରନ୍ ବିନିମୟରେ ୩ଟି ୱିକେଟ୍ ଓ ବ୍ୟାଟିଂ କରି ୫୨ ରନ୍ ସଂଗ୍ରହ କରିଥିବାରୁ ପୁଣି ଥରେ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ ହୋଇଥିଲେ। ଚତୁର୍ଥ ମ୍ୟାଚ୍‌ରେ ଭଦ୍ରକ ଶକ୍ତିଶାଳୀ କଟକ- 'ବି'କୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା। 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ଭଦ୍ରକର କିଶନ୍ ମନୋହର ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ୫ମ ମ୍ୟାଚ୍‌ରେ ଭଦ୍ରକ ଦୁଇ ୱିକେଟ୍‌ରେ ଗଞ୍ଜାମକୁ ପରାସ୍ତ କରିଥିଲା। ଦଳ ତରଫରୁ ଆକାଶ ମହାପାତ୍ର ୯୩ ରନ୍ ସଂଗ୍ରହ କରି 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ପାଇଥିଲେ। ଏପ୍ରିଲ୍ ୩ ତାରିଖ ଦିନ ଖେଳାଯାଇଥିବା ଷଷ୍ଠ ଓ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭଦ୍ରକ ୨୭ ରନ୍ ବ୍ୟବଧାନରେ ଢେଙ୍କାନାଳକୁ ପରାସ୍ତ କଲା। ମାତ୍ର ୩୬ ରନ୍ ବିନିମୟରେ ୪ ଟି ୱିକେଟ୍‌ର ଅଧିକାରୀ ଅଧିନାୟକ କ୍ଷମାସାଗର ବଳ ତୃତୀୟ ଥର ପାଇଁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ଗ୍ରହଣ କରିଥିଲେ। ଏହି ବିଜୟ ସହିତ ଭଦ୍ରକ ଗ୍ରୁପ୍ ଚାମ୍ପିଅନ୍ ହେବା ସହିତ ଆସନ୍ତା ୬ ତାରିଖ ଦିନ କଟକ 'ଏ' ବିପକ୍ଷରେ କ୍ୱାର୍ଟର ଫାଇନାଲ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। କ୍ରମାଗତ ଚାରିବର୍ଷ ଧରି ଭଦ୍ରକ ଗ୍ରୁପ୍ ଚମ୍ପିୟନ୍ ହେବାର ଗୌରବ ଅର୍ଜନ କରି ଓଡିଶା କ୍ରିକେଟ୍‌ରେ ନିଜର ଦବଦବା ଜାହିର୍ କରିଥିବାରୁ ଭଦ୍ରକର କ୍ରୀଡ଼ା ଜଗତରେ ଆନନ୍ଦର ଲହରୀ ଖେଳିଯାଇଛି। ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ଧୀରେନ୍ ପଲାଇ, ସଭାପତି ଉପେନ୍ଦ୍ର କୁମାର ବାରିକ ଓ ପରିଚାଳନା ସମିତିର ସଦସ୍ୟ ମାନେ 'ଟିମ୍ ଭଦ୍ରକ'ର କୋଚ୍ ତଥା ମ୍ୟାନେଜର୍ ଅସିତ ଦାସ, ଅଧିନାୟକ ତଥା ସମସ୍ତ କ୍ରିକେଟର୍ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗ: ସୁପ୍ରିମକୋର୍ଟଙ୍କ ପରାମର୍ଶକୁ ପୁଣି ଉଲ୍ଲଂଘନ**

# ପ୍ରଭାବିତ ମାଲକାନଗିରିରେ ହେଲା ନାହିଁ ଗ୍ରାମସଭା

ଭୁବନେଶ୍ୱର,୪।୪(ସମିସ): ପୋଲାଭରମ ପ୍ରକଳ୍ପକୁ ନେଇ ଆନ୍ଧ୍ରର ୯ ଟି ଗ୍ରାମରେ ଗ୍ରାମସଭା କରିଛନ୍ତି ସମ୍ପୃକ୍ତ ରାଜ୍ୟ ସରକାର। ଜମି ଅଧିଗ୍ରହଣ ତଥା ଥଇଥାନ ପାଇଁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ପରିବାରଙ୍କ ସହମତି ନେବାକୁ ଏହି ଗ୍ରାମସଭା ଆୟୋଜନ କରାଯାଇଛି। ମାତ୍ର ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁଥିବା ମାଲକାନଗିରି ଅଞ୍ଚଳରେ ଗ୍ରାମସଭା ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆନ୍ଧ୍ର ସରକାର ପୁଣି ଉଲ୍ଲଂଘନ କରିଛନ୍ତି । ଏହି ଅଞ୍ଚଳରେ ଗ୍ରାମସଭା ପ୍ରସଙ୍ଗକୁ ଆନ୍ଧ୍ର ସରକାର ଏଡ଼ାଇ ଯାଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାର ପୋଲାଭରମ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି । ଯାହାକୁ ନେଇ ଓଡ଼ିଶାର ବିରୋଧୀଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ।

'ଆମ ଜନତା ଅଧିକାର' ସଂଗଠନର ସଂଯୋଜକ ପ୍ରସନ୍ନ ବିଷୋୟୀ କହିଛନ୍ତି ଯେ ଆନ୍ଧ୍ର ନିଜ ଲୋକଙ୍କ ପାଇଁ କେତେ ତତ୍ପର ସେମାନଙ୍କ କାର୍ଯ୍ୟକଳାପରୁ ସ୍ପଷ୍ଟ ହେଉଛି। ଅର୍ଥନୈତିକ ଲାଭ ସହ ନିଜ ଲୋକେ କିଭଳି କ୍ଷତି ନ ସହିବେ ସେ ନେଇ ଚିନ୍ତା କରି କାର୍ଯ୍ୟ କରୁଛନ୍ତି; କିନ୍ତୁ ଓଡିଶା ସରକାରଙ୍କ ଆଦୌ ଚିନ୍ତା ନାହିଁ କି

■ **ଆନ୍ଧ୍ରର ବିଭିନ୍ନ ଅଞ୍ଚଳରେ ଗ୍ରାମସଭା କରୁଛନ୍ତି ସରକାର**

■ **ଓଡ଼ିଶା ସରକାରଙ୍କ ଉଦାସୀନତାକୁ କଂଗ୍ରେସର ସମାଲୋଚନା**

ଆଗ୍ରହ ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏ ଯାଏ ଓଡ଼ିଶାରେ ସାମାନ୍ୟତମ ପଦକ୍ଷେପ ବି ନିଆଗଲା ନାହିଁ। ଆନ୍ଧ୍ର ରାଜନୈତିକ ମୁଲଚାଲ କରୁଛି; କିନ୍ତୁ ଓଡିଶା ସରକାର ଚୁପ ରହିଛନ୍ତି। ଓଡିଶା ବିଜେପି ସରକାର ଓ ୨୦ ବିଜେପି ସାଂସଦଙ୍କୁ ଇତିହାସ କେବେ କ୍ଷମା ଦେବ ନାହିଁ। ଏ ପ୍ରସଙ୍ଗରେ ଆମ ଜନତା ଅଧିକାର ପକ୍ଷରୁ ମାଲକାନଗିରି ଜିଲ୍ଲାରେ କ୍ଷୟକ୍ଷତି ସଂକ୍ରାନ୍ତ ସର୍ଭେ କରୁଛି। ଏହା ଶେଷ ହେବା ପରେ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଭେଟି ପଦକ୍ଷେପ ନେବାକୁ ଦାବି କରିବେ ଶ୍ରୀ ବିଷୋୟୀ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ରାଜ୍ୟ ସରକାରଙ୍କୁ ଏହି ପ୍ରସଙ୍ଗରେ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ମାଲକାନଗିରି ଜିଲ୍ଲାର ଆଦିବାସୀମାନେ ପୋଲାଭରମ ପ୍ରକଳ୍ପ ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହେବେ; କିନ୍ତୁ ଏ ଯାଏ ସେଠାରେ ପଲ୍ଲୀସଭା ଗ୍ରାମସଭା ହୋଇନାହିଁ। ଆନ୍ଧ୍ର ସରକାର ନିଜ ରାଜ୍ୟରେ କ୍ଷତିଗ୍ରସ୍ତଙ୍କ ପାଇଁ ଗ୍ରାମସଭା କରୁଛନ୍ତି, ମାତ୍ର ଓଡ଼ିଶା ସରକାର ନିରବରେ ତାହାକୁ ଦେଖୁଛନ୍ତି। ଏହି ପ୍ରସଙ୍ଗ ବିଧାନସଭାରେ ଉଠାଯାଇଥିଲା, ସରକାର ତୁଣ୍ଡ ଖୋଲିଲେ ନାହିଁ। କେନ୍ଦ୍ର ସରକାର ଆନ୍ଧ୍ରକୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି ଓ ଏପଟେ ପୋଲାଭରମ ପ୍ରସଙ୍ଗରେ ଚୁପ୍ ରହିବାକୁ ଓଡ଼ିଶା ସରକାରଙ୍କ ଉପରେ କେନ୍ଦ୍ର ଚାପ ପକାଉଛି। ପୋଲାଭରମ୍ ପ୍ରକଳ୍ପ ଯୋଗୁ ମାଲକାନଗିରିର ୧୬୩ ଆଦିବାସୀ ଗାଁ ଜଳମଗ୍ନ ହେବ, ତିନି ଚାରୋଟି ନଦୀର ଜଳ ମଧ୍ୟ ନିଷ୍କାସିତ ହେବ ନାହିଁ। ଆଦିବାସୀ ମାନେ ତ୍ରାହି ତ୍ରାହି ଡାକିଲେଣି। ରାଜ୍ୟ ସରକାରଙ୍କ ଏହି ଐତିହାସିକ ଭୁଲ ଭବିଷ୍ୟତରେ ଓଡ଼ିଶା ପାଇଁ କ୍ଷତିକାରକ ହେବ ବୋଲି ସେ କହିଛନ୍ତି ।

ଅନୁରୂପ ଭାବରେ ସିପିଆଇଏମଏଲ ନେତା ରାଧାକାନ୍ତ ସେଠୀ କହିଛନ୍ତି ଯେ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ପୋଲାଭରମ୍ ପ୍ରସଙ୍ଗରେ ଯେଉଳି ସ୍ୱର ଉତ୍ତୋଳନ କରୁଥିଲେ ଏବେ ତାହା ଦେଖାଯାଉ ନାହିଁ। କ୍ଷମତା ପାଇଁ ବିଜେପି ସବୁ ଆନ୍ଧ୍ରକୁ ଦେଇଦେଇଛି। ଲୋକଙ୍କୁ ନ୍ୟାୟଦେବାକୁ ବିଜେପି କେବେ ବାହାରିବ ନାହିଁ। ଏବେ ଆଦିବାସୀ ସମ୍ପ୍ରଦାୟର ଲୋକେ ନିଜେ ନିଜ ପାଇଁ ଲଢ଼ିବା ଆରମ୍ଭ କରିଛନ୍ତି ଓ ପ୍ରମୁଖ ବିରୋଧୀ ଦଳ ଗୁଡିକ ମଧ୍ୟ ସେମାନଙ୍କ ସହ ଛିଡା ହେବେ। ପୋଲାଭରମ ପ୍ରସଙ୍ଗରେ ଆଦିବାସୀଙ୍କର ଏକ ବଡ଼ ସଂଗ୍ରାମ ହେବ ବୋଲି ଶ୍ରୀ ସେଠୀ କହିଛନ୍ତି।

■ **ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି**

# ଆବେଦନ ତାରିଖ ନୁହେଁ; ମୃତ୍ୟୁ ତାରିଖ ବିଚାରଯୋଗ୍ୟ

ଭୁବନେଶ୍ୱର,୪।୪(ସମିସ): ସରକାରୀ କ୍ଷେତ୍ରରେ ଅନୁକମ୍ପାମୂଳକ ନିଯୁକ୍ତିରେ ଆବେଦନ ତାରିଖ ବଦଳରେ ମୃତ୍ୟୁ ତାରିଖ ବିଚାରକୁ ନିଆଯିବ। ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ ୨୦୧୬ ଲାଗୁ ହେବା ପରେ ଏବଂ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ ୨୦୨୦ ଲାଗୁ ହେବା ପୂର୍ବରୁ ସମ୍ପୃକ୍ତ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ଆବଶ୍ୟକ। ସମ୍ପୃକ୍ତ ପରିବାରର ବାର୍ଷିକ ଆୟ ୧,୯୧,୦୦୦ ଟଙ୍କା (ପରିବାର ପେନସନ୍‌କୁ ଛାଡ଼ି)ରୁ ଅଧିକ ହୋଇନଥିବା ଆବଶ୍ୟକ। ଆଜି ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିୟମ ଲାଗୁ ହେବା ଫଳରେ ଅନୁକମ୍ପା ନିଯୁକ୍ତିକୁ ନେଇ ନ୍ୟାୟାଳୟରେ ବିଚାରାଧୀନ ଥିବା ଶତାଧିକ ମାମଲାର ପରିସମାପ୍ତି ଘଟିବ ବୋଲି କୁହାଯାଇଛି। ଏହି ନୂଆ ନିୟମ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ-୨୦୨୫ ଭାବେ ଜଣାଯିବ। ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ପ୍ରକ୍ରିୟାକୁ ସରଳ କରିବା ଲାଗି ମାର୍ଚ୍ଚ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା।

ବିଭାଗ ପକ୍ଷରୁ କୁହାଯାଇଛି ଯେ ୨୦୨୦ରେ ଏହି ନିୟମ ଲାଗୁ ହେବା ତାରିଖ ପୂର୍ବରୁ ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ୨୦୨୦ ମସିହା ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ। ୨୦୧୬ ପୂର୍ବରୁ ଯେଉଁ ମୃତ କର୍ମଚାରୀଙ୍କ ପରିବାର ସଦସ୍ୟ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ଅସହାୟ ପ୍ରମାଣ ପତ୍ର ଦେଇଥିବେ ସେମାନଙ୍କୁ ଆଉ ତାହା ଦାଖଲ କରିବା ଆବଶ୍ୟକ ନାହିଁ। କିନ୍ତୁ ୨୦୧୬ରୁ ୨୦୨୦ ମଧ୍ୟରେ ମୃତ୍ୟୁ ପାଇଁ ନିଯୁକ୍ତି ଆବେଦନ କରିଥିଲେ ଜିଲ୍ଲାପାଳଙ୍କ ଠାରୁ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ ହେବ। ଗେଜେଟ ପ୍ରକାଶ ଦିନ ଠାରୁ ଏହି ଅନୁକମ୍ପା ନିଯୁକ୍ତି ନିୟମ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

# ହାସ୍ୟାଭିନେତା ନରି ପଣ୍ଡାଙ୍କୁ ଯାତ୍ରା ବାସନ୍ଦ

ଭୁବନେଶ୍ୱର, ୪।୪ (ସମିସ): ହାସ୍ୟାଭିନେତା ନରି ପଣ୍ଡା ଓ ପ୍ରତାପ ମହାନ୍ତିଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଯାତ୍ରାରୁ ବାସନ୍ଦ କରିଛି ଯାତ୍ରା ମାଲିକ ସଂଘ। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ

**ପୀୟୂଷଙ୍କ ପାଇଁ ବସିବ ଆଉ ଏକ ବୈଠକ**



ସଂଘର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଚୁକ୍ତି ଟଙ୍କାକୁ ନେଇ ତୁଳସୀ ଗଣନାଟ୍ୟର ମାଲିକଙ୍କୁ ଦୁର୍ବ୍ୟବହାର କରିବା ଓ ଥାନାରେ ମାମଲା କରିବା ଉଭୟଙ୍କୁ ମହଙ୍ଗା ପଡ଼ିଛି। ତୁଳସୀ ଗଣନାଟ୍ୟ ମାଲିକ ତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ସଙ୍ଗୀନ ଅଭିଯୋଗ ଆଣିଥିଲେ ନରି। ତେବେ ଏନେଇ ହାସ୍ୟାଭିନେତା ଶ୍ରୀ ପଣ୍ଡା କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

ସେହିପରି ଆସନ୍ତା ଶୁକ୍ରବାର ଯାତ୍ରା କଳାକାର ପୀୟୂଷ ତ୍ରିପାଠୀଙ୍କୁ ନେଇ ଯାତ୍ରା ମାଲିକ ସଂଘର ବୈଠକ ହେବ ବୋଲି ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା ଜଣାପଡ଼ିବ। ପୀୟୂଷ ଅସୁସ୍ଥ ଥିବା ତାଙ୍କ ବାପା ଯାତ୍ରା ସଂଘକୁ ଜଣାଇଛନ୍ତି। ତେଣୁ, ଆସନ୍ତା ସପ୍ତାହରେ ହେବାକୁ ଥିବା ବୈଠକରେ ସେ ଯୋଗଦେବେ ନାହିଁ ବୋଲି ମାଲିକ ସଂଘ ସଭାପତି ଭରତ ଭୂଷଣ ଦେଓ ସୂଚନା ଦେଇଛନ୍ତି।

ସେପଟେ ପୀୟୂଷଙ୍କ ବାପା ହରିଶଙ୍କର ତ୍ରିପାଠୀ ଯାତ୍ରା ମାଲିକ ସଂଘର ସଭାପତିଙ୍କୁ ଲେଖିଥିବା ଚିଠିରେ ଜଣାଇଛନ୍ତି ଯେ ତାଙ୍କ ପୁଅ ଆର୍ଥିକ ଓ ପାରିବାରିକ ସମସ୍ୟା ପାଇଁ ଘରେ ରହିବେ। ଅପେରା ସୂର୍ଯ୍ୟମନ୍ଦିର ଓ ସିଂହବାହିନୀ ପାର୍ଟି ବାବଦରେ ସମସ୍ତେ ସମସ୍ତଙ୍କ କଥା କହିଲେ, ହେଲେ କେହି ତାଙ୍କ କଥା ଶୁଣିଲେ ନାହିଁ। ତାଙ୍କ ପରିବାର ନିଷ୍ପତ୍ତି ଅନୁଯାୟୀ, ପୀୟୂଷ ୨୦୨୫-୨୬ରେ ଘରେ ରହିବେ। ତେଣୁ ଦୁଇଟି ଯାକ ଯାତ୍ରା ପାର୍ଟି ମାଲିକ ଦେଇଥିବା ଅଗ୍ରୀମ ଫେରାଇନେବାକୁ ସଂଘର ସଭାପତିଙ୍କୁ ଅନୁରୋଧ କରିଛନ୍ତି ପୀୟୂଷଙ୍କ ବାପା।

# ରାଜପଥ ପାର୍ଶ୍ୱ ଓ ଶିଳ୍ପ ପ୍ରକଳ୍ପ ଅଞ୍ଚଳରେ କେତେ ଗଛ ଲଗାଇଛ ଜଣାଅ: ହାଇକୋର୍ଟ

କଟକ, ୪।୪ (ସମିସ): ରାଜ୍ୟରେ ଶିଳ୍ପ ସଂସ୍ଥାଗୁଡ଼ିକ ଗଢ଼ିଉଠିବା ପରେ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ପ୍ରତିପୂରକ ବନୀକରଣ କାର୍ଯ୍ୟ ଏକପ୍ରକାର ମନ୍ଥର ହୋଇପଡ଼ିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ରାଜ୍ୟର ସମସ୍ତ ଶିଳ୍ପ ପ୍ରକଳ୍ପ ସମେତ ଜାତୀୟ ଓ ରାଜ୍ୟ ରାଜପଥ ଅଞ୍ଚଳରେ କେତେ ଚାରାରୋପଣ କରାଯାଇଛି, ତାହା ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଚନ୍ଦନ ମହାନ୍ତିଙ୍କ ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଶିଳ୍ପ ପ୍ରତିଷ୍ଠା ପରେ ଗଛଗୁଡ଼ିକ କଟାଯିବା ବଦଳରେ କାମ୍ପା ପାଣ୍ଠି ବିନିଯୋଗ କରାଯାଇ କେତେ ଦୂର ପ୍ରତିପୂରକ ବନୀକରଣ କାର୍ଯ୍ୟ କରାଯାଇଛି ଓ କେତେ ପାଣ୍ଠି ପଡ଼ି ରହିଛି, ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ। ଏ ସମ୍ପର୍କିତ ସତ୍ୟପାଠ ଆସନ୍ତା ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନନ୍ତ ନାରାୟଣ ପଟ୍ଟନାୟକ, ଜେଏସ୍‌ଡବ୍ଲୁ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ମାମଲା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୧୪ ତାରିଖକୁ ଧାର୍ଯ୍ୟ ହୋଇଛି।

**କାମ୍ପା ପାଣ୍ଠି ବିନିଯୋଗ ସମ୍ପର୍କରେ ସତ୍ୟପାଠ ଦାଖଲ ନିର୍ଦ୍ଦେଶ**

ମାମଲାରୁ ପ୍ରକାଶ ଯେ ଜଗତସିଂହପୁର ଜିଲ୍ଲା ଏରସମାର ଢିଙ୍କିଆ ଅଞ୍ଚଳରେ ଜେଏସ୍‌ଡବ୍ଲୁ ପକ୍ଷରୁ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଶହଶହ ସଂଖ୍ୟାରେ ଗଛ କଟାଯାଉଥିବା ପ୍ରସଙ୍ଗରେ ରୁଜୁ ମାମଲାକୁ ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିଥିଲେ। ହାଇକୋର୍ଟରେ କେନ୍ଦ୍ରାପଡ଼ା ରାଜନଗର ଡିଏଫ୍‌ଓ ମଧ୍ୟ ହାଜର ହୋଇ କେତେ ଗଛ କଟାଯାଇଛି, ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି କମ୍ପାନୀ ପକ୍ଷରୁ ଦର୍ଶାଯାଇଥିଲା ଯେ ରାଜ୍ୟ ସରକାରଙ୍କ ନିକଟରେ ବନୀକରଣ ବା ଚାରାରୋପଣ ପାଇଁ ଅର୍ଥ ଜମା କରିଦିଆଯାଇଛି। ଜେଏସ୍‌ଡବ୍ଲୁ ଷ୍ଟିଲ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଢିଙ୍କିଆ ଅଞ୍ଚଳରେ ଏକ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ବେଆଇନ ଭାବେ ଗଛକଟାକୁ ବିରୋଧ କରି ଏହି ମାମଲା ଦାୟର ହୋଇଥିଲା।

## ଅବଶିଷ୍ଟାଂଶ...

### ସରିଲା ବଜେଟ...

ଆରମ୍ଭ ହେବା ପର୍ଯ୍ୟନ୍ତ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ ଘୋଷଣା କରିଥିଲେ। ଏହି ଅଧିବେଶନରେ ୧୬ଟି ବିଲକୁ ମଞ୍ଜୁରୀ ଦିଆଯାଇଛି ଏବଂ ଗୃହର ଉତ୍ପାଦକତା ୧୧୮ ପ୍ରତିଶତରୁ ଅଧିକ ଥିଲା ବୋଲି ବାଚସ୍ପତି ବିର୍ଲା କହିଥିଲେ। କିନ୍ତୁ ବାଚସ୍ପତି କହୁଥିଲା ବେଳେ ବିରୋଧୀ ସଦସ୍ୟମାନେ ୱାକଫ୍ ବିଲକୁ ନେଇ ପୁଣିଥରେ ହୋହାଲ୍ଲା କରିଥିଲେ। ବିନା ଆଲୋଚନାରେ ଏହି ବିଲ୍‌କୁ ମଞ୍ଜୁରୀ ଦିଆଯିବା ଦୁର୍ଭାଗ୍ୟଜନକ ଏବଂ ଏହା ଗୃହର ମର୍ଯ୍ୟାଦା କ୍ଷୁଣ୍ଣ କରିଛି ବୋଲି ବିରୋଧୀ କହିଥିଲେ। ଏହାପରେ ବାଚସ୍ପତିଙ୍କ ପକ୍ଷରୁ ଆୟୋଜିତ ଚା' ପାର୍ଟିରେ ସମସ୍ତେ ଯୋଗ ଦେଇଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ।

### ୮ ରାଜ୍ୟରେ...

ଦେଇଥିଲା। ବିଲକୁ ଚ୍ୟାଲେଞ୍ଜ କରି ତାମିଲନାଡୁ ସରକାର ସୁପ୍ରିମକୋର୍ଟ ଯିବେ ବୋଲି ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ କହିଥିଲା ବେଳେ ଖୁବଶୀଘ୍ର ଯାଚିକା ଦାଏର କରାଯିବା ବୋଲି ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଜମ୍ମୁ କଶ୍ମୀରର ନ୍ୟାସନାଲ କନଫରେନ୍ସ ମେଣ୍ଟ ପକ୍ଷରୁ ମଧ୍ୟ ୱାକଫ୍ ବିଲକୁ ବିରୋଧ କରି ଶୁକ୍ରବାର ଏକ ପ୍ରସ୍ତାବ ପାରିତ ହୋଇଥିବା ଜଣାପଡ଼ିଛି।

### ଥାନା ଜାଳିଦେବି...

ପ୍ରଦର୍ଶନ କରାଯାଉଛି ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିବା ସହ ଏହାର ଭିଡ଼ିଓ ରେକର୍ଡିଂ କରି ପୁଲିସ ନିକଟକୁ ପଠାଇଥିଲେ। କିଛି ସମୟ ମଧ୍ୟରେ ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଭିଡ଼ିଓ ପ୍ରମାଣ ଆଧାରରେ ଟାଉନ ଥାନା ପୁଲିସ ଘଟଣାସ୍ଥଳରୁ ଖଣ୍ଡା ଜବତ ସହ ୮ ଜଣଙ୍କ ନାମରେ କେସନଂ ୯୫/୨୫ରେ ମାମଲା ରୁଜୁ କରିଥିଲା। ଏହାକୁ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କ୍ରୋଧିତ ହୋଇ ପୁଲିସକୁ ଧମକ ଦେଇଥିବା ଅଭିଯୋଗ ହୋଇଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ରାତିରେ ଟାଉନ ଥାନା ଆଇଆଇସି ସୁବ୍ରତ ମେହେରଙ୍କୁ ଫୋନ କରି ଜୟନାରାୟଣ ମିଶ୍ର ଅତ୍ୟନ୍ତ କଟୁ ଶବ୍ଦରେ ଗାଳି କରିଛନ୍ତି । କାହିଁକି ତାଙ୍କ ପିଲାମାନଙ୍କ ଖଣ୍ଡା ଜବତ କରାଯାଇଛି ବୋଲି ପ୍ରଶ୍ନ କରିବା ସହ ଅସଭ୍ୟ ଭାଷା ପ୍ରୟୋଗ କରିଛନ୍ତି । କେବଳ ସେତିକି ନୁହେଁ, ଥାନା ପୋଡ଼ିଦେବାକୁ ମଧ୍ୟ ଜୟନାରାୟଣ ଚେତାବନୀ ଦେଇଛନ୍ତି । ଜୟନାରାୟଣ ଏତିକିରେ ଶାନ୍ତ ପଡ଼ି ନ ଥିଲେ। ସେ ବନ୍ଧୁକ ଧରି ବୁଲିବି ଓ ସମସ୍ତଙ୍କୁ ଗୁଳିକରି ମାରିବି, ତୁମମାନଙ୍କୁ ପିଟିବି ବୋଲି ମଧ୍ୟ ସେ ଧମକ ଦେଇଛନ୍ତି।

କିଛି ଦିନ ପୂର୍ବରୁ ହନୁମାନ ଜୟନ୍ତୀ କମିଟି ବୈଠକରେ ଜୟନାରାୟଣ ତାଙ୍କୁ ଚ୍ୟାଲେଞ୍ଜ କଲେ ହନୁମାନ ଜୟନ୍ତୀରେ ଖଣ୍ଡା ବୁଲାଇବି ବୋଲି ଖୋଲାଖୋଲି କହିଥିଲେ। ମାତ୍ର ଦୁଇ ଦିନ ପରେ ସେ ବନ୍ଧୁକ ଧରି ବୁଲିବେ ବୋଲି ପୁଲିସକୁ ଖୋଲା ଖୋଲି ଚ୍ୟାଲେଞ୍ଜ କରିଛନ୍ତି। ଥାନା ଅଧିକାରୀଙ୍କୁ ଜୟନାରାୟଣ ଫୋନ୍‌ରେ ଧମକ ଦେବା ସମୟରେ ଅନ୍ୟ ଦୁଇଜଣ ପୁଲିସ କର୍ମଚାରୀ ମଧ୍ୟ ଉପସ୍ଥିତ ଥିବା ସୂଚନା ମିଳିଛି । ଏ ସଂକ୍ରାନ୍ତରେ ପୁଲିସ ଟାଉନଥାନାରେ ଜୟନାରାୟଣଙ୍କ ନାମରେ ଏକ ଏତଲା ରୁଜୁ କରିଛି । ୨୦୨୩ ମସିହାରେ ହନୁମାନ ଜୟନ୍ତୀ ବେଳେ ତତ୍କାଳୀନ ମହିଳା ପୁଲିସ ଆଇଆଇସିଙ୍କୁ ଚାପୁଡ଼ା ମାରି ଜୟନାରାୟଣ ବିବାଦରେ ପଡ଼ିଥିଲେ ଓ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିଲା । ସୁପ୍ରିମକୋର୍ଟ ମଧ୍ୟ ଏହି ମାମଲାରେ ଜୟନାରାୟଣଙ୍କ ଆଗୁଆ ଜାମିନ ଆବେଦନ ରଦ୍ଦ କରିଦେଇଛନ୍ତି।

ଜୟନାରାୟଣଙ୍କ ଥାନା ପୋଡ଼ି ଦେବାକୁ ଓ ବନ୍ଧୁକ ଧରି ଗୁଳି କରିଦେବାକୁ ଧମକ ଏବେ ପୁଲିସକୁ ଅଡୁଆ ପରିସ୍ଥିତିରେ ପକାଇଛି । ଅନ୍ୟ କୌଣସି ବ୍ୟକ୍ତି ହୋଇଥିଲେ ଏତେବେଳକୁ ପୁଲିସ ତାଙ୍କୁ ହାଜତରେ ଭର୍ତ୍ତି କରିସାରନ୍ତାଣି। ମାତ୍ର ଧମକର ୨୪ ଘଣ୍ଟା ପରେ ମଧ୍ୟ ଜୟନାରାୟଣଙ୍କ ପ୍ରସଙ୍ଗରେ ପୁଲିସ ହାତବାନ୍ଧି ବସିଛି । ଅନ୍ୟପକ୍ଷରେ ପୁଲିସ ଡିଜି ଆଇନକୁ ହାତକୁ ନେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ରାଉରକେଲାରେ ଜୟନାରାୟଣ ମିଶ୍ରଙ୍କ ଧମକ ପ୍ରସଙ୍ଗରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଯେଉଁମାନେ ଆଇନକୁ ହାତକୁ ନେବେ, ସେମାନଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ମାତ୍ର ଜୟନାରାୟଣଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ ସେ ସମ୍ପର୍କରେ ସେ ନିରବ ରହିଛନ୍ତି ।


**OFFICE OF THE REGULATED MARKET COMMITTEE, JAGATSINGHPUR**

At- Gopalsagar, P.O/Dist- Jagatsinghpur, Pin-754103

No.-379 / Date-04.04.2025

**RECRUITMENT NOTICE**

Applications are invited from eligible candidates for the single post of Junior Clerk at RMC, Jagatsinghpur. Interested candidates can visit https://jagatsinghpur.odisha.gov.in to download the Application Form along with detailed advertisement. Candidates must submit their application along with relevant documents to the Secretary R.M.C., Jagatsinghpur through speed post only.

Important dates

| Event | Start Date & Time | End Date & Time |
|---|---|---|
| Submission of Application | Dt. 05.04.2025 / 10.00A.M | By 5.00 P.M on or before Dt.21.04.2025 |

Sd/- Sub-Collector-Cum-Chairman
R.M.C., Jagatsinghpur



**ODISHA HYDRO POWER CORPORATION LIMITED**

OHPC

BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051

Phones: 06861-232581 (O)/232641 (R) : FAX:06861-232541.,E-Mail unit.head_balimela@yahoo.com

REGD. OFFICE:ODISHA HYDRO POWER CORPORATION LIMITED

(A Govt. of Odisha Undertaking)

ODISHA,STATE POLICE HOUSING & WELFARE CORPORATION BUILDING, VANIVIHAR CHOUK,JANAPATH,BHUBANESWAR-751022

CIN: U40101OR1995SGC003963, GSTIN-21AAACO2575P1Z9

TENDER CALL NOTICE NO.: BHEP/01/2025-26, Dtd. 02.04.2025

Sealed Tenders are invited in two part bid basis i.e. (i) Technical bid & (ii) Price bid in separate sealed envelopes from the reputed & experienced Firms having similar or experience in Hydro Turbine Generators works .

| Sl. No. | Description of Services | Cost of tender paper (Non-refundable) in Rs. |
|---|---|---|
| 1 | Correction & Alignment of combined shaft of Unit-1. | 7080/- |

The Sale of Tender Paper will be from : 05.03.2025 to 11.00 Hrs of 15 .04.2025

The last date & time of receipt of tenders : Up 12.00 Hrs of 15.04.2025

Date and time of opening of the tenders : At 12.30 Hrs. of 15.04.2025.

For details of the tender documents, terms and conditions please visit our website www.ohpcltd.com

C&P Head
BHEP, Balimela

OIPR-04019/11/0069/2425 CAD-12



**DISTRICT PROJECT OFFICE, SAMAGRA SHIKSHA, BALANGIR**

AT- COLLEGE CHOWK, PO-DIST: BALANGIR, 767001 Email ID: dpcbolangirssa.opepa@nic.in

n-02

No.XSIII/KGBV/03/2025/737/ Date 03.04.2025

**SHORT TENDER CALL NOTICE**

Sealed Tenders are invited from the intending Registered Firms / Authorized Suppliers eligible as per the conditions specified in the Tender Paper for supply of **Bedding Items** to 13 Nos. of KGBV Hostels of Balangir District.

The detailed BID document is available in the website www.balangir.nic.in & www.osepa.odisha.gov.in. Interested and eligible Registered Firms / Suppliers may download BID DOCUMENT from the above website and apply accordingly to the Office of the undersigned through Speed Post / Regd. Post or Courier only. Corrigendum / Addendum, if required, will be uploaded in the above website. Hence, potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

Collector-cum-Chairman,
Samagra Shiksha, Balangir.

OIPR-27071/11/0005/2425



**AFFIDAVIT**

By virtue of an affidavit before the executive magistrate, Talcher on dt 10/03/2025,I Minati Naik aged about 32yrs d/o Basanta Naik resident of at/po Tentuloi P. S Vikrampur Dist Angul Pin 759124 declare that in my Adhaar Card vide no 297039347703 where my name has been mentioned as Mina Naik d/o Basanta Naik. That I do hereby declare that myself Minati Naik D/O Basanta Naik and Mina Naik D/O Basanta Naik of the above mentioned adress is one and same person in our locality.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Sl No.119, dated- 02/04/2025, I, **Bipul Kumar Dutta,** S/o Late Bimal Chandra Datta, resident of Flat No. B-1302, Tower-B, Shreekhetra Greenwood, Patrapada, PO- Dumduma, PS- Khandagiri, Bhubaneswar, 751019 declare that I have changed my name from **Bipul Kumar Dutta to Bipul Kumar Datta.** Henceforth, I shall be known as **Bipul Kumar Datta** for all purposes.

**Bipul Kumar Datta**

**AFFIDAVIT**

I, Milan Tiberiwal, S/o- Bharat Kumar Tibarewal, resident of At- Palitpada, Po- Chandini Chowk, Ps- Lalbag, Dist- Cuttack, Pin- 753002, Odisha declared by this affidavit No.205, dtd-19/02/2025 that now onwards I shall be known as **MILAN TIBAREWAL** for all future purposes.

**NOTICE**

By virtue of an Affidavit sworn before the Executive Magistrate Bhubaneswar, CF No: 101 on dated 04.04.2025, I Sathi Sahoo W/o Anil Kumar Sahoo, resident of At - Chirgaltala Basti, Prasanti Vihar, Near Hanuman Temple, Po/VTC-Kalarahanga, KIIT, Ps- Infocity, Bhubaneswar, Dist- Khordha, Odisha, Pin- 751024 declare that I have changed my name from Sathi Juanga (Old Name) to Sathi Sahoo (New Name). Henceforth, I shall be known as SATHI SAHOO (New Name) for all future purposes.

Sd- Sathi Sahoo

**AFFIDAVIT**

By virtue of an affidavit sworn before The Executive Magistrate, Sambalpur, dated- 03/04/2025. I, **Sribatsa Mishra,** Address: At- Maruti Nagar, Lane-4, Gobindtola, Po/Ps- Dhanupali, Dist- Sambalpur, PIN- 768005, Odisha declare that I have changed my name from **Shribatsa Mishra To Sribatsa Mishra.** Henceforth, I shall be known as **Sribatsa Mishra** for all future purposes.

**(Sribatsa Mishra)**

**ହଜିଛି**

ଏତଦ୍‌ଦ୍ୱାରା ମୁଖ୍ୟ ପ୍ରବନ୍ଧକ, (ଡିବିଏମ) ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା, ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛନ୍ତି କି ଶ୍ରୀମତୀ ପ୍ରମିଳା ପାତ୍ର ସପକ୍ଷରେ ବିଡିଏ ଦ୍ୱାରା ସମ୍ପାଦିତ ଲିଜ୍ ତଥା ବିକ୍ରୟ ଦଳିଲର ମୂଳ କାଗଜପତ୍ର ଯାହାର ନଂ. ୫୧୮୧/ ୫୧୮୨, ତା ୦୪.୧୧.୧୯୯୬ ଯାହାକି ଘର ନଂ. ଏଇଚି-୨୬୪, ଖାତା ନଂ.: ୩୮୫, ପ୍ଲଟ୍ ନଂ.: ୧୨୦୩, ୧୨୮୩, ୧୨୮୬ ଏବଂ ୧୫୩୯ ସହିତ ସମ୍ବନ୍ଧିତ ଯାହାକି ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ ଶାଖା, ୟୁନିଟ-୧, ଭୁବନେଶ୍ୱରରେ ବନ୍ଧକ ଥିଲା ତାହା ଆମ ବ୍ୟାଙ୍କରେ କୌଣସି ଠାରେ ହଜିଯାଇଛି ଏବଂ ତାହା ମିଳୁନାହିଁ ଯଦି କେହି ଏହାକୁ ପାଆନ୍ତି ତେବେ ବ୍ୟାଙ୍କକୁ ଜଣାଇବାକୁ ଅନୁରୋଧ ।

**AFFIDAVIT**

By virtue of an affidavit sworn before Notary Public, Dharmasala, Jajpur on date 29/03/2025, I **Babirani Mohanty,** W/o- Pratap Mohanty, Village- Oranda, PO- Letheka, PS- Nihalprasad, Dist- Dhenkanal, Odisha declares that I have changed my son's name from **Prithiraj Mohanty to Pruthweeraj Mohanty.** Hence he will be known as **Pruthweeraj Mohanty** for all purposes.

Sd/- Babirani Mohanty

**AFFIDAVIT**

I Thresiamma K A, D/o – Kurubila resident of 123 Carmel Nagar , Vimal Hruday Convent, P.O – Chatrapur, Dist – Ganjam PIN – 761020 , Odisha declare by this affidavit shown before the Executive Magistrate Balasore, Affidavit No – 4189 dt – 03/04/2025 that now onwards I shall be known as THRESIAMMA K A for all future purposes.

Sd/- Thresiamma K A

**AFFIDAVIT**

By virtue of an affidavit vide No2373 dated- 17/03/2025 sworn before the Executive Magistrate, Jajpur, I **Nishiprabha Tripathy** aged 42,D/O Radhashyam Tripathy village Bada Adampur, PS/Dist Jajpur, W/O- Nirakar Panda, Village- Karanjiamala (Taranga Sagarpur) Ps- Dasarathpur, Dist- Jajpur my name **Nishiprabha Tripathy** as per my HSC certificate and other documents my Aadhar No 2563 8271 1493 my name has wrongly maintained as **Nishiprabha Panda** I have changed my name from **Nishiprabha Panda to Nishiprabha Tripathy** for all future purpose.

**AFFIDAVIT**

By virtue of an affidavit sworn before The Executive Magistrate Titilagarh on dated- 02/04/2025. I, **Geetanjali Banchhor** aged about 29 yrs, W/o- Nabin Chhatar, R/o At- Kanarla, PO- Binekela, PS. Titilagarh, Dist- Balangir, Pin- 767033, (Odisha) affirm that I have changed my name from **Gitanjali Chhatar to Geetanjali Banchhor.** Hence forth I shall be known as **GEETANJALI BANCHHOR** for all future purposes.

**Geetanjali Banchhor**

**AFFIDAVIT**

**I, Madhusudan Jogi Gujiri,** S/o.: Gujiri Jogi, Resident of Vill/PO.: Makarajhola, Ward No.: 7, P.S.: Hinjili, Dist.: Ganjam, PIN-761101, Odisha, declare by this affidavit No.: 112, dated 24.03.2025 that now onwards I shall be known as **GUJIRI MADHUSUDAN** for all future purposes.

**AFFIDAVIT**

**I, Mahalaxmi Madhusudan Gujiri,** W/o.: Gujiri Madhusudan, Resident of Vill/PO.: Makarajhola, Ward No.: 7, P.S.: Hinjili, Dist.: Ganjam, PIN-761101, Odisha, declare by this affidavit No.: 111, dated 24.03.2025 that now onwards I shall be known as **GUJIRI MAHALAXMI** for all future purposes.

**AFFIDAVIT**


By virtue of an affidavit before the Notary Public, Kodala, Ganjam, dated- 28/03/2025. I, Swadhina Panda, S/o Lakhman Panda, residing at Birajagannathpur, Po- Beginiapada, Dist- Ganjam have changed my name from Swadhin Kumar Panda to Swadhina Panda. Henceforth, I shall be known as SWADHINA PANDA for all future purposes.

**AFFIDAVIT**

I Sri Barial Baskey, S/o- Dulal Baskey of Village- Dhana, Po- Bisoi, Ps- Bisoi, Dist.- Mayurbhanj, Odisha declared that by affidavit before in the Court of Executive Magistrate, Bisoi, Sl No. - 189, dtd. 02.04.2025 my daughter name MALATI BASKEY born on 22.02.2019 at Manada CHC, Bisoi, Mayurbhanj of all documents as Malati Baskey. But by mistake the name of daugher has been retained as GYANSHREE BASKEY in aadhar card (Aadhar no.-67614579 5900). Hence the name mistake of my daughter may be change as MALATI BASKEY (as per Birth certificate).

Sd/- Barial Baskey

# ସମ୍ପାଦକୀୟ



ଜାତିପ୍ରଥା ଏଭଳି ଏକ ଭୟଙ୍କର ରାକ୍ଷସ, ଯିଏ ତୁମ ଗତିପଥର ପ୍ରତିଟି ପାଦରେ ପ୍ରତିବନ୍ଧକ ସୃଷ୍ଟି କରେ।
- ମହାତ୍ମା ଜ୍ୟୋତିରାଓ ଫୁଲେ

ସକାଳ
THE SAKALA

## ମଧ୍ୟପ୍ରାଚ୍ୟକୁ ନୂଆ ବିପଦ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅହଂକାରର ପରିଣତି କି ରୂପ ନେବ ତାହା ଏବେଠାରୁ ଆକଳନ କରିବା କଷ୍ଟକର। ତେବେ ସେ ଆଗରୁ ନ ବିଚାରି କ୍ରମାଗତ ଗୋଟିକ ପରେ ଗୋଟିଏ ଘୋଷଣା କରି ବିଶ୍ୱ ଜନସମୁଦାୟଙ୍କୁ ସାମୟିକ ହତ୍‌ଚକିତ କରିଥିଲେ ମଧ୍ୟ ସେଗୁଡ଼ିକୁ କାର୍ଯ୍ୟକାରୀ କରିନପାରି ବିବ୍ରତ ସ୍ଥାନରେ ଥିବା ଭଳି ମନେହୁଏ। ଇସ୍ରାଏଲ ଓ ହମାସ ମଧ୍ୟରେ ବର୍ଷାଧିକକାଳ ଚାଲିଥିବା ଯୁଦ୍ଧରେ ସାମୟିକ ବିରତି, ରୁଷ-ୟୁକ୍ରେନ୍ ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଭଳି କେତେକ ପ୍ରସଙ୍ଗ ମାଧ୍ୟମରେ ସେ ସାମୟିକ ପ୍ରଶଂସା ସାଉଁଟିଥିଲେ ମଧ୍ୟ ସମୟକ୍ରମେ ତାହା ବିଗିଡ଼ିବାରେ ଲାଗିଛି। କ୍ଷମତାଲିପ୍ସୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନିଜର ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଟ୍ରମ୍ପ ବ୍ୟାପକ ଯୁଦ୍ଧାସ୍ତ୍ର ଯୋଗାଉଥିବାରୁ ହମାସ୍ କବ୍‌ଜାରେ ଥିବା ପଣବନ୍ଦୀଙ୍କ ମୁକ୍ତି ସମ୍ଭାବନା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଅନ୍ୟପକ୍ଷରେ ଇରାନଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ସେ ମଧ୍ୟପ୍ରାଚ୍ୟରେ ଏକ ବୃହତ୍ତର ଯୁଦ୍ଧର ପୃଷ୍ଠଭୂମି ପ୍ରସ୍ତୁତ କରିଛନ୍ତି। ଏହାକୁ କେହକେହି ତୃତୀୟ ବିଶ୍ୱଯୁଦ୍ଧ ଉପୁଜିପାରେ ବୋଲି ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଥିଲେ ହେଁ ତାହା ଆଗକୁ ଭୟଙ୍କର ତେଲ ସଂକଟ ସୃଷ୍ଟି କରିବା ଏକପ୍ରକାର ନିଶ୍ଚିତ। ଅବିଚାରିତ ଭାବେ ନାଲିଆଖି ଦେଖାଇ ସମସ୍ତଙ୍କୁ ସବୁଦିନ ପାଇଁ ଜବତ କରାଯିବା ସମ୍ଭବ ନୁହେଁ। ତାଙ୍କୁ ପରିବର୍ତ୍ତିତ ବାଣିଜ୍ୟ ନୀତି କଡ଼ା ମୁକାବିଲାର ସମ୍ମୁଖୀନ ହେବା ପରେ ସେ ଅପେକ୍ଷାକୃତ ନରମ ମନୋଭାବ ପ୍ରଦର୍ଶନ କରୁଥିବାର ପରିଲକ୍ଷିତ ହୋଇଛି।

ଆମେରିକା ଓ ଇରାନ ବିଦ୍ୱେଷର ପୃଷ୍ଠଭୂମିକୁ ତର୍ଜମା କଲେ ସ୍ପଷ୍ଟ ହୁଏ ଯେ ତୈଳଭଣ୍ଡାର ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଲୋଲୁପ ଦୃଷ୍ଟି ଓ ନିୟନ୍ତ୍ରଣ। ମଧ୍ୟପ୍ରାଚ୍ୟର ୭ଟି ରାଷ୍ଟ୍ର ସହ ସୁସମ୍ପର୍କ ପ୍ରତିଷ୍ଠା ଓ ସାମରିକ ସହଯୋଗ ମାଧ୍ୟମରେ ଆମେରିକା ପରୋକ୍ଷରେ ତୈଳ ଅର୍ଥନୀତିକୁ ନିୟନ୍ତ୍ରଣ କରିଆସିଛି। ଏ କ୍ଷେତ୍ରରେ ଇରାନ ହିଁ ବ୍ୟତିକ୍ରମ। ଇରାନ ଓ ଆମେରିକା ମଧ୍ୟରେ ବିବାଦର ସୂତ୍ରପାତ ଘଟିଛି ୧୯୫୩ ମସିହାରେ। ତତ୍‌କାଳୀନ ଇରାନ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦିକ ତୈଳ ସମ୍ପଦର ରାଷ୍ଟ୍ରାୟତ୍ତକରଣ ଘୋଷଣା କରିବା ପରେ ଆମେରିକା ବ୍ରିଟେନ୍ ଭଳି ୫ଟି ୟୁରୋପୀୟ ରାଷ୍ଟ୍ରଙ୍କ ସ୍ୱାର୍ଥହାନୀ ଘଟିଥିଲା। ସିଆଇଏ ଓ ବ୍ରିଟେନ୍ ଉଦ୍ୟମରେ ମୋସାଦିକଙ୍କୁ କ୍ଷମତାଚ୍ୟୁତ କରାଗଲା। ସେମାନଙ୍କ ଇସାରାରେ ସାହ୍ ରେଜା ପହଲେଭି ହେଲେ ଇରାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ। ରେଣିକି ସେମାନଙ୍କ ପରାମର୍ଶରେ ଇରାନର ତୈଳଭଣ୍ଡାର ଉନ୍ମୁକ୍ତ ହୋଇଗଲା। ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଏହି ପ୍ରାଧାନ୍ୟ ବିରୋଧରେ ଖାମେନିଙ୍କ ନେତୃତ୍ୱରେ ଯେଉଁ ବିଦ୍ରୋହ ଆରମ୍ଭ ହେଲା, ତାହା ଇରାନରେ ନବଜାଗରଣ ସୃଷ୍ଟି କଲା। ସମୃଦ୍ଧ ରାଷ୍ଟ୍ରଗଠନର ଭିତ୍ତିଭୂମି ପ୍ରତିଷ୍ଠା ମାଧ୍ୟମରେ ଶୂନ୍ୟ ନିର୍ଭରଶୀଳତାକୁ ପ୍ରାଧାନ୍ୟ ଦିଆଗଲା। ହେଲେ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ କୂଟନୈତିକ ଚାପ ଓ ପ୍ରତିବନ୍ଧକ ପ୍ରୟୋଗ ଫଳରେ ଅର୍ଥନୀତିର ଗତିଶୀଳତା ହ୍ରାସ ପାଇଲା ସତ; କିନ୍ତୁ ଇରାନ ଆତ୍ମସମର୍ପଣ କଲାନାହିଁ। ବିଶ୍ୱର ବିକଳ୍ପ ଶକ୍ତି ସହଯୋଗରେ ପ୍ରତିରକ୍ଷା କ୍ଷେତ୍ରରେ କେବଳ ନିଜକୁ ସମର୍ଥ କଲାନାହିଁ; ଆଣବିକ କାର୍ଯ୍ୟକ୍ରମରେ ମଧ୍ୟ ସଫଳତା ହାସଲ କଲା। ଇରାକ, କାତର ଓ ଆଫଗାନିସ୍ଥାନ ଭଳି ଆମେରିକା ଦ୍ୱାରା ନିୟୋଜିତ ଓ ନିଃଶେଷ ହେଲାଭଳି ପରାଭବ ଭୋଗିବାକୁ ଚାହେଁନି ଇରାନ।

ଆମେରିକା ପକ୍ଷରୁ ଆଣବିକ କାର୍ଯ୍ୟକ୍ରମ ନେଇ ବୁଝାମଣା ପାଇଁ ଇରାନକୁ ବାରମ୍ବାର ତାଗିଦ୍ କରାଯାଇଛି। ଟ୍ରମ୍ପଙ୍କ ଏହି ଚାପ ଆପୋଷ ବୁଝାମଣାର ଇଙ୍ଗିତ ନୁହେଁ; ବରଂ ନିର୍ଦ୍ଦେଶ କୁହାଯାଇପାରେ। ଏ ସମ୍ପର୍କରେ ସେ ଇରାନର ଧର୍ମଗୁରୁ ତଥା କ୍ଷମତାକେନ୍ଦ୍ର, ଆୟତୋଲ୍ଲା ଅଲ୍ଲି ଖାମେନିଙ୍କ ନିକଟକୁ ପଠାଇଥିବା ପତ୍ରର ଉତ୍ତର ଓମାନ ମାଧ୍ୟମରେ ଦିଆଯାଇଛି। କିନ୍ତୁ ସମାଧାନ ଓ ବୁଝାମଣାରେ ଉପନୀତ ନ ହେଲେ ଭୟଙ୍କର ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ନିକଟରେ ରାଜି ମାନିବାକୁ ପ୍ରସ୍ତୁତ ନୁହେଁ ଇରାନ। ଖାମେନିଙ୍କ ନିକଟତମ ମହଲରୁ ପ୍ରକାଶ ଯେ ସେଭଳି ଉଦ୍‌ବେଗଜନକ ପରିସ୍ଥିତି ଉପୁଜିଲେ ଆଣବିକ ଅସ୍ତ୍ର ପ୍ରସ୍ତୁତ କରିବାକୁ ପଛଘୁଞ୍ଚା ଦେବନି ତେହେରାନ। ଆମେରିକାର ସମ୍ଭାବ୍ୟ ଆକ୍ରମଣ ମୁକାବିଲା ପାଇଁ ତେହେରାନ ବ୍ୟାପକ ପ୍ରସ୍ତୁତି ଚଳାଇଥିବା ଖବରରୁ ପ୍ରକାଶ। ନିକଟରେ ମିସାଇଲ ସିଟିର ଭିଡ଼ିଓ ପ୍ରତିପକ୍ଷଙ୍କ ଅବଗତି ନିମନ୍ତେ ଛାଡ଼ିଥିବା ଇରାନ ପକ୍ଷରୁ କୁହାଯାଇଛି ଯେ ମଧ୍ୟପ୍ରାଚ୍ୟରେ ୭ଟି ରାଷ୍ଟ୍ରରେ ଥିବା ଆମେରିକାର ବାୟୁସେନା କେନ୍ଦ୍ରରେ ଲକ୍ଷ୍ୟଭେଦ କରିବାର କ୍ଷମତା ଓ ଦକ୍ଷତା ଏହି ବାଲାଷ୍ଟିକ କ୍ଷେପଣାସ୍ତ୍ରର ଅଛି। ଏଭଳି ଏକ ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଦୁଇପକ୍ଷ ନିଜ ନିଜ ପ୍ରସ୍ତୁତି ଓ କ୍ଷମତା ସମ୍ପର୍କରେ ବୟାନବାଜି ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ମହାସାଗରରେ ଥିବା ଡିଆଗୋ ଗାର୍ସିଆରୁ 'ବି-୨ ବମ୍ବର' ପ୍ରୟୋଗ କରିବାର କ୍ଷମତା ସମ୍ପର୍କରେ ଇରାନ ଅବଗତ ଅଛି। ସୂଚନାଯୋଗ୍ୟ କି ଏହା ୪ ହଜାର କିଲୋମିଟର ଦୂରରେ ଲକ୍ଷ୍ୟଭେଦ ଦକ୍ଷତା ରଖିଛି। ପରିସ୍ଥିତିକୁ ଅଧିକ ଜଟିଳ କରିଛି ରୁଷର ତେହେରାନ ପ୍ରତି ବନ୍ଧୁତ୍ୱ। ଇରାନ ତାହାର ବନ୍ଧୁରାଷ୍ଟ୍ର। ତେଣୁ ସାମରିକ କାର୍ଯ୍ୟାନୁଷ୍ଠାନ ହେଲେ ବିନାଶକାରୀ ପରାଭବର ସମ୍ମୁଖୀନ ହେବ ଆମେରିକା। ଇରାନ-ରୁଷ-ଚୀନ ନିକଟରେ ଯେଉଁ ମିଳିତ ସମରାଭ୍ୟାସ କରିଛନ୍ତି, ସେଥିରୁ ସ୍ପଷ୍ଟ ଇଙ୍ଗିତ ମିଳୁଛି ଯେ ଏମାନଙ୍କ ମଧ୍ୟରେ ନିବିଡ଼ ସାମରିକ ସମ୍ପର୍କ ଅଛି। ଏହି ଗୋଷ୍ଠୀରେ ଉତ୍ତରକୋରିଆ ମଧ୍ୟ ଅନ୍ତର୍ଭୁକ୍ତ ହେବା ସମ୍ଭାବନା। ତେଣୁ ଆମେରିକା ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ହଠାତ ଇରାନ ଉପରେ ଆକ୍ରମଣ କରିବାର ସମ୍ଭାବନା କ୍ଷୀଣ।

ଟ୍ରମ୍ପ କ୍ଷମତାସୀନ ହେବାମାତ୍ରେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ସୁସମ୍ପର୍କ ରକ୍ଷା କରି ଯେଉଁ ବନ୍ଧୁତ୍ୱର ହାତ ବଢ଼ାଇଥିଲେ, ତାହା ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇ ପାରିନି। ଅନ୍ୟପକ୍ଷରେ ନାଟୋ ସହଯୋଗୀମାନେ ଏବେ ମଧ୍ୟ ୟୁକ୍ରେନ୍ ସହ ସାମରିକ ସମ୍ପର୍କ ରକ୍ଷାକରି ଆସିଛନ୍ତି। ଇରାନ ପ୍ରସଙ୍ଗରେ ରୁଷର ଖୋଲା ଆଭିମୁଖ୍ୟ ମଧ୍ୟ ଟ୍ରମ୍ପଙ୍କୁ ଚକିତ କରିଛି। ଏହାକୁ ଟ୍ରମ୍ପଙ୍କ କୂଟନୈତିକ ବିଫଳତା କୁହାଯାଇପାରେ। ଏଠାରେ ସ୍ମରଣୀୟ ଯେ ବାରାକ ଓବାମା ୨୦୧୫ରେ ବ୍ରିଟେନ ଓ ଅନ୍ୟ ସହଯୋଗୀଙ୍କ ମାଧ୍ୟମରେ ଇରାନ ସହ ଯେଉଁ ଶାନ୍ତିପୂର୍ଣ୍ଣ ବୁଝାମଣାର ପଥ ପରିଷ୍କାର କରିଥିଲେ, ତାହାକୁ ପୁଣିଥରେ ଆଗେଇ ନେବାର ସୁଯୋଗ ସୃଷ୍ଟି କରାଯାଇପାରେ। ୨୦୧୬ରେ ଟ୍ରମ୍ପ କ୍ଷମତାସୀନ ହେବା ପରେ ଏହି ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଥିଲେ। ଟ୍ରମ୍ପଙ୍କ ସାମ୍ପ୍ରତିକ ବିଦେଶ ନୀତି ସମଗ୍ର ମଧ୍ୟପ୍ରାଚ୍ୟକୁ ପୁଣି ଏକ ବିସ୍ତାରିତ ଯୁଦ୍ଧକ୍ଷେତ୍ରରେ ପରିଣତ କରିବାର ଆଶଙ୍କା ସୃଷ୍ଟି କରିଛି। ●

## ମନ-ମସ୍ତିଷ୍କ ଓ ଗପ-ଗୀତ

**ଡ.ଅନ୍ତର୍ଜିତା ନାୟକ**

ଆଜିକାଲି ପିଲାମାନେ ଆଉ ଗପ ଶୁଣି ଶୋଉନାହାନ୍ତି କି ମା'ମାନେ ଆଉ ଗପ କହୁନାହାନ୍ତି। ତା'ଛଡ଼ା, ଗପ କହିବାକୁ ଆଜିକାଲି ନା ତ ସମୟ ରହୁଛି, ନା ଅଛି ଧୈର୍ଯ୍ୟ। ନାନାବାୟା ଗୀତ କଥା ତ ଛାଡ଼! ତାହା ଆଜିକାଲିକା ମା'ମାନଙ୍କୁ ଆସୁ ନଥିବ ମଧ୍ୟ। ନାନାବାୟା ଗୀତଗାଇ ପିଲାଙ୍କୁ ଶୁଆଇବା କୁଆଡ଼େ 'ଆଉଟ୍‌ଡେଟେଡ୍' ବା ପୁରୁଣାକାଳିଆ। ଡିଜିଟାଲ ଯୁଗରେ ପିଲାମାନେ ମନୋରଞ୍ଜନ ଓ ଶିକ୍ଷା ପାଇଁ ଟେଲିଭିଜନ, ସ୍ମାର୍ଟଫୋନ୍, କମ୍ପ୍ୟୁଟର ଓ ଟାବଲେଟ୍ ପରି ଇଲେକ୍ଟ୍ରୋନିକ୍ ଉପକରଣ ସହିତ ଅଧିକରୁ ଅଧିକ ପରିଚିତ। ଗପ ଓ ନାନାବାୟା ଗୀତ ଯେ ପିଲାମାନଙ୍କର ଜ୍ଞାନାତ୍ମକ, ଭାବପ୍ରବଣ ଓ ସାମାଜିକ ବିକାଶରେ ଗଭୀର ଗୁରୁତ୍ୱ ବହନ କରେ ଏବଂ ଅନେକ ମାନସିକ, ସାମାଜିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସମସ୍ୟାର ସମାଧାନ କରେ, ତାହା କେଜାଣି କେତେ ଲୋକ ବୁଝିପାରୁଛନ୍ତି!

ଗପ ଶୁଣିବା ମସ୍ତିଷ୍କର ଏକାଧିକ ଭାଗକୁ ସକ୍ରିୟ କରିଥାଏ, ଯେଉଁଥିରେ ବ୍ରୋକା ଓ ୱର୍ନିକ୍‌ର କ୍ଷେତ୍ର ଅନ୍ତର୍ଭୁକ୍ତ। ଏହା ଧ୍ୱନି ଓ ବୋଧଗମ୍ୟତାକୁ ସୁସଂହତ କରେ। ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଯେଉଁ ପିଲାମାନେ ନିୟମିତ ଶୋଇବା ସମୟରେ ଗପ ଶୁଣନ୍ତି, ସେମାନଙ୍କର ଭାଷାଗତ ଦକ୍ଷତା ବୃଦ୍ଧି ପାଇଥାଏ। ପ୍ରତିଦିନ ଗପ ଶୁଣି ଶୁଣି ଗପ କହୁଥିବା ବ୍ୟକ୍ତିଙ୍କ ମୁହଁକୁ ଚାହିଁ ଓଠର ଗତିବିଧିକୁ ଲକ୍ଷ୍ୟ କରୁଥିବା ପିଲାଙ୍କ ତୁଳନାରେ ଦିନକୁ ତିନି ଘଣ୍ଟାରୁ ଅଧିକ ମୋବାଇଲ ବା ଟିଭି ଦେଖୁଥିବା ପିଲାଙ୍କର କଥାବାର୍ତ୍ତା କରିବା ଦକ୍ଷତାରେ ୪୦% ବିଳମ୍ବ ଘଟିଥାଏ। ତାହାସହିତ ଯେଉଁମାନେ ନିୟମିତ ଗପ ଶୁଣୁଥା'ନ୍ତି, ସେମାନଙ୍କର ସାକ୍ଷରତା ଦକ୍ଷତା ପାଞ୍ଚବର୍ଷ ବୟସ ସୁଦ୍ଧା ୨୦% ଅଧିକ ହୋଇଥାଏ। ଅଧ୍ୟୟନ ଅନୁଯାୟୀ ଗପ, ପ୍ରି-ଫ୍ରଣ୍ଟାଲ୍ କର୍ଟେକ୍ସର ବିକାଶକୁ ବୃଦ୍ଧି କରେ, ଯାହା ନିଷ୍ପତ୍ତି ନେବା, ଧ୍ୟାନ ଓ ଆତ୍ମନିୟନ୍ତ୍ରଣ ସହିତ ସଂଶ୍ଳିଷ୍ଟ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ, ପିଲାଦିନରୁ ଅଧିକ ସ୍କ୍ରିନ୍ ସଂସ୍ପର୍ଶରେ ଆସିବା ଦ୍ୱାରା ଧ୍ୟାନ ନିଅଣ୍ଟ ବ୍ୟାଧି ହେବାର ଆଶଙ୍କା ୨୫% ବୃଦ୍ଧି ପାଇଥାଏ। ଯେଉଁ ପିଲାମାନେ ଅଧିକ ଗପ ଶୁଣନ୍ତି, ସେଇମାନେ ଅଧିକ ସ୍କ୍ରିନ୍ ଏକ୍ସପୋଜର ଥିବା ପିଲାମାନଙ୍କ ତୁଳନାରେ ଆବେଗ ନିୟନ୍ତ୍ରଣ ଏବଂ ସମସ୍ୟା ସମାଧାନ କରିବାରେ ଅଧିକ ଦକ୍ଷ ହୋଇପାରନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭାଷାର ବିକାଶ ପାଇଁ ସିଧାସଳଖ ମାନବ ପାରସ୍ପାରିକ କ୍ରିୟା ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କୁ ଗପ ଶୁଣାଇବା ଦ୍ୱାରା ପିଲାମାନେ ଜଟିଳ ବାକ୍ୟ ସଂରଚନା ଏବଂ ନୂତନ ଶବ୍ଦଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବରେ ବୁଝିବାରେ ସମର୍ଥ ହୁଅନ୍ତି। ଗପ, ପିଲାଙ୍କର ଧ୍ୟାନ, ଧୈର୍ଯ୍ୟ ଓ କଳ୍ପନାକୁ ମାର୍ଜିତ ଓ ସୃଜନଶୀଳ କରେ, ଯାହା ଶିକ୍ଷାଗତ ସଫଳତା ଏବଂ ସାମାଜିକ ପାରସ୍ପାରିକ କ୍ରିୟା ପାଇଁ ଆବଶ୍ୟକ। ଯେତେବେଳେ ପିଲାମାନେ ଗପ ଶୁଣନ୍ତି, ସେମାନେ ବିଭିନ୍ନ ପ୍ରକାରର ଲୋକ, ଚରିତ୍ର, ସ୍ଥାନ, ପରିସ୍ଥିତି ଓ ପରିକଳ୍ପନା ସହିତ ପରିଚିତ ହୁଅନ୍ତି। ଏହା ଶିଶୁମାନଙ୍କୁ ସୃଜନଶୀଳ, ସହନଶୀଳ, ସାହସୀ, ଉଚ୍ଚ ଆକାଂକ୍ଷୀ, କର୍ତ୍ତବ୍ୟପରାୟଣ, ନ୍ୟାୟପରାୟଣ, ଭଳି ଅନେକ ମାନବୀୟ ଗୁଣ ଶିଖାଇଥାଏ। ନାନାବାୟା ଗୀତ ଓ ଗପ ଆଦି ପିଲାମାନଙ୍କ ମଧ୍ୟରେ ଚାପ ହ୍ରାସ କରିଥାଏ ଓ ଭାବପ୍ରବଣତା ବୃଦ୍ଧି କରିଥାଏ।

ଶିଶୁ ଆଚରଣ ଓ ବିକାଶ ଉପରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ନାନାବାୟା ଗୀତ ଶିଶୁଙ୍କ ହୃଦସ୍ପନ୍ଦନକୁ ନିୟନ୍ତ୍ରଣ କରିବାରେ ଏବଂ ସେମାନଙ୍କ ନିଦ୍ରାର ଗୁଣବତ୍ତାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଗପ ଓ ନାନାବାୟା ଗୀତ ଶୁଣାଇବା ଦ୍ୱାରା ମସ୍ତିଷ୍କ ଅକ୍ସିଟୋସିନ୍ ମୁକ୍ତ କରେ, ଯାହା ଗପ ଶୁଣାଉଥିବା ବା ନାନାବାୟା ଗୀତ ଗାଉଥିବା ବ୍ୟକ୍ତି ଏବଂ ଶୁଣୁଥିବା ପିଲାମାନଙ୍କ ମଧ୍ୟରେ ସମ୍ପର୍କକୁ ମଜଭୂତ କରେ। ସ୍କ୍ରିନ୍-ଆଧାରିତ ପାରସ୍ପାରିକ କ୍ରିୟାରେ ମାନବ ସ୍ପର୍ଶ ଓ ଉଷ୍ମତା ନଥାଏ, ଯାହା କେବଳ ପିତାମାତା, ଜେଜେବାପା-ଜେଜେମା ବା ଗପ କହୁଥିବା ବା ଗୀତ ଗାଉଥିବା ବ୍ୟକ୍ତି ପିଲାଟିକୁ ପ୍ରଦାନ କରିପାରନ୍ତି। ପିଲାଙ୍କର ଗପ ବା ନାନାବାୟା ଗୀତ ଶୁଣିବା ଦୀର୍ଘକାଳୀନ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ। ଛୁଆଟିକୁ କୋଳରେ ଧରି, ତା' ମୁହଁକୁ ଅନାଇ ଗପ କହିବା, ନାନାବାୟା ଗୀତ ଗାଇବା, ଅତି ସାମାନ୍ୟ ବା ଆଜିକା ସମୟରେ ସମୟର ଅପଚୟ ଲାଗି ପାରେ। କିନ୍ତୁ ତାହାର ପ୍ରଭାବ ପିଲାଙ୍କ ଉପରେ ଦୀର୍ଘସ୍ଥାୟୀ। ଆଜିକାଲି ମୋବାଇଲ୍ ଓ ୟୁଟ୍ୟୁବ୍ ରେ ଗୀତ ବାଜୁଥିବ ଏବଂ ସେଇଆକୁ ଶୁଣି ପିଲା ଶୋଇବା ଅଭ୍ୟାସ କରୁଛନ୍ତି କିମ୍ବା ଅଭ୍ୟାସ କରାଯାଉଛି।

ଆଗରୁ ପିଲାଟି ଯେତେବେଳେ ଖାଇବା ପାଇଁ ଅମଙ୍ଗ ହୋଇ ମା'କୁ ହଇରାଣ କରୁଥିଲା, ମା' ସେତେବେଳେ ଗୋଟିଏ ହାତରେ ପିଲାକୁ କାଖେଇ ଆର ହାତରେ ଖାଇବା ଥାଳି ଧରି କାଉ, କୋଇଲି, ପକ୍ଷୀ, ଜୀବଜନ୍ତୁ ଦେଖାଇ, କେତେ ଗପ ଶୁଣାଇ ଖାଇବା ଥାଳି ଶେଷ କରିଦେଉଥିଲା। କିନ୍ତୁ ଆଜି ପିଲାକୁ କାର୍ଟୁନ୍ ସାମ୍ନାରେ ବସାଇ ଦିଅ, ତରବର ହୋଇ ପିଲାଟିକୁ ଚାମୁଚରେ ଖୁଆଇ ଦେଇ କାମ ସାରିଦେଲେ ଗଲା। ଆଜିକାଲି ମା'ଙ୍କ ପାଖରେ ଏତେ ସମୟ ନାହିଁ ଯେ ଭାତ ଗୁଣ୍ଡା କରି, ଏଇଟା ମାମୁଁଙ୍କର ଗୁଣ୍ଡା, ଏଇଟା ଅଜାଙ୍କର ଗୁଣ୍ଡା କହି, ଗପ ଶୁଣାଇ, ଗୀତଗାଇ ପିଲାଟିକୁ କୋଳରେ ବସାଇ ନିଜ ହାତରେ ଖୁଆଇ ଦେବ। ମୋବାଇଲ୍ ଫୋନ୍‌ରେ କାର୍ଟୁନ୍ ସିରିଏଲ୍ କିମ୍ବା ୟୁଟ୍ୟୁବ୍‌ରେ ପିଲାଙ୍କ ଗୀତ ଲଗେଇ ଦେଲେ ପିଲା ଆପେ ଆପେ ଖାଇ ଦେବେ। ଧୀରେ ଧୀରେ ପିଲା ଯେମିତି ବଡ଼ ହୁଅନ୍ତି, ତାଙ୍କର ଜିଜ୍ଞାସୁ ମନକୁ ଖାଦ୍ୟ ଯୋଗାଇବାକୁ ସେମାନେ ବହୁତ ପ୍ରଶ୍ନ କରିଥା'ନ୍ତି। ଯେମିତି, ପତ୍ର କାହିଁକି ସବୁଜ? ବର୍ଷା କେମିତି ହୁଏ? ଆମେ ଦିନରେ କାହିଁକି ତାରା ଦେଖିପାରୁ ନାହାନ୍ତି? ଇତ୍ୟାଦି ଇତ୍ୟାଦି। ଏବେ ଗପ ମାଧ୍ୟମରେ ତାହା ନ ବୁଝାଇ, ପିଲାଟିକୁ ଇଣ୍ଟରନେଟ୍ ବା ୟୁଟ୍ୟୁବ୍ ଦେଖିକି ଶିଖିବାକୁ କହି ଦିଆଯାଉଛି। ଏମିତି କୌଣସି ପ୍ରଶ୍ନ ନାହିଁ, ଯାହାର ଉତ୍ତର ଗୁଗଲ୍ କିମ୍ବା ୟୁଟ୍ୟୁବ୍ ପାଖରେ ନଥିବ। ଆଉ ଗପର ଆବଶ୍ୟକତା ବା କ'ଣ?

ଯୁଗ ଯୁଗ ଧରି ଗପ, କାହାଣୀ, ଲୋକକଥା, ଲୋକସଙ୍ଗୀତ ମାନବ ସଭ୍ୟତାର ଏକ ମୌଳିକ ଅଂଶ ହୋଇ ରହିଆସିଛି। ପରମ୍ପରା, ନୈତିକତା ଓ ଇତିହାସକୁ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପ୍ରଦାନ ପାଇଁ ଏହା ଏକ ମାଧ୍ୟମ ଭାବରେ କାର୍ଯ୍ୟ କରୁଛି। ସାଂସ୍କୃତିକ ସଂରକ୍ଷଣରେ ନାନାବାୟା ଗୀତ, ଲୋକସଙ୍ଗୀତ, ଲୋକକଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଭିନ୍ନ ସଂସ୍କୃତିରେ ଅନନ୍ୟ ନାନାବାୟା ଗୀତ ଓ ଗପ ରହିଛି, ଯାହା ଗଭୀର ଐତିହାସିକ ଓ ସାମାଜିକ ଅର୍ଥ ବହନ କରେ। ଉଦାହରଣ ସ୍ୱରୂପ, ଭାରତରେ ଗପ ଓ ନାନାବାୟା ଗୀତରେ ପ୍ରାୟତଃ ଆଧ୍ୟାତ୍ମିକ ଏବଂ ନୈତିକ ଶିକ୍ଷା ଅନ୍ତର୍ଭୁକ୍ତ, ଯାହା ପ୍ରମାଣିତ କରେ ଯେ ମାନବ ସମାଜ ଏକ ଐଶ୍ୱରୀୟ ଶକ୍ତି ଦ୍ୱାରା ପରିଚାଳିତ। ଆମ ଗପରେ କେତେବେଳେ ଜହ୍ନ ଆମର ମାମୁ ତ ଆଉ କେତେବେଳେ ସୌରମଣ୍ଡଳ ଆମ ମାମୁଁଘର। ବିଲେଇ କେତେବେଳେ ନାନୀ ତ ବିଲୁଆ କେତେବେଳେ ନନା। ନଦୀ କେତେବେଳେ ମା' ତ ଗୁଣ୍ଡୁଚିମୂଷା ମାଉସୀ। ବେଙ୍ଗ କେତେବେଳେ ରାଣୀ ତ ସିଂହ କେତେବେଳେ ରାଜା। ଭାଲୁ କେତେବେଳେ ଭାଇନା ତ ବରଗଛ କେତେବେଳେ ବୁଢ଼ା।

ଗପ ବା ଗୀତରେ ଥିବା ବିବିଧତା ଏହା ଦର୍ଶାଏ ଯେ ପୃଥିବୀରେ ବାସ କରୁଥିବା ସମସ୍ତ ଜୀବଜଗତ ପରସ୍ପର ସହିତ ଜଡ଼ିତ ଏବଂ ଏକ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କରେ ବନ୍ଧା। ହେଲେ ସେଇ ଗପ ଓ ଗୀତର ଲୋପ ସହିତ ଆମେ ମଣିଷ ବୋଧେ ଧୀରେ ଧୀରେ ନିଜ ମଣିଷପଣିଆ ତ୍ୟାଗ କରିଚାଲିଛନ୍ତି। ଆଜିକାଲି ମଣିଷ ଏତେ ବାସ୍ତବବାଦୀ ବା ବସ୍ତୁବାଦୀ ହୋଇଗଲାଣି ଯେ ଗପର ସେଇ କାଳ୍ପନିକ, ପୌରାଣିକ, ଅବିଶ୍ୱସନୀୟ ଭାବ ଓ ଭାବନା ଉପରେ ନା ତ ବିଶ୍ୱାସ କରୁଛି ନା ନିଜ ପିଲାଙ୍କୁ କହିବାକୁ ପସନ୍ଦ କରୁଛି ନା ପିଲାଙ୍କ ଉପରେ ଗପର ସକାରାତ୍ମକ ପ୍ରଭାବକୁ ସ୍ୱୀକାର କରୁଛି। ଆଜି ମଣିଷ ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତାର ଆବିଷ୍କାରକ, ସେତେବେଳେ ଆଇମା' ଗପ, ବାଘମାମୁ, ଜହ୍ନମାମୁ, ଗପରୁ ବା କ'ଣ ମିଳିବ ଭାବିବାଟା ସତରେ କ'ଣ ଯୁକ୍ତିଯୁକ୍ତ? ଗପ, ଗପ ହେଲେ ସୁଦ୍ଧା ତା'ର ଜ୍ଞାନାତ୍ମକ, ଗୁଣାତ୍ମକ ତଥା ସୃଜନାତ୍ମକ ମହତ୍ତ୍ୱ ଗଭୀର। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ବିକଶିତ ଭାରତ ଓ ନିଶାଗ୍ରସ୍ତ ଯୁବଶକ୍ତି

**ଡ. ବିଜୟ କୁମାର ସ୍ୱାଇଁ**

ଜନଗଣନା ଅନୁସାରେ ଭାରତବର୍ଷ ପୃଥିବୀର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାବରେ ପରିଗଣିତ ହୋଇ ଚୀନ୍‌କୁ ପଛରେ ପକାଇଛି। ଚୀନ୍ ସଠିକ୍ ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ କରି ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ସଫଳ ହୋଇଛି। କିନ୍ତୁ ଭାରତବର୍ଷର ଅନିୟନ୍ତ୍ରିତ ଜନବିସ୍ଫୋରଣ ଏହାର ମୁଖ୍ୟ କାରଣ। ଚୀନ୍ ଜନସଂଖ୍ୟା ଅଧିକ ହେଲେ ମଧ୍ୟ ସରକାର ଜନସମୁଦାୟର କର୍ମସଂସ୍ଥାନ କରାଇପାରିଛି ଭାରିଶିଳ୍ପ ଓ କୁଟୀରଶିଳ୍ପ ମାଧ୍ୟମରେ। ଏହି କାରଣରୁ ଚୀନ୍‌ରେ ପ୍ରସ୍ତୁତ ବସ୍ତୁ ଅନ୍ୟ ଦେଶ ତୁଳନାରେ ଶସ୍ତା। ଉତ୍ପାଦିତ ବସ୍ତୁ ଖାଉଟିମାନଙ୍କ ନିକଟରେ ପହଞ୍ଚାଇବା ସେମାନଙ୍କ ବଜାରୀକରଣ ଯୋଜନା ଓ ସୁସଂହତ ବ୍ୟବସ୍ଥା ଚୀନ୍ ଉତ୍ପାଦକୁ ବିଶ୍ୱାଦୃତ କରିପାରିଛି। ଅନ୍ୟ ଏକ କାରଣ ହେଉଛି ସେଠାର ଶାସନ ବ୍ୟବସ୍ଥାର ଅଙ୍କୁଶ ଜନସାଧାରଣଙ୍କୁ କର୍ମଠ କରାଇବାରେ ବାଧ୍ୟ କରିଛି। କିନ୍ତୁ ଭାରତରେ ଅଧିକାଂଶ ଶ୍ରମ କାତର। ଏହି କର୍ମ ବିମୁଖତାର ମୁଖ୍ୟ କାରଣ ମାଗଣା ରାସନ୍, ଆହାର କେନ୍ଦ୍ରରେ ଶସ୍ତାରେ ଖାଦ୍ୟ ମିଳିବା। ପଶ୍ଚିମ ଓଡ଼ିଶାରେ ଗୋଟିଏ ପ୍ରବାଦ ପ୍ରଚଳିତ ଅଛି - 'ସୁଖ ବାସିଆ'। ଏହାର ଅର୍ଥ ହେଉଛି - ଯେଉଁ ଗରିବ, ଖଟିଖିଆ, ମୂଲିଆର ଗୋଟିଏ ବେଳାର ଖାଦ୍ୟ ଅଛି, ପରବର୍ତ୍ତୀ ଓଳି କାମ ନକରି ହାଣ୍ଡିଆ ପିଇ ଶୋଇବା ଅଳସୁଆର ଲକ୍ଷଣ।

ଏତେ ସବୁ ବିପରୀତ ସ୍ଥିତିରେ ମଧ୍ୟ ଭାରତବର୍ଷ ଅର୍ଥନୀତିରେ ପୂର୍ବରୁ ଥିବା ଦଶମ ସ୍ଥାନରୁ ଉନ୍ନୀତ ହୋଇ ପଞ୍ଚମ ସ୍ଥାନରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ତୃତୀୟ ସ୍ଥାନରେ ପହଞ୍ଚିବା ଆକଳନ କରାଯାଇଛି। ତେଣୁ ଭାରତ ଏକ ଦ୍ରୁତବିକାଶଶୀଳ ଅର୍ଥ ବ୍ୟବସ୍ଥା ଦିଗରେ ଧାବମାନ। ଏହାର ମୁଖ୍ୟ କାରଣ ଭାରତର ଯୁବବର୍ଗ, ଯେଉଁମାନଙ୍କ ବୟସ ୨୫ରୁ ୩୫ ବର୍ଷ ମଧ୍ୟରେ। ସେମାନେ ଉଚ୍ଚଶିକ୍ଷିତ, କର୍ମଠ ଓ ଶରୀରରେ ପ୍ରଚୁର ଶକ୍ତି ଓ ଉତ୍ସାହ ଅଛି। ନୂଆ ନୂଆ ବସ୍ତୁ ତିଆରି କରି ଭାରତକୁ ନୂତନ ଶିଖରରେ ପହଞ୍ଚାଇବାରେ ସକ୍ଷମ କରାଇଛି। ସରକାରୀ ପ୍ରବର୍ତ୍ତିତ ଷ୍ଟାର୍ଟଅପ୍, ବିଶେଷକରି ଆ ଇ . ଆ ଇ . ଟି . - ମାଡ୍ରାସର ପୁରାତନ ଛାତ୍ରଙ୍କ (ଆଲୁମିନି) ଅନ୍ତରୀକ୍ଷ କ୍ଷେତ୍ରରେ ଗବେଷଣା ସେମାନଙ୍କୁ ସହାୟକ ହୋଇଛି ବୋଲି ନିଜନିଜ ଅନୁଭବରେ ପ୍ରକାଶ କରିଛନ୍ତି।



ପୂର୍ବରୁ ଆମ ଦେଶ ଛୁଞ୍ଚିଠାରୁ ଉଡ଼ାଜାହାଜ ପର୍ଯ୍ୟନ୍ତ ସମସ୍ତ ଜରୁରୀ ଦ୍ରବ୍ୟ ପାଇଁ ବିଦେଶୀ ରାଷ୍ଟ୍ର ଉପରେ ନିର୍ଭରଶୀଳ ଥିଲା। ଅଧୁନାତନ ଯୁବବର୍ଗ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଚନ୍ଦ୍ରଯାନ-୩କୁ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ଅନ୍ଧକାର ସ୍ଥାନର ଶିବଶକ୍ତି ବିନ୍ଦୁରେ ସ୍ଥାପନ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି, ଯାହା ଅନ୍ୟାନ୍ୟ ଉନ୍ନତ ସମସ୍ତ ବିକଶିତ ଦେଶମାନଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା। ସେହିପରି ଯୁଦ୍ଧ ସରଞ୍ଜାମ, ରକେଟ୍ ଇତ୍ୟାଦି ତିଆରି କରି ଭାରତ ଅନ୍ୟାନ୍ୟ ଦେଶକୁ ଜ୍ଞାନକୌଶଳ ବିକ୍ରି କରିବା ଆରମ୍ଭ କରିଛି, ଯାହା କିଛିବର୍ଷ ପୂର୍ବରୁ ସ୍ୱପ୍ନ ଥିଲା। ଏତଦ୍‌ବ୍ୟତୀତ ସୋଲାର ପ୍ୟାନେଲ୍, କରୋନା ଟୀକା, ବୈଦ୍ୟୁତିକ ଯାନ, ଉଦ୍‌ଯାନଚାଳିତ ରେଲଇଞ୍ଜିନ୍, ଉନ୍ନତ କୃଷି ଯନ୍ତ୍ରପାତି, ଖାଦ୍ୟ ପ୍ରଦାର୍ଥ ଆଦି ପ୍ରତି କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିଛି ଭାରତ ଯୁବବର୍ଗଙ୍କ ଯୋଗୁଁ।

ଯୁବ ଭାରତବର୍ଷ ପ୍ରଗତିର ଗୋଟିଏ ଗୋଟିଏ ସିଡ଼ି ଅତିକ୍ରମ କରିଚାଲିଛି ଏଥିରେ ଦ୍ୱିମତ ନାହିଁ। କିନ୍ତୁ ଯୁବବର୍ଗର ଅଧିକାଂଶ ନିଶାଗ୍ରସ୍ତ। କଳାବଜାରୀ ବା ଅନୁପ୍ରବେଶକାରୀମାନଙ୍କ ଦ୍ୱାରା ଆଫ୍‌ଗାନିସ୍ତାନ, ବାଂଲାଦେଶ ବା ମିଆଁମାରରୁ ଆସୁଥିବା ବ୍ରାଉନ୍ ସୁଗର/ କୋକେନ୍ ବା ଦେଶରେ ପ୍ରସ୍ତୁତ ଦେଶୀ ବିଦେଶୀ ମଦ, ଗଞ୍ଜେଇ, ଅଫିମ ଆଦି ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନ ମୁଖ୍ୟ କାରଣ। ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟରୁ ହଜାରହଜାର କୋଟି ଟଙ୍କାର ବ୍ରାଉନ୍‌ସୁଗର ଜବତ ଏହାର ପ୍ରମାଣ। ପଞ୍ଜାବ ଭଳି ସୀମାବର୍ତ୍ତୀ ରାଜ୍ୟରେ ଡ୍ରଗସ୍ ମାଫିଆମାନଙ୍କର ଦୌରାତ୍ମ୍ୟ ପ୍ରବଳ। କିଛି ଲୋକ ମଦ୍ୟପାନକୁ ଆରିଷ୍ଟୋକ୍ରାସି ଭାବିଥା'ନ୍ତି। କିଛି ଯୁବକ, ସାଥୀ ମେଳରେ ଥରେ ବା ଦୁଇଥର ସେବନ କରିବା ପରେ ଅଭ୍ୟାସଗତ ନିଶାସକ୍ତ ହୋଇଯା'ନ୍ତି। ମଦ ପିଇ ବା ନିଶାଗ୍ରସ୍ତ ଅବସ୍ଥାରେ ନିଜ ଆତ୍ମୀୟ, ପରିବାର ସଦସ୍ୟ, ନିକଟ ସମ୍ପର୍କୀୟଙ୍କୁ ହତ୍ୟା କିମ୍ବା ଦୁଷ୍କର୍ମ କରିବାରେ ପଛାଇ ନଥା'ନ୍ତି।

ସରକାରଙ୍କ ସ୍ପଷ୍ଟୀକରଣ ଯେ ମଦ ବିକ୍ରୟରୁ ରାଜସ୍ୱ ମିଳୁଛି। ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଯେତେ ରାଜ୍ୟସ୍ୱ ମିଳୁଛି, ତା' ଠାରୁ ବହୁ ଅଧିକ ଖର୍ଚ୍ଚ ହୁଏ ମଦ୍ୟପାନ ଜନିତ ରାସ୍ତା ଦୁର୍ଘଟଣା, ନିଶାରୁ ସୃଷ୍ଟି ହେଉଥିବା ବ୍ୟାଧିର ଚିକିତ୍ସା ଓ ଅବକାରୀ ବିଭାଗର ଦରମାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଦ ପିଇ, ମାତାଲହୋଇ ରୋଗଗ୍ରସ୍ତ ବା ଦୁର୍ଘଟଣାରେ ଅଳ୍ପ ବୟସରେ ମୃତ୍ୟୁବରଣ କଲେ ତା'ର ପରିବାର, ସ୍ତ୍ରୀ ଓ ସନ୍ତାନ ଅନାଥ ହୋଇଯା'ନ୍ତି। ଏଣୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମଦ ରାଜ୍ୟସ୍ୱ ଜରୁରୀ କି ପରିବାର କଲ୍ୟାଣ ଜରୁରୀ ତାହା ବିଚାର କରିବାର କଥା। ଏହି କାରଣରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ବିଭିନ୍ନ ସମୟରେ ନିଶାମୁକ୍ତ ଭାରତବର୍ଷ ଗଠନ ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି।

ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ ମଦ ସମ୍ପୂର୍ଣ୍ଣ ବନ୍ଦ ହେଲେ ପୃଥିବୀର ଅଧିକାଂଶ ଜେଲ୍ ଓ ଡାକ୍ତରଖାନାର ଶଯ୍ୟା ଖାଲିପଡ଼ିବ। ତଥ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କ ସାମାଜିକ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁଷ୍ଠାନ ସହିତ ନିଶାମୁକ୍ତ ଭାରତ ଗଠନରେ ସହାୟତା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଅନ୍ୟ ଦିଗରେ ମଦ ନିଗମ ଦ୍ୱାରା ମଦ ବିପଣନ କରିବା ବା ପ୍ରୋତ୍ସାହନ ଦେବା ବା କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଶାମୁକ୍ତ କେନ୍ଦ୍ର ସ୍ଥାପନ ବା ନିଶାଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟିକରିବା ଏକ ବିପରୀତ ଧର୍ମୀ ବ୍ୟବସ୍ଥା। ତେଣୁ ସରକାରଙ୍କୁ ଅନୁରୋଧ ମଦ ନିଗମ ବନ୍ଦ କରିବା ସହ ମଦ ବା ସମସ୍ତ ପ୍ରକାର ନିଶାଦ୍ରବ୍ୟ ବିକ୍ରି ବନ୍ଦ କରି ଏବଂ ନିଜ ନିର୍ବାଚନ ସଂକଳ୍ପପତ୍ରକୁ କାର୍ଯ୍ୟକାରୀ କରନ୍ତୁ ଜନସାଧାରଣଙ୍କ ମଙ୍ଗଳ ପାଇଁ। ●

(ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ଉପସଭାପତି)
ମୋ: ୯୪୩୭୦୫୫୦୫୮

## ବୌଦ୍ଧ ଐତିହ୍ୟ: ଦକ୍ଷିଣକୋଶଳ

**ପ୍ରବୀର କୁମାର ପଟ୍ଟନାୟକ**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଦ୍ୱିତୀୟ-ବୁଦ୍ଧ କଥା

ଶ୍ରୀପୁରର ବୌଦ୍ଧ କୀର୍ତ୍ତିରାଜି: ଶ୍ରୀପୁର (ଶିରପୁର) ୫ମରୁ ୮ମ ଶତାବ୍ଦୀ ପର୍ଯ୍ୟନ୍ତ ଉଭୟ ଶରଭପୁରିଆ ଓ ପାଣ୍ଡୁବଂଶୀମାନଙ୍କର ରାଜଧାନୀ ରହିଥିଲା। ହୁଏନ୍‌ସାଂ ଖ୍ରୀ ୬୩୯ରେ ଦକ୍ଷିଣକୋଶଳ ଆସିଥିଲେ। ସେ ଲେଖିଛନ୍ତି ସହରର ଦକ୍ଷିଣ ଦିଗରେ ଗୋଟିଏ ବିଶାଳ ବୌଦ୍ଧବିହାର ରହିଥିଲା ଏବଂ ତା' ନିକଟରେ ସମ୍ରାଟ ଅଶୋକ ଏକ ସ୍ତୂପ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ବୌଦ୍ଧ ଆଚାର୍ଯ୍ୟ ନାଗାର୍ଜୁନ ସେହି ବିହାରରେ ବାସ କଲେ। ହୁଏନ୍‌ସାଂ ମଧ୍ୟ ଦର୍ଶାଇଛନ୍ତି ଦକ୍ଷିଣକୋଶଳରେ ପ୍ରାୟ ଶହେଗୋଟି ବିଶାଳ ବୌଦ୍ଧ ବିହାର ରହିଥିଲା। ସେଥିରେ ଦଶହଜାର ମହାଯାନୀ ବୌଦ୍ଧଭିକ୍ଷୁ ରହୁଥିଲେ। ବୌଦ୍ଧଶାସ୍ତ୍ର ଅନୁଯାୟୀ ବୁଦ୍ଧ କୋଶଳ ପରିଦର୍ଶନ କରିଥିଲେ ମୁଖ୍ୟତଃ କଳିଙ୍ଗର ସୀମାବର୍ତ୍ତୀ ଅଞ୍ଚଳକୁ।

ଶ୍ରୀପୁରର ପ୍ରାଚୀନ ରାଇକେରା ଜଳାଶୟର ଉତ୍ତର-ପୂର୍ବ କୋଣ ତଥା ଲକ୍ଷ୍ମଣ ମନ୍ଦିରର ଦକ୍ଷିଣ-ପୂର୍ବ ଦିଗରେ ବୌଦ୍ଧସ୍ତୂପ ଲୋକଲୋଚନକୁ ଆସିବା ପରେ ଏ ଅଞ୍ଚଳର ବୌଦ୍ଧଧର୍ମ ସମ୍ପର୍କରେ ଅନେକ ତଥ୍ୟ ଜଣାପଡ଼ିଛି। ସାମ୍ପ୍ରତିକ କାଳର ଖନନରୁ ଗ୍ରାମର ଉତ୍ତର ଦିଗରେ ଏକ ବିସ୍ତାରିତ ସହରାଞ୍ଚଳର ଅବଶେଷ ମିଳିଛି। ଏହି ଖନନରୁ ଏଠାରେ ଚାରିଗୋଟି କାଳର ସୂଚନା ମିଳିଛି। ପ୍ରଥମଟି ସାତବାହନ କାଳ (ଖ୍ରୀ ପୂ ୨ୟ ଶତାବ୍ଦୀରୁ ଖ୍ରୀ ୩ୟ ଶତାବ୍ଦୀ), ଦ୍ୱିତୀୟ ହେଲା ଶରଭପୁରିଆ କାଳ (ଖ୍ରୀ ୫ମରୁ ୬ଷ୍ଠ ଶତାବ୍ଦୀ), ତୃତୀୟଟି ପାଣ୍ଡୁବଂଶୀ କାଳ (ଖ୍ରୀ ୭ମରୁ ୧୦ମ ଶତାବ୍ଦୀ) ଓ ଚତୁର୍ଥଟି ହେଲା କଳଚୁରୀ କାଳ (ଦ୍ୱାଦଶ ଶତାବ୍ଦୀରୁ)। ପ୍ରାଚୀନ କାଳର ଏହି ସ୍ତୂପଟି ଲୋକଲୋଚନକୁ ଆସିବା ପରେ ଶ୍ରୀପୁରର ବୌଦ୍ଧକାଳକୁ ବୁଦ୍ଧଙ୍କର ଏଠାକୁ ଆସିଥିବା ସମୟ ଖ୍ରୀ ପୂ ଷଷ୍ଠ ଶତାବ୍ଦୀକୁ ଧରାଯାଇପାରିଛି। ଶ୍ରୀପୁରରେ ବୌଦ୍ଧ ଐତିହ୍ୟ ଖ୍ରୀ ପୂ ୫ମ ଶତାବ୍ଦୀରୁ ଆରମ୍ଭ କରି ଅଶୋକ କାଳ, ମୌର୍ଯ୍ୟ କାଳ, ଶରଭପୁରିଆ କାଳ ଦେଇ ପାଣ୍ଡୁବଂଶୀ କାଳ ଖ୍ରୀଷ୍ଟୀୟ ୮ମ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ତେରଶହ ବର୍ଷର।

ଶ୍ରୀପୁରରେ ପ୍ରତ୍ନତାତ୍ତ୍ୱିକ ଖନନ ବିଭିନ୍ନ ପର୍ଯ୍ୟାୟରେ କରାଯାଇଛି। ଏହି ଖନନରୁ ୧୯୫୩-୫୬ରେ ୨ଗୋଟି ବୌଦ୍ଧବିହାର, ୧୯୯୯-୨୦୦୦ ଓ ୨୦୦୭-୦୮ ଖନନରୁ ୮ ଗୋଟି ଏହିଭଳି ଭାବେ ମୋଟ ୧୦ ଗୋଟି ବୌଦ୍ଧବିହାରର ସନ୍ଧାନ ମିଳିପାରିଛି। ଏହାବ୍ୟତୀତ ୨୦୦୮ରେ ବୁଦ୍ଧ, ବୌଧିସତ୍ତ୍ୱ, ବୌଦ୍ଧ ଦେବଦେବୀ, ବଜ୍ର ଓ ସ୍ତୂପ ପ୍ରତିରୂପ ଆଦିର ବିଶାଳ ବ୍ରୋଞ୍ଜ ନିର୍ମିତ ସରଞ୍ଜାମର ଭଣ୍ଡାର ମଧ୍ୟ ମିଳିଛି। ଏଥିରୁ ଏହି ଅଞ୍ଚଳରେ ଉଭୟ ହୀନଯାନ ଓ ମହାଯାନ ବୌଦ୍ଧଧର୍ମର ଲୋକପ୍ରିୟତା ସ୍ପଷ୍ଟ ଜଣାଯାଇଥାଏ। ଏହିସବୁ କୀର୍ତ୍ତିରାଜିର ମୂଳଦୁଆ ଶ୍ରୀପୁର ଅଞ୍ଚଳରେ ଆଶୋକଙ୍କ ନିର୍ମିତ ସ୍ତୂପଠାରୁ ଖ୍ରୀପୂ ୩ୟ ଶତାବ୍ଦୀ ବେଳରୁ ପଡ଼ିଥିବା ଜଣାଯାଉଛି।

ଶ୍ରୀପୁରରୁ ଉପଲବ୍ଧ ବ୍ରୋଞ୍ଜ ମୂର୍ତ୍ତିସବୁ ଅତ୍ୟନ୍ତ ଚମତ୍କାର କଳାଶୈଳୀର। ଅଧିକାଂଶ ମୂର୍ତ୍ତି ଓ ଅନ୍ୟାନ୍ୟ ଧାତବ ପଦାର୍ଥମାନ ୭ମ-୮ମ ଶତାବ୍ଦୀ କାଳର। ଏଥିମଧ୍ୟରେ ସାମନ୍ତଭଦ୍ର, ରକ୍ତ ଲୋକେଶ୍ୱର, ତାରା, ଭୃକୁଟି, ପଦ୍ମପାଣି, ପ୍ରଜ୍ଞାପାରମିତା, ବଜ୍ରତାରା, ମଞ୍ଜୁବର, ମଞ୍ଜୁଘୋଷ, ରତ୍ନପାଣି, ମୈତ୍ରେୟ, ସ୍ଥିରଚକ୍ର, ଷଡ଼ାକ୍ଷରୀ ଲୋକେଶ୍ୱର, ଜାମ୍ଭଳ, ସିଦ୍ଧେଧ÷କବୀର, ବସୁଧାରା, ବଜ୍ରରାଗ, ବଜ୍ରପାଣି ଆଦି ବୌଦ୍ଧ ଦେବଦେବୀମାନଙ୍କର ମୂର୍ତ୍ତିସବୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହାବ୍ୟତୀତ ଅନେକ ଭୂସ୍ପର୍ଶ ବୁଦ୍ଧମୂର୍ତ୍ତି ମଧ୍ୟ ଏଠାରୁ ମିଳିଛି। ଏସବୁ ମୂର୍ତ୍ତିଗୁଡ଼ିକ ମୁଖ୍ୟତଃ ମହାଯାନ ତଥା ବଜ୍ରଯାନ ପରମ୍ପରା ଅନ୍ତର୍ଗତ।

ଶ୍ରୀପୁରରୁ ପ୍ରାପ୍ତ ଏହି ମହାର୍ଘ୍ୟ ବୌଦ୍ଧ ମୂର୍ତ୍ତିମାନ ଗୋଟିଏ ସ୍ଥାନରୁ ଏତେ ସଂଖ୍ୟାରେ ମିଳିବା ସେ କାଳରେ ବୌଦ୍ଧ ବିହାରମାନଙ୍କରେ ନିଜର ଢଳାଇ ବ୍ୟବସ୍ଥା ଥିବାର ସୂଚାଇଥାଏ। ଶିରିପୁର ଖନନରୁ ଦୃଷ୍ଟିଗୋଚର ହୋଇଥିବା ବହୁସଂଖ୍ୟକ ବିଶାଳ ବୌଦ୍ଧ କୀର୍ତ୍ତିରାଜି ଓ ଅସଂଖ୍ୟ ବୌଦ୍ଧ ମୂର୍ତ୍ତିମାନ ସେ ସମୟରେ ଶ୍ରୀପୁର ସମଗ୍ର ଦକ୍ଷିଣ କୋଶଳ ଅଞ୍ଚଳର ବୌଦ୍ଧଧର୍ମର ନାଭିକେନ୍ଦ୍ର ରହିଥିବା ବିଷୟ ମଧ୍ୟ ସୂଚାଉଛି। ● (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହିଳା ଏସ୍‌ଏସ୍‌ଜି ସଂଗଠନକୁ ଭାଙ୍ଗିବାକୁ ସରକାରୀ ଚାପ

# ପ୍ରତିବାଦରେ ଧର୍ମଶାଳାରେ ଏକାଠି ହେଲେ ମହିଳା



ଯାଜପୁର, ୪।୪(ସମିସ)

ରାଜ୍ୟରେ ମହିଳାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ଭାରତୀୟ ଜନତା ପାର୍ଟି। ମିଶନଶକ୍ତିର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ୧ ହଜାର ଲେଖା ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା ବିଜେପି। ତେଣୁ ନିଜ ପ୍ରତିଶ୍ରୁତି ରକ୍ଷା କରିବା ଦାବିରେ ଚଣ୍ଡିଖୋଲ ଠାରେ ଏକାଠି ହୋଇଛନ୍ତି ମହିଳା। ଧର୍ମଶାଳାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଚଣ୍ଡୀଖୋଲ ନିକଟରେ ଏକ ସଭାରେ ଏକଜୁଟ ହୋଇଥିଲେ। ଏହି ଅବସରରେ ବିଧିବଦ୍ଧ ଭାବେ 'ଧର୍ମଶାଳା ମହିଳା ସଶକ୍ତିକରଣ ସଂଗଠନ' ଗଢା ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ବରିଷ୍ଠ ଯୁବନେତା ତଥା ସମାଜସେବୀ ସତୀଶ ବିଶ୍ୱାଳଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଯେଉଁ ମହିଳା ମାନେ ବିଜେଡିରୁ ମୁହଁ ଫେରାଇ ବିଜେପିକୁ ଭୋଟ ଦେଲେ ସେହି ମହିଳା ମାନଙ୍କ ବିରୋଧରେ ବିଜେପି ସରକାର ଏବେ କାର୍ଯ୍ୟ କରୁଛି। କୌଣସି ସଂଗଠନର ନୂତର କର୍ମକର୍ତ୍ତା ନିର୍ବାଚନ ସେମାନଙ୍କ ଆଭ୍ୟନ୍ତରୀଣ ଗଣତନ୍ତ୍ର ପ୍ରକ୍ରିୟା। ଏହାପରେ ବି ପୁରୁଣା କର୍ମକର୍ତ୍ତା ପୁନଶ୍ଚ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ହୋଇ ପାରିବେ ନାହିଁ ବୋଲି ପ୍ରଶାସନିକ ସ୍ତରରେ ବାଧ କରାଯିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ସତୀଶ ଅଭିଯୋଗ କରିଛନ୍ତି। ଧର୍ମଶାଳା ପରି ବ୍ଲକରେ କେଉଁ ସ୍ୱୟଂ ସହାୟକ ଗୋଷ୍ଠୀରେ କିଏ କର୍ମକର୍ତ୍ତା ହେବ ତାର ନିର୍ଦ୍ଦିଷ୍ଟ ଫର୍ମରେ ନାମ ଲେଖି ଦିଆଯିବା ପରେ ଏଥିରେ ଦସ୍ତଖତ କରି ଦେବାକୁ ବାଧ କରାଯାଉଛି। ଯେଉଁ ମହିଳାମାନେ ପ୍ରଥମେ ବିନା ପାରିଶ୍ରମିକରେ ଶ୍ରମ ଓ ସମୟ ଦେଇ ମିଶନଶକ୍ତିକୁ ଆଗକୁ ନେଇଥିଲେ ସେମାନଙ୍କ ପ୍ରତି ସରକାର ଅବିଚାର କରୁଛନ୍ତି। ସ୍କୁଟି ଋଣ ନେଇଥିବା ମହିଳା ମାନଙ୍କ ସମସ୍ୟା ପ୍ରତି ସରକାର ଆଖି ବୁଜି ଦେଇଛନ୍ତି। କଂଗ୍ରେସର ୧୪ ଜଣ ବିଧାୟକ ବିଧାନସଭାକୁ ମହିଳା ଅତ୍ୟାଚାର ପ୍ରସଙ୍ଗରେ ଅଚଳ କରିବା ସହ ଏହାକୁ ଜାତୀୟ ସ୍ତରର ପ୍ରସଙ୍ଗ କଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପୁନଃଗଠନର ଅର୍ଥ ପୁରୁଣା କର୍ମକର୍ତ୍ତା ପୁନଶ୍ଚ ନିର୍ବାଚିତ ନ ହେବା ନୁହେଁ। ପୁରୁଣା କର୍ମକର୍ତ୍ତା ପୁନଶ୍ଚ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହେବାରେ କୌଣସି ଅସୁବିଧା ନାହିଁ। ପ୍ରଥମେ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ପ୍ରତ୍ୟେକ ମହିଳାଙ୍କୁ ଏକ ହଜାର ଲେଖା ଟଙ୍କା ଏବଂ ଧର୍ମଶାଳାର ଝିଅ ସ୍ମିତାରାଣୀ ହତ୍ୟାକରୀଙ୍କୁ ଧରିବାକୁ ଦାବି କରାଯାଇଥିଲା। ସତୀଶଙ୍କ ସମେତ ୨୦ ଜଣ ମହିଳା ନେତ୍ରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ମାନସୀ ପୃଷ୍ଟି ଉପସଭାପତି ହୋଇଥିବା ବେଳେ ଜୟନ୍ତୀ ଜେନା, ସ୍ମିତା ଶୁଭଦର୍ଶିନୀ ବାରିକ, କନକଲତା ଦାସ, ମାନସୀ ସିଂ, କାଞ୍ଚନବାଳା ସାହୁ, ଟୁନିଲତା ମହାନ୍ତି, ଖୁଲଣା ରାଉତ, ଅମୂଲି ବେହେରା, ବାସନ୍ତି ସାହୁ, ଚନ୍ଦ୍ରିକା ସାମଲ, ମାଧବି ସିଂ, ଚିନ୍ମୟୀ ପରିଡ଼ା, କୁନି ମଲିକ, ଦେବକୀରାଣୀ ସାହୁ, ରଶ୍ମିତା ସାହୁ, ମିଲି ମଲିକ, ଲୀଳାବତୀ ଦାସ, କୌଶଲ୍ୟା ନାୟକ କାର୍ଯ୍ୟକାରୀ କମିଟିର ସଭ୍ୟ ରହିଛନ୍ତି। ଏହି ସଭ୍ୟମାନେ କହିଛନ୍ତି ଯେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଆମାଗୀ ଦିନରେ ଏଭଳି ସ୍ୱେଚ୍ଛାଚାରିତା ବିରୋଧରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ। ଏହି ପ୍ରସଙ୍ଗରେ ଧର୍ମଶାଳା ମହିଳା ସଶକ୍ତିକରଣ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କ ସହ ଜିଲ୍ଲାପାଳଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତି ହୋଇଛି।

**ସ୍ମିତାରାଣୀ ହତ୍ୟାକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗଲା କୁଆଡେ ?**

# ବାସଗୃହ ସମ୍ମୁଖରେ ଶବ ସତ୍କାର



**ଦଶରଥପୁର, ୪।୪(ସମିସ):** ପାରିବାରିକ କଳହକୁ ନେଇ ଦଶରଥପୁର ବ୍ଲକ ଚଷାଖଣ୍ଡ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ରକ୍ତ ସମ୍ପର୍କ ଭାଇ ହୋଇଥିଲେ ମଧ ସବୁ ସମ୍ପର୍କକୁ ଭୁଲି ଭାଇର ବାସଗୃହ ସମ୍ମୁଖରେ ଶବ ସତ୍କାର କରିବାକୁ ନେଇ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗମୁତାବକ ଚଷାଖଣ୍ଡ ଗ୍ରାମର ଦୁଇ ଭାଇ ଗୋବିନ୍ଦ ମଲ୍ଲିକ ଓ ମାନ ମଲ୍ଲିକଙ୍କ ପରିବାର ମଧ୍ୟରେ ବିଭିନ୍ନ କାରଣକୁ ନେଇ ବିବାଦ ରହିଥିଲା। ଏହା ମଧ୍ୟରେ ମାନ ମଲ୍ଲିକଙ୍କ କିଛି ବର୍ଷ ପୂର୍ବରୁ ମୃତ୍ୟୁ ହୋଇସାରିଥିବା ବେଳେ ଗତ ଗୁରୁବାର ବିଳମ୍ବିତ ରାତିରେ ବୟସାଧିକ କାରଣରୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ଗୋବିନ୍ଦଙ୍କ ପୁଅ ଗୁଣ୍ଡି, ପବନ ଓ ଟୁକୁନା ସ୍ୱର୍ଗତ ମାନ ମଲ୍ଲିକଙ୍କ ପରିବାରକୁ ଅସୁବିଧାରେ ପକାଇବା ଉଦ୍ଦେଶ୍ୟରେ ତାଙ୍କ ବାପାଙ୍କ ଶବକୁ ବଳପୂର୍ବକ ମାନ ମଲ୍ଲିକଙ୍କ ପୁଅ ଅମୂଲ୍ୟ ମଲ୍ଲିକଙ୍କ ବାସଗୃହ ସମ୍ମୁଖରେ ଗାତଖୋଳି ଶବ ସତ୍କାର କରିଥିଲେ। ବାସଗୃହ ସମ୍ମୁଖରେ ବିଳମ୍ବିତ ରାତ୍ରିରେ କିଛି ଅସ୍ୱାଭାବିକ ଶବ୍ଦ ଶୁଣି ଅମୂଲ୍ୟ ଓ ତାଙ୍କ ସ୍ତ୍ରୀ ମାନି ପଦାକୁ ଆସି ଦେଖିବାରେ ଏହାର ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗୋବିନ୍ଦଙ୍କ ୩ ପୁଅ ଅମୂଲ୍ୟ ଓ ତାଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ ମାରିଥିଲେ। ଭୟରେ ଅମୂଲ୍ୟ କିଛି ଗ୍ରାମବାସୀଙ୍କୁ ଘଟଣାସ୍ଥଳକୁ ଡାକିଥିଲେ ମଧ ଗୋବିନ୍ଦଙ୍କ ୩ ପୁଅ ଗ୍ରାମବାସୀଙ୍କ କଥାକୁ ଅମାନ୍ୟ କରି ଜୋର ଜବରଦସ୍ତ ଅମୂଲ୍ୟଙ୍କ ବାସଗୃହ ସମ୍ମୁଖରେ ଶବସତ୍କାର କରିଥିଲେ। ଘଟଣାକୁ ନେଇ ମାନ ମଲ୍ଲିକଙ୍କ ପତ୍ନୀ ମାନି ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଯାଜପୁର ଜିଲ୍ଲା ଦୌରାଜଜ୍‌ଙ୍କ ନିକଟରେ ଲିଖିତ ପ୍ରାର୍ଥନା କରି ନିଜ ପରିବାରର ସ୍ୱାଭାବିକ ଚଳପ୍ରଚଳ ଓ ପିଲାମାନଙ୍କ ସୁରକ୍ଷିତ ଭବିଷ୍ୟତକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅଭିଯୋଗ ଆଧାରରେ ମଙ୍ଗଳପୁର ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

**ପ୍ରତିବାଦରେ କୋର୍ଟର ଦ୍ୱାରସ୍ଥ ହେଲେ ପୀଡ଼ିତ ପରିବାର**

## ଝରକା ଭାଙ୍ଗି ଟଙ୍କା ଓ ରୁପା ଅଳଙ୍କାର ଲୁଟ୍

# ସିସିଟିଭିରେ ଚୋରି ଦୃଶ୍ୟ କଏଦ୍



**ଧର୍ମଶାଳା, ୪।୪(ସମିସ):** ଧର୍ମଶାଳା ଥାନା ଅଞ୍ଚଳରେ କିଛି ଦିନ ହେବ ରାତିରେ ଘର ଚୋରି ବଢିବାରେ ଲାଗିଛି। ଶାନ୍ତି ବଜାରସ୍ଥିତ କଲୋନୀରେ ଅବସରପ୍ରାପ୍ତ ବନ ଅଧିକାରୀ କଳାକାର ମହାନ୍ତିଙ୍କ ଘରେ ଭଡ଼ା ରହୁଥିବା ଚଣ୍ଡିଖୋଲ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମ୍ୟାନେଜର କୈବଲ୍ୟ ପଣ୍ଡାଙ୍କ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶି ଟଙ୍କା ଓ ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପଡ଼ୋଶୀ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ ଚୋରି ଘଟଣା କଏଦ ହୋଇଛି। ରାତି ପ୍ରାୟ ୧୨ଟା ୨୨ ମିନିଟରେ ଏକ କାର ଯୋଗେ ୩ଜଣ ଦୁର୍ବୃତ୍ତ ଆସି ଘରର ପାଚେରୀ ଡେଇଁ ଝରକା ତାଡ଼ି ୨୦ହଜାର ଟଙ୍କା ଓ ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ରାତିରେ ଶ୍ରୀ ପଣ୍ଡାଙ୍କ ଘରେ ବାହାରପଟୁ ଲକ କରି ଦିଆଯାଇଥିବା ପଡୋଶୀ ଦେଖି ବ୍ୟାଙ୍କ ମ୍ୟାନେଜରଙ୍କୁ ଫୋନ ଯୋଗେ ଜଣାଇଥିଲେ। ଖବର ପାଇ ଶ୍ରୀ ପଣ୍ଡା ଘର ମାଲିକଙ୍କୁ ଜଣାଇବାରେ ଉଭୟ ମିଶି ଉକ୍ତ ଘରର କବାଟ ଖୋଲିବାରେ ସେ ରହୁଥିବା ଘରର ବନ୍ଦ ଥିବା ଏକ ରୁମ୍‌ର ଝରକା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୁଲିସ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ଖୁବ ଶୀଘ୍ର ଦୁର୍ବୃତ୍ତମାନେ ଧରାପଡ଼ିବେ ବୋଲି ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି।

## ଅଟୋ ଦୁର୍ଘଟଣାଗ୍ରସ୍ତ

# କଳସ ଯାତ୍ରା ସାରି ଫେରୁଥିବା ୬ ମହିଳା ଆହତ

**ବିଞ୍ଝାରପୁର, ୪।୪(ସମିସ):** ବିଞ୍ଝାରପୁର ବ୍ଲକ ମାଧପୁର ସାଇ ମନ୍ଦିରରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କଳସ ଯାତ୍ରା ସାରି ମହିଳାମାନେ ଘରକୁ ଅଟୋ ଯୋଗେ ଫେରିବା ବେଳେ ଇଲେକ୍ଟ୍ରି ପୋଲରେ ଅଟୋ ପିଟି ହୋଇଯାଇଥିଲା। ଫଳରେ ଅଟୋରେ ଥିବା ଭକ୍ତ ମାନେ ଆହତ ହୋଇଛନ୍ତି। ଆହତମାନେ ହେଲେ ତଳବନ୍ଧ ଗ୍ରାମର ସୌଦାମିନୀ ଦାସ, ଜ୍ୟୋସ୍ନାରାଣୀ ଦାସ, ପୂଜା ଦାସ, ରଚନା ଦାସ, ପୁଷ୍ପାରାଣୀ ଦାସ। ସ୍ଥାନୀୟ ଲୋକେ ଆହତ ମହିଳାମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଛି। ଅନ୍ୟପଟେ ସମ୍ପୃକ୍ତ ଅଟୋ ଚାଳକ ମଦ୍ୟପାନ କରି ଗାଡି ଚଳାଉଥିବା ଆହତମାନେ କହିଛନ୍ତି।

# ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

**ସୁକିନ୍ଦା, ୪।୪(ସମିସ):** ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଷପାନ କରି ଭର୍ତ୍ତି ହୋଇଥିବା ରୋଗୀଙ୍କର ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ମୃତକ କାଳିଆପାଣି ଥାନା କାଙ୍କଡ଼ପାଳ ପଞ୍ଚାୟତ କାଦୁଅବନ୍ଦୀ ଗିରିଙ୍ଗାମାଳି ମୁଣ୍ଡାସାହିର ଚାଳା ମୁଣ୍ଡା(୪୮)। ପରିବାରର ଆର୍ଥିକ ଅଭାବରୁ ପାରିବାରିକ ବିବାଦ ହେବାରୁ ଚାଳା ଗତକାଲି ବିଷ ପିଇ ଦେଇଥିଲେ। ପରିବାର ପାଇଁ ଖାଦ୍ୟ ଅଭାବକୁ ନେଇ ଚାଳା ଚିନ୍ତାଗ୍ରସ୍ତ ଥିଲେ। ଘରେ ଶିକାର ପାଇଁ ରଖାଯାଇଥିବା ବଗମରା ବିଷ ସେ ପିଇ ଦେଇଥିଲେ। ପତ୍ନୀ ସୂର୍ଯ୍ୟ ମୁଣ୍ଡା ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। କିନ୍ତୁ ପାଖାପାଖି ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଡାକ୍ତର ନଥିଲେ। ଡ୍ରେସର ଓ ନିରାପତ୍ତାରକ୍ଷୀ ଚାଳାଙ୍କୁ ପଟାସ ପାଣି ପିଆଇବା ସହ ସେମାନଙ୍କ ବୁଦ୍ଧିବଳ ଖଟାଇ ଚିକିତ୍ସା ସେବା ଜାରି ରଖିଥିଲେ। ୮ଟା ସମୟରେ ଡାକ୍ତର ବିକାଶ ମୁଣ୍ଡରି ଆସି ପହଞ୍ଚିବା ପରେ ମୁମୂର୍ଷୁ ଅବସ୍ଥାରେ ଥିବା ଚାଳାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଥିଲା। ହେଲେ ଅସହାୟ ପତ୍ନୀ କିଛି ବୁଦ୍ଧିବାଟ ପାଇ ନ ଥିଲେ। ଏମିତିରେ ରାତି ୧୦ଟା ସମୟରେ ଚାଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ ପତ୍ନୀ ସ୍ୱାମୀଙ୍କ ମରଶରୀର ସାଥୀରେ ଧରି ଗାଁକୁ ଫେରିଥିଲେ। ଖବରପାଇ କାଳିଆପାଣି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ନିର୍ଦ୍ଦେଶରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ମୃତଶରୀରର ପଞ୍ଚନାମା କରାଇ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସନ୍ଧ୍ୟାରେ ମରଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ତାଙ୍କ ଶେଷକୃତ୍ୟ ହୋଇଥିଲା।

# ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**ବଡଚଣା, ୪।୪(ସମିସ):** ବଡ଼ଚଣା ବ୍ଲକ ଅରଖପୁର ପଞ୍ଚାୟତ ଅନ୍ତର୍ଗତ ନିଳାମ୍ବରପୁର ଗ୍ରାମର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ମଞ୍ଚ ଓ ଦୂରଦର୍ଶନର ହାସ୍ୟ ଅଭିନେତା ଅୟସକାନ୍ତ ସ୍ୱାଇଁଙ୍କର ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସମରକେତନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭୁବନେଶ୍ୱର ସ୍ଥିତ 'ମନନ' ନାଟ୍ୟ ସଂସ୍ଥାର ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ପ୍ରସନ୍ନ କୁମାର ପୁହାଣ, ସାମ୍ବାଦିକ ଚିତ୍ତ ରଞ୍ଜନ ମହାପାତ୍ର, ସାମ୍ବାଦିକ ଭକ୍ତ ଚରଣ ସାହୁ, ସାମ୍ବାଦିକ ଅବିନେଶ୍ୱର ଶତପଥୀ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଗଣେଶ୍ୱର ସାମଲ, ଫନୀନ୍ଦ୍ର ପଣ୍ଡା, କବି ନିରଞ୍ଜନ ଜେନା, ସରୋଜ ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ମାନସ କୁମାର ପ୍ରଧାନ, ସତ୍ୟବ୍ରତ ପାଣିଗ୍ରାହୀ, ପାଲାଗାୟକ ଅଜୟ କୁମାର ବଳ, ରବୀନ୍ଦ୍ର ରାଉତରାୟ, ମନୋଜ କୁମାର ପରିଡ଼ା, ତପନ ରାଉତରାୟ, ପ୍ରଦୀପ୍ତ ରାଉତରାୟ ଓ କଣ୍ଠଶିଳ୍ପୀ ଯୋଗେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କର କଳାକାର ଜୀବନ ସମ୍ପର୍କରେ ବିଭିନ୍ନ ଆଲୋଚନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମନନ ନାଟ୍ୟ ସଂସ୍ଥା ପକ୍ଷରୁ ସ୍ୱର୍ଗତ ସ୍ୱାଇଁଙ୍କ ପରିବାରକୁ ଏକ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଅଜୟ କୁମାର ଜେନା ଭଜନ ପରିବେଷଣ କରିଥିଲେ। ରବି ନାରାୟଣ ସାମଲ ସମସ୍ତ ଅତିଥିଙ୍କୁ କୃତଜ୍ଞତା ଜଣାଇଥିଲେ

# ବିଦ୍ୟା ପ୍ରବେଶ ସଚେତନତା ରଥର ଶୁଭାରମ୍ଭ

**ଦଶରଥପୁର, ୪।୪(ସମିସ ):** ଦଶରଥପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦଶରଥପୁର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ନୂତନ ଶିକ୍ଷା ନୀତି-୨୦୨୦ ନିୟମ ଅନୁଯାୟୀ ବିଦ୍ୟା ପ୍ରବେଶ ଓ ଖଡ଼ି ଛୁଆଁ ୨୦୨୫ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଥିଲା। ପ୍ରଥମେ ନୂତନ ଭାବେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବାକୁ ଆସିଥିବା ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଫୁଲ ଚନ୍ଦନ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ମଣ୍ଡଳ ଶିକ୍ଷା ଅଧିକାରୀ ଦେବିଲାଲ ମଲ୍ଲିକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। ସଭାରେ ଯୋଗ ଦେଇଥିବା ଅତିଥି ମାନଙ୍କୁ ଏକ ନିଆରା ଢଙ୍ଗରେ ସ୍ୱାଗତ କରାଯାଇଥିଲା। ଫୁଲ ତୋଡା ପରିବର୍ତ୍ତେ ସେମାନଙ୍କୁ ଫୁଲ ଚାରା ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ଅଶ୍ୱିନ କୁମାର ସେନାପତି, ସାଧନ କେନ୍ଦ୍ର ସଂଯୋଜକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣରେ ଶିଶୁ ବାଟିକା ଶ୍ରେଣୀରେ ନାମ ଲେଖାଇବା ପାଇଁ ଅଭିଭାବକ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ଯୋଗ ଦେଇ କୁନି କୁନି ପିଲା ମାନଙ୍କର ବୌଦ୍ଧିକ ବିକାଶ କିପରି ହୋଇ ପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ତହସିଲଦାର ରଶ୍ମି ରଞ୍ଜନ ସାହୁ ପ୍ରତିଦିନ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଅଭିଭାବକମାନଙ୍କୁ ନିବେଦନ କରିଥିଲେ। ସେହିପରି ଦଶରଥପୁରର ପୂର୍ବତନ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ କୁନି କୁନି ପିଲାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମଣ୍ଡଳ ସହ ଶିକ୍ଷା ଅଧିକାରୀ ଅଜିତ କୁମାର ଜେନା, ସାବିତ୍ରୀ ସେଠୀ, ନୃସିଂହ ଚରଣ ମହାନ୍ତି, ଦଶରଥପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, କେସି ଜେନା, ସାଧନ କେନ୍ଦ୍ର ସଂଯୋଜ ବିଭୂତି ଭୂଷଣ ରଣା ପ୍ରମୁଖ ଯୋଗ ଦେଇଥିଲେ। ତତ୍ପରେ କୁନି କୁନି ପିଲାମାନଙ୍କର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କର୍ଯ୍ୟକ୍ରମକୁ ସୁଚାରୁରୁପେ ପରିଚାଳନା କରିବା ପାଇଁ ୧୭ଜଣ ସାଧନ କେନ୍ଦ୍ର ସଂଯୋଜକ ଓ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ୧୭ ତମ ମା' ବାସନ୍ତୀ ଦୁର୍ଗାପୂଜା

ପାଣିକୋଇଲି, ୪।୪(ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଶର୍ମା ଟାଙ୍କିଠାରେ ଥିବା ମା' ବାସନ୍ତୀ ଦୁର୍ଗାଙ୍କ ପୀଠରେ ୧୭ ତମ ମା'ଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଜାଗୁଲାଇ ପୋଖରୀରୁ ପବିତ୍ର ଜଳ ଆଣି ମା'ଙ୍କର ଘଟ ସ୍ଥାପନା କରାଯାଇଥିଲା। ପୂଜକ ଭାବେ ଅଞ୍ଚଳର ବେଦଜ୍ଞ ବ୍ରାହ୍ମଣ ଅକ୍ଷୟ ଦାଶ ପୂଜାର୍ଚ୍ଚନା କରିଥିବା ବେଳେ ଆନନ୍ଦ ଚନ୍ଦ୍ର ଓଝା କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ୩ ଦିନ ଧରି ଚାଲିବାକୁ ଥିବା ମା'ଙ୍କର ପୂଜାର୍ଚ୍ଚନା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ନିଳମଣୀ ଦାସ, ନିରଞ୍ଜନ ନାୟକ, ଅରୂପାନନ୍ଦ ମଲ୍ଲିକ, ଦାମୋଦର ବିଶ୍ୱାଳ, ଅମରେନ୍ଦ୍ର ବିଶ୍ୱାଳ, ଇନ୍ଦ୍ରମଣୀ ନାୟକ, ପୂର୍ଣ୍ଣ ମଲିକ ପରିଚାଳନା କରିଥିଲେ।

# ଟ୍ରକ୍ ଧକ୍କାରେ ଜଣେ ମୃତ



**ଟମକା, ୪।୪(ସମିସ):** ଟମକା ଥାନା ଅନ୍ତର୍ଗତ ତାରିଣୀ ଶାଳ ନିକଟସ୍ଥ ଗଡ଼ାଣିରେ ଗୁରୁବାର ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ଅକାଳ ମତ୍ୟୁ ଘଟିଛି। ମୃତକ ଜଣଙ୍କ ଟମକା ନିବାସୀ ସ୍ୱର୍ଗତ ବାଉରୀ ଦାସଙ୍କ ପୁଅ ଚୈତନ୍ୟ (୪୪) ବୋଲି ସୂଚନା ମିଳିଛି। ମିଳିଥିବା ଖବର ମୁତାବକ ଚୈତନ୍ୟ ସନ୍ଧ୍ୟା ପ୍ରାୟ ୬ଟାରେ ଘର ସଉଦା ପାଇଁ ଚାଲି ଚାଲି ଯାଉଥିବା ବେଳେ ଉକ୍ତ ଗଡ଼ାଣି ନିକଟରେ ଏକ ଛଅ ଚକିଆ ଟ୍ରକ୍ ଏବଂ ଅନ୍ୟ ଏକ ଅଜଣା ଟ୍ରକ ପରସ୍ପରକୁ ସାଇଡ୍ ମାରିଥିଲେ। ଫଳରେ ଅଜଣା ଟ୍ରକଟି ଚୈତନ୍ୟଙ୍କୁ ଧକ୍କା ଦେଇ ପଳାଇଥିଲା। ଚୈତନ୍ୟ ଛିଟକି ପଡ଼ି କ୍ଷତାକ୍ତ ହୋଇ ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକ ତାଙ୍କୁ ଉଦ୍ଧାର କରି କଳିଙ୍ଗନଗର ସ୍ଥିତ ଟାଟା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛି। ଏ ନେଇ ମୃତକଙ୍କ ପୁଅ ରାଜେଶଙ୍କ ଏତଲାକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଗୋଦାମ ଘର ପୋଡ଼ିଦେଲେ ଦୁର୍ବୃତ୍ତ

**ବ୍ରହ୍ମବରଦା, ୪।୪(ସମିସ):** ଜଣେ ବ୍ୟବସାୟୀଙ୍କ ଖାଦ୍ୟ ଶସ୍ୟ ରଖିଥିବା ଗୋଦାମ ଘରକୁ କୌଣସି ଦୁର୍ବୃତ୍ତ ଗୁରୁବାର ରାତିରେ ନିଆଁ ଲଗାଇ ଦେଇଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ଖବରପାଇ ବ୍ରହ୍ମବରଦା ଥାନା ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଧର୍ମଶାଳା ଥାନା ଅଧିନସ୍ଥ ଅରାବଳ ଗ୍ରାମର ନରେନ୍ଦ୍ର ଦଳାଇଙ୍କ ପୁଅ ରମେଶ ଚନ୍ଦ୍ର ଦଳାଇ ବ୍ରହ୍ମବରଦା ହାଟରେ ବିରି, ମୁଗ, କୋଳଥ, ସୋରିଷ, ଚିନାବାଦାମ ଓ ଚାଉଳ ଭଳି ସାମଗ୍ରୀ ବ୍ୟବସାୟ କରିଥାନ୍ତି। ବ୍ୟବସାୟ ପରେ ବଳକା ସାମଗ୍ରୀକୁ ହାଟ ଭିତରେ ଥିବା ଏକ ଗୋଦାମ ଘରେ ସାଇତି ରଖି ଘରକୁ ଯାଆନ୍ତି। ଶୁକ୍ରବାର ସକାଳୁ ରମେଶ ଗୋଦାମ ଘର ଖୋଲିବାକୁ ଯାଇଥିବା ବେଳେ ଗୋଦାମ ଗୃହରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଦେଖିବାକୁ ପାଇଥିଲେ। ନିଆଁ ଲାଗି ଗୃହର କବାଟ ଜଳିଯିବା ସହ ଘରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି।

# କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ

**ବଡଚଣା/ଧର୍ମଶାଳା/ପାଣିକୋଇଲି, ୪।୪(ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାଲେଶ୍ୱର ଗସ୍ତ ଅବସରରେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର ଅପରାହ୍ନରେ ବଡଚଣା, ଧର୍ମଶାଳା, କୁଆଖିଆ, ପାଣିକୋଇଲିଠାରେ ଦଳୀୟ କର୍ମୀ ସ୍ୱାଗତ କରିଛନ୍ତି। ବଡଚଣାରେ ବିଧାୟକ ଅମର ନାୟକ, ଧର୍ମଶାଳାରେ ବିଧାୟକ ହିମାଂଶୁ ସାହୁ, କୋରେଇରେ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ବିଜେପି କର୍ମୀ ମାନେ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ରାଜପଥରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିବା ସହ ଆମ୍ବୁଲାନ୍ସ ମଧ ଦୀର୍ଘ ସମୟ ଅଟକି ରହିଥିଲା।

# ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା

ଯାଜପୁର, ୪।୪(ସମିସ)



ରାଜ୍ୟ ସରକାରଙ୍କ ତରଫରୁ ସମଗ୍ର ରାଜ୍ୟରେ ବିଭିନ୍ନ ବିଭାଗ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ଓଡ଼ିଶା ଦିବସ ତଥା ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ତଥା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି କ୍ରମରେ ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲାରେ ଶୁକ୍ରବାର ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆରେ ସ୍ପଷ୍ଟ ଭାବେ ନାମଫଳକ ଲେଖିବା ସମ୍ବନ୍ଧୀୟ ସଚେତନତା ପଦଯାତ୍ରା ତଥା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡିଙ୍କ ନିର୍ଦ୍ଦେଶରେ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଅଭିଯାନ ତଥା ପଦଯାତ୍ରା ଯାଜପୁର ରୋଡ ରେଳ ଷ୍ଟେସନରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଯାଜପୁର ରୋଡରେ ସମାପ୍ତ ହୋଇଥିଲା। ଏହି ଅବସରରେ ବାହାରିଥିବା ଶୋଭାଯାତ୍ରାରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲ୍ଲା ସହକାରୀ ଶ୍ରମ ଅଧିକାରୀବୃନ୍ଦ ସଞ୍ଜିତ କୁମାର ଦେଓ, ସୁନନ୍ଦା ବିଶ୍ୱାଳ, ସୌମ୍ୟସୁନ୍ଦର ରାଉତରାୟ, ସୌମ୍ୟରଞ୍ଜନ ବେହେରା, ସ୍ମୃତିରଞ୍ଜନ ପଣ୍ଡା, ରଚନା ସେଠୀ ପ୍ରମୁଖ ଯୋଗ ଦେବା ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଓଡ଼ିଆରେ ନାମ ଫଳକ ଲେଖିବା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ। ଏହି ରଥ ବ୍ୟାସନଗର ଏବଂ ଯାଜପୁର ପୌରସଂସ୍ଥା ପରିକ୍ରମା କରିବା ସହ ଜନସାଧାରଣଙ୍କୁ ସଚେତନ କରାଇବ। ବ୍ୟାସନଗର ମହାବିଦ୍ୟାଳୟର ଛାତ୍ର ଏହି ପଦଯାତ୍ରାରେ ସାମିଲ ହେବା ସହିତ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ନିର୍ମାଣ ଶ୍ରମିକ, ବ୍ୟାସନଗର ବାଣିଜ୍ୟିକ ପ୍ରତିଷ୍ଠାନର କର୍ମକର୍ତ୍ତା ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସାମିଲ ହୋଇ ସବୁ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆ ଭାଷାରେ ଅତ୍ୟନ୍ତ ସ୍ପଷ୍ଟ ଭାବେ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ। ଶ୍ରମିକମାନଙ୍କୁ କାମକୁ ଯିବା ପୂର୍ବରୁ ରେଳଷ୍ଟେସନ ପାଖରେ ଏକତ୍ରିତ ହେଉଥିବା ଜାଗାରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୪।୪(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁର ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ କମରମହଲ୍ଲା ବସ୍ତିର ସମସୁନ ବିବି (୮୨)ଙ୍କର ଶୁକ୍ରବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସପରିବାର ଉପସ୍ଥିତ ଥିଲେ। ମୁସଲିମ ରୀତିନୀତି ଅନୁଯାୟୀ ସ୍ଥାନୀୟ କବରସ୍ଥାନରେ କବର ଦିଆଯାଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇ ସରପଞ୍ଚ ସେକ୍ ଅବଦୁଲ ଗନି, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମଲିକ, ମନ୍ମଥ କେଶରୀ ସାହେବରାୟ ଓ ରଶ୍ମିରଞ୍ଜନ ବଳ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକ ବ୍ୟକ୍ତ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୩୪ ● ପାଉଣ୍ଡ ୧୧୧.୭୧
- ୟୁରୋ ୯୪.୧୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୫,୧୦୦ (ଭୁବନେଶ୍ୱର)
- ରୁପା : ୧,୦୨,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 	୭୫,୩୬୪.୦୦
- ନିଫ୍ଟି 	୨୨,୯୦୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଟ୍ରମ୍ପଙ୍କୁ ଚୀନ୍‌ର ଟାରିଫ୍ ଜବାବ୍

# ୩୪% ଟାରିଫ୍, ଏପ୍ରିଲ ୧୦ରୁ ଲାଗୁ



ନୂଆଦିଲ୍ଲୀ,୪।୪(ଏଜେନ୍ସି):


ବୁଧବାର ଦିନ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ପାରସ୍ପରିକ ଟାରିଫ୍ ବା ଶୁଳ୍କ ଉପରେ ଚୀନ୍ ଶୁକ୍ରବାର କଡ଼ା ଜବାବ ଦେଇଛି। ଚୀନ୍ ମଧ୍ୟ ଆମେରିକା ଉପରେ ଅତିରିକ୍ତ ଶୁଳ୍କ ଲଗାଇ ପ୍ରତିଶୋଧ ନେଇଛି। କେବଳ ଏତିକି ନୁହେଁ, ଚୀନ୍ ଆମେରିକାଠାରୁ କିଛି ପାଦ ଆଗରେ ରହିଛି। ଚୀନ୍ କେବଳ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିନାହିଁ ବରଂ କିଛି ସାମଗ୍ରୀର ରପ୍ତାନିକୁ ମଧ୍ୟ ନିଷେଧ କରିଛି। ଏହା ଚୀନ୍ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧକୁ ଆହୁରି ବୃଦ୍ଧି କରିଛି। ଚୀନର ଅର୍ଥ ମନ୍ତ୍ରଣାଳୟ କହିଛି ଯେ ଏପ୍ରିଲ ୧୦ରୁ ଆମେରିକାରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ୩୪% ଅତିରିକ୍ତ ଟିକସ ଲାଗୁ କରାଯିବ। ଏହା ପୂର୍ବରୁ ଚାଲିଥିବା ବାଣିଜ୍ୟ ଯୁଦ୍ଧକୁ ଆହୁରି ତୀବ୍ର କରିବ। ଚୀନ୍ ଆମେରିକାକୁ ତୁରନ୍ତ ଲାଗୁ କରାଯାଇଥିବା ଟିକସ ପ୍ରତ୍ୟାହାର କରିବାକୁ କହିବା ପରେ ଏହି ପଦକ୍ଷେପ ନିଆଯାଇଛି। ଚୀନ୍ ମଧ୍ୟ କହିଥିଲା ଯେ ସେ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରତିଶୋଧ ନେବ। ଚୀନର ଏହି ଟିକସ ଟ୍ରମ୍ପଙ୍କ ସାମ୍ପ୍ରତିକ ବାଣିଜ୍ୟ ନିଷ୍ପତ୍ତିର ସିଧାସଳଖ ପ୍ରତିକ୍ରିୟା।

**ଟ୍ରମ୍ପ ଚୀନ ଉପରେ କେତେ ଟିକସ ଲଗାଇଥିଲେ ?**

ଟ୍ରମ୍ପ ପୂର୍ବରୁ ଚୀନ୍ ଉପରେ ୨୦% ଟିକସ ଲାଗୁ କରିଥିଲେ ଏବଂ ଏବେ ସେ ଆଉ ୩୪% ଟିକସ ଲାଗୁ କରିଛନ୍ତି। ଏହିପରି ମୋଟ ଟିକସ ୫୪% ହୋଇଯାଇଛି। ଏହା ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ ଦେଇଥିବା ୬୦%ର ପାଖାପାଖି। ଏହା ମଧ୍ୟ ଉଲ୍ଲେଖନୀୟ ଯେ ଚୀନ୍ ପ୍ରତିବର୍ଷ ଆମେରିକାକୁ ୪୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ବିକ୍ରି କରେ। ଅନ୍ୟ କୌଣସି ଦେଶ ଏହାର ନିକଟତର ମଧ୍ୟ ନୁହଁନ୍ତି। ଅପରପକ୍ଷେ ,ଚୀନର ବାଣିଜ୍ୟ ମନ୍ତ୍ରଣାଳୟ କହିଛି ଯେ ଏହା ୧୬ଟି ଆମେରିକୀୟ କମ୍ପାନୀକୁ ଏହାର ରପ୍ତାନି ନିୟନ୍ତ୍ରଣ ତାଲିକାରେ ରଖିଛି। ଏହାର ଅର୍ଥ ହେଉଛି ଏହି କମ୍ପାନୀଗୁଡ଼ିକ ଏବେ ଚୀନର ବଜାର ଏବଂ ପ୍ରଯୁକ୍ତିବିଦ୍ୟାରେ ପ୍ରବେଶ କରିବା କଷ୍ଟକର ହେବ। ଏହା ବ୍ୟତୀତ, ୧୧ଟି ଆମେରିକୀୟ କମ୍ପାନୀକୁ ଚୀନର ‹ଅବିଶ୍ୱସନୀୟ କମ୍ପାନୀ› ତାଲିକାରେ ରଖାଯାଇଛି। ଚୀନ୍ କିଛି ଜିନିଷର ରପ୍ତାନି ଉପରେ ମଧ୍ୟ କଟକଣା ଲଗାଉଛି। ଏହି ଜିନିଷଗୁଡ଼ିକ ଉଚ୍ଚ-ପ୍ରଯୁକ୍ତି ଶିଳ୍ପ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ସାମାରିୟମ, ଗାଡୋଲିନିୟମ, ଟେରବିୟମ, ଡିସପ୍ରୋସିୟମ, ସ୍କାନଡିୟମ ଅନ୍ତର୍ଭୁକ୍ତ। ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ , ଆଇନ ଅନୁଯାୟୀ ପ୍ରାସଙ୍ଗିକ ସାମଗ୍ରୀ ଉପରେ ରପ୍ତାନି ନିୟନ୍ତ୍ରଣ ଲାଗୁ କରିବାର ଚୀନ୍ ସରକାରଙ୍କ ଲକ୍ଷ୍ୟ ହେଉଛି ଜାତୀୟ ସୁରକ୍ଷା ଏବଂ ସ୍ୱାର୍ଥକୁ ଭଲ ଭାବରେ ସୁରକ୍ଷା ଦେବା। ଏହାର ଅର୍ଥ ହେଉଛି ଏହି ଜିନିଷଗୁଡ଼ିକୁ ନିଷିଦ୍ଧ କରି ଚୀନ୍ ନିଜ ଦେଶକୁ ସୁରକ୍ଷିତ ରଖିବାକୁ ଏବଂ ଅନ୍ତର୍ଜାତୀୟ ନିୟମ ପାଳନ କରିବାକୁ ଚାହୁଁଛି।

**ଡ୍ରାଗନ୍‌ର ରପ୍ତାନି ନିୟନ୍ତ୍ରଣ ତାଲିକାରେ ୧୬ ଆମେରିକୀୟ କମ୍ପାନୀ**


# ସୁନା ଦରରେ ସୁଧାର କିଣିବା ସୁଯୋଗ ଆଣିବ: ସଞ୍ଜୟ ହଂସ



ନୂଆଦିଲ୍ଲୀ,୪।୪(ଏଜେନ୍ସି): ୨୪ କ୍ୟାରେଟ୍ ସୁନା ମୂଲ୍ୟ ୯୩ ହଜାର ଟଙ୍କା ପାର କରିସାରିଲାଣି। ପୂର୍ବ ଅନୁମାନ ଅପେକ୍ଷା ଏକ ଲକ୍ଷ ଟଙ୍କା ପାର୍ ହେବାର ସମ୍ଭାବନା ଦେଖାଦେଇଛି। ଲାଲଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ମତରେ ଏଭଳି ପରିସ୍ଥିତିରେ ସୁନା କିଣିବା ପାଇଁ ସଠିକ ସମୟ ବାଛିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆମେରିକୀୟ ଫେଡେରାଲ ରିଜର୍ଭର ସୁଧ ହାର ହ୍ରାସ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କିଣିବା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ଇତ୍ୟାଦି ବିଶ୍ୱ ବଜାରରେ ସୁନାର ଦରକୁ ପ୍ରଭାବିତ କରୁଛି। ଯାହାଫଳରେ ସୁନାର ଦର ଏକ ଲକ୍ଷ ଟଙ୍କା ପାର ହୋଇ ଏକ ଲକ୍ଷ ୩୫ ହଜାର ସ୍ତରକୁ ଛୁଇଁବାର ସମ୍ଭାବନା ଦେଖାଦେଇଛି। ତେବେ ଅକ୍ଷୟ ତୃତୀୟା ଅବସରରେ ଲାଲଚନ୍ଦ ଜୁଏଲର୍ସ ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ସୁନା କିଣିବାର ସବୁଠୁ ସହଜ ବାଟ। ପ୍ରି-ବୁକିଂ ସୁବିଧା ଦ୍ୱାରା ଗ୍ରାହକମାନେ କିଛି ଅଗ୍ରୀମ ଦେଇ ସୁନା ଦର ଲକ୍ କରିପାରିବେ। ଆଗକୁ କୌଣସି ଦିନ ଯଦି ସୁନା ଦରରେ ସୁଧାର ଦେଖାଦିଏ, ସେଦିନର ଦର ଅଥବା ଦର ବଢ଼ିଥିଲେ ବୁକିଂ ଦିନର ଦରରେ ସୁନା କିଣିପାରିବେ। ଏହା ଗ୍ରାହକମାନଙ୍କୁ ଅସ୍ଥିର ସୁନା ଦରରୁ ସୁରକ୍ଷା ପ୍ରଦାନ କରିବ। ସୁନାରେ ନିବେଶ କରିବା ପାଇଁ ଲାଲ୍‌ଚନ୍ଦର ପ୍ରତ୍ୟେକ ଷ୍ଟୋର୍‌ରେ ମିଳୁଛି ଏମ୍‌ଏମ୍‌ଟିସି ସ୍ୱର୍ଣ୍ଣ ମୁଦ୍ରା। ଭାରତରେ ସୁନାର ଦର ଗତ ୨୦୦୦ଠାରୁ ସାମୟିକ ଉତ୍ଥାନ ପତନ ସତ୍ତ୍ୱେ କ୍ରମାଗତ ଭାବେ ବଢ଼ି ଚାଲିଛି। ୨୦୦୦ ମସିହାରେ ୧୦ ଗ୍ରାମ ସୁନାର ଦର ୪,୪୦୦ ଟଙ୍କା ଥିବାବେଳେ ୨୦୨୫ରେ ୯୩ ହଜାର ଟଙ୍କାରେ ପହଞ୍ଚିଛି। ସୁନାରେ ନିବେଶକଙ୍କ ସଂଖ୍ୟା ବଢ଼ିଛି ତେଣୁ ସୁନାର ଚାହିଦା ମଧ୍ୟ ବଢ଼ି ଚାଲିଛି। ଏବେ ସୁନାକୁ କେବଳ ଏକ ଅଳଙ୍କାର ଭାବେ ନ ଦେଖି ଲୋକେ ଏକ ଉତ୍ତମ ନିବେଶର ମାଧ୍ୟମ ଭାବେ ବିବେଚନା କରୁଛନ୍ତି। ଏବେ ସୁନା ସହିତ ରୁପା ଉପରେ ମଧ୍ୟ ନିବେଶକଙ୍କ ନଜର ପଡ଼ିଛି। ଆଗାମୀ ଦିନରେ ରୁପା ମଧ୍ୟ ଯଥେଷ୍ଟ ବଢ଼ିବାର ସମ୍ଭାବନା ଦେଖାଦେଇଛି ବୋଲି ଶ୍ରୀ ହଂସ କହିଛନ୍ତି।

# କନ୍ଦାଇଲା ଟ୍ରମ୍ପ୍ ଟାରିଫ୍

- ବିଶ୍ୱର ୫୦୦ ଧନୀଙ୍କ ସମ୍ପତ୍ତିରୁ ୨୦୮ ବିଲିୟନ୍ ଡଲାର ଉଡ଼ିଗଲା



ନୂଆଦିଲ୍ଲୀ,୪।୪(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏପ୍ରିଲ୍ ୨ରୁ ପାରସ୍ପରିକ ଶୁଳ୍କ ଘୋଷଣା କରିଛନ୍ତି। ଏହି ଶୁଳ୍କ କେବଳ ଦେଶ ଏବଂ ବିଶ୍ୱକୁ ପ୍ରଭାବିତ କରିନାହିଁ, ବରଂ ଏହା ବିଶ୍ୱର ଶ୍ରେଷ୍ଠ କୋଟିପତିଙ୍କ ସମ୍ପତ୍ତିକୁ ମଧ୍ୟ ପ୍ରଭାବିତ କରିଛି। ଟ୍ରମ୍ପ୍‌ଙ୍କ ଟାରିଫ୍ କେବଳ ଏଲନ୍ ମସ୍କ, ଜେଫ୍ ବେଜୋସ୍, ଲ୍ୟାରି ପେଜ୍, ବିଲ୍ ଗେଟ୍ସ କିମ୍ବା ମାର୍କ ଜୁକରବର୍ଗଙ୍କ ସମ୍ପତ୍ତିକୁ ପ୍ରଭାବିତ କରିନାହିଁ, ବରଂ ଏହି ବର୍ଷ ସର୍ବାଧିକ ରୋଜଗାର କରିଥିବା କିମ୍ବଦନ୍ତୀ ନିବେଶକ ୱାରେନ୍ ବଫେ ବହୁ କୋଟିର ସମ୍ପତ୍ତି ହରାଇଛନ୍ତି। ଏମିତିକି ଏହାର ପ୍ରଭାବରେ ବିଶ୍ୱର ୫୦୦ ଶ୍ରେଷ୍ଠ ଧନୀଙ୍କ ସମ୍ପତ୍ତିରୁ ୨୦୮ ବିଲିୟନ୍ ଡଲାର ଉଡ଼ିଯାଇଛି।

ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି କେବଳ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିନାହିଁ ବରଂ ଆମେରିକାର କିଛି ବଡ଼ କୋଟିପତିଙ୍କୁ ମଧ୍ୟ କ୍ଷତି ପହଞ୍ଚାଇଛି। ଆମେରିକା ଫାଷ୍ଟ ନୀତି ଅନୁଯାୟୀ, ରାଷ୍ଟ୍ରପତି ଟ୍ରମ୍ପ ଅନେକ ଦେଶ ଉପରେ ଭାରି ଶୁଳ୍କ ଲାଗୁ କରିଥିଲେ। ଯାହା ଦ୍ୱାରା ଆମେରିକୀୟ ଶିଳ୍ପଗୁଡ଼ିକୁ ସୁରକ୍ଷା ଦିଆଯାଇପାରିବ ଏବଂ ବାଣିଜ୍ୟ ନିଅଣ୍ଟ ହ୍ରାସ କରାଯାଇପାରିବ। କିନ୍ତୁ ଟ୍ରମ୍ପଙ୍କ ଏହି ନୀତି ଯୋଗୁଁ ଆମେରିକୀୟ କୋଟିପତିମାନେ ମଧ୍ୟ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନୟାର ଇଣ୍ଡେକ୍ସ ଅନୁଯାୟୀ, ଗୁରୁବାର ୱାଲ ଷ୍ଟ୍ରିଟରେ ହୋଇଥିବା ଭୂକମ୍ପରେ ଟେକ୍ କମ୍ପାନୀଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଟ୍ରମ୍ପଙ୍କ ଟାରିଫ୍ ନୀତି ଯୋଗୁଁ ମାର୍କ ଜୁକରବର୍ଗ ୨୦୦ ବିଲିୟନ ଡଲାର କ୍ଲବରୁ ବାଦ ପଡ଼ିଲେ।

# ଟାରିଫ୍ ଯୁଦ୍ଧ ବିଶ୍ୱକୁ ମାନ୍ଦାବସ୍ଥାକୁ ଠେଲିଲେ ଟ୍ରମ୍ପ୍




**ସେନ୍‌ସେକ୍ସ ୯୦୦ରୁ ଅଧିକ ପଏଣ୍ଟ ଖସିଲା**


**ଆମେରିକା ବଜାର ୬% ଖସିଲା**

**ତଳମୁହାଁ ହେଉଛି ନାସ୍‌ଡାକ୍, ଡାଓଜୋନ୍ସ**

ନୂଆଦିଲ୍ଲୀ,୪।୪(ଏଜେନ୍ସି): ତୀବ୍ରତର ହେବାରେ ଲାଗିଛି ଟାରିଫ୍ ବା ଶୁଳ୍କ ଯୁଦ୍ଧ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପରେ ୱାଲ୍ ଷ୍ଟ୍ରିଟରେ ହଇଚଇ ସୃଷ୍ଟି ହୋଇଛି। ଏଥିପାଇଁ ଖୋଦ୍ ଆମେରିକାର ଅନେକ ବଡ଼ ବ୍ୟାଙ୍କରେ ମାନ୍ଦାବସ୍ଥା ଆସିବା ନେଇ ଚେତାବନୀ ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ଜିଦ୍‌ଖୋର ଶୁଳ୍କ ନୀତି ଏବେ ସାରା ବିଶ୍ୱକୁ ମାନ୍ଦାବସ୍ଥାକୁ ଠେଲିଦେବାକୁ ଯାଉଛି। ଟ୍ରମ୍ପ ବୁଧବାର ୬୦ରୁ ଅଧିକ ଦେଶ ଉପରେ ଅତିରିକ୍ତ ଶୁଳ୍କ ଲଗାଇଥିଲେ। ଏହାପରେ ଦୁନିଆରେ ମାନ୍ଦାବସ୍ଥା ଭୟ ବଢ଼ିଛି। ଏହି କାରଣରୁ ଗୁରୁବାର ସାରା ଦୁନିଆର ସେୟାର ବଜାର ଭୟଙ୍କର ରୂପେ ପ୍ରଭାବିତ ହୋଇଥିଲା। ଏଥିଯୋଗୁ ଆମେରିକା ସେୟାର ବଜାର ୫ ବର୍ଷର ସବୁଠୁ ବଡ଼ ହ୍ରାସ ଦେଖିଛି। ଏଥିରେ ତଳମୁହାଁ ହୋଇଛି ଆମେରିକାର ନାସ୍‌ଡାକ୍ ଏବଂ ଡାଓଜୋନ୍ସ ଇଣ୍ଡେକ୍ସ। ମେରିକାର ସେୟାର ବଜାର ୬% ଖସିଯାଇଛି। ଏହି ହ୍ରାସରେ ନିବେଶକଙ୍କ ୨.୪ ଟ୍ରିଲିୟନ ଡଲାର ସ୍ୱାହା ହୋଇଯାଇଛି। ସେପଟେ ଭାରତୀୟ ସେୟାର ବଜାର ଗୁରୁବାର ପରେ ଶୁକ୍ରବାର ମଧ୍ୟ ବଡ଼ ହ୍ରାସ ସହ ବନ୍ଦ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ୯୦୦ ପଏଣ୍ଟରୁ ଅଧିକ ପଏଣ୍ଟ ହ୍ରାସ ଘଟିଛି,ଫଳରେ ନିବେଶକଙ୍କୁ ୯.୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ବ୍ଲୁମବର୍ଗର ରିପୋର୍ଟ ଅନୁସାରେ ଅର୍ଥଶାସ୍ତ୍ରୀ ବ୍ରୁସ୍ କାସମ୍ୟାନ୍ ଭୟଙ୍କର ସ୍ଥିତି ନେଇ ଚେତାବନୀ ଦେଇଛନ୍ତି। ନିବେଶ ବ୍ୟାଙ୍କ ଜେ.ପି. ମୋର୍ଗାନର ମୁଖ୍ୟ ଅର୍ଥଶାସ୍ତ୍ରୀ ବ୍ରୁସ୍ କହିଛନ୍ତି ଯେ ୨୦୨୫ରେ ବୈଶ୍ୱିକ ମାନ୍ଦାବସ୍ଥାର ୬୦ ପ୍ରତିଶତ ଆଶଙ୍କା ରହିଛି। ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପୂର୍ବରୁ ଏହି ସମ୍ଭାବନା ୪୦ ପ୍ରତିଶତ ଥିଲା। ଗୋଲ୍ଡମ୍ୟାନ୍ ସ୍ୟାକ୍ ମଧ୍ୟ ସମାନ ଚିନ୍ତା ପ୍ରକଟ କରିଛି। ଏଜେନ୍ସି ଆଗାମୀ ୧୨ ମାସରେ ମାନ୍ଦାବସ୍ଥା ଆଶଙ୍କାକୁ ୨୦ ପ୍ରତିଶତରୁ ୩୫ ପ୍ରତିଶତକୁ ବଢାଇଛି। ଗୋଲ୍ଡମ୍ୟାନ୍ ସ୍ୟାଚ୍ ୨୦୨୫ରେଆମେରିକାର ଜିଡିପିର ଅନୁମାନକୁ ହ୍ରାସ କରି କେବଳ ୧ ପ୍ରତିଶତ କରିଛି। ସେହିପରି ବେକାରି ହାର ୪.୫ ପ୍ରତିଶତ ଯାଏ ବଢିବାର ଅନୁମାନ ରହିଛି। ୟୁନିଭର୍ସିଟି ଅଫ୍ ମିଚିଗାନ୍‌ର ସର୍ଭେ ଅନୁସାରେ, ମହାମାନ୍ଦାବସ୍ଥା ପରେ ଏବେ ଆମେରିକାରେ ବେକାରି ସଂଖ୍ୟା ଅଧିକ ବଢିବା ଆଶଙ୍କା ରହିଛି। ସେପଟେ ମୁଡିଜ୍ ଆନାଲିଟିକ୍ସର ମୁଖ୍ୟ ଅର୍ଥଶାସ୍ତ୍ରୀ ମାର୍କ ମଧ୍ୟ ମାନ୍ଦାବସ୍ଥା ଅନୁମାନକୁ ୧୫ ପ୍ରତିଶତରୁ ବଢାଇ ୪୦ ପ୍ରତିଶତ କରିଛନ୍ତି।

## ନିବେଶକଙ୍କ ବୁଡିଲା ୯.୫ ଲକ୍ଷ କୋଟି

ମୁମ୍ବାଇ,୪।୪(ଏଜେନ୍ସି): ଭାରତୀୟ ସେୟାର ବଜାର ପାଇଁ ଏପ୍ରିଲ ୪ ଶୁକ୍ରବାର ‘କଳା ଶୁକ୍ରବାର’ ସାବ୍ୟସ୍ତ ହୋଇଛି। ଏଥିଯୋଗୁ ସେନସେକ୍ସ ଓ ନିଫ୍ଟି ୧%ରୁ



ଅଧିକ ହ୍ରାସ ହୋଇଛି। ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ଆଶଙ୍କା ନିବେଶକଙ୍କ ମନବଳ ହ୍ରାସ କରିଛି। ଏଣୁ ବଜାରରେ ବିକ୍ରି ଦେଖାଦେଇଥିବାବେଳେ କାରବାର ଶେଷ ବେଳକୁ ସେନସେକ୍ସରେ ୯୩୦ ପଏଣ୍ଟ ଅର୍ଥାତ ୧.୩୨% ହ୍ରାସ ସହ ୭୫,୩୬୪ ପଏଣ୍ଟରେ ଓ ନିଫ୍ଟିରେ ୩୪୫ ପଏଣ୍ଟ ଅର୍ଥାତ ୧.୬୧ ପ୍ରତିଶତ ହ୍ରାସ ସହ ୨୨,୯୦୪ ଏଣ୍ଟରେ ବନ୍ଦ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ଲିଷ୍ଟେଡ କମ୍ପାନୀଙ୍କ ମୋଟ ବଜାର ପୁଞ୍ଜି ପାଖାପାଖି ୯.୫ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଶେଷ କରି ଆଇଟି ଓ ମେଟାଲ ସେୟାର ଗୁରୁତର ପ୍ରଭାବିତ ହୋଇଛି।

# ‘ଆକାଶ ଡିଜିଟାଲ’ର ଶୁଭାରମ୍ଭ



ଭୁବନେଶ୍ୱର,୪।୪(ସମିସ): ଟେଷ୍ଟ ପ୍ରିପାରେଟୋରି ସେବାର ଅନ୍ୟତମ ଅଗ୍ରେତା ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ନୂଆ ଡିଜିଟାଲ ପ୍ଲାଟଫର୍ମ ‘ଆକାଶ ଡିଜିଟାଲ’ର ଶୁଭାରମ୍ଭ ଆରମ୍ଭ କରାଯାଇଛି। ମେଡିକାଲ ଏବଂ ଜେଇଇ/ଇଞ୍ଜିନିୟରିଂ ନିମନ୍ତେ ଅନୁଷ୍ଠାନ ଏହି ଡିଜିଟାଲ ପ୍ଲାଟଫର୍ମ ଆଣିଛି। ‘ଆକାଶ ଡିଜିଟାଲ’ ୨.୦ ହେଉଛି ନିଟ୍, ଜେଇଇ ଏବଂ ଅନ୍‌ଅଲମ୍ପିଆଡ୍ କୋଚିଂ ନିମନ୍ତେ ଲାଇନ୍ ଶିକ୍ଷା,ଏଆଇ-ପାୱାର,ମତବିନିମୟ ପ୍ଲାଟଫର୍ମର ଏକ ରୂପାନ୍ତରଣ ମାଧ୍ୟମ, ଯାହା ଉତ୍ତମ ମାନର ସୁଲଭ ମୂଲ୍ୟରେ ଆପଣାଇବା ଭଳି ହୋଇଛି । ଏ ସମ୍ପର୍କରେ ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦୀପକ ମେହେରୋତ୍ରା କହିଛନ୍ତି ଯେ, ଉତ୍ତମ ତତ୍ତ୍ୱାବଧାନ, ଜ୍ଞାନ ଏବଂ ସମ୍ବଳ ଜରିଆରେ ଛାତ୍ରଛାତ୍ରୀଙ୍କ ଉନ୍ନତି କରାଇବା ଉପରେ ବିଶ୍ୱାସ କରୁ। ‘ଆକାଶ ଡିଜିଟାଲ’ର ଟେଷ୍ଟ ପ୍ରିପାରେଟୋରି ସେବା କ୍ଷେତ୍ରରେ ଏକ ନୂଆ ଇତିହାସ ରଚିବ।

# ରିଲାଏନ୍ସ ‘ଡିଜିଟାଲ୍ ରିଆତି ଦିନ’

Reliance digital
PERSONALISING TECHNOLOGY

- ଇଲେକ୍ଟ୍ରୋନିକ୍ସରେ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ ଅଫର

ନୂଆଦିଲ୍ଲୀ,୪।୪(ଏଜେନ୍ସି): ରିଲାଏନ୍ସ ଡିଜିଟାଲ୍ ‘ଡିଜିଟାଲ୍ ରିଆତି ଦିନ’ ଭାରତର ସବୁଠାରୁ ବଡ ଇଲେକ୍ଟ୍ରୋନିକ୍ସ ସେଲ୍ ମହୋତ୍ସବ ପୁଣି ଥରେ ଫେରିଆସିଛି ଆଉ ଅଗ୍ରଣୀ ବ୍ୟାଙ୍କ କାର୍ଡ ଏବଂ ପେପର ଫାଇନାନ୍ସ ଉପରେ ୨୫୦୦୦ ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି। ଆଜିଠାରୁ ୨୦ ଏପ୍ରିଲ ପର୍ଯ୍ୟନ୍ତ ସମସ୍ତ ରିଲାଏନ୍ସ ଡିଜିଟାଲ୍ ଏବଂ ମାଇ ଜିଓ ଷ୍ଟୋରରେ ସମସ୍ତ ଅଫରଗୁଡିକ ବୈଧ। ସହଜ ଫାଇନାନ୍ସ, ଇଏମ୍‌ଆଇ ବିକଳ୍ପ ଏବଂ ଦ୍ରୁତତମ ବିତରଣ ଏବଂ ଇନଷ୍ଟଲେସନ ସହିତ ଭାରତର ନବୀକରଣ ପାଇଁ ଏଇଟା ହିଁ ପ୍ରକୃତ ସମୟ। ମାତ୍ର ୨୬,୯୯୦ ଟାରୁ ଆରମ୍ଭ ୧.୫ ଟନ୍ ୩ ଷ୍ଟାର୍ ଏସି ସହିତ ରୁହନ୍ତୁ ଗ୍ରୀଷ୍ମ ପାଇଁ ପ୍ରସ୍ତୁତ। ଏୟାର କୁଲରର ବିସ୍ତୃତ ପରିସର ଉପରେ ସର୍ବୋତ୍ତମ ଡିଲ୍ ନେଇ ଯାଆନ୍ତୁ। କେବଳ ୬୧୯୯୦ ଟଙ୍କାରେ ସାଇଡ୍ ବାଏ ସାଇଡ୍ ରେଫ୍ରିଜରେଟର ପାଆନ୍ତୁ। ଲାପଟପ୍ ଗୁଡିକରେ ୩୦୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଉପଭୋଗ କରନ୍ତୁ ଏବଂ ସର୍ବୋତ୍ତମ ମୂଲ୍ୟରେ ଲାଟେଷ୍ଟ ସ୍ମାର୍ଟଫୋନ୍ ପାଆନ୍ତୁ। ଟିଭିରେ ୬୦% ପର୍ଯ୍ୟନ୍ତ ରିଆତି - ୫୫ "୪କ ଗୁଗୁଲ୍ ଟିଭି ମାତ୍ର ୨୬୯୯୦ ଟଙ୍କାରେ।

# ଷ୍ଟେଟ୍ ବ୍ୟାଙ୍କ ପେନ୍‌ସନ୍ ଫଣ୍ଡ ପକ୍ଷରୁ ଭ୍ରାମ୍ୟମାଣ ମେଡିକାଲ ଭ୍ୟାନ ପ୍ରଦାନ



ଭୁବନେଶ୍ୱର,୪।୪(ସମିସ): ଷ୍ଟେଟ୍ ବ୍ୟାଙ୍କ ପେନ୍‌ସନ୍ ଫଣ୍ଡ ପକ୍ଷରୁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ଭ୍ରାମ୍ୟମାଣ ମେଡିକାଲ ଭ୍ୟାନ ପ୍ରଦାନ ଷ୍ଟେଟ ବ୍ୟାଙ୍କ ପେନସନ ଫଣ୍ଡ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଭୁମିକା ଚକ୍ଷୁ ଚିକିତ୍ସାଳୟକୁ ଏକ ଭ୍ରାମ୍ୟମାଣ ମେଡିକାଲ୍ ଭ୍ୟାନ ଏବଂ ଯନ୍ତ୍ରପାତି ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣୟ ରଞ୍ଜନ ଦ୍ୱିବେଦୀ ଭୁମିକା ଚକ୍ଷୁ ଚିକିତ୍ସାଳୟର ଅଧିକାରୀଙ୍କୁ ଏହି ଗାଡି ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହା ପ୍ରବନ୍ଧକ ଦୀନେଶ ପ୍ରୁଥିଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଷ୍ଟୁଡିଓ ‘ଘିବ୍‌ଲୀ’ ଚାର୍ଟଜିପିଟିର ଦୁରୁପୋଯୋଗ**

# ଏଆଇରେ ହେଉଛି ଜାଲ୍ ଆଧାର କାର୍ଡ

ନୂଆଦିଲ୍ଲୀ,୪।୪(ଏଜେନ୍ସି)

ଷ୍ଟୁଡିଓ ‘ଘିବ୍‌ଲି’କୁ ନେ ଏବେ ସାରା ଦୁନିଆରେ ଚର୍ଚ୍ଚା। ପିଲାଠାରୁ ବୁଢ଼ା ସମସ୍ତେ ‘ଘିବ୍‌ଲି’ରେ ଫଟୋ ବନାଇ ସୋସିଆଲ ମିଡିଆରେ ଛାଡିବାରେ ବ୍ୟସ୍ତ। ଲୋକମାନେ ସେମାନଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମରେ ମୂଳ ଏବଂ ‘ଘିବ୍‌ଲୀ’ ଫଟୋଗୁଡ଼ିକୁ ଏକାଠି ସେୟାର କରୁଛନ୍ତି। କିଛି ଦିନ ପୂର୍ବେ, ଚାର୍ଟଜିପିଟି ‘ଘିବ୍‌ଲୀ’ ଶୈଳୀରେ ଫଟୋ ତିଆରି କରି ସମସ୍ତଙ୍କୁ ବହୁତ ମଜା ଦେଉଥିଲା। ଏହି ଫିଚର ଲଞ୍ଚ ହେବାର କିଛି ଘଣ୍ଟା ମଧ୍ୟରେ, ସୋସିଆଲ ମିଡିଆ ‘ଘିବ୍‌ଲୀ’ ଷ୍ଟାଇଲ୍ ଫଟୋରେ ପରିପୂର୍ଣ୍ଣ ହୋଇଗଲା। ‘ଘିବ୍‌ଲୀ’ ଶୈଳୀରେ ଫଟୋ ସୃଷ୍ଟି କରୁଥିବା ଏଆଇର ଆଉ କାର୍ଯ୍ୟ ସାମ୍ନାକୁ ଆସିଛି। ଷ୍ଟୁଡିଓ ‘ଘିବ୍‌ଲୀ’ ମାଧ୍ୟମରେ ଏବେ ଠକେଇ ଆରମ୍ଭ ହୋଇଯାଇଛି। ଏଆଇ ଆପ୍ ଚାର୍ଟଜିପିଟି ଏବେ ‘ଘିବ୍‌ଲୀ’ରୁ ଆଗକୁ ଯାଇ ନକଲି ଆଧାର ଏବଂ ପାନ କାର୍ଡ ତିଆରି କରୁଛି। ଏହି ଆଧାର କାର୍ଡଗୁଡ଼ିକ ମୂଳ କାର୍ଡ ସହିତ ଏତେ ମେଳ ଖାଉଛି ଯେ ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ଯେମିତି ଲୋକମାନେ ସୋସିଆଲ ମିଡିଆରେ ସେମାନଙ୍କର ଫଟୋ ସେୟାର କରିଥିଲେ। ସେହିପରି, ଏବେ ଏଆଇ ବ୍ୟବହାର କରି ତିଆରି ହୋଇଥିବା ଆଧାର କାର୍ଡ ଏବଂ ପାନ କାର୍ଡର ଫଟୋ ସେୟାର କରାଯାଉଛି।




ଚାର୍ଟଜିପିଟି ଏବେ ଏହାର ନୂତନ ଇମେଜ୍ ଜେନେରେଟରକୁ ପ୍ରଚଳନ କରିଛି। ଗତ ସପ୍ତାହ ମଧ୍ୟରେ, ଏଆଇ ଇମେଜ୍ ଜେନେରେଟର ବ୍ୟବହାର କରି ଲୋକମାନେ ୭୦୦ ନିୟୁତ ‘ଘିବ୍‌ଲୀ’ ଫଟୋ ସୃଷ୍ଟି କରିଛନ୍ତି। କିନ୍ତୁ ଏବେ କିଛି ଲୋକ ଏହା ମାଧ୍ୟମରେ ଆଧାର କାର୍ଡ ଏବଂ ପାନ କାର୍ଡ ମଧ୍ୟ ତିଆରି କରିଛନ୍ତି। ସୋସିଆଲ ମିଡିଆରେ ଅନେକ ବ୍ୟବହାରକାରୀ ସେମାନଙ୍କର ଅସଲି ଏବଂ ନକଲି ଆଧାର କାର୍ଡ ସହିତ ଫଟୋ ସେୟାର କରିଛନ୍ତି। ଏହାବ୍ୟତୀତ ଚାର୍ଟଜିପିଟି ସାହାଯ୍ୟରେ ଲୋକମାନେ ଆଧାର କାର୍ଡ ସହିତ ପାନ କାର୍ଡ ମଧ୍ୟ ତିଆରି କରୁଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ ରେ ଲୋକେ ଏଆଇ ମାଧ୍ୟମରେ ତିଆରି ପାନ କାର୍ଡ ଏବଂ ଆଧାର କାର୍ଡର ଫଟୋ ସେୟାର କରି ଲେଖୁଛନ୍ତି ଯେ ଏଆଇ ତୁରନ୍ତ ପାନ୍ ଏବଂ ଆଧାର କାର୍ଡ ତିଆରି କରୁଛି, ଯାହା ଭବିଷ୍ୟତରେ ଏକ ବିପଦ ହୋଇପାରେ।

# ଅଣ୍ଡିଆ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

ଭଦ୍ରକ, ୪।୪(ସମିସ)



**● ୧୩୦ ଛାତ୍ରଛାତ୍ରୀଙ୍କୁ ୪ ଶିକ୍ଷକ**
**● ୧୬ରେ ଆମରଣ ଅନଶନ ସୂଚନା**

ଆବଶ୍ୟକ ଶିକ୍ଷକ ନଥିବାରୁ ଅଣ୍ଡିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଶିକ୍ଷକ ନିଯୁକ୍ତି ନହେଲେ ୧୬ ତାରିଖରୁ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଏକ ଚେତାବନୀପତ୍ର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଦିଆଯାଇଛି। ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଅନନ୍ତଗୋପାଳ ମାଝୀ, ସୁରେଶ ପରିଡା, ସୁଲୋଚନା ରାଉତ, ଅଶୋକ ଦାସ, ତିଳୋତ୍ତମା ଜେନା, ଅତୁଲ ରାଉତ, ଗୌତାମିନି ପରିଡା, ରଶ୍ମିତା ଶଙ୍ଖୁଆ, ବାଇଧର ଓଝା ପ୍ରମୁଖ ଜିଲ୍ଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ସାଂସଦ, ଭଣ୍ଡାରିପୋଖରୀ ବିଧାୟକ, ଏସ୍‌ପି, ଜିଲ୍ଲା ଶିକ୍ଷାଧିକାରୀ, ଗୋବିନ୍ଦପୁର ସରପଞ୍ଚ, ଏରେଣ୍ଡେଇ ସିଆରସିସି, ପ୍ରଧାନଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ଦେଇଛନ୍ତି। ଏଥିରେ ବିଦ୍ୟାଳୟଟିରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଉଲ୍ଲେଖ କରାଯାଇ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରାଯାଇଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲା ସଂଖ୍ୟା ୧୩୦ରୁ ଊର୍ଦ୍ଧ୍ୱ ରହିଛି; କିନ୍ତୁ ଏଥିପାଇଁ ମାତ୍ର ୪ ଜଣ ଶିକ୍ଷକ ପାଠ ପଢ଼ାଇବା ପାଇଁ ପର୍ଯ୍ୟାପ୍ତ ହେଉ ନଥିବା ପରିଲକ୍ଷିତ ହୋଇଛି। ଦୀର୍ଘ ୪-୫ ମାସ ହେବ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଛି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନଠାରୁ ଆରମ୍ଭ କରି ଶାନ୍ତିଶୃଙ୍ଖଳା, ଶୈକ୍ଷିକ ବାତାବରଣ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବିଦ୍ୟାଳୟର ଅଫିସ୍ କାର୍ଯ୍ୟରେ ଜଣେ ଶିକ୍ଷକ ସର୍ବଦା ବ୍ୟସ୍ତ ରହୁଥିବାରୁ ମାତ୍ର ୩ ଜଣ ଶିକ୍ଷକରେ ୮ଟି ଶ୍ରେଣୀରେ ଶିକ୍ଷାଦାନ କରିବା ସମ୍ଭବ ହୋଇପାରୁନାହିଁ। ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ଥିଲେ ମଧ ଜଣେ ହେଲେ କଳା କିମ୍ବା ବିଜ୍ଞାନ ଶିକ୍ଷକ ନାହାନ୍ତି। ୬ଷ୍ଠ, ୭ମ ଓ ୮ମ ଶ୍ରେଣୀରେ ଇଂରାଜୀ ଓ ଗଣିତ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଶିକ୍ଷାବର୍ଷ ଶେଷ ହେବା ବେଳକୁ କେତେକ ବିଷୟ ଆଦୌ ପଢାଯାଇ ନଥିବାରୁ ଅଭିଭାବକମାନଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଏହି ବିଦ୍ୟାଳୟର ଚିତ୍ର ସଂପୂର୍ଣ୍ଣ ଓଲଟା ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ଶିକ୍ଷାଦାନ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ରହୁଛି। ଏ ସଂପର୍କରେ ବିଦ୍ୟାଳୟ ପରିଚାଳନା କମିଟି ଓ କେତେକ ଅଭିଭାବକଙ୍କ ପକ୍ଷରୁ ବନ୍ତ ବିଇଓଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ସେ କର୍ଣ୍ଣପାତ କରୁନାହାନ୍ତି। ଏଣୁ ୨୦୨୫-୨୬ ଶିକ୍ଷାବର୍ଷରେ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଯାହାର ପ୍ରଭାବ ବିଦ୍ୟାଳୟ ଉପରେ ପଡୁଛି। ପରିଚାଳନା କମିଟି, ଗ୍ରାମବାସୀ, ବରିଷ୍ଠ ନାଗରିକ, ଶିକ୍ଷାବିତ୍ ଓ ଗ୍ରାମର ଅଗ୍ରଣୀ ଯୁବକମାନେ ଏହି ସମସ୍ୟା ସମାଧାନ ନେଇ ୧୫ ତାରିଖ ସୁଦ୍ଧା ଏହି ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ, ଜଣେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ନିମନ୍ତେ ଦାବି କରୁଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନିଆ ନଗଲେ ଆସନ୍ତା ୧୬ ତାରିଖରୁ ବିଦ୍ୟାଳୟ ବନ୍ଦ ରଖାଯାଇ ଅନଶନ ଓ ଧାରଣା ଦିଆଯିବାର ଚେତାବନୀ ଦିଆଯାଇଛି।

**● ଜମିବାଡ଼ିକୁ କେନ୍ଦ୍ରକରି ହତ୍ୟା ଉଦ୍ୟମ**

## ଆକ୍ରମଣରେ ଅବସରପ୍ରାପ୍ତ ସେନା କର୍ମଚାରୀ ଗୁରୁତର

ଅସୁରାଳି, ୪।୪(ସମିସ): ଧୂଷୁରୀ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ରାଜକିଶୋର ନାୟକ (୬୧)ଙ୍କୁ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଧୂଷୁରୀ ମେଡିକାଲ, ପରେ ଭଦ୍ରକ ଏବଂ ସେଠାରୁ ପୁଣି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଛି। ଏପଟେ ଧୂଷୁରୀ ଥାନାରେ ଏନେଇ ମାମଲା ରୁଜୁ ହୋଇଥିଲା ବେଳେ ରାଜକିଶୋର ଜୀବନ-ମରଣ ମଧ୍ୟରେ ସଂଘର୍ଷ କରୁଛନ୍ତି। ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ, ରାଜକିଶୋର ନାୟକ ଧୂଷୁରୀରୁ ନିଜ ଗାଁ ନୂଆସାହିକୁ ଫେରିବା ବେଳେ ଧୂଷୁରୀ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ତାଙ୍କୁ ଏକ ଲୁହା ରଡରେ ଆକ୍ରମଣ କରାଯାଇଥିଲା। ଅଭିମନ୍ୟୁ ସାହୁ, ସୋନୁ ସାହୁ ଓ ଶକୁନ୍ତଳା ସାହୁ ନାମରେ ଥାନାରେ ଆକ୍ରମଣକାରୀ ବୋଲି ଅଭିଯୋଗ କରାଯାଇଛି। ଅଭିଯୁକ୍ତମାନେ ତାଙ୍କୁ ଜବରଦସ୍ତ ଅଟକାଇ ମୁଣ୍ଡକୁ ଆକ୍ରମଣ କରିବା ସହ ବାଉଁଶ ବାଡ଼ିରେ ପିଟି ପିଟି ରକ୍ତାକ୍ତ କରି ଦେଇଥିଲେ। ରାଜକିଶୋରଙ୍କଠାରୁ ଦୁଇ ଭରି ଓଜନର ସୁନା ଚେନ୍ ଓ ୨ ଲକ୍ଷ ୫୦ ହଜାର ଟଙ୍କା ଲୁଟ୍ କରିଥିବା ଥାନାରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଜମିଜମା ବିବାଦକୁ କେନ୍ଦ୍ରକରି ତାଙ୍କୁ ପୂର୍ବରୁ ହତ୍ୟା ଧମକ ହୋଇଥିବା ମଧ ଏହି ଅଭିଯୋଗରେ ଉଲ୍ଲେଖ ରହିଛି। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗକ୍ରମେ, ଶ୍ରୀ ନାୟକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



## ଧାମନଗରରେ ପୁଲିସ ଫ୍ଲାଗ୍‌ମାର୍ଚ୍ଚ

ଧାମନଗର, ୪।୪(ସମିସ): ପବିତ୍ର ଶ୍ରୀରାମନବମୀ ପାଳନ ପରିପ୍ରେକ୍ଷୀରେ ଧାମନଗର ସହରାଞ୍ଚଳରେ ପୁଲିସ ପକ୍ଷରୁ ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ଉତ୍ସବକୁ ସହରରେ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ସହ ଭାଇଚାରା ରକ୍ଷା ଲକ୍ଷ୍ୟ ନେଇ ଧାମନଗର ଥାନା ପରିସରରୁ ଆଇଆଇସି ଗୋପାଳକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ କୈଳାସ ପରିଡାଙ୍କ ନେତୃତ୍ୱରେ ଏହି ଫ୍ଲାଗ ମାର୍ଚ୍ଚ ବାହାରିଥିଲା। ସହରର ବଡ଼ ଓ ସାନ ବଜାର, ଖାନକା ସରିଫ୍ ଅଞ୍ଚଳ ପରିକ୍ରମା କରିଥିଲା। ପୁଲିସ ଓ ସିଆରପିଏଫର ଯବାନମାନେ ମିଳିତ ଭାବେ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ। ଦୁଇ ପ୍ଲାଟୁନ ତଥା ୬୦ ଯବାନ ପୁଲିସ ସହିତ ମିଶି ଧାମନଗରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଜାଗ ଥିବା ବାର୍ତ୍ତା ଦେବା ପାଇଁ ସହରର ଦକ୍ଷିଣ ବାଡ଼ ଛକଠାରୁ ଖାନକା ସରିଫ୍ ପର୍ଯ୍ୟନ୍ତ ଏବଂ ସେହିପରି ଦୋବଲ ମୁସ୍ତଫାପୁର ବିଭିନ୍ନ ସ୍ଥାନରେ ଏହି ଫ୍ଲାଗ ମାର୍ଚ୍ଚ କରାଯାଉଛି ବୋଲି ସିଆରପିଏଫର କମାଣ୍ଡର ଥାନା ଏସ୍‌ଆଇ ପ୍ରଦୀପ ନାୟକଙ୍କଠାରୁ ସୂଚନା ମିଳିଛି।



## ସଚେତନତାର ଅଭାବ; ବଢ଼ିଚାଲିଛି ରସାୟନିକ ଓ କୀଟନାଶକର ବ୍ୟବହାର



**● ଚାହିଦା ହରାଉଛି ଜୈବିକ ଚାଷ ପ୍ରଣାଳୀ**
**● ହଜି ଯାଉଛି କୃଷି ଉତ୍ପାଦର ସ୍ୱାଦ**

ବନ୍ତ/ଆଗରପଡ଼ା,୪।୪(ସମିସ): ଜଳବାୟୁ ପରିବର୍ତ୍ତନ ଯେଭଳି ଭାବେ ଧୀରେ ଧୀରେ ସ୍ଥାନୀୟ ପ୍ରାକୃତିକ ପରିବେଶକୁ ପ୍ରଭାବିତ କରିଲାଣି, ସେନେଇ ଚାଷ କ୍ଷେତ୍ରରେ ମଧ ପାଗ ପରିବର୍ତ୍ତନର କୁପ୍ରଭାବ ପଡୁଛି। ଏଭଳି ସ୍ଥିତିରେ ଚାଷୀ କୃଷି କ୍ଷେତ୍ରରେ ବହୁଳ ରସାୟନିକ ସାର ଓ କୀଟନାଶକ ପ୍ରୟୋଗ କରୁଥିବାରୁ ଦିନକୁ ଦିନ ମାଟିର ମହକ ହଜି ହଜି ଯାଉଛି। ଉତ୍ପାଦିତ କୃଷି ଦ୍ରବ୍ୟର ସ୍ୱାଦ ଓ ଗନ୍ଧ କମି କମି ଯାଉଛି। ମାଟିର ନିଜର ପ୍ରାକୃତିକ ଉର୍ବରତା କେବଳ ଜୈବିକ ସାର ପ୍ରୟୋଗ ଫଳରେ ସୁରକ୍ଷିତ ରହିଥାଏ ଓ ପ୍ରକୃତି କୋଳରେ ସବୁଜ କୃଷି ଉତ୍ପାଦନ ପ୍ରକ୍ରିୟା ଏକ ନିରନ୍ତର ପ୍ରକ୍ରିୟା ହୋଇଥିବା ବେଳେ ପ୍ରକୃତିର ପରିବର୍ତ୍ତନ ଯୋଗୁଁ ଏଥିରେ ବର୍ତ୍ତମାନ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଦିନ ଥିଲା ବନ୍ତ ଅଞ୍ଚଳରୁ ଉତ୍ପାଦିତ ହେଉଥିବା କୃଷି ଦ୍ରବ୍ୟର ସ୍ୱାଦ ଓ ଗନ୍ଧ ଥିଲା ନିଆରା। ଚାଷୀ ଦେଶୀ ବିହନ ଚାଷ କରି ସେଥିରୁ ସେ ବିହନ ରଖୁଥିଲେ। କ୍ଷେତରେ ବିଭିନ୍ନ ପ୍ରକାର ଜୈବ ଖତ ବ୍ୟବହାର କରୁଥିଲେ। ସେଥିରେ ଯେଉଁ କୃଷି ଦ୍ରବ୍ୟ ଉତ୍ପାଦନ ହେଉଥିଲା ଖାଉଟି ଉକ୍ତ କୃଷି ଦ୍ରବ୍ୟ ପ୍ରତି ଆକୃଷ୍ଟ ହେଉଥିଲେ। ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷି ଦ୍ରବ୍ୟକୁ ଗାଁ ଗହଳି ଓ ଛକ ବଜାରଠାରୁ ଆରମ୍ଭ କରି ଆଗରପଡ଼ା ଓ ବନ୍ତ ଅଞ୍ଚଳରେ ବା ସାପ୍ତାହିକ ହାଟରେ ବିକ୍ରିବଟା କରୁଥିଲେ; କିନ୍ତୁ ସମୟଚକ୍ରରେ ହଜି ଯାଉଛି ଜୈବିକ ସାର ବ୍ୟହବାର କୃଷି ଦ୍ରବ୍ୟ। ଘର ଅଗଣାରେ ଶାଗ, ଲଙ୍କା, ଧନିଆପତ୍ର ଆଦି ଘରେ ବ୍ୟବହାର ପାଇଁ ଲଗାଇଲେ ମଧ ଚାଷୀ ଜୈବିକ ସାର ବଦଳରେ ରସାୟନିକ ସାର ଓ କୀଟନାଶକର ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି। ସେହିପରି କ୍ଷେତରେ ରସାୟନିକ ଘାସମରା ଔଷଧର ବ୍ୟବହାର କ୍ଷେତକୁ ପ୍ରଭାବିତ କରୁଛି। ଯଦ୍ୱାରା ଦିନକୁ ଦିନ କ୍ଷେତରୁ ହିତକାରୀ କୀଟଙ୍କ ବଂଶ ଲୋପ ପାଇ ଚାଲିଛି। ଚାଷୀ ତା' କ୍ଷେତ୍ରରେ ଆଉ ଗୋବର ଖତର ବ୍ୟବହାର କରୁନାହିଁ। ତେଣୁ ଚାଷୀକୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପ୍ରବର୍ତ୍ତାଇବା ସହ ଓ ଚାଷକ୍ଷେତରେ ବହୁଳ ପରିମାଣର ରସାୟନିକ ସାର ଓ କୀଟନାଶକର ବ୍ୟବହାରଠାରୁ ଦୂରେଇ ରଖିବାକୁ ଚେଷ୍ଟିତ ହେବାପାଇଁ ପ୍ରଶାସନ ବ୍ୟାପକ ସଚେତନତା ସୃଷ୍ଟି କରିବାର ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

**● ରାସ୍ତା ଜବରଦଖଲ; କାମ ବାଧାପ୍ରାପ୍ତ**

## ତହସିଲ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

ଭଦ୍ରକ,୪।୪(ସମିସ): ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ଏହାକୁ ଜବରଦଖଲରେ ରଖି ବାଧା ସୃଷ୍ଟି କରୁଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାସ୍ତାଟିକୁ ନିଜ ଜାଗା ବୋଲି ଦର୍ଶାଇ ରାସ୍ତା କାର୍ଯ୍ୟକୁ ଅଟକାଇ ରଖିଛନ୍ତି। ଗାଁର ଏଭଳି ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଜାଣିଲା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ



ଜବରଦଖଲମୁକ୍ତ କରାଯାଇ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ଚାନ୍ଦବାଲି ତହସିଲ ଯୋଗୀପୋଖରୀ ଗାଁର ବାସିନ୍ଦା ଶୁକ୍ରବାର ଉକ୍ତ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ଦେଖାଯାଇଛି। ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା କାଣ୍ଡଗରଡ଼ି ପଞ୍ଚାୟତ ବିଶ୍ରାମପୁରରୁ ନେତୁଆଳି ଭାୟା ଯୋଗୀପୋଖରୀ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ରାସ୍ତା ନିର୍ମାଣ କରାଯାଉଛି। ଏହାକୁ ଯୋଗୀପୋଖରୀ ଗ୍ରାମର ଜଣେ ମୁଷ୍ଟିମେୟ ବ୍ୟକ୍ତି ବିରୋଧ କରିବା ସହ ରାସ୍ତା ଯାଉଥିବା ଜାଗାକୁ ଏହାକୁ ବିରୋଧ କରିବା ସହ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଧାରଣା ଦେଇଥିବା ଜଣାପଡ଼ିଛି। ସରକାରୀ ଜାଗାକୁ ନିଜ ଜାଗା କହି ରାସ୍ତା ନିର୍ମାଣରେ ବେଆଇନ ଭାବେ କିଭଳି ବାଧା ସୃଷ୍ଟି କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିବା ସହ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଜାଗାଟିକୁ ଅବରୋଧମୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ତେବେ, ଖୁବଶୀଘ୍ର ଜାଗା ମାପ କରାଇ ଅବରୋଧମୁକ୍ତ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିବା ଜଣାପଡ଼ିଛି।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ଉଦ୍ୟମିତା ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭଦ୍ରକ, ୪।୪(ସମିସ): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଇନୋଭେସନ୍ ଷ୍ଟାର୍ଟ୍ ଅପ୍ ପ୍ରୋଗ୍ରାମ (ଉଦ୍ୟମିତା ଅଭିଯାନ କାର୍ଯ୍ୟକ୍ରମ) ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ସଂଗ୍ରାମ କେଶରୀ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ପ୍ରଭାତ କୁମାର ମହାନ୍ତି ସାଇବର ଅପରାଧ ଏବଂ ଯୌନ ନିର୍ଯାତନା ସମ୍ପର୍କିତ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ମାର୍ଗଦର୍ଶନ କରାଇଥିଲେ। ମଧୁସୂଦନ ତ୍ରିପାଠୀ ବେଦ ପାଠ କରିଥିଲେ। ଅକ୍ଷୟ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଶୁକଦେବ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ସଭାରେ ସମାଜସେବୀ ପ୍ରକାଶ ବେହେରା, ପୁନିଲ ସାମନ୍ତ ଓ ପ୍ରଭାତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କୁଇଜ୍, ଚିତ୍ରକଳା ପ୍ରକଳ୍ପ ଓ ପ୍ରବନ୍ଧ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ, ତୃତୀୟ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମଞ୍ଜୁଲତା ମହାପାତ୍ର, ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ସଭା ସଞ୍ଚାଳନ କରିଥିଲେ।




## ପଙ୍ଗଟାରେ 'ମଧୁ ଗଣେଶ' ପାଳିତ



ଅସୁରାଳି, ୪।୪(ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ଅଧୀନ ପଙ୍ଗଟାରେ ବିଘ୍ନରାଜ ବିନାଶକ ଶ୍ରୀ ଶ୍ରୀ ମଧୁ ଗଣେଶ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ୧ରୁ ଆରମ୍ଭ ହୋଇ କୋଚିଳା ନଦୀରୁ ପୂର୍ଣ୍ଣ କଳସ ସହ ପୀଠରେ ସ୍ଥାପନ କରାଯିବା ପରେ ପୀଠରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ମନୋରଞ୍ଜନ ସାହୁ ଏବଂ ସହଧର୍ମିଣୀ ଗୀତାରାଣୀ ସାହୁ ସଂକଳ୍ପ କରିଥିଲେ। ଆଚାର୍ଯ୍ୟ ସୁଦର୍ଶନ ମିଶ୍ର, ପୁସ୍ତକ ଆଚାର୍ଯ୍ୟ ମନୋରଞ୍ଜନ ମିଶ୍ର, ପୀଠ ପୂଜାରୀ ଅଶୋକ ପଣ୍ଡା ଏବଂ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ପୂଜା କାର୍ଯ୍ୟ ସମାପନ କରିଥିଲେ। ଉତ୍ସବରେ ସାହୁ ପରବାରର ସଦସ୍ୟ ଚିତ୍ତରଞ୍ଜନ ସାହୁ, ତାପସ ସାହୁ, ପ୍ରଶାନ୍ତ ସାହୁ, ତପନ ସାହୁ, ଚନ୍ଦନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

## ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ସଚେତନତା ରଥ



ବନ୍ତ/ଆଗରପଡ଼ା,୪।୪(ସମିସ): ବନ୍ତ ବ୍ଲକ ଶିକ୍ଷାଧିକାରିଣୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଶିକ୍ଷା ସଚେତନତା ରଥ ଗଣିଜାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ର ଓ ଛୟାଳସିଂହ ଖଗେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିଥିଲା। ଗଣିଜାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ସମେତ ଗଣିଜାଙ୍ଗ ନେହରୁ ନୋଡାଲ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ଜୋସ୍ନାରାଣୀ ଜେନା ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଗଣିଜାଙ୍ଗ ବଜାରଠାରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରି ବିଦ୍ୟାଳୟ ପର୍ଯ୍ୟନ୍ତ ନେଇଥିଲେ। ସେଠାରେ 'ସଭିଏଁ ସ୍କୁଲ ଯିବା ପାଠ ପଢ଼ିବା' ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ପରେ ତୁଣ୍ଡା, କନ୍ତିଆ, ରୁପୁଡି ସମେତ ବିଦ୍ୟାଳୟରେ ଏଭଳି ସଚେତନତା ସୃଷ୍ଟି କରାଯାଇଥିଲା। ଟୁଟୁକୁମାର ପାଳ, ରମାକାନ୍ତ ବେହେରା, ନିତୁସ୍ମିତା ଗିରି, ଡଲି ଦାସ, ଶରତ ନାୟକ, ଜଗନ୍ନାଥ ପତି, ଶିବାନନ୍ଦ ନାୟକ, ପ୍ରତାପ ମହାପାତ୍ର, ପ୍ରମୋଦ ରାଉତ, ଅଶୋକ ଗିରି, ଅହଲ୍ୟା ସିଂ, ମମତା ମହାନ୍ତି ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ସହଯୋଗ କରିଥିଲେ। ସେହିପରି ଛୟାଳସିଂହ ଖଗେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରରେ ସଚେତନତା ରଥ ପହଞ୍ଚିବା ପରେ ସାଧନକେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କା ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ।

**ପ୍ରତିଷ୍ଠାକୁ ୭୦ ବର୍ଷ: ଲକ୍ଷ୍ୟଠୁ ଦୂରେଇ ଯାଉଛି ବିହନ ବିଶୋଧନାଗାର**

# ପ୍ରଶାସନର ଆନ୍ତରିକତା ସହ କର୍ମଚାରୀ ଅଭାବ

ବନ୍ତ/ଆଗରପଡ଼ା,୪।୪(ସମିସ)



**● ଅଲୋଡ଼ା, ପରିତ୍ୟକ୍ତ ଅବସ୍ଥାରେ ହଜିଗଲାଣି କୃଷି ଭିତ୍ତିଭୂମି**
**● ଅଧାକୁ କମିଆସିଲାଣି ଧାନ ବିହନ ସଂଗ୍ରହ କ୍ଷମତା**

ଉନ୍ନୟନ ଦିଗରେ ସରକାରୀ କାର୍ଯ୍ୟ କିପରି ବାଟବଣା ହୋଇ ପଡ଼ିଛି ତା'ର ଏକ ଦୃଷ୍ଟାନ୍ତ ସାଜିଛି ବନ୍ତ ବ୍ଲକ ବଡ଼ବର୍ଛିକୟାଁ ପଞ୍ଚାୟତ ଶେଉଳଗଡ଼ିଆ ସରକାରୀ ବିହନ ବିଶୋଧନାଗାରର। କୃଷିପ୍ରଧାନ ବନ୍ତ ବ୍ଲକ୍ ଅଞ୍ଚଳରେ ୧୯୫୫ରେ ପ୍ରତିଷ୍ଠିତ ଏହି ବିହନ ବିଶୋଧନାଗାରର ବର୍ତ୍ତମାନ ଦୁରବସ୍ଥା ଚର୍ଚ୍ଚାକୁ ଆସିଛି। ପ୍ରାୟ ସତୁରୀ ବର୍ଷର ଏହି କୃଷି ଭିତ୍ତିଭୂମି ଏବେ କୃଷକଙ୍କ ପାଇଁ ଏକପ୍ରକାର ଅପହଞ୍ଚ ହୋଇ ରହିଛି। ୪୫ ଏକର ପରିମିତ ଜମି ସହ କ୍ଷେତ୍ରାଧିକାରୀ, ୪ ଜଣ ସ୍ଥାୟୀ ଶ୍ରମିକ ଓ ୮ଟି ବଳଦକୁ ନେଇ କାର୍ଯ୍ୟାରମ୍ଭ କରିଥିଲା ଏହି ବିଶୋଧନାଗାର। ପାଣିର ସୁବିଧା ପାଇଁ ୨ଟି କୂଅ, ନଳକୂପ, ଲିଫ୍ଟପଏଣ୍ଟ, ୫ଏକର ପରିମିତ ସ୍ଥାନରେ ପୋଖରୀ ଆଦି ଖୋଳା ଯାଇଥିଲା। ଏହା ମଧ୍ୟରେ ଆମ୍ବ ଓ ନଡ଼ିଆ ପରି ଅନେକ ଚାରା ରୋପଣ କରାଯାଇଥିଲା। ବିଶୋଧନାଗାର ଚାରି ପାଖକୁ ଲୁହା ତାର ବାଡ଼ ଦ୍ୱାରା ଆବଦ୍ଧ କରାଯିବା ସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ଓ ବଳଦଙ୍କ ପାଇଁ ଗୁହାଳଘର ଆଦି ନିର୍ମାଣ କରାଯାଇଛି। ଇତିମଧ୍ୟରେ ୬୯ବର୍ଷ ବିତି ଯାଇଛି ଓ ଏହାର ରୂପରେଖରେ ବହୁ ପରିବର୍ତ୍ତନ ଆସିଛି; ହେଲେ ପ୍ରବେଶପଥରେ ଥିବା ବଡ଼ ଲୁହା ଫାଟକ ଆଉ ନାହିଁ କି ପୂର୍ବରୁ ଲୁହା ତାର ବାଡ଼ ଦ୍ୱାରା ଆବଦ୍ଧ ପରିବେଶ ବି ନାହିଁ। ସୂଚନା ଅନୁସାରେ, ଏଠାରେ ଟ୍ରାକ୍ଟରଟିଏ ଥିଲେ ସୁଦ୍ଧା ଏଥିପାଇଁ ସ୍ଥାୟୀ ଚାଳକ ନାହାନ୍ତି। ଫଳରେ ଟ୍ରାକ୍ଟରଟି ଏକପ୍ରକାର ଅଲୋଡ଼ା ହୋଇ ସରକାରୀ ଅର୍ଥର ଅପବ୍ୟୟର ଏକ ନମୁନା ସାଜିଛି। ଉକ୍ତ ବିହନ ବିଶୋଧନାଗାର ଜଣେ କୃଷି ଓଭରସିୟରଙ୍କ ଦାୟିତ୍ୱରେ ଚାଲିଛି। ବିଭାଗ ତରଫରୁ ଆଉ କୋଣସି ସରକାରୀ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଉନାହିଁ।

ସରକାର କୃଷି ଓ କୃଷକ ଉଭୟଙ୍କୁ ପ୍ରାଧାନ୍ୟ ଦେବାକୁ ଯାଇ ବିଭିନ୍ନ ପ୍ରକାର ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରିଆସୁଥିଲା ବେଳେ ଏନେଇ ପ୍ରତିଷ୍ଠିତ ପୁରୁଣା ଭିତ୍ତିଭୂମିଗୁଡ଼ିକ ଅବହେଳାର ଶିକାର ହେଉଛି। ଯା'ଫଳରେ ସରକାରୀ ଅର୍ଥର ଅପବ୍ୟହାର ହେବା ସାର ହେଉଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଏବଂ ଏନେଇ ଯୋଜନାର ସ୍ଥାୟୀ କାର୍ଯ୍ୟକାରିତା ହେଉ ନଥିବାରୁ ଅର୍ଦ୍ଧଶତାବ୍ଦୀର ଉକ୍ତ ବିହନ ବିଶୋଧନାଗାର ଏବେ ଲକ୍ଷ୍ୟଠାରୁ ଦୂରେଇ ପରିଚୟ ହରାଇବାରେ ଲାଗିଛି। ସରକାରୀ କାର୍ଯ୍ୟ ଏବଂ କୃଷକଙ୍କ ବିକାଶ କାର୍ଯ୍ୟ ମଧ ଏହାଦ୍ୱାରା ବାଧାପ୍ରାପ୍ତ ହେଉଛି। ବିଶୋଧନାଗାରର ମୁକୁଳା ପରିବେଶକୁ ନେଇ ବାରମ୍ବାର ଅଭିଯୋଗ ଏବଂ ଖବର ପ୍ରକାଶିତ ହେବା ପରେ ବର୍ଷକ ପୂର୍ବରୁ ଏହାର ଚାରିପାଖରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା; କିନ୍ତୁ ଇତିମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ହେଉ କିମ୍ବା ଇଚ୍ଛାଶକ୍ତିର ଅଭାବ ଯାହାବି ହେଉ, ତାହା ଆଜି ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇ ରହିଛି। ଯଦ୍ୱାରା ପୂର୍ବପରି ଗୋରୁଗାଈ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ରହୁଛି।

ଏଠାରେ ନର୍ସରୀ ବନ୍ଦ ହୋଇଯିବା ଫଳରେ ଆଉ ଚାରା ଉତ୍ପାଦନ ହୋଇପାରୁ ନଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ନଡ଼ିଆ ଓ ଆମ୍ବ ଆଦି ଉତ୍ପାଦନ ହ୍ରାସ ପାଇଛି। ଲିଫ୍ଟପଏଣ୍ଟ, କୂଅ ଓ ଟ୍ୟୁବୱେଲ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। କର୍ମଚାରୀ କ୍ୱାର୍ଟର, ଗୁହାଳ ଘର ଆଦି ପରିତ୍ୟକ୍ତ ଅବସ୍ଥାରେ ରହିଛି। ସମୟଚକ୍ରରେ ହଜିଯାଇଛି ବିହନ ବିଶୋଧନାଗାରର ଐତିହ୍ୟ। ଧାନକୁ ପ୍ରୋସେସିଂ କରାଯାଇ ବିହନକୁ ଚାଷୀମାନଙ୍କୁ ଦିଆଯିବା ଲକ୍ଷ୍ୟରୁ ବିଚ୍ୟୁତ ରହୁଛି। ବିଭିନ୍ନ ପରିସ୍ଥିତି ଯୋଗୁଁ ପୂର୍ବରୁ ପାଖାପାଖି ୧ ହଜାର କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରାଯାଉଥିବା ବେଳେ ବର୍ତ୍ତମାନ ମାତ୍ର ୫ ଶହ କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରିବା କଷ୍ଟକର ହୋଇପଡୁଛି। ବର୍ତ୍ତମାନ ଗୋଟିଏ ଟ୍ରାକ୍ଟର, ଗୋଟିଏ ଧାନ କଟା ରିପର, ଧାନ ଅମଳ ପାଇଁ ଗୋଟିଏ ପ୍ରାଚି ଓ କୀଟନାଶକ ସ୍ପ୍ରିଞ୍ଚନ ଯନ୍ତ୍ର ଅଛି।

ଅନ୍ୟପକ୍ଷରେ, ବିଭାଗ ଦ୍ୱାରା କର୍ମଚାରୀ କ୍ୱାର୍ଟର ନିର୍ମାଣ କରାଯାଇଥିବା ବେଳେ ସୋଲାର ଲାଇଟର ବନ୍ଦୋବସ୍ତ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀ ସହ ୫ ଏକର ପରିମିତ ଜାଗାରେ ଗେଣ୍ଡୁ ଚାଷ ଓ ନାନାଦି ପନିପରିବା ଚାଷ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। କିଛି ବର୍ଷ ହେବ ୩୫ ଏକର ଜମିରେ ଧାନ ଚାଷ ମଧ କରାଯାଉଛି। ଏହାର ଚାରିପଟରେ ନିର୍ମିତ ସୁରକ୍ଷା ପାଚେରି ସମ୍ପୂର୍ଣ୍ଣ ହେଉ ନଥିବାରୁ ଅମଳରେ କ୍ଷୟକ୍ଷତି ମଧ ଘଟୁଛି। ତେଣୁ ସ୍ଥାୟୀ ପାଚେରି ନିର୍ମାଣ ସମ୍ପୂର୍ଣ୍ଣ ହେବା ଜରୁରୀ ହୋଇପଡ଼ିଛି। ଏହି ବିହନ ବିଶୋଧନାଗାରର ପୂର୍ବ କାର୍ଯ୍ୟକ୍ଷମତାକୁ ଫେରାଇ ଆଣିବାକୁ ସରକାରଙ୍କ ତରଫରୁ ଏଠାରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦେବା ସହ ରକ୍ଷଣାବେକ୍ଷଣ ଦିଗରେ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଧୈର୍ଯ୍ୟର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ । କ୍ୟାରିୟରରେ ଉନ୍ନତି କରିବେ ।

**ବୃଷ:** ପରିବାର ସଦସ୍ୟଙ୍କ ସହାୟତା ଯୋଗୁଁ ଅଟକି ଥିବା କାମକୁ ପୂରା କରିବେ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟୟ ଅଧିକ ହେବ । ମହିଳାମାନଙ୍କୁ ଗୁରୁଦାୟିତ୍ୱ ମିଳିପାରେ । ମାନ ସମ୍ମାନ ବୃଦ୍ଧି ପାଇବ ।

**ମିଥୁନ:** ସୁସମ୍ବାଦ ମିଳିପାରେ । ଧନପ୍ରାପ୍ତି ଯୋଗ ରହିଛି । ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ । କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ । ଦୂରସ୍ଥାନ ଯାତ୍ରା କରିପାରନ୍ତି । ଉଧାର ଟଙ୍କା ଫେରିପାଇବେ ।

**ସିଂହ:** କାମଚାପ ଅଧିକ ରହିପାରେ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଦାନ ଧର୍ମରେ ସମୟ ଅତିବାହିତ ହେବ ।

**କନ୍ୟା:** କ୍ୟାରିଅରକୁ ନେଇ ଚିନ୍ତିତ ହୁଅନ୍ତୁନି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ । ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ । ପରିବାର ଲୋକଙ୍କ ସହ ସମୟ ଅତିବାହିତ ହେବ ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ । ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଶତ୍ରୁଠାରୁ ଦୂରେଇ ରୁହନ୍ତୁ । ପଡୋଶୀ ସହ ମନୋମାଳିନ୍ୟ ହୋଇପାରେ ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ । ରାଜନେତାଙ୍କ ପାଇଁ ସମୟ ଭଲ ।


**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ନୂତନ ଜମି କ୍ରୟ କରିପାରନ୍ତି ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ଦୂରସ୍ଥାନ ଯାତ୍ରା ଯୋଗ ରହିଛି ।

## ଆଜିର ଇତିହାସ

- ୧୯୪୯- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ସ୍ଥାପନା ।
- ୧୯୫୫- ୱିନଷ୍ଟନ୍ ଚର୍ଚ୍ଚିଲ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ।
- ୧୯୬୪- ମର୍ଚ୍ଚାଣ୍ଟ ନେଭି ପକ୍ଷରୁ ପ୍ରଥମ ଥର ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଗଲା ।
- ୧୯୭୯ -ଦେଶର ପ୍ରଥମ ନୌସେନା ସଂଗ୍ରହାଳୟ ମୁମ୍ବାଇରେ ସ୍ଥାପନା ।
- ୧୯୯୧- ମହାକାଶଯାନ ଏସ୍‌ଟିଏସ୍-୮ ର ପ୍ରକ୍ଷେପଣ ହେଲା ।

## ଦାଦା ହେବେ ରାଜକୁମାର



ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ନିର୍ମାଣକୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ଲାଗି ରହିଛି । ତେବେ ସୌରଭଙ୍କ ଚରିତ୍ରରେ କେଉଁ କଳାକାର ଅଭିନୟ କରିବେ ତା'କୁ ନେଇ ମଧ୍ୟ ରୀତିମତ ଆଲୋଚନା ହୁଏ । ପ୍ରଥମେ ଆୟୁଷ୍ମାନ ଖୁରାନାଙ୍କ ସହିତ ଏ ନେଇ ଯୋଗାଯୋଗ କରାଯାଇଥିଲା । ଏପରିକି ସେ ଫିଲ୍ମରେ କାମ କରିବା ପାଇଁ ହଁ କହିଥିବା କୁହାଯାଉଥିଲା । ହେଲେ ଏବେ କୁହାଯାଉଛି ଯେ, ଏହି ବାୟୋପିକ୍‌ର ମୁଖ୍ୟ ଚରିତ୍ରରେ ରାଜକୁମାର ରାଓ ଅଭିନୟ କରିବେ । ଏନେଇ ଫିଲ୍ମ ନିର୍ମାତା ରାଜକୁମାରଙ୍କ ସହିତ ଯୋଗାଯୋଗ କରିଛନ୍ତି ଏବଂ ରାଜକୁମାର ମଧ୍ୟ ଏଥିରେ କାମ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଏହି ଫିଲ୍ମର ସୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ । ଅନ୍ୟପଟେ ଏହି ସିନେମାର ନିର୍ଦ୍ଦେଶନାରେ ବିକ୍ରମାଦିତ୍ୟ ମୋଟୱାନି ଥିବା ବେଳେ ଲଭ୍ ରଞ୍ଜନ ଏବଂ ଅଙ୍କୁର ଗର୍ଗ ମିଶି ଗାଙ୍ଗୁଲିଙ୍କ ବାୟୋପିକ୍ ନିର୍ମାଣ କରୁଛନ୍ତି ।

## ଜାତୀୟ ନୌବାଣିଜ୍ୟ ଦିବସ



ପ୍ରତିବର୍ଷ ଏପ୍ରିଲ ୫ ତାରିଖକୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି । ଏହି ଦିବସର ଉଦ୍ଦେଶ୍ୟ ନୌବାଣିଜ୍ୟ ଓ ନୌପରିବହନ ଶିଳ୍ପ ପ୍ରତି ଭାରତୀୟଙ୍କୁ ସଚେତନ କରାଇବା । ସଭ୍ୟତା ଆରମ୍ଭରୁ ଜଳପଥକୁ ମଣିଷ ନିଜର ଗମନାଗମନ ନିମନ୍ତେ ବ୍ୟବହାର କରି ଆସୁଛି । ଆଜି ବି ଭାରତର ୯୦% ବାଣିଜ୍ୟ କାରବାର ସମୁଦ୍ର ପଥରେ ହେଉଛି । ପୋତ ଓ ଜାହାଜଗୁଡ଼ିକ ଭାରତର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ କେତେ ମାତ୍ରାରେ ସକ୍ଷମ, ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ତେବେ ଏପ୍ରିଲ ୫ ତାରିଖକୁ ୧୯୬୪ ମସିହାରେ ଭାରତ ସରକାର 'ଜାତୀୟ ନୌବାଣିଜ୍ୟ ଦିବସ' ଭାବେ ପାଳନ କରାଯିବା ପାଇଁ ଘୋଷଣା କରିଛନ୍ତି । ଏହାର ଇତିହାସ ବହୁ ପୁରୁଣା । ୧୯୧୯ ମସିହା ଏପ୍ରିଲ ୫ ତାରିଖରେ ସିନ୍ଧିଆ ନାଭିଗେସନ କମ୍ପାନି 'ଏସ୍ ଏସ୍ ଲୟାଲଟି' ନାମକ ଏକ ଜାହାଜକୁ ଭାରତରୁ ସଂଯୁକ୍ତରାଷ୍ଟ୍ରକୁ ପଠାଇ ଥିଲା । ସେହି ଦିନକୁ ମନେ ରଖିବା ପାଇଁ ଭାରତ ସରକାର ଏପ୍ରିଲ ୫ ତାରିଖକୁ 'ଜାତୀୟ ନୌବାଣିଜ୍ୟ ଦିବସ' ଭାବେ ପାଳନ କରିବା ପାଇଁ ଘୋଷଣା କରିଥିଲେ । ଅନ୍ୟପଟେ ଏହି ଦିବସ ଅବସରରେ ବେପାର ବାଣିଜ୍ୟ ପାଇଁ ସମୁଦ୍ରରେ ମାସ ମାସ ଅତିବାହିତ କରୁଥିବା ଲୋକଙ୍କୁ ସମ୍ମାନ ଜଣାଯାଏ ।

## କୁପନ୍ ବ୍ୟବହାରରୁ ୧୦ ଲକ୍ଷ ସଞ୍ଚୟ

ସଞ୍ଚୟ କରିବା ଏକ ଭଲ ଅଭ୍ୟାସ । ହେଲେ କୁପନ୍ କୋଡ୍ ଏବଂ ଭାଉଚର ଜରିଆରେ ଜଣେ ସଞ୍ଚୟ କରିବା ଅବିଶ୍ୱସନୀୟ ଘଟଣା । ଆମେରିକାର ୨୮ ବର୍ଷୀୟା ଟେରିନ୍ ବ୍ଲେକନଶିପ୍ ନାମକ ଯୁବତୀ କୁପନ୍ କୋଡ୍, ଡିସକାଉଣ୍ଟ ଭାଉଚର ଏବଂ କ୍ୟାଶବ୍ୟାକ୍ ଅଫରର ସଦୁପଯୋଗ କରି ଚାରି ବର୍ଷ ମଧ୍ୟରେ ୧୦ ଲକ୍ଷ ଟଙ୍କା ସଞ୍ଚିଛନ୍ତି । ପ୍ରତି ବର୍ଷ ସେ ୨.୫ଲକ୍ଷ ଟଙ୍କା ସଞ୍ଚୟ କରିଥାନ୍ତି । ଟେରିନ୍‌ଙ୍କ କୁପନ୍ କୋଡ୍ ଓ ଡିସ୍‌କାଉଣ୍ଟ ଭାଉଚର ବ୍ୟବହାର କରିବାର ଧାରା ୨୦୨୧ରେ ଆରମ୍ଭ ହୋଇଥିଲା । ମହାମାରୀ ସମୟରେ ସବୁକିଛି ମହଙ୍ଗା ଥିବାରୁ,



ଟେରିନ୍ ଖବରକାଗଜ ଏବଂ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ରିହାତି କୁପନ୍ ଖୋଜିବା ଆରମ୍ଭ କରିଥିଲେ । ପୂର୍ବରୁ ସାପ୍ତାହିକ ଖାଦ୍ୟ ସାମଗ୍ରୀ ପାଇଁ ତାଙ୍କର ୧୨,୫୦୦ଟଙ୍କା ଖର୍ଚ୍ଚ ହେଉ ଥିବାବେଳେ ରିହାତି କୁପନ୍ ଯୋଗୁ ୩,୩୦୦ଟଙ୍କା ଖର୍ଚ୍ଚ ହେଉଛି । କୌଣସି ସାମଗ୍ରୀ ଉପରେ ୭୫% ରିହାତି ନ ଥିଲେ, ତାହାକୁ ଟେରିନ୍ କିଣନ୍ତିନି । ଏପରିକି ୨୦୨୦ ମସିହା ପରେ ସେ ସାମ୍ପୁ, ଟୁଥପେଷ୍ଟ, ସର୍ଫ ଆଦି ସାମଗ୍ରୀ କିଣିବାକୁ ଟଙ୍କାଟେ ବି ଖର୍ଚ୍ଚ କରିନାହାନ୍ତି । ଏଥିପାଇଁ ସେ କେବଳ କିଛି ଆପ୍ସ ଏବଂ ଡିସକାଉଣ୍ଟ ୱେବସାଇଟ୍ ବ୍ୟବହାର କରିଥିଲେ । ବାରମ୍ବାର ଅତ୍ୟାବଶ୍ୟକ ସାମଗ୍ରୀ କିଣିବାର ଆବଶ୍ୟକତାକୁ କମ୍ କରିବାକୁ ଟେରିନ୍ ଘରେ ଏକ ଭଣ୍ଡାର (ଷ୍ଟକ୍‌ପାଇଲ୍) କରିଛନ୍ତି । ସେ ଯେଉଁ ଆପ୍ ବ୍ୟବହାର କରନ୍ତି, ସେଥିରେ କିଣାକିଣିରେ ଟଙ୍କା ଫେରସ୍ତ ସହ ପୁରସ୍କାର ମଧ୍ୟ ମିଳିଥାଏ । ସେହିପରି ଅନ୍‌ଲାଇନ୍ ଏବଂ ଖବରକାଗଜରେ ମିଳୁଥିବା କୁପନ୍ ମଧ୍ୟ ସେ ବ୍ୟବହାର କରନ୍ତି । ଏହାଦ୍ୱାରା ତାଙ୍କୁ ମାଗଣାରେ କିଛି ସାମଗ୍ରୀ ମିଳିଯାଏ । ଟେରିନ୍ ଏବେ ନର୍ସିଂ ହୋମ୍ ଚାକିରି ଛାଡି କ୍ରାଫ୍ଟ ବ୍ୟବସାୟ ଏବଂ କଣ୍ଟେଣ୍ଟ କ୍ରିଏସନ୍ ଉପରେ ଧ୍ୟାନ ଦେଉଛନ୍ତି । ଅନ୍ୟପଟେ ଟେରିନ୍ ଅଭାବ ଅନାଟନରେ ରହୁଥିବା ଲୋକଙ୍କୁ ମଧ୍ୟ ସାହାଯ୍ୟ କରୁଛନ୍ତି ।

## ଅନନ୍ୟ ଘଡ଼ି

## ଜାତକ ସମେତ କରେ ରାଶି, ନକ୍ଷତ୍ର ଗଣନା

ସାଧାରଣତଃ ସମୟ ଜାଣିବା ପାଇଁ ଘଣ୍ଟା ଲୋଡ଼ା ପଡ଼ିଥାଏ । ହେଲେ ଏମିତି ଏକ ଘଡ଼ି ଅଛି, ଯାହା ବାସ୍ତବ ଜୀବନ ବିଷୟରେ ସୂଚନା ଦେଇଥାଏ । ଏହି ଘଣ୍ଟା ଜଣେ ବ୍ୟକ୍ତିର ରାଶି, ନକ୍ଷତ୍ର ଗଣନା କରିବା ସହ ଜନ୍ମଜାତକ ପ୍ରସ୍ତୁତ କରିଥାଏ । ଏହି ନିଆରା ଘଡ଼ି ବିକାନୀର୍‌ରେ ରହିଛି । ପ୍ରାଚୀନ ସମୟରେ ଲୋକମାନେ ଏହି ଘଡ଼ି ଦେଖି ଜାତକ ତିଆରି କରୁଥିଲେ । ଅବଶ୍ୟ ଏବେ ଏହି ଘଡ଼ି ଅଚଳ ହୋଇପଡ଼ିଛି । ଏହାକୁ ବିକାନୀରର ଗୋପାଳ ବ୍ୟାସ ନିଜ ପାଖରେ ସମ୍ଭାଳି ରଖିଛନ୍ତି । ତାଙ୍କ କହିବାନୁଯାୟୀ, ଏହି ଘଡ଼ିରେ ଥିବା ସୂତାଗୁଡ଼ିକ ମିଳିଲେ ପୁଣିଥରେ କାର୍ଯ୍ୟକାରୀ ହୋଇପାରିବ । ଏହି ଘଣ୍ଟା ୨୫୦-୩୦୦ ବର୍ଷ ପୁରୁଣା । ଏହା କାଠରେ ନିର୍ମିତ । ପିଲା ଜନ୍ମ ହେବା ପରେ ସମୟ ଅନୁସାରେ ଲଗ୍ନ ବାହାର କରି ଜାତକ ତିଆରି ହୋଇଥାଏ । ଏହି ଲଗ୍ନ ସୂର୍ଯ୍ୟଙ୍କ ଦ୍ୱାରା ମପା ଯାଇଥାଏ । ଯେଉଁ ସମୟରେ ସୂର୍ଯ୍ୟ ସ୍ୱରାଶିରେ ବିରାଜମାନ କରିଥାନ୍ତି, ସେହି ରାଶି ଅନୁସାରେ ଲଗ୍ନ ଚାଲିଥାଏ । ସେହିପରି ଗୋଟିଏ ଲଗ୍ନ ପାଖାପାଖି ଦେଢ଼ ଘଣ୍ଟା ସମୟ ଧରି ଚାଲିଥାଏ । ଏହି ଘଣ୍ଟାରେ ସୂର୍ଯ୍ୟଙ୍କ ସମେତ ସମସ୍ତ ରାଶି, ନକ୍ଷତ୍ର ରହିଛି । ତେଣୁ ସେହି ସମୟକୁ ଦେଖି ପିଲାର ଜାତକ ପ୍ରସ୍ତୁତ ହୋଇଥାଏ ।



ଘଣ୍ଟା ମଝିରେ ଭଗବାନ ସୂର୍ଯ୍ୟଦେବତା ରହିଛନ୍ତି । ସେ ରଥରେ ବିରାଜମାନ । ଘଣ୍ଟାର ଚାରିପାଖେ ଥିବା ଗୋଲଗୁଡ଼ିକରେ ରାଶିମାନଙ୍କ ଚିତ୍ର ରହିଛି । ଏହାବାଦ୍ ସମୟ ଦେଖିବା ପାଇଁ ଏଥିରେ ୧୨ ଟି ସଂଖ୍ୟା ଓ ୨୮ ନକ୍ଷତ୍ର ମଧ୍ୟ ଅଛି ।

# ସୁମନ

### ସକାଳ ଶିଶୁ କୁଇଜ୍-୧୫୮

(୧) ଲିଙ୍ଗରାଜ ମନ୍ଦିର କିଏ ନିର୍ମାଣ କରିଥିଲେ?

ଉତ୍ତର : ______________________

(୨) ଭାରତର କେଉଁ ସହରକୁ ଗୋଲାପି ସହର କୁହାଯାଏ?

ଉତ୍ତର : ______________________

(୩) ପ୍ରଥମ ବାଷ୍ପଚାଳିତ ଇଞ୍ଜିନ୍ କିଏ ଉଦ୍ଭାବନ କରିଥିଲେ?

ଉତ୍ତର : ______________________

(୪) ଭାରତୀୟ ସିନେମାର ଜନକ କିଏ?

ଉତ୍ତର : ______________________

(୫) 'ମହାଯାତ୍ରା' କାବ୍ୟର ରଚୟିତା କିଏ?

ଉତ୍ତର : ______________________

**ଗତ ସପ୍ତାହର କୁଇଜ୍ ବିଜେତା**

- ସାଇସ୍ମିତା ପାଣି, ପାରାଦୀପ
- ଅଶୋକ କୁମାର ମିଶ୍ର, ସୁକିନ୍ଦା, ଯାଜପୁର
- ସନ୍ତୋଷୀ ମହାରଣା, କାକଟପୁର, ପୁରୀ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯




ଚଇତ ମାସ ଶୁକ୍ଳ ପକ୍ଷରେ
ନବମୀ ତିଥି ଆସେ
ଘର ଦୁଆର ଦେବ ମନ୍ଦିର
ଧୂପ-ଚନ୍ଦନେ ବାସେ ।
ଅଯୋଧ୍ୟାପୁରୀ ଉଠଇ ପୂରି
ରାମ ଜନମ ପାଇଁ,
ଭକତ ଗଣ ଭକତି ଭରେ
ପୂଜନ୍ତି ରାମ ସାଇଁ ।
ସତ୍ୟର ସିଏ ଦେବତା ଜଣେ
ନାହିଁ କେ ଧରାଧାମେ,
ନୀତି ଆଦର୍ଶ ପାଳନ୍ତି ନିତି
ଦେଖାନ୍ତି ପ୍ରତି କାମେ ।
ସାଥିରେ ଧରି ଲକ୍ଷ୍ମଣ ଭାଇ
ଭାରିଯା ଦେବୀ ସୀତା,
ଦେଶର ହିତ ମଙ୍ଗଳ ପାଇଁ
ହେଲେ ଜଗତଜିତା ।



ଶ୍ରୀ କୁଞ୍ଜବିହାରୀ ସାହୁ



ଆସୁ ବା ଝଡ଼ ତୁମ୍ଭୀ ତୋଫାନ
ଦୁଃଖ ଯାତନା ଯାହା,
ପ୍ରଭୁଙ୍କ ନାମ ତୁଣ୍ଡେ ଧରିଲେ
ହୋଇବେ ସିଏ ସାହା ।
ରାମ ନାମର ସୁଆଦ ରସ
ପାନ କରିଛି ଯିଏ,
ଦୁଃଖ କି ଶୋକ ଜୀବନେ ଥରେ
ପାଇନି ପରା ସିଏ ।
ରାମ ନବମୀ ଶୁଭ ଦିନରେ
ମୁଣ୍ଡିଆଟିଏ ମାର,
ଶ୍ରୀରାମ ଆଜି ଫେଡ଼ିବେ ଦୁଃଖ
ପୋଛି ଲୁହର ଧାର ।■

ପାତ୍ରପଡ଼ା, ଭୁବନେଶ୍ୱର
୭୦୦୮୧୪୨୦୪୦

## ବାପାଙ୍କ କଲମ



ଅଭି ବହୁଦିନ ହେବ ଲକ୍ଷ୍ୟ କରୁଛି, ବାପାଙ୍କ ସାର୍ଟ ପକେଟ୍‌ରେ ଥିବା କଲମଟି ଖୁବ୍ ଚିକ୍‌ଚିକ୍ କରୁଛି । ଅଭି ମନରେ ପ୍ରଶ୍ନ ଉଙ୍କି ମାରିଲା, ବାପା ଏତେଦିନ ଯାଏ କିପରି କଲମଟିକୁ ସାଇତି କରି ରଖିଛନ୍ତି । ବାପା ତାକୁ ଦେଇଥିବା କେତେ କଲମ କେବେଠୁଁ ହଜି ଗଲାଣି, ଆଉ କେତେକ ଭାଙ୍ଗି ଗଲାଣି । କିନ୍ତୁ, ବାପାଙ୍କର ପୁରୁଣା କଲମଟି ଆଜି ବି ନୂଆ ଦିଶୁଛି । ଦିନେ ସକାଳେ ଅଭି ଦେଖିଲା, ବାପା ତାଙ୍କ ଚଷମାଟିକୁ କପଡ଼ାରେ ପୋଛିବା ବେଳେ କଲମଟିକୁ ପକେଟ୍‌ରୁ କାଢ଼ି ସଫା କପଡ଼ାରେ ପୋଛି ପୁଣି ପକେଟ୍‌ରେ ରଖିଦେଲେ । ଅଭି ଏସବୁ ଦେଖି ପଚାରିଲା; ବାପା ଆପଣଙ୍କ କଲମଟି ତ ବହୁତ ଦିନ ହେଲାଣି, କିନ୍ତୁ ଏବେ ବି ଆଗ ଭଳି ନୂଆ ଦିଶୁଛି । ଏଇଟା କ'ଣ ଦାମିକିଆ ! ବାପା ମୁରୁକି ହସିଦେଇ କହିଲେ, ନାଁ ରେ ଧନ; ଏଇଟା ତ ଖୁବ୍ ପୁରୁଣା । କିନ୍ତୁ ଯତ୍ନର ସହ ସାଇତି ରଖାଯାଇଛି ବୋଲି ନୂଆ ଭଳି ଦିଶୁଛି । କଲମଟି ଆମର ସମ୍ବଳ ଭଳି । ଆମେ ଧନକୁ ଯେମିତି ସାଇତି, ରଖନ୍ତି କଲମକୁ ମଧ୍ୟ ସେମିତି ସାଇତି କରି ରଖିଲେ ଦୀର୍ଘଦିନ ଯିବ । କଲମର ଶକ୍ତି ଅମାପ । ପକେଟ୍‌ରେ କଲମ ଶୋଭା ପାଇଥାଏ । ଶିକ୍ଷିତ ଲୋକେ ସବୁବେଳେ କଲମକୁ ପକେଟ୍‌ରେ ରଖିଥାନ୍ତି । ଆବଶ୍ୟକବେଳେ ଦରକାରରେ ଆସିଥାଏ । କଲମର ଦାମ୍ କମ୍ ହେଲେ ବି ଆବଶ୍ୟକ ସ୍ଥଳେ ତା'ର ମୂଲ୍ୟ ଅମୂଲ୍ୟ ହୋଇଥାଏ । ଅଭି, ତୁ ଯେତେବେଳେ ବଡ଼ ହୋଇଯିବୁ ସେତେବେଳେ କଲମର ମୂଲ୍ୟ ବୁଝିପାରିବୁ । ବହୁ ପୁରାତନ ସମୟରୁ ଯେତେବେଳେ ଆଜିକା ଭଳି କଲମ ନ ଥିଲା, ସେତେବେଳେ ଝରକଲମ ଦ୍ୱାରା କାଳୀ ଦୁଆତରେ ବୁଡ଼ାଇ ଲେଖା ଯାଉଥିଲା । ଅକ୍ଷର ସୁନ୍ଦର ଗୋଲ ଗୋଲ କରି ଲେଖିଲେ ପଢ଼ିବାକୁ ସୁନ୍ଦର ଲାଗେ । ତେଣୁ ସୁନ୍ଦର କଲମ ସୁନ୍ଦର ସ୍ୱଭାବର ପରିଚୟ ଦିଏ । ଅଭି ବୁଝିପାରିଲା, ପ୍ରକୃତରେ କଲମ କେତେ ଦରକାରୀ । ସେଥିପାଇଁ ବିଦ୍ୟାଳୟର ସମସ୍ତ ଗୁରୁଜୀ କଳା, ନୀଳ ଓ ଲାଲ୍ ରଙ୍ଗର କଲମକୁ ପକେଟ୍ ରେ ସୁନ୍ଦର ଭାବେ ସଜାଇ ରଖିଥାନ୍ତି । ସୁନ୍ଦର ସୁନ୍ଦର ହସ୍ତାକ୍ଷର କରି ଲେଖିଥାନ୍ତି ଏବଂ ସବୁ ପିଲାମାନଙ୍କୁ ସୁନ୍ଦର ହସ୍ତାକ୍ଷର କରି ଲେଖିବାକୁ ଉପଦେଶ ଦେଇଥାନ୍ତି । ଯେଉଁ ପିଲାର ହସ୍ତାକ୍ଷର ସୁନ୍ଦର, ସେ ପିଲା ସମସ୍ତଙ୍କର ଆଦର ହୋଇଥାଏ । ତେବେ ଅଭି ଆଉ କୌଣସି ପଦାର୍ଥକୁ ଅସଜଡ଼ା କରି ରଖିବନି । ତା' ର ବହି, ଖାତା ସହ ପେନ୍‌ସିଲ ଓ କଲମକୁ ସାଇତି କରି ରଖିବାକୁ ନିଷ୍ପତ୍ତି ନେଲା । ବାପାଙ୍କ କଲମ ତାକୁ ନୂଆ ଶିକ୍ଷା ଦେଲା ।■



ସୁବ୍ରତ ଦାସ

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩


## ତୁମ ଆଙ୍କିବା ତୁମ ନାଁ





**କ୍ଷିତୀଶ ସ୍ୱାଇଁ**
ପଞ୍ଚମ ଶ୍ରେଣୀ
ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ନିମାପଡ଼ା




**ନିୟତି ସାହୁ**
ସପ୍ତମ ଶ୍ରେଣୀ
ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୱାନ-୧
ଭୁବନେଶ୍ୱର





**ସାଇ ସ୍ମୃତି ମଗ୍ନା**
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା
ପୁରୀ




**ସୁଦେଷ୍ଣା ଇତିଶ୍ରୀ ସ୍ୱାଇଁ**
ଦଶମ ଶ୍ରେଣୀ
ଜ.ବ.ରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ନିମାପଡ଼ା

## ପ୍ରହେଳିକା



- ବସନ୍ତ ଋତୁରେ ଏ ମାସ ଆସେ
  ଟାଣ ଖରା ସହ ସୂରୁଜ ହସେ
  ନାଲି କୃଷ୍ଣଚୂଡ଼ା ପରାଣ ଲୁଟେ
  ଚମ୍ପା କେତକୀର ବାସ ଚହଟେ
  ଏ ମାସର ପ୍ରତି ମଙ୍ଗଳବାରେ
  ପନ୍ତେଇ ପୂଜନ୍ତି ଗାଆଁ ଦାଣ୍ଡରେ
  କୁହ ତା'ର ନାମ ଏବେ
  ଶୁକ୍ଳ ଦଶମୀରୁ ବସନ୍ତ ରାହାସ
  ପାଳନ୍ତି ଜଗତ ଜନେ ।

  ଉତ୍ତର-ଚୈତ୍ର ମାସ

- ଋତୁରାଜ ଯେବେ ଧରାକୁ ଆସେ
  ବାଡ଼ି ବଗିଚାରେ ସେ ପକ୍ଷୀ ଦିଶେ
  ନାଲି ଥଣ୍ଟ ତା'ର ହଳଦୀ ଦେହ
  ବସନ୍ତ ଋତୁର ସେ ବାର୍ତ୍ତାବହ
  ମୁଣ୍ଡଟି ତାହାର କଳା
  ଗ୍ରୀଷମ ଆସିଲେ ଲୁଚିଯାଏ ସିଏ
  କୁହ ତା'ର ନାମ ଭଲା ।

  ଉତ୍ତର-ହଳଦୀ ବସନ୍ତ

- ଛୋଟ ଫୁଲଟିଏ ଧଳା ରଂଗର
  ମନକୁ ଲୁଟଇ ସୁବାସ ତା'ର
  ଚୈତ୍ର ମାସରେ ସେ ଫୁଲ ଫୁଟେ
  ସଂଜ ନଇଁଗଲେ ବାସ ଚହଟେ
  ସେ ଫୁଲକୁ ତୋଳି ମାଆ
  ମାଳଟିଏ କରି ବେଣୀକୁ ସଜାନ୍ତି
  କୁହ ଦେଖି ତା'ର ନାଆଁ ।

  ଉତ୍ତର-ମଲ୍ଲୀ ଫୁଲ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# କେମିତି ଲଗାଇବେ ସିସି କ୍ରିମ୍

ଅଧିକାଂଶ ମହିଳା ତ୍ୱଚାର ଦାଗକୁ ଲୁଚାଇବା ପାଇଁ ସିସି କ୍ରିମ୍ ବ୍ୟବହାର କରିଥାନ୍ତି। ବର୍ତ୍ତମାନ ସମୟରେ ବିବି କ୍ରିମ୍ ଓ ଫାଉଣ୍ଡେସନ୍ ତୁଳନାରେ ସିସି କ୍ରିମ୍‌ର ଚାହିଦା ଅଧିକ ରହିଛି। ଏହା ତ୍ୱଚାକୁ କ୍ଷତିକାରକ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ସହ ଚର୍ମକୁଞ୍ଚନ ସମସ୍ୟା ଦୂର କରିଥାଏ। ତେବେ ଏହାକୁ ଲଗାଇବାର ମଧ୍ୟ ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି, ଜାଣିବା ସେ ବିଷୟରେ...



### କ୍ରିମ୍ ଚୟନ

ତ୍ୱଚାର ରଙ୍ଗ ଅନୁଯାୟୀ ସିସି କ୍ରିମ୍ ଚୟନ କରିବାକୁ ପଡ଼ିଥାଏ। ଏଥିପାଇଁ ପ୍ରଥମେ ସିସି କ୍ରିମ୍‌କୁ ହାତରେ ଲଗାଇ ପରୀକ୍ଷା କରନ୍ତୁ। ଏଥିସହ ତ୍ୱଚା ତେଲିଆ କି ଶୁଷ୍କ, ତାହା ଜାଣି ରଖନ୍ତୁ। ଶୁଷ୍କ ତ୍ୱଚାଥିଲେ ହାଲୁରୋନିକ୍ ଏସିଡ୍ ଓ ତେଲିଆ ଥିଲେ ମ୍ୟାଟ୍ ଫିନିସ୍ କ୍ରିମ୍ ଲଗାଇପାରିବେ।

### କ୍ଲିନ୍‌ଜର୍

ସିସି କ୍ରିମ୍ ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ହାଲୁକା କ୍ଲିନ୍‌ଜର୍ ଧୋଇ ଦିଅନ୍ତୁ। ସେହିପରି ତେଲିଆ ତ୍ୱଚାଥିଲେ ତୁଳା ସାହାଯ୍ୟରେ ଟୋନର୍ ଲଗାନ୍ତୁ। ଶୁଷ୍କ ତ୍ୱଚା ଥିଲେ, ସିସି କ୍ରିମ୍ ଲଗାଇବା ପୂର୍ବରୁ ମଏଶ୍ଚରାଇଜର୍ ଲଗାନ୍ତୁ। ଏହା ତ୍ୱଚାକୁ ନରମ ରଖିଥାଏ।

### ଅଙ୍ଗୁଳିରେ ଲଗାନ୍ତୁ କ୍ରିମ୍

ସିସି କ୍ରିମ୍‌କୁ ହାତରେ କାଢ଼ି ତ୍ୱଚାରେ ଅଙ୍ଗୁଳି ସାହାଯ୍ୟରେ ବିନ୍ଦୁ ବିନ୍ଦୁ କରି ଲଗାନ୍ତୁ। ଏହାକୁ ନାକ ଏବଂ ଦାଗ ଥିବା ସ୍ଥାନରେ ମଧ୍ୟ ଲଗାଇପାରିବେ। ଅଙ୍ଗୁଳି ବ୍ୟବହାର କରି କ୍ରିମ୍‌କୁ ଭଲ ଭାବେ ତ୍ୱଚାରେ ମିଶାଇ ଦିଅନ୍ତୁ। ସେହିପରି ଚାହିଁଲେ ମେକ୍‌ଅପ୍ ବ୍ରସ୍‌ରେ କ୍ରିମ୍‌କୁ ଭଲ ଭାବେ ଲଗାଇପାରିବେ।

### ଫାଉଣ୍ଡେସନ୍

ସିସି କ୍ରିମ୍ ଲଗାଇବା ଦ୍ୱାରା ତ୍ୱଚାରେ ଥିବା ଦାଗ ଲୁଚି ମୁହଁ ଉଜ୍ଜ୍ୱଳ ଓ ପରିଷ୍କାର ଦିଶିଥାଏ। ସିସି କ୍ରିମ୍‌କୁ ଚାହିଁଲେ ପ୍ରାଇମର କିମ୍ବା ଫାଉଣ୍ଡେସନ ଭଳି ମଧ୍ୟ ଲଗାଇପାରିବେ।

# ପରିଚୟ ଦେଇଛି ପେପର୍ ଆର୍ଟ



ପିଲାଦିନେ ବାପାଙ୍କୁ ମାଟିରେ ମୂର୍ତ୍ତି ଗଢ଼ିବାର ସେ ଦେଖିଆସୁଥିଲେ। ଧୀରେ ଧୀରେ ଏହି କାମ ପ୍ରତି ତାଙ୍କର ଆଗ୍ରହ ବଢ଼ିଲା। ବାପାଙ୍କଠୁ ଶିଖି ସେ ମାଟିରେ ଛୋଟମୋଟ ଜିନିଷ ତିଆରି କଲେ। କିନ୍ତୁ ପରବର୍ତ୍ତୀ ସମୟରେ କଳାକୁ ନେଇ କିଛି ନୂଆ କରିବାକୁ ସେ ଇଚ୍ଛା ପ୍ରକାଶ କଲେ। ଆଉ ଏଥିପାଇଁ କାଗଜକୁ ମାଧ୍ୟମ କରିଥିଲେ। କାଗଜରୁ ଭଳିକି ଭଳି ଘରସଜ୍ଜା ଉପକରଣ ତିଆରି କଲେ। ଯଦିଓ ଏ ଦିଗରେ ସେ କୌଣସି ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ନାହାନ୍ତି, କିନ୍ତୁ ନିଜର ଆଗ୍ରହ ତାଙ୍କୁ ଏ ଦିଗରେ ସଫଳତା ପ୍ରଦାନ କରିଛି। ସେହି ମହିଳା କାରିଗର ଜଣକ ହେଲେ ଦେବଗଡ଼ ଜିଲ୍ଲା କଲା ଗାଁର ଯୋଗମାୟା କାରିଗର।

### କୌଳିକ ବୃତ୍ତି ବଞ୍ଚାଇବାକୁ ପ୍ରୟାସ

କୌଳିକ ବୃତ୍ତିଭାବେ ପିଲାଦିନୁ ବାପାଙ୍କୁ ମାଟିରେ ବିଭିନ୍ନ ମୂର୍ତ୍ତି ଗଢ଼ିବାର ସେ ଦେଖିଥିଲେ। ୨୦୧୨ ମସିହାରେ ବାପାଙ୍କ ପରଲୋକ ହୋଇଗଲା। ଫଳରେ ବାପାଙ୍କ ବୃତ୍ତିକୁ ଚାଲୁ ରଖିବାକୁ ସେ ଚାହିଁଥିଲେ। ଏଥିପାଇଁ ସେ ମାଟିରେ ମୂର୍ତ୍ତି ଗଠନ କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ଅବଶ୍ୟ ଏହି ମାଟିମୂର୍ତ୍ତି କେବଳ ଋତୁ ଅନୁସାରେ କରିବାକୁ ପଡ଼ିଥାଏ। ତେଣୁ ସେ ଅନ୍ୟାନ୍ୟ କଳାକୃତି ପ୍ରତି ଧ୍ୟାନ ଦେଇଥିଲେ। ଏକଦା ମିଶନ ଶକ୍ତି ପକ୍ଷରୁ ପ୍ରଧାନପାଟ ମହୋତ୍ସବ ପାଇଁ ତାଙ୍କୁ ପେପର୍ ନିର୍ମିତ କଳାକୃତି କରିବାର ସୁଯୋଗ ମିଳିଥିଲା। ଆଉ ଏହା ପରଠୁ ସେ ଆଉ ପଛକୁ ଫେରି ନାହାନ୍ତି।





### ପେପର୍ କ୍ଲେରେ କଳାକୃତି

ପିଲାବେଳୁ ବିଭିନ୍ନ ଚିତ୍ର ଆଙ୍କୁଥିଲେ। କିନ୍ତୁ ଏ ଲାଗି ସେ ବିଧିବଦ୍ଧ ଭାବେ କାହା ପାଖରୁ କିଛି ଶିଖି ନାହାନ୍ତି। ଅବଶ୍ୟ ତାଙ୍କ ମନରେ ସବୁବେଳେ ଇଚ୍ଛା ଥିଲା କିଛି ନୂଆ କରିବାର। ତେଣୁ ସେ ଫାଙ୍କା ସମୟରେ କିଛି ନା କିଛି ଚିତ୍ର କରିଥାନ୍ତି। କିନ୍ତୁ, ପେପର୍ କଳାକୃତି ବାବଦରେ ସେ ପ୍ରଥମେ ଏକ ଗୋଷ୍ଠୀଠାରୁ ଜାଣିବାକୁ ପାଇଥିଲେ। ଯାହା ତାଙ୍କୁ ଖୁବ୍ ଆକର୍ଷିତ କରିଥିଲା। ଏହି କଳାକୃତିକୁ ନେଇ କିଛି ନୂଆ କରିବା କଥା ସେ ଚିନ୍ତା କଲେ। ପେପର କଳାକୃତି ପାଇଁ ପ୍ରଥମେ ଖବରକାଗଜକୁ ବତୁରାଇ ତାହାକୁ ବାଟି ସେଥିରୁ ମଣ୍ଡ ପ୍ରସ୍ତୁତ କରନ୍ତି। ସେହି ମଣ୍ଡରେ ତେନ୍ତୁଳି ଅଠା, ତୁତିଆ ଅଠା ମିଶାଇ ପେପର କ୍ଲେ ପ୍ରସ୍ତୁତ କରିଥାନ୍ତି। ସେଥିରେ ବିଭିନ୍ନ ଉପକରଣ ଯଥା- ପେନ୍‌ଷ୍ଟାଣ୍ଡ, ପକ୍ଷୀ, ଖେଳନା, ଚାବିରିଙ୍ଗ୍ ପ୍ରସ୍ତୁତ କରନ୍ତି। ଅବଶ୍ୟ ଏହି ପ୍ରକ୍ରିୟା ବେଶ୍ ଜଟିଳ, ଏଥିପାଇଁ ପ୍ରଥମେ ଖବରକାଗଜ ମଣ୍ଡକୁ ମୋଟା କରି ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏହାପରେ ତାକୁ ନିର୍ଦ୍ଦିଷ୍ଟ ରୂପ ଦେଇ ଖରାରେ ଶୁଖାଯାଇଥାଏ। ଗୋଟିଏ ଦିନରେ ଶୁଖିଯିବା ପରେ ସେଥିରେ ପସନ୍ଦ ଅନୁସାରେ ରଙ୍ଗ ଦିଆଯାଇଥାଏ।

### ବିଭିନ୍ନ ମେଳାରେ ପ୍ରଦର୍ଶନୀ

ଲୋକଙ୍କ ରୁଚିକୁ ଦୃଷ୍ଟିରେ ରଖି କିଛି ନୂଆ କରିବା ପାଇଁ ଏହି କଳାକୃତି ବ୍ୟବସାୟ ଆରମ୍ଭ କରିଥିବା ସେ କହିଛନ୍ତି। ଯଦିଓ ଆରମ୍ଭରୁ ତାଙ୍କୁ ଏତେଟା ସଫଳତା ମିଳି ନ ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହି ବ୍ୟବସାୟ ବୃଦ୍ଧି ପାଇଥିଲା। କାଗଜ ନିର୍ମିତ ଏହି ସାମଗ୍ରୀକୁ ସେ କଟକ ବାଲିଯାତ୍ରା ସମେତ ବିଭିନ୍ନ ମେଳା ମହୋତ୍ସବରେ ଷ୍ଟଲ୍ ପକାଇ ବିକ୍ରିବଟା କରିଥାନ୍ତି। ଆଗାମୀ ଦିନରେ ଏହି ବ୍ୟବସାୟକୁ ଜାତୀୟ ସ୍ତରରେ ପରିଚିତ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଏଥି ସହିତ ଗ୍ରାମର ଅନ୍ୟ ମହିଳାଙ୍କୁ ପେପର ଆର୍ଟ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଆଶା ରଖିଛନ୍ତି।

# ସମର୍ ଲୁକ୍

ଖରାଦିନେ ମହିଳାମାନେ ହାଲୁକା ଓ ଆରାମଦାୟକ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ତେଣୁ ଏଥିପାଇଁ ଅନେକେ ପାରମ୍ପରିକ ପରିଧାନ ଯଥା- ସୁଟ୍, ଶାଢ଼ି, ଇଣ୍ଡୋୱେଷ୍ଟର୍ଣ୍ଣ ଆଦି ଚୟନ କରିଥାନ୍ତି। କିନ୍ତୁ ଖରାଦିନେ ଆଉଟ୍‌ଫିଟ୍‌କୁ ନେଇ ନିଜକୁ ଏକ ଭିନ୍ନ ଲୁକ୍ ଦେବାକୁ ଚାହିଁଥିଲେ, ପୋଲ୍‌କା ଡଟ୍ ପ୍ରିଣ୍ଟ ଥିବା ପୋଷାକ ପିନ୍ଧିପାରିବେ। ଏହି ପ୍ରିଣ୍ଟ ସର୍ବଦା ଫେଶନରେ ରହିଥାଏ। ଜାଣିବା ସେ ବିଷୟରେ...



### କଳା ଓ ଧଳା ପୋଲ୍‌କା ସୁଟ୍

ଏକ କ୍ଲାସିକ୍ ଲୁକ୍ ଚାହିଁଥିଲେ କଳା, ଧଳା କମ୍ବିନେସନ ଥିବା ପୋଲ୍‌କା ଡଟ୍ ସୁଟ୍ ପିନ୍ଧିପାରିବେ। ଏହା ଆପଣଙ୍କୁ ପ୍ରଫେଶନାଲ୍ ଦେଖାଇବାରେ ସହାୟକ ହୋଇଥାଏ। ଏହାକୁ ପ୍ଲାଜୋ ପ୍ୟାଣ୍ଟ ସହ ପିନ୍ଧିପାରିବେ।

### ସର୍ଟ ଅନାରକଲି

ଏକ ଆଧୁନିକ ଲୁକ୍ ଚାହିଁଥିଲେ, ସର୍ଟ ଅନାରକଲି ପିନ୍ଧିପାରିବେ। ଏହା ସହ ଖୋଲା କେଶ ଏବଂ ଲମ୍ବା କାନଫୁଲ ଖୁବ୍ ସୁନ୍ଦର ମାନିଥାଏ। ଏହା ବିଭିନ୍ନ ରଙ୍ଗ ଓ ଡିଜାଇନ୍‌ରେ ଉପଲବ୍ଧ।

### ଧଳା ପୋଲ୍‌କା ସୁଟ୍

ଅଫିସ୍‌ରେ ଏଲିଗେଣ୍ଟ ଲୁକ୍ ପାଇବାକୁ ଚାହିଁଥିଲେ, ଧଳା ପୋଲ୍‌କା ପ୍ରିଣ୍ଟ ଥିବା ସୁଟ୍ ପିନ୍ଧିପାରିବେ। ଏ ପ୍ରକାର ସୁଟ୍ ଉଭୟ ଷ୍ଟ୍ରେଟ୍‌କଟ୍ ଏବଂ ଅନାରକଲି ଡିଜାଇନରେ ରହିଥାଏ। ଏଥି ସହ ପ୍ଲାଜୋ ପ୍ୟାଣ୍ଟ ପିନ୍ଧିପାରିବେ।

ସାଧାରଣତଃ ମହିଳାମାନେ ଋତୁ ଅନୁସାରେ ପୋଷାକ, ଆସେସରିଜ୍, ମେକ୍‌ଅପ୍ ପ୍ରତି ଧ୍ୟାନ ଦିଅନ୍ତି। ଏଥିରୁ ଅନ୍ୟତମ ଜୋତା। ତେଣୁ ପୋଷାକ ଭଳି ଜୋତା ପ୍ରତି ବି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ଏଥିପାଇଁ ଆଉଟ୍‌ଫିଟ୍ ଅନୁଯାୟୀ ଫେସେନେବଲ୍ ଜୋତା ଚୟନ କରିବାକୁ ପଡ଼ିଥାଏ। ଯାହା ଆରାମଦାୟକ ହେବା ସହ ପାଦକୁ ଟାଣ ଖରାରୁ ସୁରକ୍ଷା ଦେବ।



### ସ୍ନିକର୍ସ

ଖରା ଅନୁଯାୟୀ, ଆରାମଦାୟକ ଜୋତା ପିନ୍ଧିବାକୁ ଚାହୁଁଥିଲେ, ସ୍ନିକର୍ସ କିଣିପାରିବେ। ଏହା ସବୁବେଳେ ଟ୍ରେଣ୍ଡରେ ରହିଥାଏ। ଏହା ବିଭିନ୍ନ ଆଉଟ୍‌ଫିଟ୍‌କୁ ଖୁବ୍ ସୁନ୍ଦର ମାନିଥାଏ।

### ଲେଦର୍ ସାଣ୍ଡେଲ୍

ଲେଦର୍ ଜୋତାଗୁଡ଼ିକ ଖୁବ୍ ହାଲୁକା ଓ ଆରାମଦାୟକ ହୋଇଥାଏ। ତେଣୁ ଖରାଦିନେ ଚାହିଁଲେ କୋଲ୍‌ହାପୁରୀ ଚପଲ ପିନ୍ଧିପାରିବେ। ଏହା ଟ୍ରେଣ୍ଡରେ ଥିବା ସହ ଆରାମଦାୟକ ହୋଇଥାଏ। ଏହାକୁ ଜିନ୍ସ ଓ କୁର୍ତ୍ତୀ ସହ ସୁବିଧାରେ ପିନ୍ଧିପାରିବେ। ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ।

### ମୋଜରୀ

ପାରମ୍ପରିକ ଆଉଟ୍‌ଫିଟ୍‌କୁ ଏ ପ୍ରକାର ଜୋତା ଭଲ ମାନିଥାଏ। ଏହାକୁ ଆଧୁନିକ ପୋଷାକ ସହ ମଧ୍ୟ ପିନ୍ଧିପାରିବେ। ଏହା ଆପଣଙ୍କୁ ସିମ୍ପଲ ଓ ଏମ୍ବ୍ରୋଡୋରୀ ଦୁଇଟି ଡିଜାଇନରେ ମିଳିଯିବ। ବଜାରରେ ବିଭିନ୍ନ ଡିଜାଇନର ଏହି ମୋଜରୀ ଜୋତା ରହିଛି।



### ଫ୍ଲାଟ୍

ବିଶେଷ କରି ଖରାଦିନ ଫ୍ଲାଟ୍ ଚପଲ ଆରାମଦାୟକ ହୋଇଥାଏ। କାରଣ ଏ ଦିନେ ଝାଳଯୋଗୁଁ, ପାଦରେ ସଂକ୍ରମଣ ସମସ୍ୟା ଦେଖାଯାଇଥାଏ। ତେଣୁ ଅଙ୍ଗୁଳି ଦେଖାଯାଉଥିବା ଫ୍ଲାଟ୍ ପିନ୍ଧିବା ଦ୍ୱାରା ବାୟୁ ଚଳାଚଳ ହେବା ସହ ଝାଳ ସମସ୍ୟା କମ୍ ହୋଇଥାଏ। ଏହାକୁ ଅଫିସ୍ ପାର୍ଟି, ଅଫିସ୍ ଆଦି ସ୍ଥାନକୁ ସୁବିଧାରେ ପିନ୍ଧିଯାଇପାରିବେ।

# ବ୍ୟକ୍ତିତ୍ୱ ଅନୁଯାୟୀ ନେଲ୍‌ପଲିସ୍



ସାଧାରଣତଃ ମହିଳାମାନେ ହାତକୁ ସୁନ୍ଦର କରିବା ପାଇଁ ବିଭିନ୍ନ ରଙ୍ଗର ନେଲ୍‌ପଲିସ୍ ଲଗାଇଥାନ୍ତି। ଏହା ନଖର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ତେବେ ନିଜ ବ୍ୟକ୍ତିତ୍ୱକୁ ଆଖି ଆଗରେ ରଖି ନେଲ୍‌ପଲିସ୍ ଲଗାଇବା ଦ୍ୱାରା ଆତ୍ମ ବିଶ୍ୱାସ ବୃଦ୍ଧି ହୋଇଥାଏ।

- କନ୍‌ଫିଡେଣ୍ଟ ଓ ବୋଲ୍ଡ ହୋଇଥିଲେ, ନାଲି ରଙ୍ଗର ନେଲ୍‌ପଲିସ୍ ଲଗାଇପାରିବେ। ଏହା ଶକ୍ତି ଓ ଆତ୍ମବିଶ୍ୱାସର ପ୍ରତୀକ ଭାବେ ଜଣାଯାଏ।
- ସ୍ୱଭାବରେ ଶାନ୍ତ ହୋଇଥିଲେ, ନ୍ୟୁଡ୍ ପିଙ୍କ୍ ନେଲ୍‌ପଲିସ୍ ଲଗାଇପାରିବେ। ଏହି ରଙ୍ଗ ସୌମ୍ୟତାର ପ୍ରତୀକ ଭାବେ ବିବେଚନା କରାଯାଏ।
- ଅଧିକ ଉତ୍ସାହିତ ସ୍ୱଭାବର ହୋଇଥିଲେ, ଏମାନଙ୍କୁ ଉଜ୍ଜ୍ୱଳ କୋରଲ୍ ନେଲ୍‌ପେଣ୍ଟ ଖୁବ୍ ସୁନ୍ଦର ମାନିଥାଏ। ଏହି ରଙ୍ଗ ଖୁସି ଓ ଉତ୍ସାହର ସଂକେତ ଭାବେ ଗ୍ରହଣୀୟ।
- ସେହିପରି ରହସ୍ୟମୟ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ହୋଇଥିଲେ, ଗାଢ଼ ରଙ୍ଗର ନେଲ୍‌ପଲିସ୍ ଲଗାଇପାରିବେ। ଏହା ରହସ୍ୟର ପ୍ରତୀକ ଭାବେ ପରିଚିତ।
- ଗ୍ଲାମରସ୍ ସାଙ୍ଗକୁ ଆତ୍ମବିଶ୍ୱାସ ଥିଲେ ସୁନେଲି ରଙ୍ଗର ନେଲପଲିସ୍ ଲଗାଇପାରିବେ। ଏହା ବିଳାସ ଓ ସମୃଦ୍ଧିର ପ୍ରତୀକ ହୋଇଥାଏ।
- ନିର୍ମଳ ହୃଦୟ ସାଙ୍ଗକୁ ସ୍ପଷ୍ଟବାଦୀ ହୋଇଥିଲେ, ଧଳା ନେଲ୍‌ପଲିସ୍ ଲଗାଇପାରିବେ। ଏହା ପବିତ୍ର ଓ ପାରଦର୍ଶିତାର ପ୍ରତୀକ ଭାବେ ଜଣାଯାଏ।

# ବ୍ରୋକ୍‌ଲି ରାଇସ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

କର୍ଣ୍ଣ ରାଇସ୍ – ୨୦୦ ଗ୍ରାମ୍, ମିଠା ମକା – ଏକ କପ୍, ଗ୍ରୀନ୍‌ମଟର – ଏକ କପ୍, କଟା ବ୍ରୋକ୍‌ଲି- ଏକ କପ୍, କଟା ରସୁଣ – ଏକ ଚାମଚ, ଧନିଆ ପତ୍ର, ବଟର୍ - ଛୋଟ ଖଣ୍ଡେ, ଚିଲ୍ଲି ଫ୍ଲେକ୍ସ – ଅଧା ଚାମଚ, ଅରେଗାନୋ – ଅଧା ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଲୁଣ – ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଚୁଲାରେ ହାଣ୍ଡି ବସାଇ ପାଣି ଦିଅନ୍ତୁ। ପାଣି ଗରମ ହୋଇଯିବା ପରେ ବିରିୟାନି ଚାଉଳକୁ ଧୋଇ ସେଥିରେ ପକାଇ ଘୋଡ଼ାଇ ଦିଅନ୍ତୁ। ଏହା ଅଧାଅଧି ସିଝିଗଲା ପରେ ଚଟୁରେ ଛାଣି ଏକ ବାଉଲ୍‌ରେ ରଖନ୍ତୁ। ଏହାପରେ ଚୁଲାରେ ଏକ ହାଣ୍ଡି ବସାଇ ମିଠା ମକା , ବ୍ରୋକଲି , ଗ୍ରୀନ୍‌ମଟର୍ , ଲୁଣ ଓ ପାଣି ଦେଇ ଘୋଡ଼ାଇ ଦିଅନ୍ତୁ । ୧୦-୧୫ ମିନିଟ୍ ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଆଉ ଏକ ଚୁଲାରେ କଡ଼େଇ ବସାଇ ବଟର ଦିଅନ୍ତୁ। ସେଥିରେ ରସୁଣ ଦେଇ ଭାଜନ୍ତୁ। ପରେ ସିଝାଇ ରଖିଥିବା ପରିବାକୁ ଦେଇ ହାଲୁକା ଭାଜନ୍ତୁ। ଏହାପରେ ବାଉଲ୍‌ରେ ରଖିଥିବା ଦରସିଝା ଭାତକୁ ଦେଇ ସେଥିରେ ଲୁଣ , ଅରେଗୋନା ଓ ଚିଲ୍ଲି ଫ୍ଲେକ୍ସ ଦେଇ ଗୋଳାଇ ଦିଅନ୍ତୁ। ଶେଷରେ କଟା ଧନିଆ ପତ୍ର ଦେଇ ପରଷି ଦିଅନ୍ତୁ ଗରମ ଗରମ 'ବ୍ରୋକ୍‌ଲି ରାଇସ୍' ।

# କେଶରେ ଅଁଳା ଲଗାଉଥିଲେ...

କେଶକୁ କଳା ତଥା ଘନ କରିବା ପାଇଁ ଅଧିକାଂଶ ଲୋକେ ଅଁଳା ବ୍ୟବହାର କରିଥାନ୍ତି। କାରଣ ଏଥିରେ ଭରପୂର ମାତ୍ରାରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଭଳି କେତେକ ପୋଷକ ତତ୍ତ୍ୱ ରହିଛି। ଏହା କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏହାକୁ ଲଗାଇଲେ କେଶରେ ଚମକ ବୃଦ୍ଧି ପାଇଥାଏ। କିନ୍ତୁ କେଶରେ ଅଁଳା ଲଗାଉଥିଲେ କିଛି ସାବଧାନତା ଆପଣାଇବାକୁ ପଡ଼ିଥାଏ। ନଚେତ୍ ଏହା କେଶକୁ କ୍ଷତି ପହଞ୍ଚାଇଥାଏ।





### ଜ୍ୱଳନ ସମସ୍ୟା

ଅଁଳାର ମାତ୍ରାଧିକ ବ୍ୟବହାର କେଶକୁ କ୍ଷତି ପହଞ୍ଚାଇଥାଏ। ଅଳାଁ ପାଉଡର୍ ଅଧିକ ମାତ୍ରାରେ ବ୍ୟବହାର କରିବା ଦ୍ୱାରା କେଶମୂଳ ସମ୍ବେଦନଶୀଳ ହୋଇଯାଏ। ତେଣୁ କେଶରେ ଅଁଳା ଲଗାଇବାକୁ ଚାହୁଁଥିଲେ ଏହାକୁ ଦହି ସାଙ୍ଗରେ ମିଶ୍ରଣ କରି ଲଗାଇପାରିବେ। ଏହା ଦ୍ୱାରା କେଶମୂଳ ଜ୍ୱଳନ ସମସ୍ୟା ଦୂର ହୋଇଥାଏ।

### ସଂକ୍ରମଣ

ଅଁଳା ସମସ୍ତଙ୍କ ପାଇଁ ଭଲ ହୋଇ ନଥାଏ। କାରଣ ଏଥିରେ ଏପରି କିଛି ଏସିଡ୍ ରହିଛି, ଯାହା କେଶମୂଳକୁ ବିଭିନ୍ନ ପ୍ରକାର ସମସ୍ୟା ଯଥା – କୁଣ୍ଡାଇ ହେବା, ନାଲିପଡ଼ିଯିବା ଭଳି ସମସ୍ୟା ଦେଖାଯାଇଥାଏ। ତେଣୁ ଏହାକୁ କେଶରେ ପ୍ରୟୋଗ କରିବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରିବା ଜରୁରୀ।

### କେଶ ରଙ୍ଗରେ ପରିବର୍ତ୍ତନ

ସାଧାରଣତଃ ଅଁଳା କେଶକୁ ଘନ କଳା କରିବାରେ ସହାୟକ ହୋଇଥାଏ। ସେହିପରି କେଶ ଧଳା ଥିଲେ ଏହା କଳା କରିବାରେ ସହାୟକ ହୋଇଥାଏ। କିନ୍ତୁ କେଶରେ ପୂର୍ବରୁ କୌଣସି କଲର ଟ୍ରିଟ୍‌ମେଣ୍ଟ କରିଥିଲେ, ଏହା ରଙ୍ଗିନ କେଶକୁ ଖରାପ କରିପାରେ।

### ନିରାଶ ହେଲା ମୁମ୍ବାଇ ଇଣ୍ଡିଆନ୍ସ

# ପାଣ୍ଡ୍ୟାଙ୍କ ୫ ୱିକେଟ୍ ବ୍ୟର୍ଥ, ଲକ୍ଷ୍ନୌର ରୋମାଞ୍ଚକ ବିଜୟ




ଲକ୍ଷ୍ନୌ,୪।୪ (ଏଜେନ୍ସି): ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୫ ୱିକେଟ ଅକ୍ତିଆର ଓ ସୂର୍ଯ୍ୟକୁମାର ଯାଦବ (୬୭)ଙ୍କ ଅର୍ଦ୍ଧଶତକ ବ୍ୟର୍ଥ ଯାଇଛି। ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌ର ୧୬ତମ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ରୋମାଞ୍ଚକ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସକୁ ୧୨ ରନ୍‌ରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏଲଏସ୍‌ଜି ୮ ୱିକେଟରେ ୨୦୩ ରନ୍ କରିଥିଲା। ଦଳ ପକ୍ଷରୁ ମିଚେଲ ମାର୍ଶ ସର୍ବାଧିକ ୬୦ ଓ ଆଇଡେନ୍ ମାର୍କରାମ ୫୩ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଅଧିନାୟକ ଭାବେ ଆଇପିଏଲ୍‌ରେ ୫ ୱିକେଟ ନେବାରେ ସଫଳତା ପାଇଥିଲେ। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକୁମାର ସର୍ବାଧିକ ୬୮, ନମନ ଧୀର ବିସ୍ଫୋରକ ୪୬ ଓ ଶେଷଯାଏ ବ୍ୟାଟିଂ କରିଥିବା ହାର୍ଦ୍ଦିକ ୧୬ ବଲ୍‌ରେ ୨୮ ରନ୍ କରି ଅପରାଜିତ ଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ। ଏହି ମ୍ୟାଚ୍‌ରେ ମୁମ୍ବାଇ ଆହତ ରୋହିତ ଶର୍ମାଙ୍କୁ ଖେଳାଇ ନ ଥିଲା। ଆସନ୍ତାକାଲି ଦିଲ୍ଲୀରେ ଚେନ୍ନାଇ ସୁପର କିଙ୍ଗ୍‌ସ ସହ ଦିଲ୍ଲୀ କ୍ୟାପିଟାଲ୍ସର ମୁକାବିଲା ହେବ। ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ଓପନିଂ ଯୋଡିରେ ୭୬ ରନ୍ ଉଠାଇ ଭଲ ଆରମ୍ଭ କରିଥିଲା। ଏହି ୭୬ ରନ୍ ମଧ୍ୟରୁ ଅଷ୍ଟ୍ରେଲୀୟ ମିଚେଲ ମାର୍ଶ ଏକାକୀ ୬୦ ରନ୍ କରିଥିଲେ। ଏଥିଲାଗି ସେ ୩୧ଟି ବଲ୍ ଖେଳି ୯ ଚୌକା ଓ ୨ଛକା ସହ ଏହି ରନ୍ କରିଥିଲେ। ଏହା ଫଳରେ ସେ ପ୍ରଥମ ଖେଳାଳି ଭାବେ ପାୱାର ପ୍ଲେ'ରେ ୩୦ଟି ବଲ୍ ଖେଳିବାର ରେକର୍ଡ କରିଛନ୍ତି। ତାଙ୍କ ଆଉଟ ପରେ ମାର୍କରାମ ଗୋଟିଏ ପଟେ ତିଷ୍ଠି ରହିଥିଲେ। ଚତୁର୍ଥ ୱିକେଟରେ ଆୟୂଷ ବଦୋନୀଙ୍କ ସହ ୩୧ ବଲ୍‌ରୁ ୫୧ ରନ୍ ଉଠାଇ ମାର୍କରାମ ଦଳକୁ ଏକ ବଡ଼ ସ୍କୋର ଦେବାରେ ସମର୍ଥ ହୋଇଥିଲେ। ମାର୍କରାମ ୩୮ ବଲ୍‌ରୁ ୫୩ ରନ୍ କରିଥିଲେ। ବଦୋନୀ ୧୯ଟି ବଲ୍‌ରୁ ୩୦ ଓ ଡେଭିଡ ମିଲର ୧୪ଟି ବଲ୍‌ରୁ ୨୭ ରନ୍ କରିଥିଲେ।

### ରଗ୍‌ବୀ ପ୍ରିମିୟର ଲିଗ୍ ଜୁନ୍ ୧ରୁ

# ମଇଦାନରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ

ନୂଆଦିଲ୍ଲୀ,୪।୪ (ଏଜେନ୍ସି)

ଭାରତର ରଗ୍‌ବୀରେ ସୃଷ୍ଟି ହେବାକୁ ଯାଉଛି ନୂଆ ଇତିହାସ। ଆସନ୍ତା ଜୁନ୍ ୧ରୁ ୧୫ ତାରିଖ ମଧ୍ୟରେ କ୍ରିକେଟ, ଫୁଟବଲ କିମ୍ବା ଟେନିସ ଖେଳ ପରି ଭାରତରେ ଆୟୋଜିତ ହେବ ପେସାଦାର ରଗବୀ-୭ ପ୍ରିମିୟର ଲିଗ୍। ଏହି ଲିଗ୍‌ରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୬ଟି ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର ସ୍ପୋର୍ଟ୍ସ ମଧ୍ୟରେ ଏକ ୧୦ ବର୍ଷିଆ ବୁଝାମଣା ହୋଇଛି। ମୁମ୍ବାଇ ଫୁଟବଲ ଆରେନାରେ ସମସ୍ତ ମ୍ୟାଚ୍ ଖେଳାଯିବ। ଜୁନ୍ ୧ରୁ ୧୫ ତାରିଖ ମଧ୍ୟରେ ଏହି ସମସ୍ତ ମ୍ୟାଚ୍ ଆୟୋଜିତ ହେବ। ଏଥିରେ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ମୋଟ ୩୪ଟି ମ୍ୟାଚ୍ ଖେଳାଯିବ। ଏଥିରେ ବିଦେଶର ୮ ତାରକା ଓ ଭାରତର ଅନ୍ତର୍ଜାତୀୟ ଅଭିଜ୍ଞତା ଥିବା ୫ ଖେଳାଳିଙ୍କୁ ସାମିଲ କରାଯିବ। ବିଦେଶୀ ଖେଳାଳିଙ୍କୁ ମହୁ ଅଧିକ ଦାମ୍‌ରେ କିଣାଯାଇଥିବା ସୂଚନା ମିଳିଛି। କିନ୍ତୁ ଭାରତୀୟ ଖେଳାଳିଙ୍କ ଲାଗି ମାତ୍ର ୭ ଲକ୍ଷ ଟଙ୍କା ଗୋଟିଏ ଦଳର ସାଲାରୀ କ୍ୟାପ୍ ରଖାଯାଇଛି।

ଏହି ଟୁର୍ଣ୍ଣାମେଣ୍ଟ ରଗ୍‌ବୀ ସେଭେନ୍ସ ଲିଗ୍‌ରେ ଭାଗ ନେବାକୁ ୬ଟି ସହର ଭିତ୍ତିକ ଫ୍ରାଞ୍ଚାଇଜ୍ ଟିମ୍ ଚୟନ କରାଯାଇଛି। ସେଗୁଡିକ ହେଲା ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଡ୍‌ଜ, ହାଇଦରାବାଦ୍ ହିରୋଜ୍, ମୁମ୍ବାଇ ଡ୍ରିମର୍ସ ଓ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ଏହି ୬ଟି ଦଳକୁ ନେଇ ରଗବୀ-ସେଭେନ୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟକୁ ପ୍ରସାରଣ କରିବାକୁ ଚୁକ୍ତିବଦ୍ଧ ହୋଇଛି ଷ୍ଟାର ସ୍ପୋର୍ଟ୍ସ ଓ ଜିଓହଟ୍‌ଷ୍ଟାର। ଏମାନଙ୍କ ସହଯୋଗ ଫଳରେ ଭାରତରେ ରଗ୍‌ବୀ ଏକ ନୂଆ ସୋପାନରେ ପହଞ୍ଚିବ ବୋଲି ଆଶା କରାଯାଉଛି।

#### ମୋହିତ କ୍ଷତ୍ରୀଙ୍କ ମୂଲ୍ୟ ସର୍ବାଧିକ ୪.୭୫ ଲକ୍ଷ

ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଗୋଟିଏ ଦଳରେ ୮ ଜଣ ବିଦେଶୀ ଓ ୫ଜଣ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଭାରତୀୟ ଖେଳାଳିଙ୍କୁ ସାମିଲ କରାଯିବ। ୩୦ଜଣ ଭାରତୀୟଙ୍କର ନିଲାମି ଶେଷ ହୋଇଛି। ସେମାନଙ୍କ ମଧ୍ୟରେ ହରିୟାଣା ଖେଳାଳିଙ୍କୁ ମୂଲ୍ୟ ସର୍ବାଧିକ ରହିଛି। ମୋହିତ କ୍ଷତ୍ରୀଙ୍କୁ ୪.୭୫ ଲକ୍ଷ ଟଙ୍କା ବିନିମୟରେ ବେଙ୍ଗାଲୁରୁ, ପ୍ରିନ୍ସ କ୍ଷତ୍ରୀଙ୍କୁ ୩.୭୫ ଲକ୍ଷ ଟଙ୍କା ବିନିମୟରେ ହାଇଦରାବାଦ୍, ଅଜୟ ଦେଶୱାଲଙ୍କୁ କଳିଙ୍ଗ, ନୀରଜଙ୍କୁ ମୁମ୍ବାଇ ଓ ପଶ୍ଚିମବଙ୍ଗର ରାଜଦୀପ ଶାହାଙ୍କୁ ଦିଲ୍ଲୀ ୨.୭୫ ଲକ୍ଷ ଟଙ୍କା ବିନିମୟରେ କିଣିଛି। ହରିୟାଣାର ଆଉ ଜଣେ ଖେଳାଳି ଦୀପକ ପୁନିଆଙ୍କୁ ଦିଲ୍ଲୀ ୨.୫୦ ଲକ୍ଷ ଟଙ୍କାରେ କିଣିଛି। ରଗ୍‌ବୀ ଭଳି ଏକ ବ୍ୟୟବହୁଳ ଖେଳରେ ଏହି ଅର୍ଥ ଖେଳାଳିଙ୍କ ଉନ୍ନତି ପରିବର୍ତ୍ତେ କ୍ଷତି ଘଟାଇବ ବୋଲି ଆଶଙ୍କା କରାଯାଇଛି। ବିଦେଶୀ ଖେଳାଳିଙ୍କୁ ଏହାଠାରୁ ଢ଼େର ଅଧିକ ମୂଲ୍ୟରେ ଦଳରେ ସାମିଲ କରାଯାଇଛି ବୋଲି ଆଲୋଚନା ହେଉଛି। ଭାରତରେ ପ୍ରଥମଥର ଲାଗି ଆୟୋଜିତ ହେଉଥିବା ଏହି ଲିଗ୍‌କୁ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ସ୍ୱାଗତ କରିଛନ୍ତି।




ଗଣେଶ ଧାଙ୍ଗଡା ମାଝୀ ଓ ଆଶିଷ ଶବର




ସମ୍ବିତ ପ୍ରଧାନ




ଶାହାନୱାଜ ହୋସେନ

#### ଓଡ଼ିଶାରୁ ଗଣେଶ, ଆଶିଷ, ସମ୍ବିତ, ଶାହାନୱାଜ ସାମିଲ

ପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍ ଲାଗି ୬ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଟିମ୍ ଗଠନ କରାଯାଇଛି। ଏଥିରେ ଭୁବନେଶ୍ୱରରୁ ଏକ ଟିମ୍ କଳିଙ୍ଗ ବ୍ଲାକ୍ ଟାଇଗର୍ସ ସ୍ଥାନ ପାଇଛି। ନୂଆଦିଲ୍ଲୀ ଭିତ୍ତିକ କମ୍ପାନୀ ହଞ୍ଚ ଭେଞ୍ଚର୍ସ ଏହାର ମାଲିକାନା ପାଇଛି। ଭାରତୀୟ ଖେଳାଳି ଭାବେ ଏହି ଦଳରେ ଅଜୟ ଦେଶୱାଲ, ଅର୍ଜୁନ ମାହାତୋ, ପପୁ ବାଲାସାହେବ ଥୋଡକର, ପ୍ରଦୀପ ସିଂ ଓ ଓଡ଼ିଆ ଖେଳାଳି ଆଶିଷ ଶବରଙ୍କୁ ଭାରତୀୟ ଖେଳାଳି ଭାବେ ସ୍ଥାନ ମିଳିଛି।

ଏହା ମଧ୍ୟରେ ଭାରତୀୟ ଖେଳାଳିଙ୍କ ନିଲାମ ଶେଷ ହୋଇଛି। ଏଥିରେ ଓଡ଼ିଶାର ୬ଜଣ ଖେଳାଳିଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣ ଖେଳାଳି ନିଲାମୀରେ ବିକ୍ରି ହୋଇଛନ୍ତି। ଏହି ୪ଜଣ ହେଲେ ସମ୍ବିତ ପ୍ରଧାନ, ଶାହାନୱାଜ୍ ଅହମ୍ମଦ୍, କିଟ୍‌ର ଆଶିଷ ଶବର ଓ ଗଣେଶ ଧାଙ୍ଗଡ଼ା ମାଝୀ। ଏମାନଙ୍କ ମଧ୍ୟରୁ ଆଶିଷ ସର୍ବାଧିକ ୧ଲକ୍ଷ ୫୦ ହଜାର ଟଙ୍କାରେ ଘରୋଇ ବ୍ଲାକ୍ ଟାଇଗର୍ସ ଦଳରେ ସାମିଲ ହୋଇଛନ୍ତି। ୮୦ ହଜାର ଟଙ୍କାରେ ଶାହାନୱାଜ୍ ଚେନ୍ନାଇ ବୁଲ୍‌ସ ଟିମ୍‌ରେ, ଗଣେଶଙ୍କୁ ୫୦,୦୦୦ ଟଙ୍କା ମୂଲ୍ୟରେ ମୁମ୍ବାଇ ଡ୍ରିମର୍ସ ଓ ସମ୍ବିତ୍‌ଙ୍କୁ ୫୦,୦୦୦ ଟଙ୍କାରେ ହାଇଦରାବାଦ୍ ହିରୋଜ୍ କିଣିଛି।

### ଜାତୀୟ ବରିଷ୍ଠ ଖୋ ଖୋ ଚାମ୍ପିଅନସିପ୍ ଉଦ୍‌ଯାପିତ

# ମହାରାଷ୍ଟ୍ର ମହିଳା, ରେଳବାଇ ପୁରୁଷ ଚାମ୍ପିଅନ

ପୁରୀ,୪।୪(ଏଜେନ୍ସି): ସ୍ଥାନୀୟ ପୁରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୫୭ତମ ଜାତୀୟ ସିନିଅର ବରିଷ୍ଠ ଖୋ ଖୋ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମହିଳା ବିଭାଗରେ ମହାରାଷ୍ଟ୍ର ଓ ପୁରୁଷ ବିଭାଗରେ ରେଳବାଇ ଚାମ୍ପିଅନ ହୋଇଛି। ମହିଳା ବିଭାଗ ଫାଇନାଲରେ ମହାରାଷ୍ଟ୍ର ଆୟୋଜକ ଓଡ଼ିଶାକୁ ୨୫-୨୧ରେ ପରାସ୍ତ କରି ଟାଇଟଲ ହାସଲ କରିଛି। ସେହିପରି ପୁରୁଷ ବିଭାଗ ପ୍ରତିଯୋଗିତାରେ ରେଳବାଇ ୩୬-୨୭ରେ ମହାରାଷ୍ଟ୍ରକୁ ପରାସ୍ତ କରି ବାଜି ମାରିଛି। ମହିଳାରେ ମହାରାଷ୍ଟ୍ରର ତନଭୀ ଭୋଷଲେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ରେସ୍ମା ରାଠୋର ବେଷ୍ଟ ଆଟକର ଓ ଓଡ଼ିଶାର ଅର୍ଚ୍ଚନା ମାଝୀ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଛନ୍ତି। ଅନ୍ୟପଟେ ପୁରୁଷ ବିଭାଗରେ ରେଳବାଇର ଟି ଜଗନ୍ନାଥ ଦାସ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ରାହୁଲ ମଣ୍ଡଳ ଶ୍ରେଷ୍ଠ ଆଟକର ଓ ମହାରାଷ୍ଟ୍ରର ଲକ୍ଷ୍ମଣ ଗବାସ ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ୮ଟି ଦଳକୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଖୋଖୋ ଫେଡେରେସନ ଅଫ୍ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ, ଭାରତୀୟ ଦଳ କୋଚ୍ ଅଶ୍ୱିନୀ ଶର୍ମା, ଓଡ଼ିଶା ଖୋ ଖୋ ସଂଘ ସଭାପତି ନାରାୟଣ ପାତ୍ର ଓ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ମହିଳା ଉପ-ବିଜେତା

# ଓସିଏ ଉପସଭାପତି ଦାୟିତ୍ୱରେ ଜଗମୋହନ

କଟକ,୪।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଉପସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି ଜଗମୋହନ ପଟ୍ଟନାୟକ। ଆଜି ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅବସରରେ ଜଗମୋହନ ନିର୍ଦ୍ୱନ୍ଦ୍ୱରେ ଉପସଭାପତି ରୂପେ ନିର୍ବାଚିତ ହୋଇଥିବା ବିଧିବଦ୍ଧ ଭାବେ ଘୋଷଣା ହୋଇଥିଲା। ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ, ପଙ୍କଜ ଲୋଚନ ମହାନ୍ତି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଉପସଭାପତି ପଦ ଫାଙ୍କା ରହିଥିଲା। ଉପସଭାପତି ନିମନ୍ତେ ଜଗମୋହନ ପଟ୍ଟନାୟକ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ପରେ କଳାହାଣ୍ଡିରୁ ପ୍ରତିନିଧିତ୍ୱ କରିଥିବା ଜଗମୋହନଙ୍କ ନିଦ୍ୱନ୍ଦ୍ୱରେ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ସ୍ପଷ୍ଟ ହୋଇଥିଲା।

### ଏଲଏଲ୍‌ସିସି କପ୍ କ୍ରିକେଟ

# ଫାଇନାଲରେ ଏଲ୍‌ଏଲ୍‌ସିସି-ଏ' ବନାମ ସହିଦ୍ ସ୍ପୋର୍ଟିଂ

ଭୁବନେଶ୍ୱର, ୪।୪ (ସମିସ): ଆୟୋଜକ ଏଲ୍‌ଏଲ୍‌ସିସି-ଏ' ଟିମ୍ ଓ ସହିଦ୍ ସ୍ପୋର୍ଟିଂ ମଧ୍ୟରେ ଆଇଆର୍‌ସି ଭିଲେଜ୍ ପଡ଼ିଆରେ ଚାଲିଥିବା ଏଲ୍‌ଏଲ୍‌ସିସି କପ୍ ୧୫ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଏଲ୍‌ଏଲ୍‌ସିସି ୮୧ ରନ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଗତକାଲି ରାମେଶ୍ୱର ସ୍ପୋର୍ଟିଂକୁ ୫୩ ରନ୍‌ରେ ହରାଇ ସହିଦ୍ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ଫାଇନାଲ ଖେଳାଯିବ। ଦ୍ୱିତୀୟ ସେମିଫାଇନାଲରେ ବିଜୟୀ ଦଳ ପକ୍ଷରୁ ୯୮ ରନ୍ କରିଥିବା ଅଂଶୁମାନ ମହାନ୍ତି ଓ ୨୬ ରନ୍ ଦେଇ ୪ଟି ୱିକେଟ ନେଇଥିବା ପ୍ରତୀକ ସାମନ୍ତରାୟଙ୍କୁ ମିଳିତଭାବେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ମୁଖ୍ୟ ଅତିଥିଭାବେ ଅଜୟ ସ୍ୱାଇଁ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏଲ୍‌ଏଲସିସି ୫ ୱିକେଟରେ ୨୯୮ ରନ୍ କରିଥିଲା। ଦଳ ପକ୍ଷରୁ ଅଂଶୁମାନଙ୍କ ୯୮ ରନ୍ ବ୍ୟତୀତ ଶୁଭାଦିତ୍ୟ ପଣ୍ଡା ୭୫ ଓ ମିଧାଂଶୁ ଦାସ ୬୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଶୁଭମ ମିଶ୍ର ଓ ଅନିମେଶ ପ୍ରଧାନ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ମୁକ୍ତେଶ୍ୱର ୨୧୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅନିମେଶ ଏକାକୀ ଲଢୁଆ ବ୍ୟାଟିଂ କରି ୧୦୪ ବଲ୍‌ରୁ ୨୬ ଚୌକା ସହ ୧୨୬ ରନ୍ କରିଥିଲେ ମଧ୍ୟ ସହଯୋଗ ଅଭାବରୁ ଦଳକୁ ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇ ନ ଥିଲେ। ବିଜୟୀ ଦଳର ପ୍ରତୀକଙ୍କ ୪ ୱିକେଟ ବ୍ୟତୀତ ଅମିତେଶ ସାହୁ ୩ଟି ଓ ମିଧାଂଶୁ ୨ଟି ୱିକେଟ ପାଇଥିଲେ।



### ଜାତୀୟ ଦୃଷ୍ଟିହୀନ ଚେସ୍ ଚାମ୍ପିଅନସିପ୍

# ଷଷ୍ଠ ରାଉଣ୍ଡ ପରେ ଦର୍ପନ ଇରାନୀ ଏକକ ଅଗ୍ରଣୀ

ଭୁବନେଶ୍ୱର,୪।୪(ସମିସ): ନରାଜସ୍ଥିତ ସାଇ ଇଣ୍ଟରନ୍ୟାସନାଲ ରେସିଡେନସିଆଲ ସ୍କୁଲ୍‌ରେ ଚାଲିଥିବା ଅଷ୍ଟାଦଶ ଜାତୀୟ ଦୃଷ୍ଟିହୀନ ଚେସ୍ ଚାମ୍ପିଅନସିପ୍ ତୃତୀୟ ଦିବସରେ ପହଞ୍ଚିଛି। ଶୁକ୍ରବାର ଖେଳ ଶେଷ ସୁଦ୍ଧା ୬ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ଗୁଜରାଟର ଦର୍ପନ ଇରାନୀ ୫.୫ ପଏଣ୍ଟ ହାସଲ କରି ଏକକ ଅଗ୍ରଣୀ ହୋଇଛନ୍ତି। ଷଷ୍ଠ ରାଉଣ୍ଡରେ ସେ ପ୍ରଭାବ ବିସ୍ତାର କରି ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନଙ୍କୁ ପରାସ୍ତ କରି ଶୀର୍ଷକୁ ଉଠିଥିଲେ। ସେହିପରି ପ୍ରାଚୁର୍ଯ୍ୟ ପ୍ରଧାନ ଓ ମହାରାଷ୍ଟ୍ରର ଆୟାନ ଜୋଶୀଙ୍କ ମଧ୍ୟରେ ମୁକାବିଲା ଅମୀମାଂସିତ ରହିଥିଲା ଓ ଦୁହେଁ ପଏଣ୍ଟ ବାଣ୍ଟ କରିଥିଲେ। ପ୍ରତିଯୋଗିତାରେ ଏବେ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଏହାପରେ ଆର୍ଯ୍ୟନ ପ୍ରତ୍ୟାବର୍ତ୍ତନ କରି ଓଭରନାଇଟ ଲିଡର କର୍ଣ୍ଣାଟକର କିଶାନ ଗାଙ୍ଗୋଲୀଙ୍କୁ ପରାସ୍ତ କରିଥିଲେ। ଉଭୟ ଆର୍ଯ୍ୟନ ଓ କିଶାନ ୫ ପଏଣ୍ଟ ହାସଲ କରି ଅଙ୍କ ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରାଚୁର୍ଯ୍ୟ ପ୍ରଧାନ ଓ ଦିଲ୍ଲୀ ବିଏଲ ସୋମେନ୍ଦ୍ର ୪.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଚତୁର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ୮ ଜଣ ଖେଳାଳି ସମାନ ୪ ଲେଖାଏ ପଏଣ୍ଟ ହାସଲ ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାର ସୌମେନ୍ଦ୍ର ପ୍ରଧାନ ସାମିଲ ରହିଛନ୍ତି। ପ୍ରତିଯୋଗିତାରେ ଶ୍ରେଷ୍ଠ ୫ ଖେଳାଳି ୟୁରୋପୀୟ ଦେଶ ସର୍ବିଆ ଓ ପୋଲାଣ୍ଡରେ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିବେ।



# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ

କଳାହାଣ୍ଡି କପ୍-୨୦୨୫

କଟକ,୪।୪(ସମିସ): ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଆସନ୍ତା ୬ ତାରିଖରେ କଟକର ୪ଟି ଗ୍ରାଉଣ୍ଡରେ ସମସ୍ତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ପଏଣ୍ଟ ଭିତ୍ତିରେ ୮ଟି ଦଳ କ୍ୱାର୍ଟର ରାଉଣ୍ଡରେ ପ୍ରବେଶ କରିଛନ୍ତି। ଡ୍ରିମସ ଗ୍ରାଉଣ୍ଡରେ ପୂର୍ବତଟ ରେଳବାଇ ଏବଂ ଭୁବନେଶ୍ୱର-ବି, ରେଭେନ୍ସା ଗ୍ରାଉଣ୍ଡ-୧ରେ କଟକ-ଏ ଓ ଭଦ୍ରକ, ବାରବାଟୀ ଷ୍ଟାଡିୟମରେ ସୁନ୍ଦରଗଡ ଏବଂ ବାଲେଶ୍ୱର, ସନସାଇନ ଗ୍ରାଉଣ୍ଡରେ ରାଉରକେଲା ଓ ଭୁବନେଶ୍ୱର-ଏ ମଧ୍ୟରେ କ୍ୱାର୍ଟର ମୁକାବିଲା ହେବ। ୭ ତାରିଖରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

### ମୁମ୍ବାଇ କାହିଁକି ଛାଡ଼ିଲେ ଜୟସ୍ୱାଲ

# ରାହାଣେଙ୍କ ଅନୁଶାସନ ନା ଯଶସ୍ୱୀଙ୍କ ଆତ୍ମସମ୍ମାନ

ମୁମ୍ବାଇ, ୪।୪ (ଏଜେନ୍ସି)

ଟେଷ୍ଟ ଓପନର ଯଶସ୍ୱୀ ଜୟସ୍ୱାଲ ଭାରତରେ ଜଣେ ପ୍ରତିଷ୍ଠିତ କ୍ରିକେଟ ଖେଳାଳି। ନିଜ ସଂଘର୍ଷ କାହାଣୀ ବା ଟେଣ୍ଟ ହାଉସ ତଳୁ ଆସି ଅନ୍ତର୍ଜାତୀୟ କ୍ରିକେଟର ହେବା କେବଳ ଭାରତ କାହିଁକି ବିଶ୍ୱ କ୍ରିକେଟ ପ୍ରେମୀଙ୍କ ସେ ପ୍ରେରଣାର ଉତ୍ସ ହୋଇଛନ୍ତି। ଏଭଳି ସମୟରେ ସେ ମୁମ୍ବାଇ ଦଳ ଛାଡ଼ି ଗୋଆରୁ ରଣଜୀ ଟ୍ରଫି କ୍ରିକେଟ ଖେଳିବାକୁ ନିଷ୍ପତ୍ତି ନେବା ଘରୋଇ କ୍ରିକେଟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। 'ମୁଁ କ୍ରିକେଟରେ ଯାହା କିଛି ପାଇଛି ବା ହୋଇଛି ତାହା କେବଳ ମୁମ୍ବାଇ ଲାଗି। ଏହି ଦଳ ପ୍ରତି ମୋର ଢ଼େର ସମ୍ମାନ ଓ ଭଲ ପାଇବା ରହିଛି। କିନ୍ତୁ ମୋର ଭବିଷ୍ୟତ ଓ ବ୍ୟକ୍ତିଗତ କାରଣ ଲାଗି ମୁଁ ମୁମ୍ବାଇ ଛାଡ଼ିବାକୁ ନିଷ୍ପତ୍ତି ନେଇଛି' ବୋଲି ଜୟସ୍ୱାଲ କହିଥିଲେ। ଏହି ସମୟରେ ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫି ଫାଇନାଲରେ ପଶ୍ଚିମାଞ୍ଚଳ ପକ୍ଷରୁ ଖେଳୁଥିବା ଜୟସ୍ୱାଲଙ୍କୁ ବିଶୃଙ୍ଖଳିତ ଆଚରଣ ଲାଗି ଅଧିନାୟକ ତଥା ମୁମ୍ବାଇ ଟିମ୍‌ର ବରିଷ୍ଠ ଖେଳାଳି ପଡ଼ିଆରୁ ବାହାର କରିଦେବାର ଭିଡିଓ ଏବେ ଜୋର ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ଜୟସ୍ୱାଲଙ୍କୁ ମୁମ୍ବାଇ ଛାଡ଼ିବାକୁ ଉତ୍ସାହିତ କରି ନାହିଁ ତ (?) ବୋଲି ସାମାଜିକ ଗଣମାଧ୍ୟମରେ ଜୋର ଚର୍ଚ୍ଚ ହେଉଛି। ଏଠାରେ ଶୃଙ୍ଖଳାରକ୍ଷା କରିବାକୁ ଯାଇ ରାହାଣେଙ୍କ ଅନୁଶାସନରେ ଜୟସ୍ୱାଲ ଅପମାନିତ ହୋଇ ନାହାନ୍ତି ତ? ପଡ଼ିଆରୁ ବିଦା ହେବା ଘଟଣା ତାଙ୍କ ସ୍ୱାଭିମାନରେ ଆଘାତ ଆଣି ନାହିଁ ତ? ଏଭଳି ଅନେକ ପ୍ରଶ୍ନ ଜୟସ୍ୱାଲଙ୍କ ନିଷ୍ପତ୍ତିର ଉତ୍ତର ଖୋଜୁଛି। ଜୟସ୍ୱାଲ ହଠାତ୍ ମୁମ୍ବାଇ ଛାଡ଼ିବା ଘଟଣାକୁ କ୍ରିକେଟପ୍ରେମୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସୂଚନାଯୋଗ୍ୟ ଦକ୍ଷିଣାଞ୍ଚଳ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ବାରମ୍ବାର ବ୍ୟାଟରଙ୍କୁ ସ୍ଲେଜିଂ କରିଥିଲେ। ଏଥିଲାଗି ବ୍ୟାଟର ରବି ତେଜା ଓ ଜୟସ୍ୱାଲଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଭଳି ଘଟଣାରୁ ବା ସ୍ଲେଜିଂରୁ ଦୂରେଇ ରହିବାକୁ ଅମ୍ପାୟାର ୩ଥର ଚେତାବନୀ ଦେଇଥିଲେ। ଜୟସ୍ୱାଲ ଏହାକୁ ଆଦୌ ଖାତିର କରି ନ ଥିଲେ। ଫଳରେ ନିଜ ଖେଳାଳିଙ୍କୁ ନିୟନ୍ତ୍ରଣ କରିବାକୁ ଅମ୍ପାୟାର ଅଧିନାୟକ ରାହାଣେଙ୍କୁ କହିଥିଲେ। ରାହାଣେ ମଧ୍ୟ ତାଙ୍କୁ ବା ଜୟସ୍ୱାଲଙ୍କୁ ସ୍ଲେଜିଂରୁ ଦୂରେଇ ରହିବାକୁ କହିଥିଲେ। ଜୟସ୍ୱାଲ ଏହା ନ ମାନିବାରୁ ଦକ୍ଷିଣାଞ୍ଚଳ ଇନିଂସର ୫୦ତମ ଓଭରରେ ଜୟସ୍ୱାଲଙ୍କୁ ପଡ଼ିଆ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ ରାହାଣେ। ଅବଶ୍ୟ ପରେ ୬୫ତମ ଓଭରରେ ତାଙ୍କୁ ପଡ଼ିଆ ପ୍ରବେଶ କରିବାକୁ ଅନୁମତି ଦିଆଯାଇଥିଲା। ଏଭଳି ଘଟଣା ଜୟସ୍ୱାଲଙ୍କୁ ଆଦୌ ସ୍ୱାଭାବିକ୍ କରି ନ ଥିଲା। ରାହାଣେଙ୍କ ଏପରି ନିଷ୍ପତ୍ତି ତାଙ୍କ ଗର୍ବ ଓ ଅହଂକାରଙ୍କୁ ଚୁରମାର କରିଦେଇଥିଲା। ଏହାର ପ୍ରଭାବ ମଧ୍ୟ ଜୟସ୍ୱାଲଙ୍କ ଆଇପିଏଲ୍ ପ୍ରଦର୍ଶନ ଉପରେ ପଡ଼ିଥିଲା। ଯାହା ଫଳରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବା ଜୟସ୍ୱାଲ ଏଯାଏ ଗୋଟିଏ ଭଲ ସ୍କୋର କରିବାକୁ ସମର୍ଥ ହୋଇନାହାନ୍ତି। କିନ୍ତୁ ଟେଷ୍ଟ ଫର୍ମାଟରେ ସେ ଜଣେ ଚାମ୍ପିଅନ ଖେଳାଳି। ଗୋଆ ରଣଜୀ ଦଳର ନେତୃତ୍ୱ ମିଳିଲେ, ସେ ଯେ ତାହାକୁ ସହଜରେ ଗ୍ରହଣ କରିବେ ଏଥିରେ ସନ୍ଦେହ ନାହିଁ। ଗୋଆ ମଧ୍ୟ ଏହି ଘଟଣାରେ ବେଶ ଖୁସି। କାରଣ ପେସାଦାର ଖେଳାଳି ଭାବେ ସିଦ୍ଧେଶ ଲାଡ ପୂର୍ବରୁ ଗୋଆ ପକ୍ଷରୁ ଖେଳୁଛନ୍ତି। ସୂର୍ଯ୍ୟକୁମାର ଯାଦବ ମଧ୍ୟ ଗୋଆରୁ ଖେଳିବାକୁ ଆଶାୟୀ ଅଛନ୍ତି। ଏଣୁ ରାହାଣେଙ୍କ ଅନୁଶାସନ ଠିକ୍ ନା ଭୁଲ ତାହା ସମୟ କହିବ।








CAREER Opportunities
ନନ୍ଦିଘୋଷ
NANDIGHOSHA Network Pvt. Ltd. invites applications for the following positions.
Candidates may send their CVs specifying positions applied for;

| Sl. No. | Positions | Experience |
| --- | --- | --- |
| 1 | Assistant Sales Manager (Bhubaneswar / Cuttack) | MBA with 3-5 Years experience. |
| 2 | Sales Executive Digital | Preferably MBA with 2 Years experience. |

Please apply with one passport size colour photograph and copy of all other testimonials on or before 7th April - 2025 by email in hr@nandighoshatv.com
*Only shortlisted candidates will be called for Interview.
Contact: 9437016499
Sd/- HR Dept.
Nandighosha Network Pvt. Ltd.
Plot No. 90 & 91, Bhagabanpur I/E, Patrapara, BBSR-751019

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS